# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୬/୨୦୨୩ (୧୬ ପୃଷ୍ଠା) | Bhubaneswar, Friday, October 6/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୩୧୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 312 | ମୂଲ୍ୟ ₹୭/-





# ଶକ୍ତି, ଶୌର୍ଯ୍ୟର ପ୍ରତୀକ ଖଣ୍ଡାବସା

**ଆ**ସୁଛି ପାର୍ବଣ। ଚାଲିଛି ପ୍ରସ୍ତୁତି। ଶରତକାଳୀନ କାଶତଣ୍ଡୀ ଫୁଲର ସମ୍ଭାର ପାର୍ବଣ ଋତୁ ଆଗମନର ସୂଚନା ଦେଲାଣି। ମା' ଦୁର୍ଗାଙ୍କ ଆବାହନ ପାଇଁ ସଜେଇ ହେଉଛି ପୂଜା ମଣ୍ଡପ। ଶକ୍ତିପୀଠରେ ବି ଜମି ଆସୁଛି ଶ୍ରଦ୍ଧାଳୁଙ୍କ ଭିଡ଼। ମହିଷମର୍ଦ୍ଦିନୀ ମା' ଦୁର୍ଗାଙ୍କ ପୂଜାର ଅବ୍ୟବହିତ ପୂର୍ବରୁ କଳାହାଣ୍ଡି ଜିଲା ଜୁନାଗଡ ସହରରେ କେଉଁ ଆବହମାନ କାଳରୁ ପାଳିତ ହୋଇଆସୁଛି ମା' ଲଙ୍କେଶ୍ୱରୀଙ୍କ ପ୍ରସିଦ୍ଧ ଖଣ୍ଡାବସା ଉତ୍ସବ। କଳାହାଣ୍ଡି ଜିଲାର ପୁରାତନ ରାଜଧାନୀ ଭାବେ ଜୁନାଗଡ ସହର ପରିଚିତ। ଜିଲାର ମନ୍ଦିର ମାଳିନୀ ସହର ଭାବେ ମଧ୍ୟ ଜୁନାଗଡ ସହର ଖ୍ୟାତି ଅର୍ଜନ କରିଛି। ଛଅକୋଡି ବନ୍ଧ ଓ ନଅକୋଡି ତୋଟା ପରିବେଷ୍ଟିତ ଏହି ଐତିହାସିକ ସହରର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' ଲଙ୍କେଶ୍ୱରୀ। ମା'ଙ୍କ ବାରମାସରେ ତେରପର୍ବ ପାଳିତ ହୁଏ। ସେଥିମଧ୍ୟରୁ ଖଣ୍ଡାବସା ପର୍ବ ପ୍ରସିଦ୍ଧି ଲାଭ କରିଛି।

ରିପୋର୍ଟ– ଉତ୍ତମ କୁମାର ଦାଶ, କଳାହାଣ୍ଡି

**ଖଣ୍ଡାବସାର ନାମକରଣ:** ଜୁନାଗଡ ସହର ବଙ୍ଗଳାଛକ ନିକଟରେ ଦୀର୍ଘ ଦଶନ୍ଧି ଧରି କୁଳଦେବୀ ଭାବେ ମା' ଲଙ୍କେଶ୍ୱରୀ ପୂଜା ପାଇ ଆସୁଛନ୍ତି। ପୂର୍ବକାଳରେ ନାଗବଂଶୀୟ ରାଜାମାନେ ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉତ୍ସବକୁ ପ୍ରତିବର୍ଷ ମହାସମାରୋହରେ ପାଳନ କରିଆସୁଥିଲେ ବୋଲି କୁହାଯାଏ। ସେହି ପରମ୍ପରା ବର୍ତ୍ତମାନ ମଧ୍ୟ ନିରବଚ୍ଛିନ୍ନ ଭାବେ ଉତ୍ସାହ ଉଦ୍ଦିପନା ସହ ଚାଲିଆସୁଛି। ଅଭୟ ବରଦା, ଚତୁର୍ଭୁଜା, ପଦ୍ମାସୀନା, ମା' ଲଙ୍କେଶ୍ୱରୀ ଶକ୍ତିପୀଠାଧିଶ୍ୱରୀ ଭାବେ ପୂଜା ପାଇଆସୁଛନ୍ତି। ଆଶ୍ୱିନ ମୂଳାଷ୍ଟମୀ ଦିନ ଦେବୀଙ୍କ ଖଣ୍ଡାବସା ପର୍ବ ଅନୁଷ୍ଠିତ ହୁଏ। ଦେବୀଙ୍କ ଖଡ୍ଗ ବା ଖଣ୍ଡା ହେଉଛି ଶକ୍ତି ଓ ସୌର୍ଯ୍ୟର ପ୍ରତୀକ। ସେଥିପାଇଁ କେଉଁ ଆବାହନ କାଳରୁ ରାଜାମାନେ ଦେବୀ ଉପାସନା କରିବା ସହିତ ଶକ୍ତି ଓ ଶୌର୍ଯ୍ୟର ପ୍ରତୀକ ରୂପେ ଖଣ୍ଡାକୁ ପୂଜା କରିଆସୁଛନ୍ତି। ଏହି ପର୍ବ ପୂର୍ବରୁ ଖଣ୍ଡାକୁ ବାହାର କରି ମାର୍ଜନା କରାଯାଏ ଓ ଶୁଦ୍ଧପୂତ କରି ଅକ୍ଷତ ଅରୁଆ ଚାଉଳ ଉପରେ ଥୋଇ ପୂଜାର୍ଚ୍ଚନା କରାଯାଏ। ତା'ପରେ ଏହାକୁ ମା'ଙ୍କ ସିଂହାସନ ପାଖରେ ରଖାଯାଇଥାଏ।



**ଉତ୍ସବର ପୁରୋଧା:** କଳାହାଣ୍ଡି ମହାରାଜା ହେଉଛନ୍ତି ଏହି ପର୍ବର ମୁଖ୍ୟ ପୁରୋଧା। ପର୍ବ ପାଳନର ପର୍ବଦିନ ସେ ଭବାନୀପାଟଣା ରାଜବାଟୀରୁ ଜୁନାଗଡ ଆସି ଡାକବଙ୍ଗଳାରେ ସପରିବାର ଉପସ୍ଥିତ ହୋଇଥାନ୍ତି। ତାଙ୍କ ଆଗମନରେ ସ୍ୱାଗତ ଜଣାଇବା ପାଇଁ ବାଜି ଉଠେ ବୀରବାଦ୍ୟ ଘୁମୁରା। ଲୋକେ ତାଙ୍କୁ ବାଜା ରୋଶଣିରେ ପାଛୋଟି ଆଣନ୍ତି ଡାକ ବଙ୍ଗଳାକୁ। ପୂର୍ବରୁ କଳାହାଣ୍ଡି ମହାରାଜ ଜୁନାଗଡକୁ ଆସିଲେ ଏହି ପୁରାତନ ଡାକବଙ୍ଗଳାରେ ଅବସ୍ଥାନ କରୁଥିଲେ। ସେହି ପରମ୍ପରା ଅନୁସାରେ ଉତ୍ସବ ଦିନ ରାଜ ପରିବାର ଡାକବଙ୍ଗଳାରେ ରହିଥାନ୍ତି। ଲଙ୍କେଶ୍ୱରୀ ମନ୍ଦିର ନିକଟ ବୁଢାରଜା ମନ୍ଦିରରୁ ସଙ୍ଗୁଆରୀ ଖଣ୍ଡା ଓ ଲଙ୍କେଶ୍ୱରୀ ମନ୍ଦିରରୁ ପାଟଖଣ୍ଡା ଡାକବଙ୍ଗଳା ପରିସରରେ ନିର୍ମିତ ହୋଇଥିବା ଅସ୍ଥାୟୀ କୁଡିଆକୁ ପୂଜକ ଆଣିବେ। ପରେ ସ୍ୱର୍ଣ୍ଣକାର ଦୁଇଟି ଖଣ୍ଡାକୁ ମାର୍ଜନା କରିବେ। ମାର୍ଜନା ପରେ ବିବିଧ ବାଦ୍ୟ ବାଦିତ ହୋଇ ଏକ ଶୋଭାଯାତ୍ରାରେ ପୂଝାରୀ ଖଣ୍ଡାକୁ ମନ୍ଦିରରେ ପ୍ରବେଶ କରାଇବା ପରେ ରାଜା ମନ୍ଦିରକୁ ଆସନ୍ତି। ସେଠାରେ ଦେବୀଙ୍କ ଖଣ୍ଡାବସା ପୂଜା ନିମିତ୍ତ ଷୋଡଶ କଳସ ସ୍ଥାପନ ପୂର୍ବକ ପଣ୍ଡିତମାନଙ୍କୁ ଯଥା ଯୋଗ୍ୟ ବରଣ କରି ପାଟଖଣ୍ଡାକୁ ଦେବୀଙ୍କ ପାର୍ଶ୍ୱରେ ଥିବା ଚାଉଳ ଉପରେ ଉପବେଶନ କରାନ୍ତି। ପରେ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ଆରମ୍ଭ ହୁଏ। ବାମ ଓ ଦକ୍ଷିଣ ପାର୍ଶ୍ୱରେ ସ୍ଥାପନ ପୂର୍ବକ ଶକ୍ତି ପୂଜା ଓ ତନ୍ତ୍ର ପୂଜା ମାଧ୍ୟମରେ ପୂଜା ପାଠ କରନ୍ତି। ପରେ ଅଖଣ୍ଡ ଓ ମହାଯୋଗ ନାମକ ଦୁଇଟି ଦୀପକୁ ପ୍ରଜ୍ୱଳନ କରନ୍ତି। ଲୋହିତ ପାଟବସ୍ତ୍ର ସୁଶୋଭିତା, ମନ୍ଦାର ମାଳା ବିମଣ୍ଡିତା ଦେବୀଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରନ୍ତି। ଧୂପଦୀପ, ନୈବେଦ୍ୟ ଅର୍ପଣ ପରେ ଲଙ୍କେଶ୍ୱରୀଙ୍କ ପୂଜକ ପାଟଗଡରା ନାମକ ପଶୁ (ମେଷ) ଓ ମହାପଶୁ(ପୋଢ) ମା'ଙ୍କ ଉଦ୍ଦେଶ୍ୟରେ ବଳି ଦିଆଯାଏ। ଏହାପରେ ଜନସାଧାରଣ ଆଳତି ଦର୍ଶନ କରନ୍ତି, ପୂଜା ସମାପନ ହୁଏ। ଖଣ୍ଡାବସା ସାରି ମହାରାଜା ଲଙ୍କେଶ୍ୱରୀଙ୍କ ପାର୍ଶ୍ୱଦେବତା ଶ୍ରୀ ଶ୍ରୀ ବୁଢାରଜା ଲିଙ୍ଗକୁ ପୂଜାର୍ଚ୍ଚନା ପାଇଁ ବୁଢାରଜାଙ୍କ ମନ୍ଦିରକୁ ବିଜେ କରନ୍ତି। ବୁଢାରଜାଙ୍କ ପୂଜା ମୂଳାଷ୍ଟମୀରୁ ମହାଷ୍ଟମୀ ପର୍ଯ୍ୟନ୍ତ ହୁଏ। ଏଥିପାଇଁ ପୂଜକ, ପୂଝାରୀ, ସୁଆର, ବୋଉଦ, ଫୁଲବାଲା, ବାଜାବାଲା, ଘଣ୍ଟୁଆ, ଶଙ୍ଖୁଆ ବଂଶାନୁକ୍ରମେ ଦେବୀଙ୍କ ସେବା କରିଆସୁଛନ୍ତି।

**ଉତ୍ସବର ମାହୋଲ:** ଖଣ୍ଡାବସା ରାତିରେ ହସିଉଠେ ଜୁନାଗଡ ସହର। ଜିଲାର ବିଭିନ୍ନ ଅଞ୍ଚଳ ସମେତ ଜିଲା ବାହାରୁ ଏପରିକି ରାଜ୍ୟ ବାହାରରୁ ବହୁ ଦର୍ଶକ, ଶ୍ରଦ୍ଧାଳୁ ଏହି ପର୍ବ ଦେଖିବାକୁ ଆସିଥାନ୍ତି। ଅତୀତରେ ପଡୋଶୀ ଛତିଶଗଡ ରାଜ୍ୟ ଲୋକଙ୍କ ମଧ୍ୟ ଏହା ପ୍ରିୟ ଉତ୍ସବ ଥିଲା। ପାର୍ବଣ ସମୟରେ ସେଠାରୁ ଅନେକ ବ୍ୟବସାୟୀ ଏଠାକୁ ଆସନ୍ତି। ଲୋକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ନୃତ୍ୟଗୀତ ପ୍ରତିଯୋଗିତା, ଘୁମୁରା ପ୍ରତିଯୋଗିତା, ଘୋଡାନାଚ, ଫୁଟବଲ ପ୍ରତିଯୋଗିତା, ନାଟକ, କୀର୍ତ୍ତନ ପରିବେଷଣ ହୋଇଥାଏ। ଶୁକ୍ରବାର ମା'ଙ୍କ ଖଣ୍ଡାବସା ପର୍ବ ପାଳନ ହେଉଥିବାରୁ ଜୁନାଗଡ ସହର ଚଳଚଞ୍ଚଳ ହୋଇଉଠିଛି।































# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୬/୨୦୨୩ | Bhubaneswar, Friday, October 6/2023 | ପୃଷ୍ଠା-୧




## ୩୨ ବର୍ଷ ପରେ ଅମିତାଭଙ୍କ ସହ ରଜନୀକାନ୍ତ

ବିଗ୍ ବି ଅମିତାଭ ବଚ୍ଚନ ଓ ସାଉଥ୍ ସୁପରଷ୍ଟାର ରଜନୀକାନ୍ତ ଦୀର୍ଘ ୩୨ ବର୍ଷ ପରେ ଫିଲ୍ମ 'ଥାଲାଇଭର ୧୭୦'ରେ ଏକାଠି ଦେଖିବାକୁ ମିଳିବେ।

୦୬

୧୪

## ଜ୍ୟୋତି ସୁରେଖାଙ୍କୁ ଦ୍ୱିତୀୟ ସ୍ୱର୍ଣ୍ଣ

ହାଙ୍ଗଝୋରେ ଚାଲିଥିବା ଏସିଆନ୍ ଗେମ୍ସରେ ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଭାରତୀୟ ମହିଳା କମ୍ପାଉଣ୍ଡ ଆର୍ଚର ଜ୍ୟୋତି ସୁରେଖା ଭେନମ୍।



# ଚାମ୍ପିୟନ ଇଂଲଣ୍ଡକୁ ହରାଇଲା ନ୍ୟୁଜିଲାଣ୍ଡ



ଶତକ ହାସଲ ପରେ ରଚିନ ରବୀନ୍ଦ୍ର

## ଦିନିକିଆ କ୍ରିକେଟ ବିଶ୍ୱକପ୍ ଆରମ୍ଭ

**ଅହମଦାବାଦ, ୫।୧୦**

ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପ୍ ଗୁରୁବାର ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ ଗତଥରର ଚାମ୍ପିୟନ ଇଂଲଣ୍ଡକୁ ୯ ଉଇକେଟରେ ହରାଇ ଅଭିଯାନ ଆରମ୍ଭ କରିଛି ନ୍ୟୁଜିଲାଣ୍ଡ। ଡେଭନ କନ୍‌ୱେ ଓ ରଚିନ ରବୀନ୍ଦ୍ର ଶତକ ହାସଲ କରି ଅପରାଜିତ ରହିବା ସହ ଦ୍ୱିଶତକୀୟ ଭାଗୀଦାରି ଗଢ଼ି ନ୍ୟୁଜିଲାଣ୍ଡକୁ ସହଜ ବିଜୟ ଭେଟି ଦେଇଛନ୍ତି। ଇଂଲଣ୍ଡ ୫୦ ଓଭରରେ ୯ ଉଇକେଟ ହରାଇ ୨୮୨ ରନ କରିଥିଲା। ୨୮୩ ରନର ବିଜୟ ଲକ୍ଷ୍ୟକୁ ନ୍ୟୁଜିଲାଣ୍ଡ ୩୬.୨ ଓଭରରେ ମାତ୍ର ୧ ଉଇକେଟ ହରାଇ ହାସଲ କରି ନେଇଥିଲା। ପ୍ରତିଯୋଗିତାର ଗତ ସଂସ୍କରଣର ଫାଇନାଲରେ ନ୍ୟୁଜିଲାଣ୍ଡକୁ ହରାଇ ଇଂଲଣ୍ଡ ଚାମ୍ପିୟନ ହୋଇଥିଲା। ଏଥର ପ୍ରଥମ ମୁକାବିଲାରେ ବିଶ୍ୱ ଚାମ୍ପିୟନ ଦଳକୁ ଧରାଶାୟୀ କରି ନ୍ୟୁଜିଲାଣ୍ଡ ପୂର୍ବ ପରାଜୟର ମଧୁର ପ୍ରତିଶୋଧ ନେଇଛି। ଗୋଟିଏ ଉଇକେଟ ନେବା ସହ ବିସ୍ଫୋରକ ବ୍ୟାଟିଂ ପାଇଁ ରବୀନ୍ଦ୍ର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** | ସବୁଜ ଅଭିବୃଦ୍ଧି ମାନସିକତା

# ସିସୋଡିଆଙ୍କ ବିରୋଧରେ ପ୍ରମାଣ ମାଗିଲେ ସୁପ୍ରିମକୋର୍ଟ

## ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲା

**ନୂଆଦିଲ୍ଲୀ, ୫।୧୦**

ଦିଲ୍ଲୀ ଅବକାରୀ ନୀତି କେଲେଙ୍କାରୀ ମାମଲାରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ଜାମିନ ଆବେଦନର ଶୁଣାଣି ବେଳେ ସୁପ୍ରିମକୋର୍ଟ କଡ଼ା ଶବ୍ଦରେ ତଦନ୍ତକାରୀ ସଂସ୍ଥା ସିବିଆଇ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ସମାଲୋଚନା କରିଛନ୍ତି। ଏଏପି ନେତାଙ୍କ ବିରୋଧରେ ପ୍ରମାଣ ସମ୍ପୂର୍ଣ୍ଣ ପ୍ରତିଷ୍ଠିତ ନୁହେଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ପ୍ରମାଣ ନ ଥାଇ ସିସୋଡିଆଙ୍କ ବିରୋଧରେ ମନିଲଣ୍ଡରିଂ ମାମଲା କିପରି ରୁଜୁ ହେଲା ବୋଲି ଖଣ୍ଡପୀଠ ଇଡିକୁ ପ୍ରଶ୍ନ କରିଛନ୍ତି। ଅବକାରୀ ଦୁର୍ନୀତି ମାମଲାରେ ଅନ୍ୟତମ ଅଭିଯୁକ୍ତ ବ୍ୟବସାୟୀ ଦିନେଶ ଆରୋରାଙ୍କ ବୟାନ ବ୍ୟତୀତ ଅନ୍ୟ



କୌଣସି ପ୍ରମାଣ ନାହିଁ। ଅଭିଯୋଗକାରୀରୁ ରାଜସାକ୍ଷୀ ହୋଇଥିବା ଆରୋରାଙ୍କୁ ନିକଟରେ ଜାମିନରେ ଛଡ଼ାଯାଇଥିଲା।

ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଏସ୍.ଭି.ଏନ୍. ଭଟ୍ଟିଙ୍କ ଖଣ୍ଡପୀଠ ଗୁରୁବାର ଶୁଣାଣି ବେଳେ କହିଥିଲେ, ତଦନ୍ତକାରୀ ସଂସ୍ଥାର ଅଭିଯୋଗ ହେଲା ସିସୋଡିଆ ଅର୍ଥ ଗ୍ରହଣ କରିଛନ୍ତି। ତଥାକଥିତ ମଦ ବ୍ୟବସାୟୀ ଗୋଷ୍ଠୀଙ୍କ ପାଖରୁ ସିସୋଡିଆଙ୍କ ପାଖରେ ଟଙ୍କା କିପରି ପହଞ୍ଚିଲା ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ୧୦୦ କୋଟି ଏବଂ ୩୦ କୋଟି ଟଙ୍କା କିଏ ପୈଠ କରିଥିଲା। ଟଙ୍କା ଦେଉଥିବା ସବୁ ଲୋକଙ୍କୁ ମଦ ବ୍ୟବସାୟ ସହ ଯୋଡ଼ିବା ଜରୁରୀ ନୁହେଁ ବୋଲି ଖଣ୍ଡପୀଠ କହିବା ସହ ପ୍ରମାଣ କାହିଁ ବୋଲି ପ୍ରଶ୍ନ କରିଥିଲେ। ☞ପୃଷ୍ଠା-୨

# ଜନ୍ ଫୋସେଙ୍କୁ ସାହିତ୍ୟରେ ନୋବେଲ

**ଷ୍ଟକ୍‌ହୋମ୍, ୫।୧୦**

ନାଟକଠାରୁ ଆରମ୍ଭ କରି ଉପନ୍ୟାସ ଏବଂ ପିଲାମାନଙ୍କ ପାଇଁ ପୁସ୍ତକ ପର୍ଯ୍ୟନ୍ତ ଅନେକ ପୁସ୍ତକର ରଚୟିତା ନରୱେ ଲେଖକ ଜନ୍ ଫୋସେଙ୍କୁ ଚଳିତବର୍ଷ ସାହିତ୍ୟରେ ନୋବେଲ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ତାଙ୍କର ସୃଜନାତ୍ମକ କାର୍ଯ୍ୟ ମୂକକୁ ବାଚାଳ କରିଥିଲା। ତାଙ୍କ ସାହିତ୍ୟ କୃତି ତାଙ୍କ ନରୱେ ପୃଷ୍ଠଭୂମିର ଭାଷା ଓ ପ୍ରକୃତି ଆଧାରିତ ଥିଲା ବୋଲି ନୋବେଲ ସାହିତ୍ୟ କମିଟିର ଅଧକ୍ଷ ଆଣ୍ଡ୍ରେସ୍ ଓଲ୍‌ସନ୍



କହିଛନ୍ତି। ବିଶ୍ୱର ସର୍ବଶ୍ରେଷ୍ଠ ପୁରସ୍କାର ପାଇଁ ମନୋନୀତ ଫୋସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ସେ ଖୁବ୍ ☞ପୃଷ୍ଠା-୨

# ଓଡ଼ିଆ ଯବାନ ସରୋଜ ମୃତ

## ସିକିମ୍‌ରେ ବାଦଲଫଟା ବର୍ଷା ପରେ ଭାସି ନିଖୋଜ ଥିଲେ

**କାମାକ୍ଷାନଗର, ୫।୧୦ (ସୁଧୀର କୁମାର ପରିଡ଼ା)**

ଉତ୍ତର ସିକିମ୍‌ର ଲୋନାକ ଲେକ୍ ଅଞ୍ଚଳରେ ମଙ୍ଗଳବାର ରାତିରେ ହୋଇଥିବା ବାଦଲଫଟା ବର୍ଷା ପରେ ତିସ୍ତା ନଦୀ ଅବବାହିକାରେ ଆସିଥିବା ବନ୍ୟାରେ ଭାସିଯାଇ ନିଖୋଜ ହୋଇଯାଇଥିବା ଓଡ଼ିଆ ଯବାନ ସରୋଜ କୁମାର ଦାସ (୨୯) ପ୍ରାଣ ହରାଇଛନ୍ତି। ଗୁରୁବାର ସେନା ପକ୍ଷରୁ ଏ ନେଇ ତାଙ୍କ ପରିବାରକୁ ଖବର ଦିଆଯିବା ପରେ ଢେଙ୍କାନାଳ ଜିଲା ଭୁବନ ବ୍ଲକ ଓ କାମାକ୍ଷାନଗର ଥାନା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପରିବାର ଲୋକଙ୍କ ଆଖିରୁ ଲୁହ ଶୁଖୁ ନ ଥିବାବେଳେ ପୂରା ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଖବରପାଇ ଜିଲାପାଳ ସରୋଜ କୁମାର ସେଠୀ ☞ପୃଷ୍ଠା-୨




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟିକର ଭୂଇଁ ଚାଷ**
**ଟୋକାଙ୍କ ସଙ୍ଗେ ପରିହାସ**
**ସଖୀ ମନ୍ଦ ଏ।**

ବୟସ ବଢ଼ିବା ସହ ଯୁବତୀଙ୍କଠାରେ ସଣ୍ଢଣା ରଖିବା ଶୋଭନୀୟ ହୋଇଥାଏ। ଲଜ୍ଜାଶିଳା ଗୁଣ ନାରୀର ଶ୍ରେଷ୍ଠ ଅଳଙ୍କାର ହୋଇଥିବାବେଳେ ତରୁଣୀ ବା ଯୁବତୀ କୌଣସି ପରପୁରୁଷ ସଙ୍ଗେ ହାସ୍ୟ ପରିହାସରେ ମାତିବା ଉଚିତ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଟଙ୍କା ମୁହଁ କରେ ବଙ୍କା,**
**ଦେଲା ବେଳକୁ ଫାଙ୍କା,**
**କୁଳ ଭୁଆସୁଣୀ ଦାଣ୍ଡରେ ଉଭା**
**କହେ ଦନାଇ ଏ କେମିତି ଶୋଭା ?**

ଟଙ୍କାର ନାଟ ସଂସାରରେ ସବୁବେଳେ ଲାଗିଥାଏ। ଟଙ୍କା ଲାଞ୍ଚ ଦେଇ ଲୋକର ମୁହଁ ବନ୍ଦ କରିହୁଏ। ସେ ଟଙ୍କା ଦେବା ଲୋକ ବିରୋଧରେ କିଛି କହିପାରେ ନାହିଁ। କିନ୍ତୁ ଟଙ୍କା ଉଧାର ନେଇଥିବା ଲୋକ ସହଜରେ ତାହା ଫେରାଏ ନାହିଁ। ସେହିପରି କୁଳନାରୀ ଦାଣ୍ଡରେ ଠିଆ ହେବା ବା ବାହାରକୁ ଯିବା ଶୋଭା ଦିଏ ନାହିଁ ବୋଲି ପୁରୁଣାକାଳିଆ ବିଶ୍ୱାସ ରହିଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ମେସ୍‌ରେ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

**ଉଦଳା,୫।୧୦(ସନ୍ତୋଷ କୁମାର ବାଛିନୀ)**

ମୟୂରଭଞ୍ଜ ଜିଲା ଉଦଳା ଏନ୍‌ଏସି ଅନ୍ତର୍ଗତ ୩ ନଂ. ୱାର୍ଡରେ ଥିବା ଏକ ଘରୋଇ ମେସ୍‌ରେ ଜଣେ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତ ଛାତ୍ରୀଙ୍କ ଘର ଖୁଣ୍ଟା ଥାନା ଅଧୀନ ଡାହାଣୀଚୁଡ଼ା ଗ୍ରାମରେ। ସେ ଆରଡିଏସ୍ କଲେଜର ଯୁକ୍ତ ୨ ପ୍ରଥମବର୍ଷ ବିଜ୍ଞାନରେ ପଢୁଥିବା ବେଳେ ମେସ୍‌ରେ ରହି କୋଚିଂ ନେଉଥିଲେ। ମୃତଦେହ ସେ ରହୁଥିବା ମେସ୍‌ର ଏକ ବହି ଥାକରେ ଓଢ଼ଣୀ ଦ୍ୱାରା ଝୁଲୁଥିବାରୁ ତାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୬୬/୨୩) ରୁଜୁ ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଜାରି ରଖିଛି।

ପୋଲିସ ସୂଚନା ଅନୁଯାୟୀ, ଗୁରୁବାର ସକାଳେ ମନୀଷା କୋଚିଂ କ୍ଲାସ ଯାଇ ନ ଥିଲେ। ଅନ୍ୟ ସହପାଠୀମାନେ କୋଚିଂ କ୍ଲାସରୁ ଫେରିବା ପରେ ରୁମକୁ ଆସିଥିଲେ। ହେଲେ ରୁମ୍‌ର କବାଟ ଭିତରପଟୁ ବନ୍ଦ ଥିବା ଜାଣିବାକୁ ପାଇଥିଲେ। ପରେ ମେସ୍ ମାଲିକ ଆସି କବାଟ ବାଡେଇ ଖୋଲିବା ପରେ ରୁମ୍ ଭିତରେ ଛାତ୍ରୀଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ଛାତ୍ରୀଙ୍କ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୋଲିସ ତାଙ୍କ ସହପାଠୀମାନଙ୍କୁ ପଚରାଉଚରା ଜାରି ରଖିଛି।

# ମାସେ ପରେ ପ୍ରେମିକା ଗିରଫ

## ହୋଟେଲରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

**ଭଦ୍ରକ, ୫।୧୦(ସନାତନ ରାଉତ)**

ଭଦ୍ରକ-ଚରମ୍ପା ରେଳ ଷ୍ଟେଶନ ନିକଟ ଏକ ହୋଟେଲରେ ଗତ ସେପ୍ଟେମ୍ବର ୩ ରାତିରେ ରହିଥିବା ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ଘଟଣାର ମାସକ ପରେ ଉକ୍ତ ଦିନ ହୋଟେଲରେ ଯୁବକଙ୍କ ସହ ରାତ୍ରିଯାପନ କରିଥିବା ତାଙ୍କ ପ୍ରେମିକାଙ୍କୁ ଟାଉନ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ମୃତ ଦେବରାଜ ସାମଲ(୨୩)ଙ୍କ ଭଉଣୀ ଦେବଶ୍ରୀ ସାମଲଙ୍କ ଅଭିଯୋଗ ଆଧାରରେ ୪ ତାରିଖରେ ଏକ ହତ୍ୟା ମାମଲା (ନଂ.୪୬୪/୨୩) ରୁଜୁ କରାଯାଇଛି। ସେତେବେଳେ ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୬୯/୨୩) ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ଉକ୍ତ ଯୁବତୀଙ୍କୁ ପୋଲିସ ଆସିଆନା ସୁଧାର ଗୃହରେ ଅଟକ ରଖିଥିଲା। ପରେ ଯୁବତୀ ଜଣକ ଆସିଆନାରୁ ତାଙ୍କ ଘରକୁ ଫେରି ଯାଇଥିଲେ। ଦୁଇଦିନ ତଳେ ଆସିଥିବା ବ୍ୟବଚ୍ଛେଦ ରିପୋର୍ଟ ଓ ସିସିଟିଭି ଫୁଟେଜ ଯାଞ୍ଚ କରାଯାଇ ବନ୍ତ ଥାନା ଅଧୀନ ଟିଲୋ ଟିକିଟିରା ଗ୍ରାମର ଇପ୍‌ସିତା ବେହୁରାଙ୍କୁ ବୁଧବାର ଗିରଫ କରାଯାଇଥିବା ଟାଉନ ଥାନାଧିକାରୀ ବୀରେନ୍ଦ୍ର କୁମାର ସେନାପତି କହିଛନ୍ତି।

ସୂଚନାଯୋଗ୍ୟ, ଭଣ୍ଡାରିପୋଖରୀ ଥାନା ଅଧୀନ ମାଳଦା ଜଳହରିପୁର ଗ୍ରାମର ଦେବରାଜ ସେପ୍ଟେମ୍ବର ୩ରେ ଉକ୍ତ ଯୁବତୀଙ୍କ ସହ ରାତିରେ ହୋଟେଲରେ ରହିଥିଲେ। ସେହି ରାତିରେ ଦେବରାଜ ବେକରେ ଫାଶୀ ଲଗାଇଥିବା ଯୁବତୀ ଜଣକ ନିଦରୁ ଉଠିବା ପରେ ଦେଖି ହୋଟେଲ ମାଲିକଙ୍କ ସହାୟତାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଦେବରାଜଙ୍କୁ ମୃତ ଘୋଷଣା କରିଥିଲେ। ୪ ତାରିଖ ସକାଳେ ଯୁବତୀ ଘଟଣା ବିଷୟରେ ଟାଉନ ଥାନାରେ ଜଣାଇଥିଲେ।

# ୨ ଜଣଙ୍କ ସାକ୍ଷ୍ୟ ଗ୍ରହଣ

**ନବ ଦାସ ହତ୍ୟା ଘଟଣା**

**ଭିସିରେ ଯୋଗଦେଲେ ଅଭିଯୁକ୍ତ ଗୋପାଳ**

**ସମ୍ବଲପୁର,୫।୧୦ (ଶୁଭାଶିଷ ପାଢ଼ୀ)**

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ହତ୍ୟା ଘଟଣାରେ ଗୁରୁବାର ଝାରସୁଗୁଡା ଅତିରିକ୍ତ ଜିଲାଜଜ୍ କୋର୍ଟରେ ଦୁଇଜଣଙ୍କ ସାକ୍ଷ୍ୟ ଗ୍ରହଣ ହୋଇଛି। ସେମାନେ ହେଲେ ମୃତଦେହ ବ୍ୟବଚ୍ଛେଦ ସମୟରେ ଉପସ୍ଥିତ ଥିବା ନବଙ୍କ ଭାଇ ରାଜକିଶୋର ଦାସ ଓରଫ ମଞ୍ଜୁ ଓ ନବଙ୍କ ବ୍ୟକ୍ତିଗତ ସହାୟକ ସନ୍ତନ ସିହ୍ନା ଓରଫ ଆର୍ଯ୍ୟନ। ଚୌଦ୍ୱାର ଜେଲରେ ଥିବା ଅଭିଯୁକ୍ତ ଗୋପାଳ ଦାସ ଭିଡିଓ କନଫରେନ୍ସିଂରେ ଯୋଗ ଦେଇଥିଲେ। ଅଭିଯୁକ୍ତ ଗୋପାଳଙ୍କ ଓକିଲ ନରେଶ ନାଏକ ମାମଲା ପରିଚାଳନା କରିଥିଲେ। ଦୁଇ ସାକ୍ଷୀଙ୍କୁ ସେ ବିଭିନ୍ନ ପ୍ରଶ୍ନ କରିଥିଲେ। ବ୍ୟବଚ୍ଛେଦ ସମୟର ସମସ୍ତ ବିବରଣୀ କୋର୍ଟରେ ରଖିବାକୁ କହିଥିଲେ। ନବଙ୍କ ମୃତଦେହରେ ଲାଗିଥିବା କ୍ଷତଚିହ୍ନ ସମ୍ପର୍କରେ ମଧ୍ୟ କହିଥିଲେ। ଅନ୍ୟ ପ୍ରତ୍ୟକ୍ଷଦର୍ଶୀଙ୍କ ସାକ୍ଷ୍ୟ ଗ୍ରହଣ କରାଯିବ। ଅକ୍ଟୋବର ତୃତୀୟ ସପ୍ତାହରେ ପରବର୍ତ୍ତୀ ଶୁଣାଣି ହେବ ବୋଲି ଆଇନଜୀବୀ ନାଏକ କହିଥିଲେ। ସୂଚନାଯୋଗ୍ୟ, ଜାନୁୟାରୀ ୨୯ରେ ନବ ଦାସ ଝାରସୁଗୁଡା ଜିଲା ବ୍ରଜରାଜନଗର ଗସ୍ତରେ ଯାଇଥିବା ବେଳେ ଗାନ୍ଧୀଛକରେ ତତ୍କାଳୀନ ପୋଲିସ ଏଏସ୍‌ଆଇ ଗୋପାଳ ଦାସ ନିଜ ସର୍ଭିସ ବନ୍ଧୁକରେ ଗୁଳି କରି ହତ୍ୟା କରିଥିଲେ। ହତ୍ୟାକାଣ୍ଡର ୧୧୮ଦିନ ପରେ କ୍ରାଇମବ୍ରାଞ୍ଚ ପକ୍ଷରୁ ୫୩୪ ପୃଷ୍ଠାର ଚାର୍ଜଶିଟ ଦାଖଲ ହୋଇଥିଲା। ଏଥିରେ ୮୯ ଜଣଙ୍କ ସାକ୍ଷ୍ୟ ଓ ଜେରା କରାଯାଇଥିବା ରିପୋର୍ଟ ରହିଥିଲା। ବ୍ୟକ୍ତିଗତ ଆକ୍ରୋଶ ରଖି ନବଙ୍କୁ ଗୋପାଳ ହତ୍ୟା କରିଥିବା ମଧ୍ୟ ଚାର୍ଜଶିଟରେ ଉଲ୍ଲେଖ ରହିଥିଲା।




# ବିପିୟୁଟି ଟେକ୍ କାର୍ନିଭାଲ-୨୦୨୩ ଉଦ୍‌ଘାଟିତ

## ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

### ଅତ୍ୟାଧୁନିକ ବୈଷୟିକ ଜ୍ଞାନ ସହ ଯୋଡ଼ିହୋଇ ରୁହ, ଆଗକୁ ବଢ଼

**ଭୁବନେଶ୍ୱର,୫।୧୦(ଅନିଲ ଦାସ)**

ଆଇଏମ୍‌ଏମ୍‌ଟି ଅଡିଟୋରିୟମଠାରେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି) ଟେକ୍ କାର୍ନିଭାଲ-୨୦୨୩କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ଭବିଷ୍ୟତ, ଆମ ବିକାଶ ପାଇଁ ଟେକ୍ନୋଲୋଜି ବିଶେଷ ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ସବୁଠାରୁ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ସହିତ ସର୍ବଦା ଓତପ୍ରୋତ ଭାବେ ଜଡ଼ିତ ରହି ଆଗକୁ ବଢ଼ିବାକୁ ସେ ପରାମର୍ଶ ଦେଇଛନ୍ତି। ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଆମ ଦେଶର ଏକ ଅଗ୍ରଣୀ ବୈଷୟିକ ପ୍ରତିଷ୍ଠାନ। ରାଜ୍ୟ ତଥା ଦେଶର ବିକାଶରେ ଯୋଗଦେଇଥିବା ବହୁ ମେଧା ଟେକ୍ନୋକ୍ରାଟ୍‌ଙ୍କୁ ଏହି ଅନୁଷ୍ଠାନ ପ୍ରସ୍ତୁତ କରିଛି। ରାଜ୍ୟରେ ଯୁବଗୋଷ୍ଠୀଙ୍କୁ ଦକ୍ଷ କରିବା ସହ ନିଯୁକ୍ତି ଉପଯୋଗୀ ଏବଂ ଓଡ଼ିଶାକୁ ରୂପାନ୍ତର କରି ବିଶ୍ୱରେ ଓଡ଼ିଶାକୁ ସ୍କିଲ୍ କ୍ୟାପିଟାଲରେ ପରିଣତ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ବିଭିନ୍ନ କ୍ଷେତ୍ର ପାଇଁ ଆଧୁନିକ ଦକ୍ଷତା ତାଲିମ ପ୍ରଦାନ କରିବା ସକାଶେ ବିଶ୍ୱ ଦକ୍ଷତା କେନ୍ଦ୍ର ସ୍ଥାପନ କରାଯାଇଛି। ଆମ ପିଲାମାନଙ୍କୁ ବିଶ୍ୱସ୍ତରରେ ନିଯୁକ୍ତିଯୋଗ୍ୟ କରିବା ପାଇଁ ଉଦ୍ୟମ କରାଯାଉଛି। ବିପିୟୁଟି ଟେକ୍ କାର୍ନିଭାଲ-୨୦୨୩ ଛାତ୍ରୀଛାତ୍ରଙ୍କୁ ବୈଷୟିକ, ସାଂସ୍କୃତିକ ଏବଂ କ୍ରୀଡ଼ା କାର୍ଯ୍ୟକଳାପ ସହ ଯୋଡ଼ିବ



ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକଟ କରିଛନ୍ତି। ଏହି ଅବସରରେ ସେ କାର୍ନିଭାଲ ପାଇଁ ୱେବ୍‌ପୋର୍ଟାଲ ଏବଂ ପୋଷ୍ଟରକୁ ଉଦ୍‌ଘାଟନ କରିଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶୀ ନେତୃତ୍ୱ ଯୋଗୁ ଓଡ଼ିଶା ବୈଷୟିକ ଶିକ୍ଷାର କେନ୍ଦ୍ରବିନ୍ଦୁ ପାଲଟିଛି। ରାଜ୍ୟ ଓ ରାଜ୍ୟ ବାହାରର ଛାତ୍ରୀଛାତ୍ରମାନେ ଉତ୍ତମ ବୈଷୟିକ ଶିକ୍ଷା ପାଇପାରୁଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ ଏବଂ ବିଭାଗୀୟ ସଚିବ ଉଷା ପାଢ଼ୀ ଉପସ୍ଥିତ ଥିଲେ। ବିପିୟୁଟି କୁଳପତି ଅମିୟ କୁମାର ରଥ ସ୍ୱାଗତ ଭାଷଣ ଦେଇଥିବା ବେଳେ ରେଜିଷ୍ଟ୍ରାର ନିଶି ପୁନମ ମିଞ୍ଜ ଧନ୍ୟବାଦ ଦେଇଥିଲେ।

ପ୍ରଥମ ପୃଷ୍ଠାରୁ...

## ଜନ୍ ଫୋସେଙ୍କୁ...

ଆନନ୍ଦିତ ଏବଂ କିଛିଟା ଭୟଭୀତ। ଏହାକୁ ସେ ସାହିତ୍ୟକୁ ପୁରସ୍କାର ଭାବେ ଦେଖୁଛନ୍ତି, ଯାହାର ପ୍ରଥମ ଏବଂ ସର୍ବୋତ୍ତମ ଲକ୍ଷ୍ୟ ଅନ୍ୟ କିଛିକୁ ବିଚାରକୁ ନ ନେଇ କେବଳ ସାହିତ୍ୟ ହେବା ଉଚିତ। ୬୪ ବର୍ଷୀୟ କବି, ଔପନ୍ୟାସିକ ତଥା ସାହିତ୍ୟିକ ଫୋସେ ନରୱେର ଦୁଇଟି ସବୁଠୁ କମ୍ ବ୍ୟବହୃତ ସାଧାରଣ ଭାଷାରେ ଲେଖିଆସିଛନ୍ତି। ନୋବେଲ ପୁରସ୍କାର ଉକ୍ତ ଭାଷା ଏବଂ ଏହାର ପ୍ରସାର ପାଇଁ ଚାଲିଥିବା ଆନ୍ଦୋଳନକୁ ସ୍ୱୀକୃତି ବୋଲି ଫୋସେ କହିଛନ୍ତି। ନୂଆ ନରୱେଜିଆନ୍ ଭାବେ ଜଣାଶୁଣା ଉକ୍ତ ଭାଷାକୁ ଜନସଂଖ୍ୟାର ମାତ୍ର ୧୦ ପ୍ରତିଶତ ବ୍ୟବହାର କରିଥାନ୍ତି। ଊନବିଂଶ ଶତାବ୍ଦୀରେ ଫୋସେଙ୍କ ସାହିତ୍ୟ କୃତି ଗାଁଗହଳିର ବୋଲିକୁ ସାହିତ୍ୟରେ ପରିଣତ କରିବା ସହ ଏହାକୁ ବହୁଳ ବ୍ୟବହୃତ ଡାନିଶ ଭାଷାର ବିକଳ୍ପ କରିଥିଲା। ଫୋସେ ୪ ଦଶନ୍ଧିର କ୍ୟାରିୟରରେ ଦୁଇ ଡଜନରୁ ଊର୍ଦ୍ଧ୍ୱ ନାଟକ ଲେଖିବା ସହ ବହୁ ଉପନ୍ୟାସ, ଗଦ୍ୟ ସାହିତ୍ୟ, କବିତା ସଂକଳନ ଓ ଶିଶୁମାନଙ୍କ ପାଇଁ ଅନେକ ପୁସ୍ତକ ରଚନା କରିଛନ୍ତି। ଫୋସେଙ୍କ କୃତୀ ୪୦ରୁ ଊର୍ଦ୍ଧ୍ୱ ଭାଷାରେ ଅନୂଦିତ ହୋଇଛି। ଗତବର୍ଷ ଫ୍ରାନ୍ସ ଲେଖକ ଆନି ଏର୍ନକ୍ସଙ୍କୁ ସାହିତ୍ୟରେ ନୋବେଲ ପୁରସ୍କାର ମିଳିଥିଲା।

## ଚାମ୍ପିୟନ ଇଂଲଣ୍ଡକୁ...

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ପକ୍ଷରୁ ଅଧିକାଂଶ ବ୍ୟାଟର ଭଲ ଆରମ୍ଭ କରିଥିଲେ ହେଁ କେବଳ ଜୋ ରୁଟ୍‌ଙ୍କୁ ବାଦ୍‌ଦେଲେ ଅନ୍ୟ କେହି ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। କ୍ରମାଗତ ବ୍ୟବଧାନରେ ଉଇକେଟ ପତନ ଯୋଗୁ ଇଂଲଣ୍ଡ ବଡ଼ ସ୍କୋର କରିବାରୁ ମଧ୍ୟ ବଞ୍ଚିତ ହୋଇଥିଲା। ରୁଟ୍ ସର୍ବାଧିକ ୭୭ ରନ କରିଥିବାବେଳେ ଅଧିନାୟକ ଜୋଶ ବଟଲର ୪୩, ଜନି ବେୟାରଷ୍ଟୋ ୩୩ ଓ ହାରି ବ୍ରୁକ୍ସ ୨୫ ରନ କରିବାକୁ ସକ୍ଷମ ହୋଇଥିଲେ। ନ୍ୟୁଜିଲାଣ୍ଡ ବୋଲରଙ୍କ ମଧ୍ୟରେ ମ୍ୟାଟ ହେନରି ସର୍ବାଧିକ ୩ଟି, ଗ୍ଲେନ୍ ଫିଲିପ୍ସ ଓ ମିଚେଲ ସାଣ୍ଟନର ୨ଟି ଲେଖାଏ ଏବଂ ଟ୍ରେଣ୍ଟ ବୋଲ୍ଟ ଓ ରଚିନ ରବୀନ୍ଦ୍ର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ବିଜୟ ଲକ୍ଷ୍ୟ ଚେଜ୍ ଆରମ୍ଭରୁ ଓପନର ୱିଲ୍ ୟଙ୍ଗ(୦)ଙ୍କ ଉଇକେଟ ହରାଇ ଶକ୍ତ ଝଟ୍‌କା ଖାଇଥିଲା ନ୍ୟୁଜିଲାଣ୍ଡ। ମାତ୍ର କନ୍‌ୱେ ଓ ରବୀନ୍ଦ୍ର ଚାପଗ୍ରସ୍ତ ନ ହୋଇ ଇଂଲଣ୍ଡ ବୋଲରଙ୍କୁ ସଫଳତାର ସହ ମୁକାବିଲା କରିଥିଲେ। ଏମାନେ କେବଳ ବ୍ୟକ୍ତିଗତ ଶତକ ହାସଲ କରି ନ ଥିଲେ ଅସମାପ୍ତ ଦ୍ୱିତୀୟ ଉଇକେଟରେ ୨୧୧ ବଲ୍‌ରୁ ୨୭୩ ରନ ସଂଗ୍ରହ କରି ଦଳକୁ ଏକ ସହଜ ବିଜୟ ପ୍ରଦାନ କରିଥିଲେ। କନ୍‌ୱେ ୧୨୧ ବଲ୍‌ରୁ ୧୫୨ (୧୯ ଚୌକା, ୩ ଛକା) ଓ ରଚିନ ରବୀନ୍ଦ୍ର ୯୬ ବଲ୍‌ରୁ ୧୨୩(୧୧ ଚୌକା, ୫ ଛକା) ରନକରି ଅପରାଜିତ ରହିଥିଲେ। ଦୁହିଁଙ୍କ ବ୍ୟାଟିଂ ଆଗରେ ଇଂଲଣ୍ଡ ବୋଲିଂ ଅତ୍ୟନ୍ତ ମାମୁଲି ସାବ୍ୟସ୍ତ ହୋଇଥିଲା। କେବଳ ସାମ୍ କୁରାନ ଗୋଟିଏ ଉଇକେଟ ପାଇଥିଲେ।

### ସଂକ୍ଷିପ୍ତ ସ୍କୋର

ଇଂଲଣ୍ଡ ୫୦ ଓଭରରେ ୨୮୨/୯ (ଜୋ ରୁଟ୍-୭୭, ଜୋଶ୍ ବଟଲର-୪୩, ଜନି ବେୟାରଷ୍ଟୋ-୩୩, ମ୍ୟାଟ ହେନରି-୩/୪୮, ଗ୍ଲେନ ଫିଲିପ୍ସ-୨/୧୭, ମିଚେଲ ସାଣ୍ଟନର-୨/୩୭, ଟ୍ରେଣ୍ଟ ବୋଲ୍ଟ-୧/୪୮, ରଚିନ ରବୀନ୍ଦ୍ର-୧/୭୬)। ନ୍ୟୁଜିଲାଣ୍ଡ ୩୬.୨ ଓଭରରେ ୨୮୩/୧ (ଡେଭନ କନ୍‌ୱେ-୧୫୨*, ରଚିନ ରବୀନ୍ଦ୍ର-୧୨୩*, ସାମ୍ କୁରାନ-୧/୪୭)।

## ଓଡ଼ିଆ ଯବାନ...



ମୃତ ସରୋଜଙ୍କ ଗାଁ ଭୁବନ ବ୍ଲକ ତଥା କାମାକ୍ଷାନଗର ଥାନା ଅନ୍ତର୍ଗତ ଦିଘି ପଞ୍ଚାୟତ କେନ୍ଦୁଡିପ ଗ୍ରାମରେ ପହଞ୍ଚି ପରିବାର ସଦସ୍ୟ ଓ ସମ୍ପର୍କୀୟମାନଙ୍କୁ ସମବେଦନା ଜଣାଇଛନ୍ତି। ଶୁକ୍ରବାର ତାଙ୍କ ପାର୍ଥିବ ଶରୀର ପହଞ୍ଚିବା ପରେ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଶେଷକୃତ୍ୟ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, କେନ୍ଦୁଡ଼ିପ ଗ୍ରାମର ରାମଚନ୍ଦ୍ର ଦାସ ଓ ଶାନ୍ତିଲତା ଦାସଙ୍କ ପୁଅ ସରୋଜ ୨୦୧୨ ସେପ୍ଟେମ୍ବର ୨୧ରେ ସ୍ଥଳସେନାରେ ଇଏମ୍‌ଇ ଯବାନ ଭାବେ ଯୋଗଦେଇଥିଲେ। ଗତ ଫେବୃୟାରୀ ୧୧ରେ ଲୋପାମୁଦ୍ରା ଦାସଙ୍କ ସହ ତାଙ୍କର ବିବାହ ହୋଇଥିଲା। ୨ ମାସ ତଳେ ସେ ଘରୁ କାର୍ଯ୍ୟସ୍ଥଳ ସିକିମ୍‌କୁ ଯାଇଥିଲେ। ମଙ୍ଗଳବାର ସେ ନିଜ ୟୁନିଟ୍‌ର ଅନ୍ୟ ଯବାନଙ୍କ ସହ କାର୍ଯ୍ୟକ୍ଷେତ୍ରକୁ ଯାଇ ଫେରୁଥିବା ବେଳେ ବାଦଲ ଫଟା ବର୍ଷା ଯୋଗୁ ରାସ୍ତାରେ ଅଟକି ରହିଥିଲେ। ଗାଡ଼ି ଭିତରେ ବସିଥିବା ସମୟରେ ସେ ଫୋନ କରି ପରିବାର ଲୋକଙ୍କ ସହ କଥା ହୋଇଥିଲେ। ସେମାନଙ୍କ ଗାଡ଼ି ଆଗକୁ ବଢ଼ିପାରୁ ନ ଥିବା କହିଥିଲେ। ହେଲେ ବୁଧବାର ସକାଳୁ ତାଙ୍କ ସହ ଆଉ ପରିବାରର ଯୋଗାଯୋଗ ହୋଇପାରି ନ ଥିଲା। ଫୋନ ବନ୍ଦ ଥିଲା। ସେନାର ୨୩ ଯବାନ ନିଖୋଜ ହୋଇଯାଇଥିବା ଟିଭିରୁ ଜଣାପଡ଼ିବା ପରେ ପରିବାର ଲୋକେ ବ୍ୟସ୍ତ ହୋଇ ୟୁନିଟ୍‌ର ଅନ୍ୟ ଯବାନଙ୍କୁ ଫୋନ କରିଥିଲେ। ସେମାନଙ୍କଠାରୁ ସରୋଜଙ୍କ ନିଖୋଜ ସମ୍ପର୍କରେ ଜାଣିବା କ୍ଷଣି ପରିବାର ଉପରେ ଦୁଃଖର ପାହାଡ଼ ଯେପରି ଲଦି ହୋଇଯାଇଥିଲା। ସରୋଜ କିପରି ସୁରକ୍ଷିତ ଉଦ୍ଧାର ହୋଇପାରିବେ ସେଥିପାଇଁ ଠାକୁରଙ୍କୁ ପ୍ରାର୍ଥନା କରାଯାଉଥିଲା। ଗାଁ ଲୋକଙ୍କ ପକ୍ଷରୁ ମଧ୍ୟ ସଂକୀର୍ତ୍ତନ, ମନ୍ଦିରରେ ପୂଜାପାଠ ଚାଲିଥିଲା। ହେଲେ ଗୁରୁବାର ଅପରାହ୍ନ ୧ଟା ୫ରେ ସେନା ପକ୍ଷରୁ ଫୋନ ଯୋଗେ ସରୋଜଙ୍କ ମୃତ୍ୟୁ ଘଟିଥିବା କୁହାଯିବା ସହ ମୃତଦେହ ଚିହ୍ନଟ କରିବାକୁ ଭିଡିଓ କଲ୍ କରାଯାଇଥିଲା। ଏପରି ଖବର ମିଳିବା ପରେ ପରିବାର ଓ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

# ମୃତ ସରୋଜଙ୍କ ପାଇଁ ଧର୍ମେନ୍ଦ୍ରଙ୍କ ଶୋକ

**ଭୁବନେଶ୍ୱର, ୫।୧୦(ସୁନିତ୍ ମିଶ୍ର)**

ସିକିମ୍ ବନ୍ୟାରେ ପ୍ରାଣ ହରାଇଥିବା ଢେଙ୍କାନାଳ ଜିଲା ଭୁବନ ବ୍ଲକର ଯବାନ ସରୋଜ କୁମାର ଦାସଙ୍କ ସମେତ ଅନ୍ୟମାନଙ୍କ ପ୍ରତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକ ପ୍ରକାଶ କରିଛନ୍ତି। ଧର୍ମେନ୍ଦ୍ର ଟୁଇଟ୍ କରି କହିଛନ୍ତି, ସରୋଜଙ୍କ ପରଲୋକ ଖବର ଶୁଣି ସେ ଦୁଃଖିତ ଓ ମର୍ମାହତ। ରାଷ୍ଟ୍ର ପାଇଁ ତାଙ୍କର ସେବା କାର୍ଯ୍ୟ ଏବଂ ସମର୍ପଣ ଭାବନା ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ। ଏଭଳି ଦୁଃଖଦ ସମୟରେ ମହାପ୍ରଭୁ ତାଙ୍କ ପରିବାର ବର୍ଗଙ୍କୁ ଅସୀମ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ ବୋଲି ସେ କହିଛନ୍ତି। ସେ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ସିସୋଡିଆଙ୍କ ବିରୋଧରେ...

ଲବି କିମ୍ବା ଚାପ ଗୋଷ୍ଠୀ କୌଣସି ନୀତିରେ ପରିବର୍ତ୍ତନ ଚାହିଁବା ଦୁର୍ନୀତି କିମ୍ବା ଅପରାଧ ବୋଲି କୁହାଯାଇପାରିବ ନାହିଁ, ଯେପର୍ଯ୍ୟନ୍ତ ତାହା ଲାଞ୍ଚ କାରବାର ସହ ସମ୍ପୃକ୍ତ ନୁହେଁ। ଆରୋପୀଙ୍କ ବ୍ୟତୀତ ଅନ୍ୟ କୌଣସି ପ୍ରମାଣ ଅଛି କି ବୋଲି ଜଷ୍ଟିସ୍ ଖାନ୍ନା ସିବିଆଇ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ପଚାରିଥିଲେ। 'ଦକ୍ଷିଣୀ ଗୋଷ୍ଠୀ' ବା ମଦ ଲବି ସହ କଥାବାର୍ତ୍ତାରେ ସିସୋଡିଆ ସମ୍ପୃକ୍ତ ନ ଥିବା ଜଣାପଡୁଛି। ତାଙ୍କୁ କିପରି ମନିଲଣ୍ଡରିଂ ମାମଲାରେ ଅଭିଯୁକ୍ତ କରାଗଲା ବୋଲି ସର୍ବୋଚ୍ଚ ଅଦାଲତ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ସିସୋଡିଆ ନୁହନ୍ତି, ଲିକର ଲବି ସହ ଆଲୋଚନାରେ ବିଜୟ ନାୟାର ଉପସ୍ଥିତ ଥିଲେ। ଟଙ୍କା ସିସୋଡିଆଙ୍କ ପାଖକୁ ଯାଇ ନ ଥିବା ସର୍ବୋଚ୍ଚ ଅଦାଲତ କହିଛନ୍ତି। ଅନ୍ୟପକ୍ଷରେ ତଦନ୍ତକାରୀ ସଂସ୍ଥା ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଯୁକ୍ତି ଦର୍ଶାଇଥିଲେ, ସିସୋଡିଆ ଅପରାଧ ପ୍ରକ୍ରିୟା ସହ ଜଡ଼ିତ ଏକ ପ୍ରକ୍ରିୟା ବା କାର୍ଯ୍ୟରେ ସମ୍ପୃକ୍ତ। ଏହାର ଜବାବରେ ସୁପ୍ରିମକୋର୍ଟ କହିଥିଲେ, ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ) କେବଳ ଲାଗୁ ହୋଇପାରିବ, ଯଦି ସେ ଅର୍ଥ କାରବାର ଅପରାଧରେ ସମ୍ପୃକ୍ତ ଥିବେ। ନଚେତ୍ ମୋକଦ୍ଦମା ଗ୍ରହଣୀୟ ନୁହେଁ। ମନିଲଣ୍ଡରିଂ ସମ୍ପୂର୍ଣ୍ଣ ଭିନ୍ନ ଅପରାଧ ବୋଲି ବିଚାରପତି କହିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି କୌଣସି ଭିତିରିଆ ଉଦ୍ଦେଶ୍ୟ ସାଧନ ପରିପ୍ରେକ୍ଷୀରେ ବନ୍ଧୁ ସାହାଯ୍ୟର ହାତ ବଢ଼ାଇବେ। ମନ ବୁଝିଲା ଭଳି କଥା କହି ପରିବାରର ଅବୁଝା ବ୍ୟକ୍ତିଙ୍କୁ ଆପଣେଇ ନେବେ। କର୍ମକ୍ଷେତ୍ରରେ ବହୁ ଲୋକଙ୍କ ମେଳରେ ଅଧିକାଂଶ ସମୟ କଟିବ। ବ୍ୟବସାୟିକ ସ୍ଥିତି ଓ ରାଜନୈତିକ ପରିସ୍ଥିତି ଉନ୍ନତ ମାନର ହେବ।

**ବୃଷ**
ଫୁଲାଫାଙ୍କିଆ ମିଜାଜ୍‌ରେ ସମୟର ଅପଚୟ କରି ପରିବାରରେ ରୋଷର କାରଣ ହେବେ। ଶିଥିଳ ମନ ନେଇ ଆଳସ୍ୟଜନିତ କାମଗୁଡ଼ିକ ସମ୍ପନ୍ନ କଷ୍ଟକର ହୋଇପଡିବ। କଳା, ସାହିତ୍ୟ, ସଙ୍ଗୀତାଦି କାର୍ଯ୍ୟକ୍ରମରେ ଭାବଗତ ସମ୍ପର୍କକୁ ଦୃଢ଼ୀଭୂତ କରିବେ। କୌଣସି କ୍ଷେତ୍ରରେ ମଧ୍ୟସ୍ଥତା କଲେ ଅପମାନିତ ହୋଇପାରନ୍ତି।

**ମିଥୁନ**
ବନ୍ଧୁଙ୍କ ଗହଣରେ ଆତ୍ମବଡ଼ିମା ପ୍ରକାଶ କରି ଉପହାସିତ ହେବେ। ସାଧାରଣ କଥାକୁ କେନ୍ଦ୍ରକରି ଅପରାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ। କଳା, ସାହିତ୍ୟ ଓ ସଙ୍ଗୀତ ତଥା ଚଳଚ୍ଚିତ୍ର କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବ ଓ ଧୀରେ ସୁସ୍ଥେ କାମ କରିପାରନ୍ତି।

**କର୍କଟ**
ମନରେ ଆବେଗ ଭରିରହିବ ଏବଂ କୌଣସି ସ୍ଥିର ନିଷ୍ପତ୍ତି ନେଇ ପାରିବେ ନାହିଁ। ପାରିବାରିକ ଜୀବନରେ ସୁଖଦ ଅନୁଭୂତିର ସୌଭାଗ୍ୟ ଅର୍ଜନ କରିବେ। ଯାନବାହନ, କଳା, ସାହିତ୍ୟ, ରଚନାତ୍ମକ କାର୍ଯ୍ୟରେ ଅଭିରୁଚି ବଳିବ ଓ ପ୍ରଶଂସିତ ମଧ୍ୟ ହେବେ। ପରିସ୍ଥିତି ଯେତେ ଖରାପ ହେଉନା କାହିଁକି ସହଜରେ ମୁଣ୍ଡ ନୁଆଁଇବା ପ୍ରଶ୍ନ ଉଠୁନି।

**ସିଂହ**
ବିବାଦରେ ବିଜୟ, ପ୍ରତିଯୋଗିତାରେ ସଫଳତା ପାଇଲେ ମଧ୍ୟ ଅସ୍ଥିରତା ଅନୁଭବ କରିବେ। ଅଫିସରେ କୌଣସି ଫାଇଲ କାମ ସମ୍ପର୍କରେ ଉପରିସ୍ଥଙ୍କୁ କୈଫିୟତ୍ ଦେବାକୁ ପଡ଼ିପାରେ। ଭଲ ସମ୍ପର୍କ ନ ଥିବା ବିଜାତୀୟ ବ୍ୟକ୍ତି ଜଣେ ନିନ୍ଦାଗାନ ପୂର୍ବକ ଅପପ୍ରଚାର ଚଳାଇ ପାରନ୍ତି।

**କନ୍ୟା**
ପୂର୍ବ ଯୋଜନାନୁଯାୟୀ କାମକୁ ବଢ଼ାଇ ନେଲେ ସବୁ ଠିକ୍‌ଠାକ୍ ଚାଲିବ। ପରିଣାମ କ'ଣ ହେବ ସେଥି ପାଇଁ ଚିନ୍ତା କରନ୍ତୁ ନାହିଁ, ସାମାନ୍ୟ ବିଳମ୍ବରେ କାମ ହାସଲ କରିହେବ। ପ୍ରଶାସନ କିମ୍ବା ରାଜନୀତିରେ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ଉନ୍ନତି ଘଟିବ।

**ତୁଳା**
ସାମାଜିକ ସ୍ତରରେ ନିଜକୁ ଆଗରେ ରଖି ପାରିବେ ନାହିଁ, ଫଳରେ ପଶ୍ଚାତାପ କରିପାରନ୍ତି। ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ। ଘର ସାଜସଜ୍ଜା, ଗାଡ଼ି ମୋଟରାଦି ଯାନ୍ତ୍ରିକ ଜିନିଷର ମରାମତିରେ ଅଧିକ ସମୟ ନେଇ ପାରନ୍ତି। ବନ୍ଧୁଗହଣରେ ନୂତନ ଭାବେ ମିତ୍ରତାର ବନ୍ଧନରେ ଆବଦ୍ଧ ହେବେ।

**ବିଛା**
ପାଖ ଲୋକଟି ଆପଣା ସ୍ୱାର୍ଥ ରକ୍ଷା କରିବାକୁ ମିଛ କହିପାରେ। ପାରିବାରିକ ସ୍ଥିତି ଭଲ ଦିଗକୁ ଗତି କରିବ। ଅଫିସ କାମରେ ସହକର୍ମୀଙ୍କ ସହ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ସଙ୍ଗଠନ, ସାହିତ୍ୟ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ର ପ୍ରଭୃତିରେ ସମସ୍ୟା ଜର୍ଜରିତ ହୋଇପାରନ୍ତି।

**ଧନୁ**
ପାରିବାରିକ ଶାନ୍ତି ଭାରାକ୍ରାନ୍ତ ମନକୁ ସାମୟିକ ଲାଘବ କରିବାର ସୂଚନା ରହିଛି। ବ୍ୟକ୍ତିକେନ୍ଦ୍ରିକ ଚିନ୍ତାଧାରା ସାମାଜିକ ଜୀବନରେ ଅଶାନ୍ତିର କାରଣ ବନିପାରେ। ସନ୍ତାନ, ଶିକ୍ଷା ଓ ମାଲିମକଦ୍ଦମା କ୍ଷେତ୍ରରେ ସଫଳତା ପାଇବେ। ଅଫିସରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି।

**ମକର**
ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବ ଏବଂ ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ହଟିଯିବ। ଭଲ ସମ୍ପର୍କ ରହିଥିବା ଲୋକ ପାଖରେ ଭୁଲ୍ କାମ କରି ସମ୍ପର୍କହାନି ଯୋଗୁ ଚିନ୍ତାରେ ପଡ଼ିବେ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ସଙ୍ଗଦୋଷ ପାଇଁ ସମାଲୋଚିତ ହୋଇପାରନ୍ତି। ବ୍ୟବସାୟରେ ଥିବା ସମସ୍ୟାର ସମାଧାନ ରାସ୍ତା ଖୋଜି ପାଇବେ।

**କୁମ୍ଭ**
ଅନ୍ୟମାନଙ୍କ ପ୍ରରୋଚନାରେ ଜଣେ ଆତ୍ମୀୟ ସମସ୍ୟା ସୃଷ୍ଟିକରିପାରନ୍ତି। ପିଲାମାନଙ୍କ ସମସ୍ୟା ନେଇ କିମ୍ବା ପାଖରେ ନ ଥିବା ଜିନିଷଟି ପାଇଁ ତର୍କ ଓ ବିବାଦ ବଢ଼ିପାରେ। ଅନଟନ ଦୂରେଇବା ସକାଶେ ଧାର କରଜ କରିବାକୁ ବାଧ୍ୟ ହେବେ। ଶିଳ୍ପ, ବାଣିଜ୍ୟ, ପ୍ରଶାସନ, ଆଇନ ଅଦାଲତ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମୀନ**
ନୂତନ ଭାବରେ ଆରମ୍ଭ କରିବାକୁ ଯାଉଥିବା କାମକୁ ମନ୍ଥର କରିପାରନ୍ତି। ଯାନ୍ତ୍ରିକଦ୍ରବ୍ୟ କିଣିବା ସକାଶେ ମାନସିକ ସ୍ତରରେ ପ୍ରସ୍ତୁତ ହେବାର ସୂଚନା ରହିଛି। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡିପାରେ। ସମୟାନୁବର୍ତ୍ତିତା ଓ ଶୃଙ୍ଖଳା ରକ୍ଷା କରିବା ଦିଗରେ ପ୍ରଶାସନିକ ସ୍ତରରେ ଉଦ୍ୟମ କରି ପ୍ରଶଂସିତ ହୋଇପାରନ୍ତି।

ଆଜି ଆଶ୍ୱିନ କୃଷ୍ଣ ସପ୍ତମୀ ଯୁକ୍ତ ମୂଳାଷ୍ଟମୀ ଶୁକ୍ରବାର, ଅକ୍ଟୋବର ୬ ତାରିଖ, ଦେବୀ ଉତ୍‌ଥାପନ, ସହସ୍ର କୁମ୍ଭାଭିଷେକ, ଷୋଡ଼ଶ ଦିନାତ୍ମକ ଦୁର୍ଗାପୂଜା ଆରମ୍ଭ, ଦୁତିଆ ଓଷା, ପୁଅ ଜିଉନ୍ତିଆ, ରାଶି ନକ୍ଷତ୍ର-ଆର୍ଦ୍ରା/ମିଥୁନ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୪୨ଗତେ, ଘ.୦୬।୨୯ ମଧ୍ୟେ, ଘ.୦୭।୧୬ ଗତେ ଘ.୦୮।୩୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୩୬ ଗତେ ଘ.୧୧।୩୪ ମଧ୍ୟେ ରାହୁକାଳ।

# କଂସାରିଗୁଡ଼ାରେ ହେବ ଆଲୁମିନା ରିଫାଇନେରି



- ଓଏମ୍‌ସି , ହିଣ୍ଡାଲ୍‌କୋ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ
- ୮ ହଜାର କୋଟି ନିବେଶ ହେବ
- ୫ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ
- ପୂର୍ବ ଭାରତରେ ସବୁଠୁ ପ୍ରଗତିଶୀଳ ରାଜ୍ୟ ହେବ ଓଡ଼ିଶା: ମୁଖ୍ୟମନ୍ତ୍ରୀ
- ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଓଡ଼ିଶାରେ ଦ୍ରୁତ ଶିଳ୍ପାୟନ ହୋଇଛି: କେ.ଏମ୍. ବିର୍ଲା

**ଭୁବନେଶ୍ୱର,(ଅନିଲ ଦାସ)/ରାୟଗଡ଼ା, (ଆଶିଷ ରଞ୍ଜନ ପଣ୍ଡା), ୫।୧୦**

ରାୟଗଡ଼ା ଜିଲା କାଶୀପୁର ବ୍ଲକ କଂସାରିଗୁଡ଼ାଠାରେ ଏକ ଆଲୁମିନା ରିଫାଇନେରି ସ୍ଥାପନ ପାଇଁ ଓଡ଼ିଶା ଖଣି ନିଗମ(ଓଏମ୍‌ସି) ଏବଂ ହିଣ୍ଡାଲ୍‌କୋ ମଧ୍ୟରେ ଗୁରୁବାର ଏକ ବୁଝାମଣାପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଏହି ଏମ୍‌ଓୟୁରେ ଓଏମ୍‌ସି ଏମ୍‌ଡି ବଳବନ୍ତ ସିଂ ଏବଂ ହିଣ୍ଡାଲ୍‌କୋ ଏମ୍‌ଡି ସତୀଶ ପାଇ ସ୍ୱାକ୍ଷର କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, ଏହି ଏମ୍‌ଓୟୁ ସ୍ୱାକ୍ଷର ଯୋଗୁ ଶିଳ୍ପ ଅଭିବୃଦ୍ଧି ଓ ବିକାଶ କ୍ଷେତ୍ରରେ ଓଡ଼ିଶା ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କରିଛି। ପୂର୍ବ ଭାରତରେ ଓଡ଼ିଶାକୁ ଏକ ଶିଳ୍ପ ହବ୍‌ରେ ପରିଣତ କରିବା କେବଳ ଏକ ଅଭିଳାସ ନୁହେଁ ଏକ ମିଶନ। ଏହି ପ୍ରୟାସରେ ସମସ୍ତେ ସାମିଲ ହୋଇ ଭବିଷ୍ୟତର ସାମାଜିକ-ଅର୍ଥନୈତିକ ବିକାଶ ସହିତ ଓଡ଼ିଶାର ଚମକକୁ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ସେ ଆହ୍ୱାନ ଦେଇଛନ୍ତି। ଏହି ପ୍ରକଳ୍ପ ଶୀଘ୍ର ତ୍ୱରାନ୍ୱିତ କରିବାକୁ ଏବଂ ସ୍ଥାନୀୟ ଲୋକମାନଙ୍କ ଜୀବନରେ ଏକ ଦୃଶ୍ୟମାନ ପରିବର୍ତ୍ତନ ପାଇଁ ମୁଖ୍ୟମନ୍ତ୍ରୀ ରାୟଗଡ଼ାବାସୀଙ୍କ ସହଯୋଗ କାମନା କରିଛନ୍ତି। ଓଏମ୍‌ସି ଜରିଆରେ ଶିଳ୍ପଗୁଡ଼ିକୁ ସହାୟତା କରିବାକୁ ରାଜ୍ୟ ସରକାର ଦୀର୍ଘକାଳୀନ ଖଣିଜ ନୀତି ଆଣିଛନ୍ତି। ଶିଳ୍ପ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ମେକ୍ ଇନ୍ ଓଡ଼ିଶାର ପ୍ରୟାସ କ୍ଷେତ୍ରରେ ଏହି ଏମ୍‌ଓୟୁ ଏକ ଉଦାହରଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ପ୍ରକଳ୍ପ ପାଇଁ ଆଦିତ୍ୟ ବିର୍ଲା ଗ୍ରୁପ୍ ୮ ହଜାର କୋଟି ଟଙ୍କା ବିନିଯୋଗ କରିବ । ରିଫାଇନେରି ପ୍ରତିଷ୍ଠା ହେବା ଦ୍ୱାରା ୫ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ଲୋକଙ୍କ ସହିତ କଥାହେବା ସହ କାରଖାନା ପ୍ରତିଷ୍ଠା ଦିଗରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଜମି ଅଧିଗ୍ରହଣ ହେବାର ଦୀର୍ଘ ୧୭ବର୍ଷ ପରେ ଏବେ କାରଖାନା ସ୍ଥାପନ ପାଇଁ ବାଟ ଖୋଲିଥିବାରୁ ଲୋକଙ୍କ ମନରେ ଉତ୍ସାହ ସୃଷ୍ଟି ହୋଇଛି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶିଳ୍ପମନ୍ତ୍ରୀ ପ୍ରତାପ ଦେବ କହିଛନ୍ତି, ଶିଳ୍ପ ପାଇଁ ଲୋକମାନଙ୍କ ଅଂଶୀଦାର ଅତ୍ୟନ୍ତ ଆବଶ୍ୟକ। ଖଣି ସମୃଦ୍ଧ ଅଞ୍ଚଳର ଆଦିବାସୀମାନଙ୍କ ବିକାଶ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତିବଦ୍ଧ।

ଏହି କାର୍ଯ୍ୟକ୍ରମରେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଅଧ୍ୟକ୍ଷ କୁମାର ମଙ୍ଗଳମ୍ ବିର୍ଲା ଯୋଗଦେଇ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶା ଶିଳ୍ପାୟନ କ୍ଷେତ୍ରରେ ଦ୍ରୁତ ଗତିରେ ଅଗ୍ରସର ହେଉଛି । ଗତ କିଛି ଦଶନ୍ଧି ଧରି ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ବିକଶିତ ହୋଇଛି । ଆଗାମୀ ଦିନରେ ଓଡ଼ିଶା ସରକାର ଓ ହିଣ୍ଡାଲ୍‌କୋର ମିଳିତ ସହଭାଗିତା ସାମଗ୍ରିକ ବିକାଶ ପାଇଁ ଏକ ଉଦାହରଣ ସୃଷ୍ଟି କରିବ । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ.ପାଣ୍ଡିଆନ ଉପସ୍ଥିତ ଥିଲେ। ଖଣି ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଇଡ୍‌କୋ ଏମ୍‌ଡି ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ପି.କେ. ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ, ରାଜ୍ୟ ସରକାର ଏବଂ ହିଣ୍ଡାଲ୍‌କୋର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

ରାୟଗଡ଼ା ଜିଲାପାଳ ସ୍ୱଧାଦେବ ସିଂଙ୍କ ଅଧ୍ୟକ୍ଷତାରେ ବ୍ଲକ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଭିଡିଓ କନ୍‌ଫରେନ୍ସରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ବିସ୍ଥାପିତ ଓ ପ୍ରଭାବିତ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

# ସହପାଠିନୀ ପ୍ରତ୍ୟୁଷାଙ୍କୁ ବିବାହ କରିବେ ବିଜୟ ଶଙ୍କର





## ପୁଣି ଚର୍ଚ୍ଚାରେ ତିର୍ତ୍ତୋଲ ବିଧାୟକ

**କଟକ,୫।୧୦ (କାର୍ତ୍ତିକ ସାହୁ)**

ପୁଣି ଚର୍ଚ୍ଚାରେ ତିର୍ତ୍ତୋଲ ବିଜେଡି ବିଧାୟକ ବିଜୟ ଶଙ୍କର ଦାସ। କଟକ ଅରୁଣୋଦୟ ମାର୍କେଟ ଅଞ୍ଚଳର ପ୍ରତ୍ୟୁଷା ନନ୍ଦ ନାମ୍ନୀ ମହିଳାଙ୍କୁ ବିବାହ ପାଇଁ ସେ କଟକସ୍ଥିତ ରେଜିଷ୍ଟ୍ରାର ଅଫ୍ ମ୍ୟାରେଜଙ୍କ କାର୍ଯ୍ୟାଳୟରେ ଗତ ସେପ୍ଟେମ୍ବର ୨୧ରେ ଆବେଦନ କରିଥିବା ଜଣାପଡିଛି। ପ୍ରତ୍ୟୁଷା ହେଉଛନ୍ତି ବିଜୟ ଶଙ୍କରଙ୍କ ସହପାଠିନୀ। ତାଙ୍କ ବିରୋଧରେ ଦୀର୍ଘଦିନର ବାନ୍ଧବୀ ସୋମାଲିକା ଦାଶଙ୍କ ମାମଲା କୋର୍ଟରେ ବିଚାରାଧୀନ ରହିଛି। ଆବେଦନ ତାରିଖଠୁ ୧ ମାସର ନୋଟିସ ଅବଧି ଶେଷ ପରେ ବିଧାୟକ ଦାସ ପ୍ରତ୍ୟୁଷାଙ୍କୁ ବିବାହ କରିବେ। ନିୟମ ଅନୁସାରେ ବର ଓ କନ୍ୟାଙ୍କ ଘର ଅଞ୍ଚଳରେ ବିବାହ ନିମନ୍ତେ ଆବେଦନ କରାଯାଇପାରିବ। ପ୍ରତ୍ୟୁଷାଙ୍କ ଘର କଟକରେ ହୋଇଥିବାରୁ ଉଭୟ କଟକ ରେଜିଷ୍ଟ୍ରାର ଅଫ୍ ମ୍ୟାରେଜଙ୍କ କାର୍ଯ୍ୟାଳୟରେ ବିବାହ ପାଇଁ ଆବେଦନ କରିଛନ୍ତି। ପ୍ରତ୍ୟୁଷା ପୂର୍ବରୁ ବିବାହ କରିଥିଲେ ବି ପ୍ରଥମ ସ୍ୱାମୀଙ୍କ ସହ ବିବାହ ବିଚ୍ଛେଦ ହୋଇଥିବା ଜଣାଯାଇଛି। ପ୍ରତ୍ୟୁଷା କିଛିମାସ ପୂର୍ବରୁ ଏକ ୱେବ୍ ଚ୍ୟାନେଲ ସ୍ଥାପନ କରି ଗଣମାଧ୍ୟମ ଦୁନିଆରେ ପାଦ ଥାପିଛନ୍ତି। ତେବେ ପ୍ରତ୍ୟୁଷାଙ୍କ ସହ ସମ୍ପର୍କ ଗଢ଼ିଉଠିବା ପରେ ବିଧାୟକ ଦାସ ତାଙ୍କର ଦୀର୍ଘଦିନର ପ୍ରେମିକା ସୋମାଲିକାଙ୍କଠୁ ଦୂରେଇ ଯାଇଥିଲେ। ୨୦୨୧ରେ ବିଧାୟକ ଦାସ ଓ ସୋମାଲିକାଙ୍କ ସମ୍ପର୍କ ମଧ୍ୟରେ ପ୍ରତ୍ୟୁଷାଙ୍କ ପ୍ରବେଶ ପରଠାରୁ ବିବାଦ ସୃଷ୍ଟି ହୋଇଥିଲା। ଏନେଇ ସୂଚନା ପାଇବା ପରେ ସୋମାଲିକା ପ୍ରତିକ୍ରିୟାରେ କହିଛନ୍ତି, ବିଜୟଙ୍କୁ ଛାଡ଼ିବି ନାହିଁ। କଟକ ବିବାହ ପଞ୍ଜୀକରଣ ଅଧିକାରୀଙ୍କଠାରେ ଅଭିଯୋଗ କରିବି। ମୋର କ'ଣ କିଛି ଇଜ୍ଜତ ନାହିଁ। ସେ ଯେତେବେଳେ ଯାହାକୁ ଚାହିଁବେ ତାଙ୍କ ଜୀବନ ନଷ୍ଟ କରିବେ। ଝିଅ ବୋଲି କ'ଣ ମୋତେ ଏମିତି ହଇରାଣ କରାଯିବ ନା କ'ଣ। ୩୦ ଦିନ ଭିତରେ ନିଶ୍ଚିତ ଅଭିଯୋଗ କରିବି ବୋଲି ସୋମାଲିକା କହିଛନ୍ତି।

ଉଲ୍ଲେଖଯୋଗ୍ୟ, ବିଧାୟକ ଦାସ ୨୦୨୨ ମେ' ୧୭ ତାରିଖରେ ସୋମାଲିକାଙ୍କୁ ବିବାହ କରିବାକୁ ଜଗତ୍‌ସିଂହପୁର ବିବାହ ପଞ୍ଜୀକରଣ ଅଧିକାରୀଙ୍କ ନିକଟରେ ଆବେଦନ କରିଥିଲେ। ହେଲେ ଏକମାସର ନୋଟିସ ଅବଧି ପରେ ସେ ବିବାହ ପାଇଁ ଉପସ୍ଥିତ ହୋଇ ନ ଥିଲେ, ଯାହାକୁ ନେଇ ସୋମାଲିକା ଜଗତ୍‌ସିଂହପୁର ଥାନାରେ ଯୌନ ନିର୍ଯାତନା ଓ ବଳାତ୍କାର ମାମଲା ଦାଏର କରିଥିଲେ। ଏହାକୁ ନେଇ ରାଜନୈତିକ ହଟଚମଟ ହୋଇଥିଲା। ଏହି ମାମଲାରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ଫଳରେ ସୋମାଲିକା ନ୍ୟାୟ ପାଇବା ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମାମଲା ଏବେ ଅଦାଲତରେ ବିଚାରାଧୀନ ରହିଛି।

# ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ ମାମଲା | ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ନିର୍ଦ୍ଦେଶ

**କଟକ,୫।୧୦ (କାର୍ତ୍ତିକ ସାହୁ)**

ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ ବିରୋଧରେ ହାଇକୋର୍ଟରେ ଆଗତ ମାମଲାର ଶୁଣାଣି ଗୁରୁବାର ହୋଇଛି। ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ଜବାବ ମାଗିଛନ୍ତି। ଉଚ୍ଚ ଶିକ୍ଷାନୁଷ୍ଠାନରେ କେବେଠାରୁ, କାହିଁକି ନିର୍ବାଚନ ବନ୍ଦ ହୋଇଛି, ସେ ସଂକ୍ରାନ୍ତରେ ହାଇକୋର୍ଟଙ୍କୁ ଅବଗତ କରାଇବା ନିମନ୍ତେ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀ ଅନୁଯାୟୀ, ଗତ ୫ ବର୍ଷ ଧରି ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହିଛି। ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର କ୍ୟାମ୍ପସଗୁଡ଼ିକ ଅଶାନ୍ତ ରହିବା ଓ ଲିଙ୍ଗ୍‌ଡୋ କମିଶନ ନିୟମ ପାଳନ କରା ନ ଯିବା ଦର୍ଶାଇ ରାଜ୍ୟ ସରକାର ଛାତ୍ର ସଂସଦ ନିର୍ବାଚନ କରାଉନାହାନ୍ତି। ହେଲେ ସମ୍ବିଧାନ ଓ ଲିଙ୍ଗ୍‌ଡୋ କମିଶନଙ୍କ ରିପୋର୍ଟ ଅନୁଯାୟୀ ୧୮ବର୍ଷ ବୟସରେ ଜଣେ ବ୍ୟକ୍ତି ଦେଶ ତଥା ରାଜ୍ୟର ନେତା ମନୋନୀତ କରିବାର ଅଧିକାର ପାଉଛନ୍ତି। ତେଣୁ ରାଜ୍ୟର ସରକାରୀ, ବେସରକାରୀ, ଅନୁଦାନପ୍ରାପ୍ତ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ କରାଇବାକୁ ନିର୍ଦ୍ଦେଶ ଦେବା ନିମନ୍ତେ ପ୍ରାର୍ଥନା କରି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଗତ ସେପ୍ଟେମ୍ବର ୧୮ରେ ଦାଏର ହୋଇଛି। ଏବିଭିପିର ରାଜ୍ୟ ସମ୍ପାଦକ ଅରିଜିତ ପଟ୍ଟନାୟକ ଓ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଚଣ୍ଡୀ ପ୍ରସାଦ ସୁଆରଙ୍କ ପକ୍ଷରୁ ଏହି ମାମଲା ରୁଜୁ ହୋଇଛି। ଏହି ମାମଲାରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ଶିକ୍ଷା ସଚିବ, ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ, ଗଣଶିକ୍ଷା ବିଭାଗ ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ମାମଲା ପରିଚାଳନା କରୁଛନ୍ତି। ଆଇନଜୀବୀ ସୌମିକ ତ୍ରିପାଠୀ ଏବଂ ସୁମନ ପ୍ରିୟଦର୍ଶିନୀ ମାମଲା ପରିଚାଳନାରେ ସହଯୋଗ କରୁଛନ୍ତି।

# ଗୁଣିଗାରେଡ଼ିକୁ ନେଇ ହତ୍ୟା ହତ୍ୟାକାରୀ ପୁତୁରା ଗିରଫ

## ଜୁନାଗଡ଼ ଟ୍ରିପଲ ମର୍ଡର ଘଟଣାର ପର୍ଦ୍ଦାଫାଶ

**ଭବାନୀପାଟଣା/ ଜୁନାଗଡ଼, ୫।୧୦ (ଉତ୍ତମ କୁମାର ଦାଶ/ ସୁନୀଲ କୁମାର ସିଂହ)**



ଗିରଫ ଅଭିଯୁକ୍ତ ମହେନ୍ଦ୍ର ମାଝି

କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ ଶଙ୍କରପଲା ଗ୍ରାମରେ ଗତ ରବିବାର ଘଟିଥିବା ଟ୍ରିପଲ ମର୍ଡର ଘଟଣାର ପର୍ଦ୍ଦାଫାଶ କରିଛି ଜୁନାଗଡ଼ ପୋଲିସ। ଗୁଣି ଗାରେଡିକୁ ନେଇ ଏହି ହତ୍ୟାକାଣ୍ଡ ଘଟିଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗ୍ରାମର ମହେନ୍ଦ୍ର ମାଝି (୩୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ। ଗୁରୁବାର ଅପରାହ୍ନରେ ଜୁନାଗଡ଼ ଥାନା କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଧର୍ମଗଡ଼ ଏସ୍‌ଡିପିଓ ଧିରଜ କୁମାର ଚୋପଦାର, ଜୁନାଗଡ଼ ଆଇଆଇସି ଶେଷଦେବ ବେହେରା ସୂଚନା ଦେଇଛନ୍ତି। ପୋଲିସଠାରୁ ମିଳିଥିବା ସୂଚନା ଅନୁଯାୟୀ, ମହେନ୍ଦ୍ର ଭାବୁଥିଲେ ଯେ, ଗୁଣିଗାରେଡି ଯୋଗୁ ତାଙ୍କ ଦେହ ଅସୁସ୍ଥ ହେବା ସହ ତାଙ୍କ ଘରେ ପିଲା ଛୁଆ ହେଉ ନ ଥିଲା। ଏଥିରେ ମୃତ ରାଏମତି ଓ ମହେନ୍ଦ୍ର କୁମାରଙ୍କ ହାତ ରହିଥିବା ସେ ସନ୍ଦେହ କରୁଥିଲେ। ଅଭିଯୁକ୍ତ ମହେନ୍ଦ୍ର ରାଏମତିଙ୍କ ପୁତୁରା ହୋଇଥିବାବେଳେ ଗୁଣି ଗାରେଡି ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ଲାଗିରହୁଥିଲା। ଫଳରେ ରାଗ ରଖି ରାଏମତି ଓ ମହେନ୍ଦ୍ରଙ୍କୁ ମାରଣାସ୍ତ୍ରରେ ବେକ କାଟି ସେ ହତ୍ୟା କରିଥିଲେ। ଏହି ସମୟରେ ରାଏମତିଙ୍କ ୨ ବର୍ଷର ପୁଅ ଶିବଶକ୍ତିକୁ ମଧ୍ୟ ହତ୍ୟା କରିବାକୁ ପଛେଇ ନ ଥିଲେ ଅଭିଯୁକ୍ତ ମହେନ୍ଦ୍ର। ମୃତ ବୃଦ୍ଧ ମହେନ୍ଦ୍ର କୁମାରଙ୍କ ସ୍ତ୍ରୀ ମୂଳା କୁମାରଙ୍କ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ଡଗ ସ୍କ୍ୱାଡ ଓ ସାଇଣ୍ଟିଫିକ ଟିମ ସହିତ ତଦନ୍ତ ଆରମ୍ଭ କରିଥିଲେ। ଏ ନେଇ ଜୁନାଗଡ଼ ଥାନାରେ ଏକ ମାମଲା (ନଂ.୩୬୫/୨୩)ରୁଜୁ ହୋଇଥିଲା। ତଦନ୍ତ ପରେ ଅଭିଯୁକ୍ତ ମହେନ୍ଦ୍ରଙ୍କୁ ପୋଲିସ ଗିରଫ କରିଥିଲା। ତେବେ ସଚେତନତା ଅଭାବରୁ ଲୋକେ ଅନ୍ଧବିଶ୍ୱାସକୁ ଆପଣାଇ ଏଭଳି ଜଘନ୍ୟ ଘଟଣା ଘଟାଉଥିବା ଏସଡିପିଓ ଚୋପଦାର ପ୍ରକାଶ କରିଥିଲେ।

# କୋରାପୁଟ ଘରୋଇ ବସ୍ ମାଲିକ ସଂଘ ସହ ବିଜେଡି ସାଙ୍ଗଠନିକ ସମ୍ପାଦକଙ୍କ ଆଲୋଚନା

**ମାଲକାନଗିରି, ୫।୧୦ (ଦୁର୍ଯ୍ୟୋଧନ ପାତ୍ର)**



ଅବିଭକ୍ତ କୋରାପୁଟ ଜିଲା ଘରୋଇ ବସ୍ ମାଲିକ ସଂଘ ସେମାନଙ୍କ ବିଭିନ୍ନ ଦାବିନେଇ ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ସହ ଭୁବନେଶ୍ୱରଠାରେ ଗୁରୁବାର ଏକ ବୈଠକରେ ଆଲୋଚନା କରିଥିଲା । ବିଶେଷକରି ଘରୋଇ ବସ୍ ମାଲିକ ସଂଘ ଲକ୍ଷ୍ମୀ ଯୋଜନା ଦ୍ୱାରା କିପରି କ୍ଷତିଗ୍ରସ୍ତ ହେବେ ସେ ସମ୍ବନ୍ଧରେ ମାଲିକ ସଂଘ ସେମାନଙ୍କର ଦାବି ଉପସ୍ଥାପନ କରିଥିଲା । ଖୁବ୍ ଶୀଘ୍ର ଘରୋଇ ବସ୍ ମାଲିକ ସଂଘର ଦାବିଗୁଡିକ ସମାଧାନ କରାଯିବ ବୋଲି ଦାସ ପ୍ରତିଶ୍ରୁତି ଦେଇଥିବା ମାଲକାନଗିରି ଜିଲା ଘରୋଇ ବସ୍ ମାଲିକ ସଂଘ ସଭାପତି ରାଜେଶ୍ୱରୀ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଏହି ଆଲୋଚନା ସମୟରେ ପରିବହନ କମିଶନର ଅମିତାଭ ଠାକୁର, ମାଲକାନଗିରି ଜିଲା ପରିବହନ ଅଧିକାରୀ ମାନସ ମିଶ୍ର, ଅବିଭକ୍ତ କୋରାପୁଟ ଜିଲା ଘରୋଇ ବସ୍ ମାଲିକ ସଂଘ କର୍ମକର୍ତ୍ତା, ପ୍ରକାଶ ମହାନ୍ତି, ମୀରା ପରିଡ଼ା, ଲୋରା ମହାପାତ୍ର, ମାଲକାନଗିରି ଜିଲା ବିଜୁ ଜନତା ଦଳ ସାଙ୍ଗଠନିକ ସମ୍ପାଦକ ନୃସିଂହ ଚରଣ ମହାନ୍ତି, ଓକିଲ ସଂଘ ସଭାପତି ଲମ୍ବୋଦର ତୁରୁକ, ଜିଲା ଯୁବ ଜନତା ଦଳ ଉପସଭାପତି ରାଜୁ ଶିଶା ପ୍ରମୁଖ ଉପସ୍ଥିତ ଥିଲେ ।

# ଉତ୍ତେଜନା, ପୋଲିସକୁ ଘେରିଲେ ଗ୍ରାମବାସୀ

## ରାସ୍ତାରେ ଇଟାବାଡ ଦେଇ ପରିବାରକୁ ବାସନ୍ଦ ଘଟଣା

**ଦେଓଗାଁ,୫।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ସିଲେଟକାନୀ ଗାଁରେ ଗୁରୁବାର ରାତିରେ ଉତ୍ତେଜନା ଦେଖାଦେଇଛି। ରାସ୍ତାରେ ଇଟାବାଡ ଦେଇ ପରିବାରକୁ ବାସନ୍ଦ ଘଟଣାରେ ଗାଁର ନାରଦ ମେହେରଙ୍କୁ ଗିରଫ ପ୍ରତିବାଦରେ ଦେଓଗାଁ ଥାନାଧିକାରୀ ତାରାବତୀ ପ୍ରଧାନଙ୍କୁ ଗ୍ରାମବାସୀ ଘେରାଉ କରିଥିବା ଜଣାପଡିଛି। ୨୦୧୮ ମସିହାରୁ ଜିତେନ୍ଦ୍ର ଦାଶଙ୍କ ପରିବାର ସହ ଉକ୍ତ ଗାଁର କେତେକଙ୍କ ନାରଦଙ୍କ ସହ ଝଗଡା ଲାଗି ରହିଥିଲା। ଗତ ଅଗଷ୍ଟ ୨୩ ତାରିଖରେ ଉକ୍ତ ଗାଁର ନାରଦ ଜିତେନ୍ଦ୍ର ରହୁଥିବା ଘର ସାମ୍ନା ରାସ୍ତାରେ ନିଜ ରୟତି ଜମି ଥିବା ଦର୍ଶାଇ ଇଟାବାଡ ଦେଇଥିଲେ। ଫଳରେ ଜିତେନ୍ଦ୍ରଙ୍କ ପରିବାର ଘର ପଛପଟ ଜମିହିଡ ଦେଇ ବାହାରକୁ ବାହାରୁଥିଲେ। ଜିତେନ୍ଦ୍ର ଦେଓଗାଁ ଥାନା, ତହସିଲଦାର, ଏସ୍‌ପି, ଜିଲାପାଳଙ୍କୁ ଅବଗତ କରିଥିଲେ ହେଁ ବୁଝାମଣା ସମ୍ଭବ ହେଉ ନ ଥିଲା । ଗୁରୁବାର ଗାଁର କେତେକ ଲୋକ ଜିତେନ୍ଦ୍ର ଓ ତାଙ୍କ ଭାଇ ବୀରେନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ । ଖବର ପାଇ ପୋଲିସ ଆହତଙ୍କୁ ଉଦ୍ଧାର କରିବା ପାଇଁ ଗାଁକୁ ଯାଇଥିଲା । ଏହି ସମୟରେ ଗ୍ରାମବାସୀ ନାରଦଙ୍କୁ ଗିରଫ କରିବା ପାଇଁ ଆସିଛ କହି ଥାନାଧିକାରୀ ପ୍ରଧାନଙ୍କୁ ଘେରିଯାଇଥିଲେ।

# ମୃତଦେହ ରଖି ଦେଢ଼ଘଣ୍ଟା ରାସ୍ତାରୋକୋ

## ଆର୍‌ଟିଓ ଅଫିସ ଡ୍ରାଇଭରଙ୍କ ଦୁର୍ଘଟଣାରେ ମୃତ୍ୟୁ

**ନବରଙ୍ଗପୁର,୫।୧୦ (ସଦାଶିବ ପ୍ରହରାଜ)**

ଏକ କାର ଧକ୍କାରେ ଆର୍‌ଟିଓ କାର୍ଯ୍ୟାଳୟ ଡ୍ରାଇଭର ଦିଲୀପ ନାୟକଙ୍କ ମୃତ୍ୟୁ ଘଟିଛି। ପରିବାରର ଜଣଙ୍କୁ ଚାକିରି ଓ ସରକାରୀ ସହାୟତା ଦାବିରେ ମାଝିଗୁଡ଼ା ଛକରେ ମୃତଦେହ ରଖି ଅପରାହ୍ନ ୩ଟାରୁ ଦେଢ଼ଘଣ୍ଟା ରାସ୍ତାରୋକୋ କରାଯାଇଛି। ନବରଙ୍ଗପୁରରୁ ଉମରକୋଟ, ରାଇଘର, ଇନ୍ଦ୍ରାବତୀ, ଜୟପୁର ଅଭିମୁଖେ ଯାଉଥିବା ଗାଡ଼ି ସବୁ ଅଟକି ରହିଥିଲା। ଦାବିପୂରଣ ନେଇ ଅଧିକାରୀମାନେ ଲିଖିତ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା।

ସୂଚନାନୁଯାୟୀ, ଆର୍‌ଟିଓ ଜିତେନ୍ଦ୍ର କୁମାର ଭୋଇଙ୍କ ନିର୍ଦ୍ଦେଶକ୍ରମେ କନଷ୍ଟେବଳ ସୂର୍ଯ୍ୟନାରାୟଣ ବେହେରା, ବିଜୟ କୁମାର ସେଠୀ, ସୁକାନ୍ତ ବେହେରା ଓ ଡ୍ରାଇଭର ଦିଲୀପ ନାୟକ ବୁଧବାର ସନ୍ଧ୍ୟା ୭.୩୦ରେ ଚିକିଲି ଗ୍ରାମ ନିକଟ ୨୬ ନମ୍ବର ଜାତୀୟ ରାଜପଥରେ ଗାଡି ଯାଞ୍ଚ କରୁଥିଲେ। ଡିୟୁଟି ସାରି ଦିଲୀପ ଅଫିସ ଗାଡି ପାକକୁ ଯିବାବେଳେ ନବରଙ୍ଗପୁରରୁ ପାପଡାହାଣ୍ଡି ଅଭିମୁଖେ ଯାଉଥିବା ଏକ ଧଳା ରଙ୍ଗର କାର ଦ୍ରୁତ ବେଗରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଉପସ୍ଥିତ ଆର୍‌ଟିଓ କର୍ମଚାରୀମାନେ ଦିଲୀପଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଦିଲୀପଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଘଟଣା ସମ୍ପର୍କରେ ନବରଙ୍ଗପୁର ଏଆର୍‌ଟିଓ ଦେବାଶିଷ ମଲ୍ଲିକ ନବରଙ୍ଗପୁର ଥାନାରେ ଏତଲା ଦେଇଛନ୍ତି। ମୃତଦେହ ବ୍ୟବଚ୍ଛେଦର ବିଳମ୍ବ ହେବାରୁ ଓଡିଶା ମଟର ଚାଳକ ସଂଘ, ସ୍ଥାନୀୟ ପିକ୍‌ଅପ ଓ ଟ୍ରକ ଡ୍ରାଇଭର ସଂଘ ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ମୃତକଙ୍କ ପରିବାରରୁ ଜଣଙ୍କୁ ଚାକିରି ଓ ସରକାରୀ ସହାୟତା ଦାବି କରି ଓଡ଼ିଶା ମଟର ଚାଳକ ସଂଘ ସମ୍ପାଦକ ଗୁରୁ ପ୍ରସାଦ ପଣ୍ଡା, ସଭାପତି ଦୁର୍ଗା ପ୍ରସାଦ ତ୍ରିପାଠୀ, ଶାଖା ସମ୍ପାଦକ ଅନନ୍ତ ରାମ ବେହେରା, ଉପସଭାପତି ଅମିତ ସୁନା ପ୍ରମୁଖ ରାସ୍ତାରୋକୋ କରିଥିଲେ। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ଥାନାଧିକାରୀ ସମ୍ବିତ ବେହେରା, ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ, ଭାରାପ୍ରାପ୍ତ ତହସିଲଦାର ଆଶୁତୋଷ ପାତ୍ର ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ। ଦିଲୀପଙ୍କ ପୁଅଙ୍କୁ ଥାଇଥାନ ଓ ୧୦ ଦିନ ମଧ୍ୟରେ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ଆର୍‌ଟିଓ ଭୋଇ ଓ ତହସିଲଦାର ପାତ୍ର ଲିଖିତ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ହଟିଥିଲା। ମୃତଦେହକୁ ଦିଲୀପଙ୍କ ତୋଟାସାହି ଘରକୁ ନିଆଯିବାପରେ ମହାପରାୟଣ ଗାଡ଼ି ଯୋଗେ ଶୋରଡ଼ାସ୍ଥିତ ପୈତୃକ ଘରକୁ ପଠାଇଦିଆଯାଇଛି।



ଏମ୍‌ପି ରମେଶ ଚନ୍ଦ୍ର ମାଝି ଓ ଅଧିକାରୀମାନେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି।

### ଲିଖିତ ପ୍ରତିଶ୍ରୁତି ପରେ ହଟିଲା ଆନ୍ଦୋଳନ

# ଉଜ୍ଜ୍ୱଳା ହିତାଧିକାରୀଙ୍କୁ ସବ୍‌ସିଡି ମିଳିବା ଐତିହାସିକ ନିଷ୍ପତ୍ତି: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୫।୧୦(ସୁନିତ୍ ମିଶ୍ର)**

କେନ୍ଦ୍ର କ୍ୟାବିନେଟ୍‌ର ନିଷ୍ପତ୍ତି ଫଳରେ ଓଡ଼ିଶା ସମେତ ଦେଶର ଉଜ୍ଜ୍ୱଳା ହିତାଧିକାରୀମାନେ ଏଣିକି ପ୍ରତି ମାସରେ ଆହୁରି ରିହାତି ଦରରେ ଗ୍ୟାସ୍ ପାଇପାରିବେ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଧର୍ମେନ୍ଦ୍ର କହିଛନ୍ତି, ପ୍ରଧାନମନ୍ତ୍ରୀ କ୍ୟାବିନେଟ୍‌ରେ ଉଜ୍ଜ୍ୱଳା ଯୋଜନାର ହିତାଧିକାରୀଙ୍କୁ ଅତିରିକ୍ତ ୧୦୦ ଟଙ୍କା ସବ୍‌ସିଡି ମିଳିବା ନେଇ ଏକ ଐତିହାସିକ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ଉଜ୍ଜ୍ୱଳା ଲାଭାର୍ଥୀଙ୍କୁ ୨୦୦ ଟଙ୍କାର ସବ୍‌ସିଡି ଦିଆଯାଉଥିଲା। ସବୁ ନିଷ୍ପତ୍ତିକୁ ଦେଖିଲେ ଉଜ୍ଜ୍ୱଳା ହିତାଧିକାରୀମାନେ ଏଣିକି ବଜାରର ନିର୍ଦ୍ଧାରିତ ମୂଲ୍ୟଠାରୁ ୫୦୦ ଟଙ୍କା କମ୍ ମୂଲ୍ୟରେ ଗ୍ୟାସ୍ ପାଇବେ। ଦେଶର ୯ କୋଟି ୬୦ ଲକ୍ଷ ଏବଂ ଓଡ଼ିଶାର ୫୩ ଲକ୍ଷରୁ ଅଧିକ ଉଜ୍ଜ୍ୱଳା ହିତାଧିକାରୀ ଏହାଦ୍ୱାରା ଲାଭବାନ ହେବେ। ତେବେ ପ୍ରଧାନମନ୍ତ୍ରୀ ମୋଦି 'ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା'ରେ ଅତିରିକ୍ତ ୭୫ ଲକ୍ଷ ମହିଳାଙ୍କୁ ଯୋଡିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ସଂଖ୍ୟାକୁ ମିଶାଇଲେ ଆଗାମୀ ଦିନରେ ଦେଶର ପ୍ରାୟ ୧୦ କୋଟି ଏବଂ ଓଡ଼ିଶାର ୬୦ ଲକ୍ଷ ପାଖାପାଖି ଉଜ୍ଜ୍ୱଳା ପରିବାରଙ୍କୁ ପ୍ରତି ମାସରେ ପାଖାପାଖି ୬୦୦ ଟଙ୍କାରେ ଗ୍ୟାସ୍ ମିଳିବା ନେଇ ଅନୁମାନ କରାଯାଉଛି।

ଭଗବାନଙ୍କ ଦୃଷ୍ଟିରେ ଛୋଟ ବୋଲି କିଛି ନାହିଁ। ତୁମ ଦୃଷ୍ଟିରେ ମଧ୍ୟ ସେହିପରି ଛୋଟ ବଡ ଭେଦ ନ ଥାଉ। ଗୋଟିଏ ଶାମୁକା ତିଆରି କଲାବେଳେ ବା ଗୋଟିଏ ସାମ୍ରାଜ୍ୟ ଗଠନ କରିବାରେ ଭଗବାନ ତାଙ୍କର ସମାନ ଦେବଶକ୍ତି ପ୍ରୟୋଗ କରନ୍ତି। ତୁମ ପକ୍ଷରେ ବି, ଜଣେ ଅକ୍ଷମ ଓ ବିଳାସୀ ରାଜା ହେବା ଅପେକ୍ଷା ଗୋଟିଏ ନିପୁଣ ମୋଚି ହେବା ମହତ୍ତର ବ୍ୟାପାର। –ଶ୍ରୀଅରବିନ୍ଦ

# ସବୁଜ ଅଭିବୃଦ୍ଧି ମାନସିକତା



ଗେର୍ନଟ ୱାଗନର

ଜଳବାୟୁ ଓ ଅର୍ଥନୈତିକ ଅଭିବୃଦ୍ଧି ଉପରେ ଧ୍ୟାନ ଦେଉଥିବା ଅନେକଙ୍କ ପାଇଁ ପୁଞ୍ଜିବାଦ ଏକ ସୁବିଧାଜନକ ଲକ୍ଷ୍ୟ ହୋଇଥିବା ବୁଝାପଡୁଛି। ଅର୍ଥନୈତିକ ବିସ୍ତାରକୁ ଏକ ସର୍ବୋତ୍କୃଷ୍ଟ ପୁଞ୍ଜିବାଦୀ ଅତ୍ୟାବଶ୍ୟକତା ଭାବେ ଦେଖାଯାଉଛି। କିନ୍ତୁ ଏକ ସୀମିତ ଗ୍ରହରେ ଅସୀମ ପଦାର୍ଥ ବୃଦ୍ଧି ସହଜରେ ହୋଇପାରିବ ନାହିଁ। ତେଣୁ ଆର୍ଥିକ ସ୍ଥିତିରେ ଅବନତି, ଅଭିବୃଦ୍ଧି, ପରବର୍ତ୍ତୀ ଅଭିବୃଦ୍ଧି ଏବଂ ଅନ୍ୟାନ୍ୟ ଧାରଣାଗୁଡ଼ିକ ମାନକ ଅର୍ଥନୈତିକ ମଡେଲର ଅତ୍ୟାଧୁନିକ ମତକୁ ସମର୍ଥନ କରିବାକୁ ଉଦ୍ଦିଷ୍ଟ ବୋଲି ଜଣାପଡୁଛି। ଏହା ଉପରେ ଗଭୀର ଭାବେ ଚିନ୍ତାକଲେ ଜାଣିବାକୁ ପାଇବେ ଯେ, ଏହିସବୁ ଦୃଷ୍ଟିକୋଣ ପ୍ରକୃତ ନୀତି ନୁହେଁ ବରଂ ଅଧିକ ବାକ୍‌ପଟୁତା। ଏହା ମଧ୍ୟ ଏକ ପାଗଳପଣ। ଏହା ପରିବର୍ତ୍ତେ ଅଙ୍ଗାରକାମ୍ଳ ଏବଂ ଅନ୍ୟାନ୍ୟ ପ୍ରଦୂଷଣ ହ୍ରାସ ଉପରେ ଧ୍ୟାନଦେବା ଆବଶ୍ୟକ। ଅଧିକ କାର୍ବନ ନିର୍ଗମନ, କମ୍ ଦକ୍ଷତାସମ୍ପନ୍ନ ଅର୍ଥନୈତିକ କାର୍ଯ୍ୟକଳାପ ଯୋଗୁ କେତେକ କ୍ଷେତ୍ର ନିଶ୍ଚିତ ଭାବେ ନିମ୍ନଗାମୀ ହେବ। ଅପରପକ୍ଷେ କମ୍ କାର୍ବନ ନିର୍ଗମନ, ଉଚ୍ଚଦକ୍ଷତା କାର୍ଯ୍ୟକଳାପ ଯୋଗୁ କ୍ଷେତ୍ରଗୁଡ଼ିକର ବୃଦ୍ଧି ଘଟିବ। ପୁରୁଣାକୁ ହଟାଇ ନୂତନତ୍ୱର ଏହି ପ୍ରକ୍ରିୟାକୁ ବ୍ୟବହାର କରିବା ଅର୍ଥ ନୁହେଁ ଯେ ନୀତିନିର୍ଦ୍ଧାରକମାନେ ନିଷ୍କ୍ରିୟ ହୋଇ ଦେଖିବେ ଓ ତୁମେ ତୁମ ନୀତିରେ ଯାହା ଇଚ୍ଛା ତାହା କରିବ। ତୈଳ, କୋଇଲା ଏବଂ ଗ୍ୟାସ୍ ବ୍ୟବହାର ସହ ଜଡ଼ିତ ବୃହତ୍ ନକାରାତ୍ମକ ସାମାଜିକ କ୍ଷତି ବିଷୟରେ ବିଚାର କରନ୍ତୁ। ଆମର ସର୍ବୋତ୍ତମ ଆକଳନ ଅନୁଯାୟୀ, ଗତ ଦଶନ୍ଧିରେ ଆମେରିକାରେ ଅଙ୍ଗାରକାମ୍ଳର ନିର୍ଗମନ ଯୋଗୁ ସାମାଜିକ କ୍ଷତି ପ୍ରାୟ ୪ଗୁଣ ବୃଦ୍ଧି ପାଇଛି। ନିର୍ଗତ ୧ ଟନ୍ କାର୍ବନ ଡାଇଅକ୍ସାଇଡ୍ ପିଛା ପ୍ରାୟ ୫୦ ଡଲାରରୁ ୨୦୦ ଡଲାର ପର୍ଯ୍ୟନ୍ତ କ୍ଷତି ହୋଇଛି ଏବଂ ଏହା ବାସ୍ତବ କ୍ଷତିର କେବଳ ଏକ ଆଂଶିକ ଆକଳନ।

ସମସ୍ତଙ୍କୁ କୁହାଯାଇଛି ପ୍ରତ୍ୟେକ ବ୍ୟାରେଲ ତୈଳ ଏବଂ ପ୍ରତ୍ୟେକ ଟନ କୋଇଲାକୁ ଇନ୍ଧନ ଭାବେ ବ୍ୟବହାର କରିବା ଦ୍ୱାରା ଜିଡିପିରେ ଏହାର ଯୋଗଦାନ ଯାହା ରହୁଛି ତାହା ଅପେକ୍ଷା ବାହ୍ୟ କ୍ଷତି ଅଧିକ ହେଉଛି। ଆମେ ଏଯାବତ ଏଥିପାଇଁ ବ୍ୟବହାର ହେଉଥିବା ଜମି, ଜୈବବିବିଧତା ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପରିବେଶ ବିଷୟଗୁଡ଼ିକୁ ହିସାବକୁ ନେଇନାହୁଁ। ଏହି ଉଚ୍ଚ ଏବଂ ବଢୁଥିବା କ୍ଷତିକୁ ଦୃଷ୍ଟିରେ ରଖି ନୀତିନିର୍ଦ୍ଧାରଣ ପୂର୍ବରୁ ସ୍ପଷ୍ଟ ହୋଇଛି। ଏଥିରେ କାର୍ବନ ନିର୍ଗମନ କରି କ୍ଷତି କରୁଥିବା କ୍ଷେତ୍ରଗୁଡ଼ିକ ଉପରେ ଜରିମାନା ଲାଗୁ କରାଯିବା ସହ ବିଭିନ୍ନ ପଦ୍ଧତିରେ ବାୟୁମଣ୍ଡଳରୁ କାର୍ବନ ଦୂର କରିବା ପାଇଁ ସକାରାତ୍ମକ ପଦକ୍ଷେପ ଲାଗି ସମାନଙ୍କୁ ସବ୍‌ସିଡି ଦିଆଯିବାର ବ୍ୟବସ୍ଥା କରାଯାଇଛି। ଗତ ବର୍ଷର ଆମେରିକୀୟ ମୁଦ୍ରାସ୍ଫୀତି ହ୍ରାସ ଆଇନ (ଆଇଆର୍‌ଏ) ଏହି ଦୁଇଟି ଦିଗ ପ୍ରତି ସହମତି ପ୍ରକାଶ କରିଛି। କିନ୍ତୁ ଏଥିରେ ତୈଳ ଏବଂ ଗ୍ୟାସ୍ କାର୍ଯ୍ୟରୁ ମିଥେନ ନିର୍ଗମନ ଜନିତ କ୍ଷତି ପାଇଁ ଜରିମାନା ଲଗାଇଛି। ଏହାର ମୁଖ୍ୟ ଲକ୍ଷ୍ୟ ନିର୍ଗମନ କମ୍ କରିବା ପାଇଁ ସବ୍‌ସିଡି ଦେବା ଓ ଟ୍ୟାକ୍ସ କ୍ରେଡିଟ୍ ଉପରେ ରହିଛି। ସମ୍ଭାବ୍ୟ ବଜାରରକୁ ନିୟନ୍ତ୍ରଣ କରି ଏବଂ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଅର୍ଥନୈତିକ ଅଭିବୃଦ୍ଧିକୁ ଉତ୍ସାହିତ କରି ଏହି ଆଇନ ସବୁଜ ଶିଳ୍ପ ନୀତିର ପ୍ରତିନିଧିତ୍ୱ କରିଛି।



ଅର୍ଥନୀତିରେ ଏଭଳି ସକ୍ରିୟ ସରକାରୀ ଯୋଗଦାନ ଅନେକ ପ୍ରଶ୍ନ ସୃଷ୍ଟି କରିଛି। ନିଃସନ୍ଦେହ ଯେ, ଶହ ଶହ କୋଟି ଡଲାରର ସରକାରୀ ସବ୍‌ସିଡି ଅଣବିକଶିତ କ୍ଷେତ୍ରଗୁଡ଼ିକରେ ଅକ୍ଷୟ ଶକ୍ତି, ବ୍ୟାଟେରି ସଂରକ୍ଷଣ, ସ୍ୱଚ୍ଛ ପରିବହନ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟାକୁ ନିୟୋଜିତ କରିବ। ଆଗକୁ ବଢ଼ାଇବ। ପାରମ୍ପରିକ ଜିଡିପି, ମୂଲ୍ୟଯୁକ୍ତ ଅର୍ଥନୀତି ଓ ନିଯୁକ୍ତି ପରିସଂଖ୍ୟାନ ମାଧ୍ୟମରେ ସେହି ସମସ୍ତ ବିକାଶ ଅର୍ଥନୈତିକ ଅଭିବୃଦ୍ଧି ସୃଷ୍ଟି କରିବ ବୋଲି ଅକଳନ କରାଯାଉଛି। ଏହାର ଅର୍ଥ କୌଣସି ମୂଲ୍ୟ ଦେଇ ଅଭିବୃଦ୍ଧି ଆଣିବା ଭଲ କି? କେବେ ନୁହେଁ। ବିଭିନ୍ନ ଦିଗରୁ ବିଚାରକଲେ ଜଣାଯାଏ ଯେ, ଆର୍ଥିକ ଅଭିବୃଦ୍ଧି ପାଇଁ କେବଳ ସବୁଜ ଅଭିବୃଦ୍ଧିର ଆବଶ୍ୟକତା ନାହିଁ। କମ୍ ଅଙ୍ଗାରକାମ୍ଳ ନିର୍ଗମନ କରୁଥିବା ଶକ୍ତି ଏବଂ ଅନ୍ୟାନ୍ୟ ଜଳବାୟୁ ପ୍ରଯୁକ୍ତିବିଦ୍ୟାର ଦ୍ରୁତ ନିୟୋଜନ ସମାବେଶୀ ଅଭିବୃଦ୍ଧି, ଉପଯୁକ୍ତ କାର୍ଯ୍ୟ, ଉନ୍ନତ ସ୍ୱାସ୍ଥ୍ୟ, କମ୍ ଦାରିଦ୍ର କିମ୍ବା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଶ୍ୱ ନୀତି ପ୍ରାଥମିକତା ଉପରେ ଗ୍ୟାରେଣ୍ଟି ଦେବ ନାହିଁ। ବୁଝିବାକୁ ହେବ ଯେ, ସୁଲଭ ଏବଂ ସ୍ୱଚ୍ଛ ଶକ୍ତି ହିଁ ୧୭ଟି ମିଳିତ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ମଧ୍ୟରୁ କେବଳ ଗୋଟିଏ। ଏହା ଜଳବାୟୁ ନକାରାତ୍ମକ ପ୍ରଭାବକୁ ଦୂର କରିବା ଲାଗି ଆବଶ୍ୟକ ପର୍ଯ୍ୟାପ୍ତ ସ୍ୱଚ୍ଛ ବା ସବୁଜ ଶକ୍ତି ବ୍ୟବହାର କରୁନାହିଁ। ଦକ୍ଷ ବା କମ୍ ଶକ୍ତିରେ ଅଧିକ କାର୍ଯ୍ୟ ହେଲା ଭଳି ପଦକ୍ଷେପଗୁଡ଼ିକର ମଧ୍ୟ ମୁଖ୍ୟ ଭୂମିକା ରହିଛି, ଯେଉଁଥିପାଇଁ ଆଇଆର୍‌ଏରେ ହାଇ ଏଫିସିଏନ୍ସି ଇଲେକ୍ଟ୍ରିକ୍ ହୋମ୍ ରିବେଟ ପ୍ରୋଗ୍ରାମ ସାମିଲ ହୋଇଛି। ବାହ୍ୟ ପରିବେଶରୁ ସୁରକ୍ଷା ଲାଗି ଉତ୍ତମ ଇନ୍‌ସୁଲେଟେଡ୍ ବିଲ୍ଡିଂ ଏବଂ ପ୍ରଭାବୀ ପରିବହନ ଅଙ୍ଗାରକାମ୍ଳ ନିର୍ଗମନକୁ ହ୍ରାସ କରିବାରେ ସହାୟକ ହେବ। ନିର୍ଗମନ ଶୂନ୍ୟ ସବୁଜ ଶକ୍ତି ଓ ବିଦ୍ୟୁତ୍ ନିର୍ଭରଶୀଳ ହେବା ପୂର୍ବରୁ ଏହା ହୋଇପାରିବ। ଅର୍ଥାତ୍ ଶକ୍ତି ଦକ୍ଷତା ହିଁ ଅଙ୍ଗାରକାମ୍ଳ ପ୍ରଦୂଷଣକୁ ହ୍ରାସ କରିବ।

ଦକ୍ଷତାର ଅର୍ଥ କମ୍‌ରେ କେମିତି ଅଧିକ କାର୍ଯ୍ୟ ହାସଲ କରିବା। ଏହା ମାନକ ମାକ୍ରୋଇକୋନୋମିକ ଅଭିବୃଦ୍ଧି ମଡେଲଗୁଡିକର ଏକ ପ୍ରମୁଖ ଉପାଦାନ। ଜୀବାଶ୍ମ ଇନ୍ଧନ ଉତ୍ତୋଳନ ଏବଂ ତାହାର ରପ୍ତାନି ଉପରେ ଅଧିକ ନିର୍ଭର କରୁଥିବା ଗ୍ଲୋବାଲ ସାଉଥ୍‌ରେ ବିକାଶଶୀଳ ଦେଶ ଏବଂ ଉନ୍ନତ ଅର୍ଥ ବ୍ୟବସ୍ଥା ଥିବା ନିର୍ଦ୍ଦିଷ୍ଟ ଅଞ୍ଚଳଗୁଡ଼ିକ ରହିଛି। ଯଦି ଅବଶିଷ୍ଟ ବିଶ୍ୱ ତା' ଶକ୍ତି କ୍ଷେତ୍ରକୁ ସ୍ୱଚ୍ଛ ଆଡ଼କୁ ମୁହାଁଇଦିଅନ୍ତି ତେବେ ଏହି ସବୁ ଦେଶର ତୈଳ କ୍ଷେତ୍ର ଏବଂ ଅର୍ଥ ବ୍ୟବସ୍ଥା ମାନ୍ଦା ପଡ଼ିଯିବ। ସେମାନେ ଗରିବ ହୋଇଯାଇପାରନ୍ତି କିମ୍ବା ସେଠାରେ ଅଧିକ ଅସ୍ଥିରତା ପ୍ରକାଶ ପାଇପାରେ। ଅର୍ଥନୀତିରେ ଅବନତି ହେବ ବୋଲି ଯେଉଁ ଯୁକ୍ତି କରାଯାଉଛି ତାହା ହେବ ନାହିଁ। ହଁ, କେତେକ କମ୍ପାନୀ ଏବଂ ବ୍ୟକ୍ତିବିଶେଷ ପୃଥିବୀର ଉତ୍ସଗୁଡିକର ଶୋଷଣ କରି, ନୀତି ନିର୍ଦ୍ଧାରକଙ୍କ ସହ ଲବିକରି ଏବଂ ସେମାନେ କରିଥିବା କ୍ଷୟକ୍ଷତିକୁ ଲୁଚାଇ ଅଧିକ ଲାଭବାନ୍ ହୋଇଛନ୍ତି। ସେଥିପାଇଁ ବହୁ ଉପାୟରେ ଅର୍ଥନୈତିକ ଅବକ୍ଷୟ ବିଚାର ସାମ୍ନାକୁ ଆସୁଛି। ମୁଁ ବିଶ୍ୱାସ କରେ ଆଗକୁ ଟ୍ରିଲିୟନ ଡଲାର ବ୍ୟବସାୟ ସୁଯୋଗର ଉତ୍ପାଦନକାରୀ ପଥ ଉପରେ ଆମକୁ ଧ୍ୟାନଦେବାକୁ ପଡ଼ିବ, ଯାହା ଦ୍ରୁତ କାର୍ବନ ନିର୍ଗମନ ହ୍ରାସ ଏବଂ ପରିବର୍ତ୍ତନର ଅନେକ ସକାରାତ୍ମକ କାହାଣୀ ପ୍ରତିପାଦିତ କରେ।

ପରିଶେଷରେ ଉଦ୍ୟୋଗଜଗତର' ଆମେ କରିପାରିବୁ' ଭଳି ଉନ୍ମୁକ୍ତ ବିଚାରଧାରା ଏବଂ ଏହାକୁ ଠିକ୍ ଦିଗରେ ପ୍ରୟୋଗ କରିବା; ସିଲିକନ୍ ଭ୍ୟାଲିର ମନ୍ତ୍ର 'ଏଥିପାଇଁ ଶୀଘ୍ର ଆଗକୁ ବଢ଼ ଓ ବାଧା ହଟାଅ' ଏବଂ 'ପ୍ରଥମେ କୌଣସି କ୍ଷତି କର ନାହିଁ' ଭଳି ଡାକ୍ତରଙ୍କ ଶପଥ ସବୁଜ ଅଭିବୃଦ୍ଧି ହାସଲ କରିବା ଲାଗି ଏକ ଉତ୍ତମ ସମନ୍ୱୟ ସୃଷ୍ଟି କରିଛି। ସିଲିକନ୍ ଭ୍ୟାଲି ଓ ଡାକ୍ତମାନେ ନିଜ ଦ୍ୱାରା ସୃଷ୍ଟ ପ୍ରଦୂଷଣ ପାଇଁ ଏକାଠି କ୍ଷତି ଭରଣା କରୁଛନ୍ତି। ଉଦ୍ୟୋଗୀ, ବ୍ୟବସାୟ ଦ୍ୱାରା କରାଯାଉଥିବା ଆର୍ଥିକ ଅଭିବୃଦ୍ଧି କଥା ଯାହା କୁହାଯାଉଛି ଓ ସରକାର ଯାହାକୁ ପୁନଃ ସ୍ଥାପନ ବା ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛନ୍ତି, ତା'ପରିବର୍ତ୍ତେ ପ୍ରଦୂଷଣକୁ ଅଭିବୃଦ୍ଧିରେ ପ୍ରକୃତ ବାଧକ ଭାବେ ବିବେଚନା କରାଯିବା ଉଚିତ।

**ଜଳବାୟୁ ଅର୍ଥନୀତିଜ୍ଞ, କଲମ୍ବିଆ ବିଜ୍‌ନେସ୍ ସ୍କୁଲ**

## ଏଇ ଭାରତରେ

ଏସିଡ୍ ଆକ୍ରମଣର ଶିକାର ହୋଇଥିବା ପୀଡ଼ିତାମାନଙ୍କ ଜୀବନ କେତେ ଯନ୍ତ୍ରଣାଦାୟକ ତାହା ସେମାନେ ହିଁ ଅଙ୍ଗେ ନିଭାଇଥାଆନ୍ତି। ଏଭଳି ପୀଡ଼ିତାଙ୍କ ପାଇଁ ଆଶାବାଡ଼ି ସାଜିଛନ୍ତି ଉତ୍ତରପ୍ରଦେଶର ଆଉ ଜଣେ ପୀଡ଼ିତା ଦେବାଂଶୀ ଯାଦବ। ୯ ବର୍ଷ ବୟସ ହୋଇଥିବାବେଳେ ତାଙ୍କ ମା'ଙ୍କ ଦେହାନ୍ତ ଘଟିଥିଲା। ୧୪ ବର୍ଷ ବୟସରେ ସେ ଏସିଡ୍ ଆକ୍ରମଣର ଶିକାର ହୋଇଥିଲେ। କେବଳ ଏତିକି ନୁହେଁ, ସେ ୧୮ ବର୍ଷରେ ବି ଯୌନ ନିର୍ଯାତନାର ଶିକାର ହୋଇଥିଲେ। ଏସବୁ ସତ୍ତ୍ୱେ ସମାଜର ପ୍ରତିଟି ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ଦେବାଂଶୀ ଏସିଡ୍ ଆକ୍ରମଣ ପୀଡ଼ିତାଙ୍କୁ ଉଦ୍ଧାର କରୁଛନ୍ତି ଓ ସେମାନଙ୍କୁ ମାଗଣାରେ ନ୍ୟାୟିକ ସହଯୋଗ ଯୋଗାଇ ଦେଉଛନ୍ତି। ପୀଡ଼ିତାଙ୍କ ସହ ଥାନାଠାରୁ ଆରମ୍ଭ କରି କୋର୍ଟ ଯାଏ ସବୁ ସ୍ଥାନକୁ ସେ ଯାଉଛନ୍ତି। ପୀଡ଼ିତାଙ୍କୁ ମଧ୍ୟ ମାଗଣାରେ କାଉନସେଲିଂ କରାଉଛନ୍ତି। ସେ ରାୟବରେଲିରେ ଶହୀଦ ରାମାଶ୍ରୟ ୱେଲଫେୟାର ସୋସାଇଟି ଗଠନ କରି ତା' ମାଧ୍ୟମରେ ଏହି କାର୍ଯ୍ୟ ସଞ୍ଚାଳନ କରୁଛନ୍ତି। ଏହି ସଂସ୍ଥା ସେ ତାଙ୍କ ପିତାଙ୍କ ନାମରେ ଗଢ଼ିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୬ ଅକ୍ଟୋବର ୧୯୯୮

- ଖ୍ୟାତନାମା ବୈଜ୍ଞାନିକ ଡଃ ଏ.ପି.ଜେ. ଅବଦୁଲ କଲାମ ଇନ୍ଦିରା ଗାନ୍ଧୀ ଜାତୀୟ ସଂହତି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ।
- ସ୍ୱିଜରଲାଣ୍ଡର ପୂର୍ବତନ ରାଷ୍ଟ୍ରପତି ଜନ୍ ପାସ୍କାର ଜେଲାମୁରାଜଙ୍କ ୬୨ ବର୍ଷ ବୟସରେ ପରଲୋକ।
- ବ୍ରାଜିଲ ରାଷ୍ଟ୍ରପତି ଫର୍ଣ୍ଣାଡୋ ହେନରିକ୍ କାର୍ଡୋସ ରାଷ୍ଟ୍ରପତି ପଦ ପାଇଁ ନିଆଯାଇଥିବା ଭୋଟରେ ସମୁଦାୟ ମତଦାନର ଶତକଡ଼ା ୫୦.୮୮ ଭାଗ ଭୋଟ ପାଇ ପୁନଃ ନିର୍ବାଚିତ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | 6 | | | | | 9 |
| | 1 | | | | | | | |
| 9 | | | | 2 | | 8 | 4 | |
| | | 4 | | | 2 | | 7 | |
| | | 6 | | | | | 5 | |
| | 7 | 3 | | | 9 | | | |
| | 2 | | 1 | | | 3 | 6 | |
| | | | | | 7 | 2 | | |
| 3 | | | | 5 | | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 3 | 7 | 1 | 4 | 9 | 8 | 6 | 5 |
| 8 | 9 | 4 | 2 | 6 | 5 | 7 | 3 | 1 |
| 1 | 6 | 5 | 3 | 7 | 8 | 2 | 9 | 4 |
| 9 | 1 | 2 | 6 | 3 | 7 | 4 | 5 | 8 |
| 7 | 8 | 3 | 9 | 5 | 4 | 6 | 1 | 2 |
| 5 | 4 | 6 | 8 | 2 | 1 | 3 | 7 | 9 |
| 4 | 2 | 9 | 7 | 1 | 6 | 5 | 8 | 3 |
| 3 | 7 | 1 | 5 | 8 | 2 | 9 | 4 | 6 |
| 6 | 5 | 8 | 4 | 9 | 3 | 1 | 2 | 7 |

ଗତକାଲିର ଉତ୍ତର

# କ୍ଷୁଦ୍ରତମ କଣିକା ପାଇଁ ନୋବେଲ



ଡ. ବିକାଶ କୁମାର ଜେନା

ଚଳିତ ବର୍ଷ ରସାୟନ ବିଜ୍ଞାନରେ ୩ଜଣ ପ୍ରସିଦ୍ଧ ବୈଜ୍ଞାନିକଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯାଇଛି। ମୌଙ୍ଗି ଜି. ବାୱେଣ୍ଡି, ଲୁଇସ୍ ଇ. ବ୍ରୁସ୍ ଏବଂ ଆଲେକ୍ସେଇ ଆଇ. ଏକିମୋଭ୍‌ଙ୍କୁ କ୍ଷୁଦ୍ରତମ କଣିକା, କ୍ୱାଣ୍ଟମ୍ ଡଟ୍ସ ଆବିଷ୍କାର ଏବଂ ବିକାଶ ପାଇଁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ସେମାନଙ୍କର ଏହି ଅପ୍ରତ୍ୟାଶିତ ଆବିଷ୍କାରଗୁଡିକ ବର୍ତ୍ତମାନ ମୋବାଇଲ ଫୋନ, କମ୍ପ୍ୟୁଟର ଟେଲିଭିଜନ ଏବଂ ଏଲ୍‌ଇଡି ଲ୍ୟାମ୍ପରୁ ଆଲୋକ ବିସ୍ତାର ସହିତ ରୋଗର ଚିକିତ୍ସା ଯାହାକି ଟ୍ୟୁମର ଟିସୁ ବାହାର କରିବା ସମୟରେ ଚିକିତ୍ସକମାନଙ୍କୁ ମାର୍ଗଦର୍ଶନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରିଛି। ପ୍ରଫେସର ମୌଙ୍ଗି ଜି. ବାୱେଣ୍ଡି ୧୯୬୧ ମସିହାରେ ଫ୍ରାନ୍ସର ପ୍ୟାରିସରେ ଜନ୍ମଗ୍ରହଣ କରିଥିଲେ। ବର୍ତ୍ତମାନ ସେ ଆମେରିକାର ମାସାଚୁସେଟ୍ସ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି(ଏମ୍‌ଆଇଟି)ରେ ପ୍ରାଧ୍ୟାପକ ଭାବେ କାର୍ଯ୍ୟ ନିର୍ବାହ କରୁଛନ୍ତି। ପ୍ରଫେସର ଲୁଇସ୍ ଇ. ବ୍ରୁସ୍ ୧୯୪୩ ମସିହାରେ ଆମେରିକାର କ୍ଲିଭଲାଣ୍ଡରେ ଜନ୍ମଗ୍ରହଣ କରିଥିଲେ। ସେ ଆମେରିକାର କଲମ୍ବିଆ ୟୁନିଭର୍ସିଟିରେ ପ୍ରାଧ୍ୟାପକ ଭାବେ କାର୍ଯ୍ୟରତ ଥିଲେ। ପ୍ରଫେସର ଆଲେକ୍ସେଇ ଆଇ. ଏକିମୋଭ୍, ୧୯୪୫ ମସିହାରେ ପୂର୍ବତନ ୟୁଏସ୍‌ଏସ୍ (ରୁଷିଆ)ରେ ଜନ୍ମଗ୍ରହଣ କରିଥିଲେ। ଆମେରିକାର ନ୍ୟୁୟର୍କସ୍ଥିତ ନାନୋକ୍ରିଷ୍ଟାଲ୍ସ ଟେକ୍ନୋଲୋଜି ଇନ୍‌କର୍ପୋରେଟେଡ୍‌ର ମୁଖ୍ୟ ବୈଜ୍ଞାନିକ ଥିଲେ।

ରଙ୍ଗିନ୍ କାଚ ସର୍ବପୁରାତନ ପ୍ରତ୍ନତାତ୍ତ୍ୱିକ ଆବିଷ୍କାର ଏବଂ ଅନେକ ହଜାର ବର୍ଷ ପୂର୍ବର ଉତ୍ପତ୍ତି। ଇନ୍ଦ୍ରଧନୁ ପରି ସବୁ ରଙ୍ଗର କାଚ କିପରି ଉତ୍ପାଦନ କରାଯାଇପାରିବ ସେ ନେଇ ବିଭିନ୍ନ ଉପାୟ ପରୀକ୍ଷଣ କରାଯାଇଛି। ରୁପା, ସୁନା ଓ କ୍ୟାଡମିୟମ ଭଳି ପଦାର୍ଥ ମିଶାଇ ବିଭିନ୍ନ ତାପମାତ୍ରାରେ କାଚକୁ ଗରମ କରି ସୁନ୍ଦର ରଙ୍ଗ ପ୍ରସ୍ତୁତ କରାଯାଇଥିଲା। ଊନବିଂଶ ଓ ବିଂଶ ଶତାବ୍ଦୀରେ ଯେତେବେଳେ ପଦାର୍ଥ ବିଜ୍ଞାନୀମାନେ ଆଲୋକର ଗୁଣ ବିଷୟରେ ଅନୁସନ୍ଧାନ କରିବା ଆରମ୍ଭ କଲେ, ରଙ୍ଗିନ୍ କାଚର ଗୁଣର ଉତ୍ପତ୍ତି ଉପରେ ଗବେଷଣା କରିଥିଲେ। ସେମାନେ ଗୋଟିଏ କଥା ଜାଣିବାକୁ ପାଇଲେ ଯେ ଗୋଟିଏ ପଦାର୍ଥ ସମ୍ପୂର୍ଣ୍ଣ ଭାବେ ଭିନ୍ନ ଭିନ୍ନ ରଙ୍ଗ ସୃଷ୍ଟି କରିପାରେ। ଉଦାହରଣ ସ୍ୱରୂପ କ୍ୟାଡମିୟମ ସେଲେନାଇଡ ଏବଂ କ୍ୟାଡମିୟମ ସଲ୍‌ଫାଇଡ ଇତ୍ୟାଦି ପଦାର୍ଥର ମିଶ୍ରଣ କାଚକୁ ହଳଦିଆ କିମ୍ବା ଲାଲ କରିପାରେ – ଯାହା କାଚକୁ କେତେ ଗରମ କରାଗଲା ଏବଂ ଏହାକୁ କିପରି ଥଣ୍ଡା କରାଗଲା ତାହା ଉପରେ ନିର୍ଭର କରେ। ଶେଷରେ ସେମାନେ ଏହା ମଧ୍ୟ ଦର୍ଶାଇବାରେ ସକ୍ଷମ ହୋଇଥିଲେ ଯେ ରଙ୍ଗଗୁଡିକ କାଚ ଭିତରେ ସୃଷ୍ଟି ହୋଇଥିବା କ୍ଷୁଦ୍ରତମ କଣିକାରୁ ଆସିଛି ଏବଂ ରଙ୍ଗ, କଣିକାର ଆକାର ଉପରେ ନିର୍ଭର କରେ। ଏହି କ୍ଷୁଦ୍ରତମ କଣିକାରେ ଅନେକ ଆକର୍ଷଣୀୟ ଏବଂ ଅସ୍ୱାଭାବିକ ଗୁଣ ରହିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସେମାନଙ୍କର ଆକାର ଅନୁଯାୟୀ ଭିନ୍ନ ଭିନ୍ନ ରଙ୍ଗ ଥାଏ। କିନ୍ତୁ ସେହି ସମୟରେ ସମାନ ଆକୃତିର କ୍ଷୁଦ୍ରତମ କଣିକା ତିଆରି କରିବା ପ୍ରାୟ ଅସମ୍ଭବ ଥିଲା। ତେଣୁ ଏହି ଜ୍ଞାନକୁ ବ୍ୟବହାରିକ ଉପଯୋଗ କରାଯିବ ବୋଲି ଖୁବ୍ କମ୍ ଲୋକ ବିଶ୍ୱାସ କରୁଥିଲେ।



ଅତି ଆଶ୍ଚର୍ଯ୍ୟର କଥା ୧୯୮୦ ଦଶକର ପ୍ରାରମ୍ଭରେ ଆଲେକ୍ସେଇ ଆଇ. ଏକିମୋଭ୍ ରଙ୍ଗିନ୍ କାଚରେ ଆକାର ନିର୍ଭରଶୀଳ କ୍ଷୁଦ୍ରତମ କଣିକା (କ୍ୱାଣ୍ଟମ୍ ଡଟ୍ସ ) ସୃଷ୍ଟି କରିବାରେ ସଫଳ ହୋଇଥିଲେ। ଏହି ରଙ୍ଗ କପର୍(ତମ୍ବା) କ୍ଲୋରାଇଡର କ୍ଷୁଦ୍ରତମ କଣିକାରୁ ଆସିଥିଲା ବୋଲି ପରୀକ୍ଷା ମାଧ୍ୟମରେ ଦର୍ଶାଇଥିଲେ ଏବଂ ଏହି କଣିକାଗୁଡିକର ଆକାରକୁ ପରିବର୍ତ୍ତନକରି କାଚର ରଙ୍ଗକୁ ପ୍ରଭାବିତ କରିହେବ।

କିଛି ବର୍ଷ ପରେ, ଲୁଇ ବ୍ରୁସ୍ ପୃଥିବୀର ପ୍ରଥମ ବୈଜ୍ଞାନିକ ଯିଏ ଏକ ତରଳ ପଦାର୍ଥରେ ମୁକ୍ତ ଭାବରେ ଭାସୁଥିବା ଏହି କ୍ଷୁଦ୍ରତମ କଣିକାରେ (କ୍ୱାଣ୍ଟମ୍ ଡଟ୍ସ) ନିଜର ଆକାର ଅନୁଯାୟୀ ଭିନ୍ନ ଭିନ୍ନ ରଙ୍ଗ ସୃଷ୍ଟି କରିପାରିବାରେ କ୍ଷମତା ଯାହା ସେ ପରୀକ୍ଷା ମାଧ୍ୟମରେ ପ୍ରମାଣିତ କରିଥିଲେ। ସେ ଆଲେକ୍ସେଇ ଆଇ. ଏକିମୋଭ୍‌ଙ୍କ ପରି କଠିନ ପଦାର୍ଥ, କାଚରେ କ୍ଷୁଦ୍ରତମ କଣିକାର ପ୍ରଭାବକୁ ତରଳ ପଦାର୍ଥରେ ସହଜ ଭାବେ ଉପସ୍ଥାପନ କରିପାରିଥିଲେ।

କେବଳ ଗୋଟିଏ ସମସ୍ୟା ଥିଲା। ସେ ଯେଉଁ ଉପାୟରେ କ୍ଷୁଦ୍ରତମ କଣିକାଗୁଡିକ ପ୍ରସ୍ତୁତ କରିଥିଲେ, ସେଥିରେ ବିଭିନ୍ନ ଆକାରର କଣିକା ସୃଷ୍ଟି ହେଉଥିଲା। ଏକା ପ୍ରକାରର କଣିକାଗୁଡିକ କିପରି ଗଠିତ ହୋଇପାରିବ ତାହା ନିୟନ୍ତ୍ରଣ କରିବା ସମ୍ଭବ ନ ଥିଲା। ଏହା ଏକ କଷ୍ଟକର ପ୍ରକ୍ରିୟା ଥିଲା, ଯାହା ବିକାଶରେ ବାଧା ସୃଷ୍ଟି କରିଥିଲା।

୧୯୯୩ ମସିହାରେ, ମୌଙ୍ଗି ଜି. ବାୱେଣ୍ଡି ଏହି କ୍ଷୁଦ୍ରତମ କଣିକାଗୁଡିକୁ (କ୍ୱାଣ୍ଟମ୍ ଡଟ୍ସ) ରାସାୟନିକ ଉପାୟରେ ଉତ୍ପାଦନରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ, ଯାହାଫଳରେ ପ୍ରାୟ ଏକା ପ୍ରକାରର କଣିକା ସୃଷ୍ଟି ହୋଇଥିଲା। ଏହି ଉଚ୍ଚ ଗୁଣବତ୍ତା ପ୍ରସ୍ତୁତ ପ୍ରଣାଳୀ ସେମାନଙ୍କୁ ପ୍ରୟୋଗ କରିବା ପାଇଁ ନୂତନ ଦିଶା ଦେଲା।

ମୌଙ୍ଗି ଜି. ବାୱେଣ୍ଡି, ଲୁଇସ୍ ଇ. ବ୍ରୁସ୍ ଏବଂ ଆଲେକ୍ସେଇ ଆଇ. ଏକିମୋଭ୍‌ଙ୍କ ସଫଳତା ଏବଂ କ୍ଷୁଦ୍ରତମ କଣିକା, କ୍ୱାଣ୍ଟମ୍ ଡଟ୍ସ ଆବିଷ୍କାର ଏବଂ ବିକାଶ ଆମ ସମାଜ ଉପରେ ବହୁତ ପ୍ରଭାବ ପକାଇଛି। ଏହି କ୍ଷୁଦ୍ରତମ କଣିକାଗୁଡିକର ସାମର୍ଥ୍ୟ ଏବଂ ବ୍ୟବହାରରେ ଅନୁସନ୍ଧାନ କରିବା ପାଇଁ ନୂତନ ଦିଗ ପ୍ରଦାନ କରିଛି। ସେମାନଙ୍କର ଏହି ଆବିଷ୍କାର ଅତ୍ୟନ୍ତ ପ୍ରେରଣାଦାୟକ। ଏହା କମ୍ପ୍ୟୁଟର ଏବଂ ଟେଲିଭିଜନ ସ୍କ୍ରିନ୍‌ରେ, କ୍ଷୁଦ୍ର ସେନ୍ସର, ସୌର ଶକ୍ତି ଉତ୍ପାଦନ, ଏଲ୍‌ଇଡି ଲ୍ୟାମ୍ପ ଇତ୍ୟାଦିରେ ବହୁଳ ବ୍ୟବହାର ହୋଇଛି। ଏହା ବ୍ୟତୀତ ବାୟୋକେମିଷ୍ଟ ଏବଂ ଡାକ୍ତରମାନେ ରୋଗର ଚିକିତ୍ସା ଯାହାକି ଟ୍ୟୁମର ଟିସୁ ବାହାର କରିବା ସମୟରେ ଏହାକୁ ବ୍ୟବହାର କରନ୍ତି। ସେମାନଙ୍କର ଉଲ୍ଲେଖନୀୟ ସଫଳତା ମାନବ ଜାତି ପାଇଁ ସବୁଠାରୁ ଫଳପ୍ରଦ ହୋଇପାରିଛି।

**ବରିଷ୍ଠ ପ୍ରଧାନ ବୈଜ୍ଞାନିକ**
**ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି, ଭୁବନେଶ୍ୱର**
ମୋ: ୯୪୩୮୪୧୬୦୦୮

# ଯକୃତ୍‌ର କଥା ଓ ଓଡ଼ିଶାରେ ଗବେଷଣା



ସ୍ୱପ୍ନା ସିଂହ

ଜୀବଜଗତରେ କେବଳ ମେରୁଦଣ୍ଡୀ ପ୍ରାଣୀଙ୍କର ଯକୃତ୍ ଥାଏ। ଏହା ଶରୀର ମଧ୍ୟକୁ ପ୍ରବେଶ କରୁଥିବା ବିଭିନ୍ନ ଉପାଦାନ ଯଥା ପ୍ରୋଟିନ୍, ବାୟୋକେମ୍, ଷ୍ଟେରଏଡ୍, ତେଲ, ଚର୍ବି, ଔଷଧ, ହରମୋନ ପ୍ରଭୃତିକୁ ବିଷମୁକ୍ତ କରି ଉପଯୋଗୀ କରେ। ଏହା ଉର୍ଜା ଉତ୍ପାଦନ, ଶାରୀରିକ ପରିବୃଦ୍ଧି, ଝାଳ ଓ ରକ୍ତଚାପ ନିୟନ୍ତ୍ରଣ କରେ ଏବଂ କୁଫର୍ ସେଲ୍ ଜରିଆରେ ଜୀବାଣୁ–ଭୂତାଣୁକୁ ମାରି ତହିଁରୁ ନିର୍ଗତ ବିଷଗୁଡ଼ିକୁ ନିଷ୍କ୍ରିୟ କରେ। ଦୈନିକ ୨୪ ଘଣ୍ଟା ମଧ୍ୟରେ ୫୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ କାର୍ଯ୍ୟ କରେ। ଯକୃତ୍‌ର ଓସାର ୬ ଇଞ୍ଚ ଓ ଲମ୍ବା ୧୦ଇଞ୍ଚ (ନାରୀ ଯକୃତ୍ ସାମାନ୍ୟ ବଡ଼)। ଯକୃତ୍‌ର ମୁଖ୍ୟ ୨ ଖଣ୍ଡ, ୪ ଉପଖଣ୍ଡ ଓ କ୍ରିୟାଜନିତ ୮ଟି ଉପଖଣ୍ଡ ଥାଏ। ଗୋଟିଏ ଉପଖଣ୍ଡରେ ୩୦–୫୦ ଲକ୍ଷ ହେପାଟୋସାଇଟ୍ ରହିଥାନ୍ତି, ଯାହାକି ଯକୃତ୍‌ର ପ୍ରଧାନ କୋଷ ଏବଂ ଏହାର ୮୦ ପ୍ରତିଶତ ଅଂଶ ଦଖଲ କରିଥାଏ। ହେପାଟୋସାଇଟ୍ ଲାଲ– ନୀଳ ମିଶ୍ରିତ ମାଜେଣ୍ଟା ରଙ୍ଗ, ନିଦା, ୨୦–୩୦ ମାଇକ୍ରୋମିଟର ପରିଧି, ୩.୪ ନାନୋମିଟର ଆୟତନ। ଯକୃତ୍‌ର ଆଭ୍ୟନ୍ତରୀଣ ରକ୍ତଚାପ ମାତ୍ର ୫ ହେକ୍ଟା–ପାସ୍କାଲ୍‌ସ (ପରିବେଶଠାରୁ ୧୮ ଗୁଣ କମ୍)। ଆଘାତ ଘଟିଲେ ହେପାଟୋସାଇଟ୍ ନିଜ ବଂଶ ଦ୍ରୁତ ଗତିରେ (୯୦%) ପୁନଃ ସୃଷ୍ଟି କରିପାରେ! ମାତୃଗର୍ଭରେ ଅଷ୍ଟମ ସପ୍ତାହରେ ଯକୃତ୍‌ର ସୃଷ୍ଟି ହୁଏ। ୫–୧୦ ବର୍ଷ ମଧ୍ୟରେ ପୂର୍ଣ୍ଣ ବିନ୍ୟାସ ଘଟେ। ଏଣୁ ବାଲ୍ୟ ଅବସ୍ଥାରେ ବାତ–ପିତ୍ତ–କଫ ବ୍ୟାଧି ଲିକ୍ୱିଡ କ୍ୟାନ୍‌ସର କିମ୍ବା ପ୍ଳୀହା ବ୍ୟାଧିରେ ପରିଣତ ହୋଇଥାଏ; କ୍ଷଣକରେ ସାଂଘାତିକ ରୂପ ନିଏ। କୈଶୋର–ପ୍ରୌଢ଼ ବୟସରେ କେମୋଥେରାପି ଯକୃତ୍‌କୁ ମାନ୍ଦା କରିଦିଏ। ଫଳତଃ ଅସ୍ଥିମଜ୍ଜା ରକ୍ତ ସୃଷ୍ଟିକୁ ଧିମା କରେ। ତେଣୁ ଚିକିତ୍ସା, ଡ୍ରଗ୍–ଡୋଜ୍ ରେସ୍ପନ୍ସରେ ଗୋଳଯୋଗ ଏବଂ ପ୍ରୋଗ୍ନୋସିସ୍‌ରେ ଲକ୍ଷ୍ୟଭଙ୍ଗ ଘଟେ। ଆଲ୍‌ବୁମିନ୍‌ର ଅଭାବ ହେତୁ ନାହିଁ ନ ଥିବା ଅସୁସ୍ଥତା ଘଟେ। ହେପାଟୋସାଇଟ୍ କୋଷର ପ୍ରମୁଖ କାର୍ଯ୍ୟ ଆଲ୍‌ବୁମିନ୍ ସୃଷ୍ଟି, ଯାହା ୧୭୦୦ ମାଇକ୍ରୋମିଟର ଲମ୍ବା। ୪୦% ହେପାଟୋସାଇଟ୍ କୋଷ ଆଲ୍‌ବୁମିନ୍ ସୃଷ୍ଟି କରୁଥିବା ବେଳେ ୬୦% ଆରାମରେ ରହିଥାନ୍ତି। ପୂର୍ଣ୍ଣାଙ୍ଗ ଆଲ୍‌ବୁମିନ୍ ହିଟ୍ ଷ୍ଟେବଲ୍, ୩ ଶୃଙ୍ଖଳବିଶିଷ୍ଟ, ୬୭,୦୦୦ ଡାଲ୍ଟନ, ୧.୨୬ ମାଇକ୍ରୋଗ୍ରାମ୍ ଓଜନ, ୫୮୫ ଆମିନୋଏସିଡ୍ ଓ ୧୭ଟି ଡାଇସଲଫାଇଡ୍ ବ୍ରିଜ୍, ମନୋମେରିକ୍, ଗୋଲାକାର, ହାଲୁକା କେଶର ରଙ୍ଗ ଓ ବାସ, ତୀବ୍ର–ତିକ୍ତ ସ୍ୱାଦଯୁକ୍ତ ପ୍ରୋଟିନ। ଆଲ୍‌ବୁମିନ୍ ଅସାଧାରଣ କ୍ଷମତାଶୀଳ। ଏହା ରକ୍ତନାଳୀରେ ସବୁଠି ସବୁକିଛି ବୋହିଥାଏ। ଏହା ଅନୁପମ ମାଲଗାଡ଼ି ପରି।

ରକ୍ତ, ପିତ୍ତ ଓ କଫ ନାଳୀର ଲିକେଜ୍‌କୁ ଏହା ରୋକିଥାଏ ଏବଂ ପ୍ଲାଟିଲେଟ୍‌କୁ ଲିକେଜ ସ୍ଥାନରେ ପହଞ୍ଚାଇଦିଏ। ଆଲ୍‌ବୁମିନ୍ କ୍ଷୟ ପରିସ୍ରାରେ ଫେଣ ରୂପ ନିଏ। ହେପାଟୋସାଇଟ୍‌ର ରୋଗ ବିରଳ। କିନ୍ତୁ ଆମର ଜୀବନଶୈଳୀ ଓ ଯାବତୀୟ ବିଷର ପ୍ରଭାବ ଯୋଗୁ ହେପାଟୋସାଇଟ୍ ବା ଯକୃତ୍‌ରେ ରୋଗ ହୋଇଥାଏ। ବୃଦ୍ଧ ଅବସ୍ଥାରେ ଯକୃତ୍ ଦୈନିକ ୩୦୦ କ୍ରିୟା ବି କରିପାରେ ନାହିଁ। ତେଣୁ ବିଶ୍ରାମ ଚାହେଁ କାୟା। ବିଧିର ବିଧାନ। ନିରୁପାୟ। ଯକୃତ୍‌ର କଥା କହିଲେ ନ ସରେ। କେବଳ ଆୟୁର୍ବେଦରେ ଯକୃତ୍‌ର ଗୁଣଗାନ ସହିତ ବହୁ କାଳଜୟୀ ନିରୋଧକ ଓ ଚିକିତ୍ସା ସୂତ୍ର ଦିଆଯାଇଛି। ୧୮୦୦ ଖ୍ରୀଷ୍ଟାବ୍ଦରେ ଆୟୁର୍ବେଦ ମହାପଣ୍ଡିତ ପଞ୍ଚୁ ଦାସ ତାଙ୍କର ତାଳପତ୍ର ପାଣ୍ଡୁଲିପି ନେଇ ଖୋର୍ଦ୍ଧା ରାଜାଙ୍କ ଦରବାରରେ ଆର୍ଥିକ ଅନୁଦାନ ପାଇଁ ନିବେଦନ କରିଥିଲେ। ରାଜାଙ୍କ ନକାରାତ୍ମକ ନିଷ୍ପତ୍ତିରେ ଦୁଃଖୀ ହୋଇ ଫେରିଥିଲେ ତତ୍କାଳୀନ କାଲ୍‌କାଟା ପ୍ରେସିଡେନ୍ସି ଅଧୀନ ଆଜିକାର ବାଲେଶ୍ୱର ଜିଲା ନିଜ ପଲ୍ଲୀ ଗାଁକୁ। ମନର ବ୍ୟଥାକୁ ଶେଷପତ୍ରରେ ବ୍ୟକ୍ତକରି ଲେଖିଥିଲେ 'ହେଟାମୁଣ୍ଡିଆ ରାଜା'। ତାଙ୍କର ବଂଶଜ କହଁରପୁର ଗ୍ରାମ, ଇଞ୍ଚୁଡ଼ି, ବାଲେଶ୍ୱର–ନିବାସୀ ପଣ୍ଡିତ ରମାନାଥ ପଣ୍ଡା ସେହି ପୋଥିଟିକୁ ୧୯୯୧ରେ ଭୁବନେଶ୍ୱର ନିବାସୀ ମେଡିସନାଲ ଟକ୍ସିକୋଲୋଜିଷ୍ଟ ଓ ଡ୍ରଗ୍ ଡିସ୍‌କଭର୍‌ର ଡ. ଦୀପକ ଭଟ୍ଟାଚାର୍ଯ୍ୟଙ୍କୁ ଦେଇଥିଲେ। ୩ ଦଶନ୍ଧି ଧରି ବିବିଧ ଭାବେ ଯୁଗ୍ମପାଠ ଚାଲିଲା ପରେ ତହିଁରୁ ବେଶ୍ କିଛି ସୂତ୍ର ଆଧୁନିକ ପ୍ରଣାଳୀରେ ଗବେଷଣା କରି ଯକୃତ୍ ଫେଲ୍ ଓ ଜଳଉଦରି (ଏସାଇଟିସ୍) ବ୍ୟାଧିର ଉପଶମ ଲାଗି ଜନସେବାରେ ବ୍ୟବହାର ଚାଲିଛି। ଏହି ଉଦ୍ୟମର ନାମ 'ଓଡ଼ିଶା ଲିଭର ଆଣ୍ଡ ଅସାଇଟିସ୍ ରିସର୍ଚ୍ଚ ଆଟେମ୍ପ୍‌ଟ' ବା ଓଲିଆରା। ଯାହା କି ଗନ୍ଧମାର୍ଦ୍ଦନରୁ ଅଣାଯାଇଥିବା ୧୨ଟି ଗୁଳ୍ମରେ ପ୍ରସ୍ତୁତ ହୋଇଛି।

ମୋ: ୯୨୩୭୪୭୪୮୬୨

## ଚିରନ୍ତନୀ

"ହାତେ ତବ ନାହିଁ ବନ୍ଧୁ!
ପାରିବାକୁ ବୁଝି ଏଥି ତିଳେ
"କିଏ ସ୍ୱପ୍ନ ଜାଗରଣ
ସତ୍ୟ ମିଥ୍ୟା ଏ ଧରଣୀ–ନୀଡ଼େ।
–(ମହାଦୀପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଗରିବଙ୍କୁ ଋଣ ପ୍ରଦାନରେ ଉପେକ୍ଷା

ମହାଶୟ,

ବର୍ତ୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସମୂହ ଦାରିଦ୍ର୍ୟ ଦୂରୀକରଣ, ଆତ୍ମନିଯୁକ୍ତି ଓ ସ୍ୱରୋଜଗାର, ବୃତ୍ତିଗତ ଓ ବୈଷୟିକ ଉଚ୍ଚ ଶିକ୍ଷା ଗ୍ରହଣ, କୃଷି ଓ ଗୋପାଳନ ଇତ୍ୟାଦି ନିମନ୍ତେ ଅନେକ ପ୍ରକାରର ସବ୍‌ସିଡି ଯୁକ୍ତ ଋଣ ସ୍କିମ ପ୍ରବର୍ତ୍ତନ କରି ଦେଶର ଜାତୀୟକରଣ ବ୍ୟାଙ୍କଗୁଡ଼ିକ ଜରିଆରେ କାର୍ଯ୍ୟକାରୀ କରାଉଛନ୍ତି। ହେଲେ ବ୍ୟାଙ୍କ ଅଫ୍ ଇଣ୍ଡିଆ, ୟୁକୋ ବ୍ୟାଙ୍କ, ଏସ୍‌ବିଆଇ ଓ ଅନ୍ୟ ବ୍ୟାଙ୍କଗୁଡିକର ଶାଖା ପରିଚାଳକମାନେ ଉଚ୍ଚ ଶିକ୍ଷିତ ବେକାର, ଛାତ୍ରୀଛାତ୍ର, କୃଷକ ଓ କୃଷି ଶ୍ରମିକ, ରାଜମିସ୍ତ୍ରୀ ଓ ନିର୍ମାଣ ଶ୍ରମିକ ପ୍ରମୁଖଙ୍କୁ ସରକାରଙ୍କ ପ୍ରବର୍ତ୍ତିତ ଋଣ ଯୋଜନାରେ ଋଣ ଦେବାରେ ଅବହେଳା କରୁଛନ୍ତି। ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବାର୍ଷିକ ବଜେଟରେ ବ୍ୟବସ୍ଥିତ ଲକ୍ଷ ଲକ୍ଷ କୋଟି ଟଙ୍କାର ସବ୍‌ସିଡି ଅର୍ଥ ହିତାଧିକାରୀଙ୍କ ପାଖକୁ ନଯାଇ ପଡିରହୁଛି। ଦେଶରୁ ଦାରିଦ୍ର୍ୟ ଦୂରୀକରଣ ହେଉନାହିଁ କି ଶିକ୍ଷିତ ବେକାରମାନେ ସ୍ୱରୋଜଗାରୀ ହୋଇପାରୁନାହାନ୍ତି। ଗରିବ ଜନସାଧାରଣଙ୍କ ପିଲା ବୈଷୟିକ ଓ ବୃତ୍ତିଗତ ଉଚ୍ଚ ଶିକ୍ଷା ଗ୍ରହଣ କରିପାରୁନାହାନ୍ତି। ଏମାନଙ୍କୁ ୧/୨ ଲକ୍ଷ ଟଙ୍କାର ଋଣ ବି ଦିଆଯାଉନାହିଁ। ଗରିବ ଲୋକେ ଏସବୁ ବ୍ୟାଙ୍କକୁ ଦୌଡି ଦୌଡି ଲାଞ୍ଛିତ ଓ ଉପେକ୍ଷିତ ହୋଇ ଫେରୁଛନ୍ତି। ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଆକାରରେ ଜଣାଇଲେ ମଧ୍ୟ ସେମାନେ କିଛି ବୁଝୁନାହାନ୍ତି। ଗରିବଙ୍କୁ ଋଣ ଦେଉ ନ ଥିବା ବ୍ୟାଙ୍କ ମ୍ୟାନେଜରମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

**–ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଦୁର୍ଗାପୂଜା ମଣ୍ଡପ ପାଇଁ ଜମିଦିଅ

ବେଲପଡା,(ମନୋଜ କୁମାର ମିଶ୍ର): ବେଲପଡା ସହରର ମୁଖ୍ୟରାସ୍ତା ଉପରେ ଦୀର୍ଘବର୍ଷ ହେଲା ମା' ଦୁର୍ଗାଙ୍କ ପୂଜା ମଣ୍ଡପ ରହିଛି। ସେଠାରେ ପ୍ରତିବର୍ଷ ଦୁର୍ଗାପୂଜା ପାଳନ କରାଯାଇଥାଏ। ମଣ୍ଡପ ନିକଟ ଜମି ସଂକୀର୍ଣ୍ଣ ଥିବାରୁ ଅସୁବିଧା ହୋଇଥାଏ। ଏଣୁ ଦୁର୍ଗା ମଣ୍ଡପ ନିର୍ମାଣ ନିମନ୍ତେ ଜମି ଦେବା ପାଇଁ ପୂଜା କମିଟି ସ୍ଥାନୀୟ ତହସିଲଦାର ପ୍ରଶାନ୍ତି ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଛି। ଦାବିପତ୍ର ବେଳେ ପୂଜା କମିଟି ସଭାପତି ମଧୁସୂଦନ ଦାସ, ଆନନ୍ଦ ମେହେର, ଲକ୍ଷ୍ମଣ ମେହେର, ବିଜୟ କୁମାର ମେହେର, ସମୀର ପଣ୍ଡା, ଜିତୁ ଭାଇ ନାଏକ, ଚତ୍ରୁ ବୁଡେକ, ବୀରେନ୍ଦ୍ର ମିଶ୍ର, ସହଦେବ ମେହେର ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନ୍ୟାୟ ପାଇଁ ପୀଡ଼ିତା ଏସ୍‌ପିଙ୍କ ଦ୍ୱାରସ୍ଥ

**ପୂର୍ବରୁ ଗିରଫ ହୋଇ ଜାମିନରେ ଅଛନ୍ତି ଅଭିଯୁକ୍ତ**

ବଲାଙ୍ଗୀର,୫।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ବେଲପଡା ଥାନା ବିଛୁବାହାଲି ଗ୍ରାମର ଜଣେ ଯୁବତୀ ଗୁରୁବାର ଏସ୍‌ପି ଅଫିସ ଆସି ସେହି ଗାଁର ଜଣେ ଯବାନଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ସେଦର୍ଶାଇଛନ୍ତି ଯେ, ଗ୍ରାମର ଜଣେ ସିଆଇଏସ୍‌ଏଫ୍ ଯବାନ ତାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ସେ ବିବାହ ନକରି ପ୍ରତାରଣା କରିଥିଲେ। ଏନେଇ ବେଲପଡା ଥାନାରେ ପୂର୍ବରୁ ଅଭିଯୋଗ କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଯବାନଙ୍କୁ ଗିରଫ ମଧ୍ୟ କରାଯାଇଥିଲା। ପରେ ସେ ଜାମିନ୍‌ରେ ଜେଲରୁ ବାହାରିଥିଲେ। ଯୁବତୀ ଜଣକ ଏସ୍‌ପି ଅଫିସକୁ ଆସି କହିଛନ୍ତି ଯେ, ସମ୍ପୃକ୍ତ ଯବାନ ଇତିମଧ୍ୟରେ ଅନ୍ୟ ଜଣଙ୍କୁ ବିବାହ କରିଛନ୍ତି। ତେବେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖି ତାଙ୍କ ଜୀବନ ନଷ୍ଟ କରିଥିବାରୁ ତାଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଏସପିଙ୍କୁ ଲିଖିତ ଜଣାଇଛନ୍ତି।

### କଳାକାର ପ୍ରଶିକ୍ଷଣ ଶିବିର

ଦେଓଗାଁ ୫।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସଭାକକ୍ଷରେ ଦୁଇଦିନିଆ କଳାକାର ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଛି । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସିଦ୍ଧାର୍ଥ ସେଠଙ୍କ ସଂଯୋଜନା ଓ ପ୍ରଦୀପ ଛତ୍ରିଆଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରକୁ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ବିଡିଓ ସୁରେନ୍ଦ୍ର କୁମାର ମେହେର, ଏବିଡିଓ ପୁଷ୍ପାଞ୍ଜଳି ନାଏକ, ସିଡିପିଓ ସୁକାନ୍ତି ବେହେରା, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସ୍ନେହଲତା ସାହୁ, ଏବିଇଓ ଅଜିତ କୁମାର ମିଶ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଚିତ୍ତରଞ୍ଜନ ମିଶ୍ର ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ । ଶିବିରର ପ୍ରଥମ ଦିବସରେ ମଧୁବାବୁ ପେନସନ, ବିଜୁ ସ୍ୱାସ୍ଥ୍ୟ ଯୋଜନା, ମିଶନ ଶକ୍ତି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଫସଲ ବୀମା ଯୋଜନା, ୫ଟି ଯୋଜନାରେ ହାଇସ୍କୁଲ ରୂପାନ୍ତରୀକରଣ ଆଦି କାର୍ଯ୍ୟକ୍ରମକୁ କୀର୍ତ୍ତନ, ପାଲା, ସଂପ୍ରଦା, ବାହାଗ, ସଞ୍ଚାର ମାଧ୍ୟମରେ କଳାକାରମାନେ ଗାଁକୁ ଯାଇ ଲୋକଙ୍କୁ ସଚେତନ କରିବା ପାଇଁ ତାଲିମ ପ୍ରଦାନ କରାଯାଇଥିଲା। ଏହିଦିନ ବ୍ଲକର ୪୮ଟିଦଳ ଉପସ୍ଥିତ ଥିଲେ। କନିଷ୍ଠ ସହାୟକ ସୁଶାନ୍ତ ବାଗ, କାର୍ଯ୍ୟକ୍ରମ ସହାୟକ ଦିଗାମ୍ବର ନାଏକ ପ୍ରମୁଖ ସହଯୋଗ କରିଥିଲେ।

# 'କୋଭିଡ୍ ପରୀକ୍ଷାରେ ପାତରଅନ୍ତର କରାଯାଇଛି'

**ସୂଚନା ଅଧିକାରରୁ ମିଳିଲା ସାଂଘାତିକ ତଥ୍ୟ**



ବଲାଙ୍ଗୀର,୫।୧୦(ବୀରେନ୍ଦ୍ର କୁମାର ଝାଙ୍କର)

କରୋନା ପ୍ରଥମ ଲହର ସମୟରେ କୋଭିଡ୍ ଟେଷ୍ଟ ପାଇଁ ରାଜ୍ୟବ୍ୟାପୀ ସାଧାରଣ ଜନତା ନୟାନ୍ତ ହୋଇ ଯାଉଥିଲେ। ଅନେକେ ପରୀକ୍ଷା କରି ନ ପାରି ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିଲେ। ସ୍ଥଳବିଶେଷରେ ପରୀକ୍ଷା ପାଇଁ ସୁଯୋଗ ପାଇବା ପୂର୍ବରୁ ମୃତ୍ୟୁବରଣ କରିଥିବା କଥା ମଧ୍ୟ ଆଲୋଚନା ହେଉଥିଲା। କିନ୍ତୁ କୋଭିଡ ପରୀକ୍ଷାକୁ ନେଇ ସୂଚନା ଅଧିକାର ଆଇନ ଯୋଗେ ଚାଞ୍ଚଲ୍ୟକର ତଥ୍ୟ ପ୍ରଦାନ କରିଛି ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ। ବଲାଙ୍ଗୀରର ବିଶିଷ୍ଟ ସୂଚନା କର୍ମୀ ହେମନ୍ତ କୁମାର ପଣ୍ଡାଙ୍କୁ ଓଡ଼ିଶା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନମ୍ବର ୪୦୩୨/ତା୩୦।୬।୨୦୨୩ରିଖ ଯୋଗେ ପ୍ରଦାନ କରାଯାଇଥିବା ତଥ୍ୟରେ ଉଲ୍ଲେଖ ରହିଛି ଯେ, ୨୦୨୦ ମସିହା ଜାନୁୟାରୀ ୧ରେ ପ୍ରଥମ କରି କେନ୍ଦୁଝର ଜିଲାରେ ୬ଟି କୋଭିଡ ଟେଷ୍ଟ କରାଯାଇଥିଲା। ଜାନୁୟାରୀ ୩୧ପର୍ଯ୍ୟନ୍ତ ଏକ ମାସ ମଧ୍ୟରେ ରାଜ୍ୟର କେବଳ କେନ୍ଦୁଝର ଜିଲାରେ ୧୪,୯୦୦ରୁ ଅଧିକ କୋଭିଡ୍ ଟେଷ୍ଟ କରାଯାଇଥିବା ତଥ୍ୟ ହସ୍ତଗତ ହୋଇଛି। ଜାନୁୟାରୀ ୩୧ ସୁଦ୍ଧା ରାଜ୍ୟର କୌଣସି ଜିଲାରେ କୋଭିଡ ପରୀକ୍ଷା ହୋଇ ନ ଥିବା ତଥ୍ୟ ମଧ୍ୟ ରହିଛି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ପ୍ରଦାନ କରିଥିବା ଏହି ତଥ୍ୟ ଅନୁସାରେ ୨୦୨୦ ମସିହା ଜାନୁୟାରୀ ୧ରୁ ଜୁଲାଇ ୧୫ ପର୍ଯ୍ୟନ୍ତ କେବଳ କେନ୍ଦୁଝର ଜିଲାରେ କରାଯାଇଥିବା ସମୁଦାୟ କୋଭିଡ ପରୀକ୍ଷାର ଅଧା ସଂଖ୍ୟା ମଧ୍ୟ ବାକି ୨୯ ଜିଲାରେ ଏହି ସମୟରେ ହୋଇନାହିଁ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଜାନୁୟାରୀ ଶେଷ ସପ୍ତାହରେ କେରଳରେ ଭାରତର ପ୍ରଥମ କୋଭିଡ୍ ପଜିଟିଭ ରୋଗୀ ଚିହ୍ନଟ କରାଯାଇଥିଲା। ଚାଇନାର ଉହାନ ସହରରୁ କେରଳକୁ ଫେରିଥିବା ଦୁଇଜଣ ଡାକ୍ତରୀ ଛାତ୍ରଙ୍କୁ ଭାରତର ପ୍ରଥମ କୋଭିଡ୍ ରୋଗୀ ବୋଲି ଚିହ୍ନଟ କରାଯାଇ ଗଣମାଧ୍ୟମରେ ପ୍ରଚାର କରାଯାଇଥିଲା। କିନ୍ତୁ ଓଡ଼ିଶାରେ ୨୦୨୦ ଜାନୁୟାରୀରୁ କୋଭିଡ୍ ପରୀକ୍ଷା କରାଯାଇଥିବା ଅବିଶ୍ୱସନୀୟ ସରକାରୀ ତଥ୍ୟ ସୂଚନା କର୍ମୀ ପଣ୍ଡାଙ୍କ ହସ୍ତଗତ ହୋଇଛି। ଜନତା କର୍ଫ୍ୟୁ ଓ ଲକ୍‌ଡାଉନ ପୂର୍ବରୁ ତଥା ୨୦୨୦ ମାର୍ଚ୍ଚ ୨୪ ପୂର୍ବରୁ ଓଡ଼ିଶାରେ କୋଭିଡ୍ ଟେଷ୍ଟ ହଜାର ହଜାର ସଂଖ୍ୟାରେ କରାଯାଇଥିବା ଭଳି ଆଶ୍ଚର୍ଯ୍ୟଜନକ ତଥ୍ୟ ପ୍ରଦାନ କରାଯାଇଛି। କୋଭିଡ୍ ଟେଷ୍ଟ ଭଳି ସ୍ପର୍ଶକାତର ବିଷୟକୁ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ କେତେ ଖାମଖିଆଲ ଭାବେ ନେଇଛି ଏହା ସ୍ପଷ୍ଟ ହୋଇଛି ବୋଲି ପଣ୍ଡା କହିଛନ୍ତି। ଏହାସହ କୋଭିଡ୍ ଟେଷ୍ଟରେ ବଡଧରଣର ଦୁର୍ନୀତି ରହିଥିବା ବିଷୟକୁ ଏଡାଇ ଦେଇହେବ ନାହିଁ ବୋଲି ସେ କହିଛନ୍ତି । ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବାକୁ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ସୂଚନା କର୍ମୀ ପଣ୍ଡା ନିବେଦନ କରିଛନ୍ତି ।

# ଚାଉଳରେ ବାଜି ରାଉତ୍‌ଙ୍କ ଚିତ୍ର ପ୍ରସ୍ତୁତ କଲେ ପ୍ରଧାନଶିକ୍ଷକ



ଚାଉଳରେ ପ୍ରସ୍ତୁତ ସହୀଦ ବାଜି ରାଉତଙ୍କ ଫଟୋଚିତ୍ର।

ବଲାଙ୍ଗୀର,୫।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ବ୍ଲକ ଶିକାଛିଡା ପଞ୍ଚାୟତ ଅନ୍ତର୍ଗତ ପ୍ରତାପପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଓଡିଶାର ପ୍ରଥମ ସହୀଦ ଛାତ୍ର ବାଜି ରାଉତଙ୍କ ୯୮ ତମ ଜୟନ୍ତୀ ଉତ୍ସବ ପାଳନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ଓମ୍ ପ୍ରକାଶ ସାହୁ କଳାପଟା ଉପରେ ଚାଉଳରେ ସହୀଦ ବାଜି ରାଉତଙ୍କ ପ୍ରତିକୃତି ଅଙ୍କନ କରି ସହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କବି ସଚ୍ଚି ରାଉତରାୟଙ୍କ ଦ୍ୱାରା ସହୀଦ ବାଜି ରାଉତଙ୍କ ଉପରେ ରଚିତ କବିତାକୁ ଛାତ୍ରୀଛାତ୍ରମାନେ ପାଠ କରିଥିଲେ। ଶେଷରେ ବିଦ୍ୟାଳୟ ସଭାପତି ଶୁଭଦିନୀ ଡାଙ୍ଗ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଥାନା ପରିସରରେ ମାରପିଟ, ୨ ମାମଲା ରୁଜୁ

ମୁରିବାହାଲ, ୫।୧୦ (ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ପରିସରରେ ଗୁରୁବାର ଦୁଇପକ୍ଷ ମଧ୍ୟରେ ମାରପିଟ ହୋଇଛି। ଏ ନେଇ ଉଭୟ ପକ୍ଷରୁ ୨ଟି ପୃଥକ ମାମଲା ରୁଜୁ ହୋଇଛି। ଅଭିଯୋଗ ମୁତାବକ ବାଗୁଆବାହାଲ ଗ୍ରାମର ଗୋକୁଳ ବେନିଆଙ୍କୁ ମୁରିବାହାଲ ପୋଲିସ କୌଣସି ଏକ ମାମଲାରେ ଗୁରୁବାର ସକାଳେ ଥାନାକୁ ଆଣିଥିଲା। ତାଙ୍କ ବାପା ଜଗନ୍ନାଥ ବେନିଆ ପୁଅକୁ ଦେଖିବା ପାଇଁ ଥାନାକୁ ଆସିଥିବା ବେଳେ ଉକ୍ତ ଗ୍ରାମର ଚନ୍ଦ୍ର ନାଗ, ଅକ୍ଷୟ ନାଗ, ସୁନା ନାଗ ତାଙ୍କୁ କୁଆଡେ ଥାନା ଭିତରେ ମାଡ ମାରିଥିଲେ। ତାଙ୍କ ନାକରୁ ରକ୍ତସ୍ରାବ ହୋଇଥିଲା। ତାଙ୍କ ଶରୀରର କେତେକ ସ୍ଥାନରେ ଆଘାତ ଲାଗିଛି। ଏ ନେଇ ଜଗନ୍ନାଥଙ୍କ ଏତଲାକୁ ଭିତ୍ତି କରି ଚନ୍ଦ୍ର, ଅକ୍ଷୟ ଓ ସୁନାଙ୍କ ନାମରେ ଏକ ମାମଲା (୨୪୪/୨୩) ରୁଜୁ ହୋଇଛି। ଅପରପକ୍ଷରେ ବିନା କାରଣରେ ଜଗନ୍ନାଥ ସେମାନଙ୍କୁ ଗାଳିଗୁଲଜ କରିବା ସହ ମାରପିଟ କରିଥିବା ନେଇ ଉପରୋକ୍ତ ୩ଜଣ ପାଲଟା ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ୨୪୫/୨୩ ଉଭୟ ପକ୍ଷରୁ ମାମଲା ରୁଜୁ ହୋଇଛି। ଏ ନେଇ ଏସଆଇ ଡି.ଓରାମଙ୍କୁ ପଚାରିବାରୁ ସେମାନେ ଫିଲଡକୁ ଯାଇଥିବା ସମୟରେ ସକାଳେ ଉଭୟ ପକ୍ଷ ଥାନାରେ ମାରପିଟ ହୋଇଛନ୍ତି। ଉଭୟ ପକ୍ଷର ଏତଲାକୁ ଭିତ୍ତି କରି ମାମଲା ରୁଜୁ କରାଯାଇଛି ବୋଲି କହିଛନ୍ତି।

# ଦମ୍ପତିଙ୍କୁ ମାରପିଟ, ଯୁବତୀଙ୍କୁ ଛୁରାମାଡ଼

ମୁରିବାହାଲ,୫।୧୦(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଗଁରେଇ ପଞ୍ଚାୟତ ସିଲେଟପଡାର ଦୀନେଶ ତାଣ୍ଡି ଓ ତାଙ୍କ ସ୍ତ୍ରୀ ମେଘା ତାଣ୍ଡି (୨୦) ଗୁରୁବାର ଗଁରେଇ ସାପ୍ତାହିକ ବଜାରରୁ ଫେରୁଥିଲେ। ପଟାମୁଣ୍ଡା ଗାଁ ରାସ୍ତାର ଏକ ନିଛାଟିଆ ସ୍ଥାନରେ ସିଲେଟପଡାର ଗଣେଶ ତାଣ୍ଡି, ଗୌତମ ତାଣ୍ଡି, ମୁଟୁ ତାଣ୍ଡି ଓ ଅନ୍ୟ ୫ଜଣ ସେମାନଙ୍କୁ ରାସ୍ତାରେ ଅଟକାଇଥିଲେ। ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ସେମାନଙ୍କୁ ମାରପିଟ କରିଥିଲେ। ରାସ୍ତାରେ ଯାଉଥିବା କେତେକ ବ୍ୟକ୍ତିଙ୍କ ହସ୍ତକ୍ଷେପ ପରେ ତାଣ୍ଡି ଦାମ୍ପତି ଜୀବନ ବଞ୍ଚାଇ ଘରକୁ ଫେରିଥିଲେ। ପରେ ଅଭିଯୁକ୍ତମାନେ ଦୀନେଶଙ୍କ ଘରକୁ ଆସି ଗଣ୍ଡଗୋଳ କରିଥିବା ଅଭିଯୋଗ ହୋଇଛି। ଏହି ସମୟରେ ଦୀନେଶଙ୍କ ଭଉଣୀ ବର୍ଷା (୧୭) ସେଠାକୁ ଚାଲି ଆସିବାରେ ଅଭିଯୁକ୍ତମାନେ ତାଙ୍କୁ ଛୁରାରେ ଆକ୍ରମଣ କରିଥିଲେ। ତାଙ୍କ ମୁଣ୍ଡରେ ଆଘାତ ଲାଗିଛି। ଏ ନେଇ ମୁରିବାହାଲ ଥାନାରେ ଅଭିଯୋଗ ପରେ ଏକ ମାମଲା(୨୪୬/୨୩)ରୁଜୁ ହୋଇଥିବା ଥାନା ଅଧିକାରୀ ସିପରା ସରୟ ଲୁଗୁନ କହିଛନ୍ତି। ଅଭିଯୁକ୍ତ ପୋଲିସ ଗିରଫ କରି ପାରିନାହିଁ।

# ସଦର ବ୍ଲକ୍‌ରେ ବିଜେଡିର ଜନସମ୍ପର୍କ ପଦଯାତ୍ରା



ବଲାଙ୍ଗୀର ସଦର ବ୍ଲକ୍ ବିଜେଡି ଜନସମ୍ପର୍କ ପଦଯାତ୍ରା କରାଯାଉଛି।

ବଲାଙ୍ଗୀର,୫।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ସାଲେପାଲି, ବଘଲା, ଚନ୍ଦନଭାଟି, କଅଗାଁରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ ଯୋଗଦାନ କରିଥିଲେ। ରାଜ୍ୟ ସରକାରଙ୍କ ଜନହିତକର କାମ, କଲ୍ୟାଣକାରୀ ଯୋଜନାର ସୁଫଳ କିଭଳି ଲୋକେ ପାଇ ପାରିବେ ସେଦିଗରେ ନେତୃବର୍ଗ କହିଥିଲେ। ପଦଯାତ୍ରାରେ ବଲାଙ୍ଗୀର ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ଉପାଧ୍ୟକ୍ଷା ପୁଷ୍ପାଞ୍ଜଳି ହୋତା, କୈଳାସ ଚନ୍ଦ୍ର ମହାନ୍ତି, ବିଜୁ ଯୁବ ଜନତା ଦଳ ସଭାପତି ରାଜେନ୍ଦ୍ର ପ୍ରସାଦ ହୋତା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋଲାପ ବାଗ, ପ୍ରଦ୍ୟୁମ୍ନ ହୋତା, ଓଡିଶା ମୋ ପରିବାର ଜିଲା ସଂଯୋଜକ ସାଗର ସଙ୍ଗମ ଶତପଥି, ବ୍ଲକ ବିଜେଡି ସଭାପତି ନିହାର ରଞ୍ଜନ ସ୍ୱାଇଁ, ଯୁବ ବ୍ଲକ ସଭାପତି ଆଶିର୍ବାଦ ସାହୁ, ଜିଲା ମହିଳା ସଭାପତି ଦମୟନ୍ତୀ ବାଗ, ସମ୍ପାଦିକା ଲିପିଶ୍ରୀ ସାଏ, କୁଳମଣି ମେହେର, ପ୍ରଦ୍ୟୁତ୍ ମିଶ୍ର, ଲକ୍ଷ୍ମଣ ମେହେର, ବ୍ରଜ ପୁଟେଲ, ହଳଧର ମହାକୁର ପ୍ରମୁଖ ଉପସ୍ଥିତ ଥିଲେ।


## ବିଜ୍ଞାପିତ ଅଞ୍ଚଳ ପରିଷଦ, ଜୁନାଗଡ଼,କଳାହାଣ୍ଡି

ପବିତ୍ର ଖଣ୍ଡାବସା ପାଳନ ଅବସରରେ ଜୁନାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ, ସହରର ସମସ୍ତ ନଗରବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ମାଁ ଲଙ୍କେଶ୍ୱରୀ ସମସ୍ତ ସହରବାସୀଙ୍କୁ ସୁଖ ଓ ସମୃଦ୍ଧିରେ ପରିପୂର୍ଣ୍ଣ ରଖନ୍ତୁ ବୋଲି ପ୍ରାର୍ଥନା କରିବା ସହିତ ନିମ୍ନଲିଖିତ ବିଷୟ ପ୍ରତି ଆନ୍ତରିକ ଧ୍ୟାନ ଦେବା ନିମନ୍ତେ ବିନମ୍ର ନିବେଦନ କରୁଅଛୁ ।

ଶ୍ରୀ ପ୍ରେମଲାଲ ହିଆଲ, ନିର୍ବାହୀ ଅଧିକାରୀ | ଶ୍ରୀମତୀ ହିମାଦ୍ରୀ ନାୟକ, ଉପନଗରପାଳ | ଶ୍ରୀ ମୁକେଶ ଅଗ୍ରୱାଲ, ନଗରପାଳ

ପାରିଷଦ ବୃନ୍ଦ:
ୱାର୍ଡ ନଂ.୧. ଶ୍ରୀ ଗୋପାଳ ଚନ୍ଦନ, ପାରିଷଦ ।
ୱାର୍ଡ ନଂ.୨. ଶ୍ରୀ ସଚିନ ଅନ୍ଧାନୀ, ପାରିଷଦ ।
ୱାର୍ଡ ନଂ.୩. ଶ୍ରୀ କାହ୍ନୁ ଚରଣ ବୈଠାରୁ,ପାରିଷଦ ।
ୱାର୍ଡ ନଂ.୪. ଶ୍ରୀମତୀ ହିମାଦ୍ରୀ ସିନ୍ଦୁର, ପାରିଷଦ ।
ୱାର୍ଡ ନଂ.୫. ଶ୍ରୀମତୀ ପୁଷ୍ପାଞ୍ଜଳି ଦଣ୍ଡସେନା,ପାରିଷଦ ।
ୱାର୍ଡ ନଂ.୬. ଶ୍ରୀମତୀ ମାଧବୀ ବାଗ, ପାରିଷଦ ।
ୱାର୍ଡ ନଂ.୭. ଶ୍ରୀମତୀ ମଞ୍ଜୁଳତା ସେଠୀ,ପାରିଷଦ ।
ୱାର୍ଡ ନଂ.୮. ଶ୍ରୀମତୀ କୁନି ଶବର, ପାରିଷଦ ।
ୱାର୍ଡ ନଂ.୯. ଶ୍ରୀ ଭୂପେନ୍ଦ୍ର ଦଣ୍ଡସେନା, ପାରିଷଦ ।
ୱାର୍ଡ ନଂ.୧୧.ଶ୍ରୀମତୀ ମିନତୀ ମାଝୀ, ପାରିଷଦ ।
ୱାର୍ଡ ନଂ.୧୨.ଶ୍ରୀ ଚକ୍ର ବାଗ, ପାରିଷଦ ।

୧. ନିଜ ପରିବେଶକୁ ପରିଷ୍କାର ରଖନ୍ତୁ ଓ ସହରକୁ ପରିଷ୍କାର ରଖିବା ଦିଗରେ ପରିଷଦକୁ ସହଯୋଗ କରନ୍ତୁ ।
୨. ଅଳିଆ ଆବର୍ଜନା ରାସ୍ତା କିମ୍ବା ନର୍ଦ୍ଦମାରେ ନ ପକାଇ ଉଦ୍ଦିଷ୍ଟ ଭ୍ରାମ୍ୟମାଣ ଆବର୍ଜନା ସଂଗ୍ରହ ଯାନରେ ପକାନ୍ତୁ ।
୩. ପରିଷଦର ବିନା ଅନୁମତିରେ କୌଣସି ପ୍ରକାର ଗୃହ ନିର୍ମାଣ କରନ୍ତୁ ନାହିଁ ।
୪. ଗୃହ ଉପକରଣ ସାମଗ୍ରୀ ରାସ୍ତା ଉପରେ ରଖନ୍ତୁ ନାହିଁ ଓ ସର୍ବସାଧାରଣ ରାସ୍ତା ଅବରୋଧ କରନ୍ତୁ ନାହିଁ ।
୫. ଏକକ ବ୍ୟବହୃତ ପଲିଥିନ ବ୍ୟାଗ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ ଓ ବ୍ୟାନ କରାଯାଇଅଛି । ତେଣୁ ପଲିଥିନ ବ୍ୟାଗ ବ୍ୟବହାରରୁ ନିବୃତ୍ତ ରୁହନ୍ତୁ ।
୬. ଠିକ୍ ସମୟରେ ପରିଷଦର ଟିକସ ଏବଂ ପରିଷଦର ଦେୟ ପୈଠ କରି ସହରର ଉନ୍ନୟନ କାର୍ଯ୍ୟରେ ସଦୟ ସହଯୋଗ କରନ୍ତୁ ।
୭. ନିଜ ଘର ଚାରିପାଖରେ ପୁରୁଣା ଟାୟାର କିମ୍ବା ପାଣି ଜମା ହେଉଥିବା ବସ୍ତୁ ରଖନ୍ତୁ ନାହିଁ କିମ୍ବା ପାଣି ଜମା ହେବାକୁ ଦିଅନ୍ତୁ ନାହିଁ ।



**PANCHAYAT SAMITI DEGREE MAHAVIDYALAYA**
GYANA VIHAR, DEOGAON
At/Po-Deogaon, Dist-Balangir, Pin-767029 (Odisha)
degreecollegedeogaon@gmail.com, psdmdeogaonbgr@gmail.com

**WALK-IN-INTERVIEW**

A Walk-In-Interview for the engagement of Guest Faculty in Commerce-1 Post, Physics-1 Post and Zoology-1 Post will be held in the office of the Principal on Dt.08.10.2023 (Sunday at 10 AM). Interested Candidates having 55% marks in PG may attend the interview with all testimonials (Both Xerox & Original). Contact No.7978418244.

**Sd./- Principal-cum-Secretary**


# କ୍ରିୟାନୁଷ୍ଠାନ କମିଟିକୁ ଆଲୋଚନା ପାଇଁ ପ୍ରଶାସନର ଡାକରା



**ଧର୍ମଗଡ଼ ଉପଖଣ୍ଡକୁ ଜିଲା ମାନ୍ୟତା ପ୍ରସଙ୍ଗ**

- ପ୍ରତିନିଧିମଣ୍ଡଳ ପ୍ରତିଶ୍ରୁତି ପାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବ

ବେହେରା,୫।୧୦(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ ଉପଖଣ୍ଡକୁ ଜିଲା ମାନ୍ୟତା ଦାବି ନେଇ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୁଧବାର ଉପଖଣ୍ଡ ବନ୍ଦ ହେବା ପରେ ପ୍ରଶାସନ ଗୁରୁତର ସହିତ ନେଇଛି। ୩୯ଦିନ ଧରି ଧର୍ମଗଡ ଉପଖଣ୍ଡକୁ ଜିଲା ମାନ୍ୟତା ଦାବି ନେଇ ଅନ୍ଦୋଳନ କରୁଥିବା କ୍ରିୟାନୁଷ୍ଠାନ କମିଟି ସଦସ୍ୟଙ୍କ ସହ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉପଜିଲାପାଳ ବିରଞ୍ଚିନାରୟଣ ଦରୱାନ ଆଲୋଚନା ପାଇଁ ଡାକରା ଦେଇଥିଲେ। ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ଦାବି ନେଇ ଜିଲା ଗଠନ କ୍ରିୟାନଷ୍ଠାନ କମିଟି ପକ୍ଷରୁ ଗତ ୩୭ ଦିନ ଧରି ଦିଆଯାଇଥିବା ସମସ୍ତ ଦାବିପତ୍ର ଜିଲା ପ୍ରସାସନ ଜରିଆରେ ରାଜ୍ୟ ସରକାରଙ୍କୁ ପଠାଇ ଦିଆଯାଇଥିବା ପ୍ରକାଶ କରିଥିଲେ। ସରକାର ଏହା ଉପରେ ନିଷ୍ପତ୍ତି ଗ୍ରହଣ କରିବେ ବୋଲି ପ୍ରକାଶ କରି ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବା ପାଇଁ ଜିଲା ଗଠନ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ। ସରକାରଙ୍କଠାରୁ ପ୍ରତିଶ୍ରୁତି ପାଇବା ପାଇଁ ସ୍ଥାନୀୟ ଜନପ୍ରତିନିଧୀ ମଣ୍ଡଳ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ଖୁବ୍‌ଶୀଘ୍ର ଭୁବନେଶ୍ୱର ଯିବାକୁ ସ୍ଥିର କରାଯାଇଛି ବୋଲି କ୍ରିୟାନୁଷ୍ଠାନ କମିଟି ଆବାହକ ପ୍ରକାଶ କରିଥିଲେ। ଆଲୋଚନାରେ ଧର୍ମଗଡ ତହସିଲଦାର ହରେକୃଷ୍ଣ ବରିହା, ବିଡିଓ ଶରତ ଚନ୍ଦ୍ର ସେଠୀ, ସହ ଜିଲାପାଳ ନନ୍ଦୀ କିଶୋର ସେଠୀ, ଗରିବ ଦୀପ, ଉପଖଣ୍ଡ ପୋଲିସ ଅଧିକାରୀ ଧୀରଜ କୁମାର ଚୋପଦାର ପ୍ରମୁଖ ଉପସ୍ଥିତ ଥିଲେ। କ୍ରିୟାନୁଷ୍ଠାନ କମିଟି ଆବାହକ ତୁଷାର ରଞ୍ଜନ ପଟ୍ଟଯୋଷୀ, ଏନ୍‌ଏସି ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି, ବରିଷ୍ଠ ସଦସ୍ୟ ହୃଷୀକେଶ ମିଶ୍ର, ଆଇନଜୀବୀ ଦିଗାମ୍ବର ଦୁରିଆ, ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଚେମ୍ବର ଅଫ କମର୍ସ ସଭାପତି ବିଦ୍ୟାଧର ସାହୁ, ବିଷ୍ଣୁ ପ୍ରସାଦ ଅଗ୍ରୱାଲ, ଭାଜପା ନେତା ଲକ୍ଷ୍ମୀକାନ୍ତ ବାଗ, ବିଜେଡି ନେତା ବିବେକ ରଞ୍ଜନ ମିଶ୍ର, ଯୁବ କାର୍ଯ୍ୟକର୍ତ୍ତା ଜନ୍ମେଜୟ ନାଏକ, ବ୍ରଜେଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-POINT-RELAY-KUR-345, ତା.28.09.2023ରିଖ

| | |
|---|---|
| କାର୍ଯ୍ୟର ନାମ : | ଖୋର୍ଦ୍ଧା ରୋଡ୍ ମଣ୍ଡଳର ପୁରୀ-ନୂଆଗାଁ ସେକ୍ସନରେ ପଏଣ୍ଟ ଗ୍ରୁପ୍ ରିଲେ(Relay) ର ସ୍ଥାନାନ୍ତରଣ । |
| ଟେଣ୍ଡର ମୂଲ୍ୟ (₹) : | 54,37,715/-, EMD (₹) : 1,08,800/- । |
| ବିଡ୍ ଆରମ୍ଭ ହେବା ତାରିଖ : | ତା.11.10.2023ରିଖ, |
| ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : | ତା.25.10.2023 ରିଖ 1100 ଘଟିକାରେ । |

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ- ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡର ଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-638/O/23-24



See Career Appointment on every **Wednesday & Saturday**



FORM No. 13
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 355 of 2021**

**Branch Manager, Punjab National Bank**
**Grand Road, Puri Branch** .....Applicant
Versus
**M/s Coastal Distributor & Others** .....Defendant(s)

To,
1) **M/s Coastal Distributor, Proprietor: Sri Sibanarayan Das,** At: Grand Road, PO/Dist.: Puri-752001.
2) **Sri Sibanarayan Das,** S/o- Late Kulamani Das, At: Markandeswar Sahi, PO: Puri-1, Dist.: Puri-752001.

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 355 of 2021** in the Court of the Debts of Recovery Tribunal, Cuttack for recovery of **Rs.32,17,823.29** only together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorized agent, in support of their defense to show cause within **30 days** from the publication or on **14.11.2023 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **27th day of September, 2023.**

**Sd/- (Nikhila Ranjan Pati)**
**REGISTRAR**



**OFFICE OF THE GENERAL MANAGER**
**WATCO PROJECT DIVISION, SAMBALPUR, ODISHA- 768005**
E-mail- gmprojectsbp@gmail.com
NATIONAL COMPETITIVE BIDDING THROUGH e-PROCUREMENT
**Invitation For Bids (IFB)**
Bid Identification No. 12/Project / WATCO/SBP/2023-24 Dated 29.09.2023 — No. C-1545

| Sl. No. | Name of work | Appx. estimated cost (Rs. in Lakh) | Period of completion | Availability of bid document for online bidding: From | Availability of bid document for online bidding: To | Class of the contractor |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Laying of 200 mm dia RCC NP3 Sewer and construction of 1200 & 1500 mm dia manhole from MH 4562 to MH 4695 in Sunapali, Catchment-3 of Sambalpur Sewerage System. | 49.48 | 02 (Two) months) | 11.00 hrs. of 05.10.2023 | 17.00 hrs. of 16.10.2023 | B |
| 2 | Laying of 200 mm dia RCC NP3 Sewer and construction of 1200 & 1500 mm dia manhole from MH 4695 to MHPS-3 in Sunapali, Catchment-3 of Sambalpur Sewerage System. | 48.89 | 02 (Two) months) | 11.00 hrs. of 05.10.2023 | 17.00 hrs. of 16.10.2023 | C & B |
| 3 | Laying of 200 mm dia RCC NP3 Sewer and construction of 1200 & 900 mm dia manhole in from MH 4843 to MHPS-3 and MH-4843 to MH-4865 in Sunapali, Catchment-3 of Sambalpur Sewerage System. | 36.69 | 02 (Two) months) | 11.00 hrs. of 05.10.2023 | 17.00 hrs. of 16.10.2023 | B |
| 4 | Laying of 200 mm dia RCC NP3 Sewer and construction of 900, 1200 & 1500 mm dia manhole from MH 4589 -MH 4632 in Sunapali, Catchment-3 of Sambalpur Sewerage System. | 44.85 | 02 (Two) months) | 11.00 hrs. of 05.10.2023 | 17.00 hrs. of 16.10.2023 | B |

Further details can be seen from the e-Procurement portal "https://www.tendersodisha.gov.in".
OIPR-13236/11/0009/2324 — Sd./- General Manager, WATCO Project Division, Sambalpur



**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
**Regd. Office: Janpath, Bhubaneswar-751022**
CIN:U40102OR2004SGC007553
Lifeline of Odisha

No.CAD-2306 **TENDER ALERT**

1) **Tender Call Notice No.06/2023-24:** Construction of GI battery stand at 132/33kV Grid S/S, Dhenkikote under EHT O&M Division, Joda.
2) **E-Tender call Notice No.BRL-19/2023-24:** Procurement of armoured AC power Cable (1100V) for 220kV, 132kV & 33kV system for SAS work at 220/132/33kV Grid S/S, Budhipadar under EHT O&M Division, Jharsuguda under EHT O&M Circle, Burla.
3) **Tender Call Notice No.04/2023-24:** Renovation of room and extension of same as control room purpose at 132/33 kV Grid S/S, Rairangpur under EHT O&M Division, Baripada under EHT O&M Circle, Jajpur Road.
4) **Tender Call Notice No.05/2023-24:** Procurement of 02 numbers of thermo vision cameras (make-Fluke/Stanlay/ Flair) for Grid S/S, Budhipadar under EHT O&M Division, Jharsuguda.
5) **Tender Call Notice No.01/2023-24:** Engagement of one number of diesel run commercial registered 07 seated Non-AC bolero of its equivalent Hired vehicle on monthly basis for TL S/D, Rairangpur & TL S/D, Karanjia under EHT O&M Division, Baripada.
6) **Tender Call Notice No.10/2023-24:** Supply & Installation of one number indoor type floor mounted 220V, 100A DC Distribution Board for Control room of 220/132/33 kV grid S/S, Narendrapur under EHT O&M Division, Berhampur under EHT O&M Circle, Berhampur.
7) **E-Tender Call Notice No.09/2023-24:** Supply of one number ACDB panel for control room of 220/132/33kV Grid S/S, Narendrapur under EHT O&M Division, Berhampur under EHT O&M Circle, Berhampur.
8) **Tender Call Notice No.13/2023-24:** Procurement of 03 numbers of 220kV Male Contacts (copper moving bar) for 400/220/132/33 kV Grid S/S, Mendhasal under EHT O&M Division, Mendhasal.
9) **Tender Call Notice No.13/BBSR-DIV/2023-24:** Procurement of Console boxes for installation in CT, PT, CVT for integration of SAS work at 132/33kV Grid S/S, Mancheswar under EHT O&M Division, Bhubaneswar.
10) **Tender Call Notice No.12/BBS/2023-24:** Checking of Jumpers, insulators, hardware & accessories and tightening/ replacement of clamps, nuts & bolts at different Tension locations of 220kV Mendhasal-Chandaka DC line, 220kV Mendhasal-Bidanasi DC Line and 220kV Mendhasal-Atri-Narendrapur DC line under EHT O&M Division, Mendhasal under EHT O&M Circle, Bhubaneswar.
11) **Tender Call Notice No.13/BBS/2023-24:** execution of different works for Techno park at Grid S/S, Chandaka under EHT O&M Circle, Bhubaneswar.
12) **Tender Call Notice No.05/2023-24:** Supply of Electrical insulation Mat (ISI Marked) of Make ( Safe volt/ Xvolt/ Deep Jyoti or any reputed Indian brand) of size ( 2m length X 1m width X0.003m thickness) for 132/33 kV Grid S/S, Bargarh under EHT O&M Division, Barpali.
13) **Tender Call Notice No.04/2023-24:** Casting and laying of RCC Cable trench slabs and making steps for 33kV Switchyard of 132/33 kV Grid S/S, Ghess under EHT O&M Division, Barpali.
14) **E-Tender Call Notice No.10 of SE-CWC-OPTCL-BBSR:** Tenders are invited from bidders through e-tender for Sl No.01 & 02 under Civil works Circle, Bhubaneswar.
15) **Tender Call Notice No.16/2023-24:** Supply of 220kV Outdoor CT & CVT Console box for SAS work at 220/132/33kV Bidanasi Grid S/S under EHT O&M Division, Cuttack.

For more details please visit OPTCL's website: **www.optcl.co.in.**
OIPR-04011/11/0095/2324 — FIPR-41/2023-24
/optcl.odisha /optcl_odisha

## ସଂକ୍ଷେପରେ

### ଯୁବକଙ୍କୁ ଆକ୍ରମଣ କରି ଲୁଟ୍ ଉଦ୍ୟମ

**ବରପାଲି,୫।୧୦(ଚିତ୍ତରଞ୍ଜନ ସାହୁ):** ବରପାଲି ଥାନା ଅଞ୍ଚଳରେ ଜଣଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିବା ସହ ତାଙ୍କଠାରୁ ଟଙ୍କା ଓ ମୋବାଇଲ ଫୋନ୍ ଲୁଟ୍ ହୋଇଛି। ଏ ନେଇ ଅଭିଯୋଗ ହେବା ପରେ ବରପାଲି ପୋଲିସ ଘଟଣାର ତଦନ୍ତ କରୁଛି। ସୂଚନା ଅନୁସାରେ, ଗତ ବୁଧବାର ରାତି ୯ଟାରେ ହଳଦୀପାଲି ଗ୍ରାମର ବୈଜୁ କୁମ୍ଭାର ବରପାଲିରୁ ଗାଁକୁ ସାଇକେଲରେ ଫେରୁଥିବା ବେଳେ ଭଟିଗାଁ ଓ କୁଡେରପଦର ଗ୍ରାମ ମଝି କେନାଲ ରାସ୍ତାରେ ୨ଜଣ ଦୁର୍ବୃତ୍ତ ତାଙ୍କ ସମ୍ମୁଖରେ ବାଇକ୍ ରଖି ପାଖରେ ଯାହା କିଛି ଅଛି ଦେବା ପାଇଁ କହିଥିଲେ। ବୈଜୁ ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଫଳରେ ସେ ପ୍ରାଣ ବିକଳରେ କେନାଲକୁ ଡେଇଁ ପଡିଥିଲେ। ଦୁର୍ବୃତ୍ତମାନେ ସେଠାରୁ ଯିବା ପରେ ବୈଜୁ କେନାଲରୁ ବାହାରିଥିଲେ। ତାଙ୍କ ବାମ ହାତ ପାପୁଲିରେ ଆଘାତ ଲାଗି ଥିବାରୁ ସେ ବରପାଲି ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି। ଏ ନେଇ ସେ ଗୁରୁବାର ବରପାଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଦୁର୍ବୃତ୍ତମାନେ ହିନ୍ଦୀରେ କଥା ହେଉଥିଲେ ବୋଲି ବୈଜୁ କହିଛନ୍ତି।

### ଦୁର୍ଗାପୂଜା ମଣ୍ଡପ ପାଇଁ ଜମିଦିଅ

**ବେଲପଡା,୫।୧୦(ମନୋଜ କୁମାର ମିଶ୍ର):** ବେଲପଡା ସହରର ମୁଖ୍ୟରାସ୍ତା ଉପରେ ମା' ଦୁର୍ଗାଙ୍କ ପୂଜା ମଣ୍ଡପ ରହିଛି। ସେଠାରେ ପ୍ରତିବର୍ଷ ଦୁର୍ଗାପୂଜା ପାଳନ କରାଯାଇଥାଏ। ମଣ୍ଡପ ନିକଟ ଜମି ସଂକୀର୍ଣ୍ଣ ଥିବାରୁ ଅସୁବିଧା ହୋଇଥାଏ। ଏଣୁ ଦୁର୍ଗା ମଣ୍ଡପ ନିର୍ମାଣ ପାଇଁ ଜମି ଦେବାକୁ ପୂଜା କମିଟି ସ୍ଥାନୀୟ ତହସିଲଦାର ପ୍ରଶାନ୍ତି ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଛି।




ଗୁରୁବାର ବରଗଡ ଜିଲା ପ୍ରଶାସନ ପକ୍ଷରୁ ଶିଶୁ ଚାଲାଣ ରୋକିବା ଓ ସୁରକ୍ଷିତ ସ୍ଥାନାନ୍ତରଣ ଉପରେ ସଚେତନତା ଅଭିଯାନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ଶିଶୁ ଚାଲାଣ ରୋକିବା, ସୁରକ୍ଷିତ ସ୍ଥାନାନ୍ତରଣକୁ ଗୁରୁତ୍ୱ

**ବରଗଡ଼,୫।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ ଜିଲା ପ୍ରଶାସନ ଦ୍ୱାରା ଶିଶୁ ଚାଲାଣ ରୋକିବା ଓ ସୁରକ୍ଷିତ ସ୍ଥାନାନ୍ତରଣ ଉପରେ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ୟୁନିସେଫ ଏବଂ ଏଡ ଏଟ ଆକ୍ସନ ଇଣ୍ଡିଆର ବୈଷୟିକ ସହାୟତା ମାଧ୍ୟମରେ ଜିଲା ପୋଲିସ, ଶ୍ରମ ଏବଂ ଜିଲା ସମାଜ ମଙ୍ଗଳ ବିଭାଗ ସମନ୍ୱୟରେ ସଚେତନତା ବୈଠକ ଜିଲାର ୧୫ଟି ସ୍ଥାନରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି କ୍ରମରେ ଗୁରୁବାର ଜିଲାର ପଦ୍ମପୁର ଉପଖଣ୍ଡ ଝାରବନ୍ଧ ବ୍ଲକର ଡଭା ଓ ଭଇଁସାଦର୍ହା ଗ୍ରାମପଞ୍ଚାୟତ ପରିସରରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଚାୟତ ପ୍ରତିନିଧି, ଫ୍ରଣ୍ଟ ଲାଇନ କର୍ମଚାରୀ, ଏସ୍‌ଏଚ୍‌ଜି ମହିଳା, ଆଦିବ୍ୱିକା ଗୋଷ୍ଠୀର କିଶୋରୀ, କିଶୋର, ବାଳିକା ଏବଂ ନିକଟସ୍ଥ ୪ ପଞ୍ଚାୟତର ଜନସାଧାରଣ ଅଂଶଗ୍ରହଣ କରିଥିଲେ। ଝାରବନ୍ଧ ବିଡିଓ ରାମକୃଷ୍ଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଅଭିଯାନର ଉଦ୍‌ଘାଟନ କରିଥିଲେ। ବେଆଇନ ତଥା ଅଭାବୀ ସ୍ଥାନାନ୍ତରଣ ପରିପ୍ରେକ୍ଷୀରେ ଏହି ସଚେତନତା ଅଭିଯାନର ଗୁରୁତ୍ୱ ବିଷୟରେ ସେ କହିଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତ ହିତାଧିକାରୀ ଗ୍ରାମସ୍ତରରେ ପ୍ରବାସୀ ଶ୍ରମିକ ସମ୍ପ୍ରଦାୟକୁ ସଚେତନ ଏବଂ ସେମାନଙ୍କୁ ସାମାଜିକ ସୁରକ୍ଷା ଯୋଜନା ସହିତ ସଂଯୋଗ କରିବାରେ ସକ୍ରିୟ ଭୂମିକା ଗ୍ରହଣ କରିବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ପଦ୍ମପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଇନଗତ ନିୟମ, ବେଆଇନ ଶ୍ରମିକ ଚାଲାଣ କ୍ଷେତ୍ରରେ ଆଇନ କାର୍ଯ୍ୟକାରୀ କରିବାରେ ଜିଲା ପୋଲିସର ଭୂମିକା ବିଷୟରେ ବୁଝାଇଥିଲେ। ଜିଲା ସହକାରୀ ଶ୍ରମ ଅଧିକାରୀ, ପଦ୍ମାବତୀ ମାରାଣ୍ଡି ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ଅଧିନିୟମ ଅନୁଯାୟୀ ବ୍ୟବସ୍ଥା ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ଯାଉଥିବା ପିଲାମାନଙ୍କ ସ୍ଥାନାନ୍ତରଣ କ୍ଷେତ୍ରରେ ଜିଲା ଶ୍ରମ ବିଭାଗ ଦ୍ୱାରା ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ସେ ବାର୍ତ୍ତା ଦେଇଥିଲେ। ଆଇନଗତ ଶ୍ରମିକ ନିଯୁକ୍ତି ପାଇଁ ଶ୍ରମ କଣ୍ଟ୍ରାକ୍ଟରମାନଙ୍କ ସହିତ ପ୍ରଶାସନ ମଧ୍ୟ ଏକ ସଚେତନତା ବୈଠକ କରିବା ସମ୍ପର୍କରେ ସେ ସୂଚନା ଦେଇଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ସାବିତ୍ରୀ କୁମୁରା ପ୍ରକାଶ ଅଙ୍ଗନୱାଡ଼ି କର୍ମୀ କିପରି ମାଇଗ୍ରେଶନ ମନିଟରିଂ ରେଜିଷ୍ଟରକୁ ନିୟମିତ ପରିଚାଳନା କରୁଛନ୍ତି ଓ ପ୍ରବାସ ଯିବା ପୂର୍ବରୁ ପ୍ରବାସୀମାନଙ୍କୁ ସୁରକ୍ଷିତ ପ୍ରବାସ ଯିବାକୁ ତାଲିମ ଦିଆଯାଉଛି ତାହା ଉପରେ କହିଥିଲେ। ଶିଶୁ ଓ ମହିଳାଙ୍କ ଚାଲାଣ ତଥା ବେଆଇନ ଶ୍ରମିକ ସ୍ଥାନାନ୍ତରଣକୁ ରୋକିବା ପାଇଁ ଡବ୍ଲୁଆଣ୍ଡସିଡି ବିଭାଗ, ଓଡିଶା ପୋଲିସ ଏବଂ ୟୁନିସେଫ ସହଯୋଗରେ ୫ଟି ସ୍ଥାନାନ୍ତରଣ ପ୍ରବଣ ଜିଲାରେ ଏହି ଅଭିଯାନର ଉଦ୍ଦେଶ୍ୟ ବିଷୟରେ ଏଡ୍ ଏଟ ଆକ୍ସନର କାର୍ଯ୍ୟକ୍ରମ ପରିଚାଳକ ସରୋଜ କୁମାର ବାରିକ ଆଲୋକପାତ କରିଥିଲେ। ଏଡ ଏଟ ଆକ୍ସନର ଡିଏସ୍‌ଡବ୍ଲୁଓ ୟୁନିଟ୍‌ର ଜିଲା ସଂଯୋଜକ ତରୁଣସେନ ପୃଷେଠ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଅଙ୍ଗନୱାଡି ସ୍ତରରେ ପ୍ରବାସୀ ମହିଳା ଏବଂ କିଶୋରୀ ବାଳିକାମାନଙ୍କ ପ୍ରବେଶ ପୂର୍ବ ତାଲିମ ପାଇଁ ଆକ୍ସନ ପ୍ଲାନ କରିଥିଲେ। ସୁରକ୍ଷିତ ସ୍ଥାନାନ୍ତରଣ, ଚାଲାଣକୁ ରୋକିବା ଓ ପ୍ରବାସୀ ଶିଶୁଙ୍କ ସୁରକ୍ଷା, ସୁରକ୍ଷିତ ସ୍ଥାନାନ୍ତରଣ ଉପରେ ଏଡ୍ ଏଟ୍ ଆକ୍ସନ ପ୍ରସ୍ତୁତ ପୋଷ୍ଟର ଏବଂ ଲିଫଲେଟ ପ୍ରଦର୍ଶିତ ହୋଇଥିଲା ଏବଂ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଅଡିଓ ଏବଂ ପୋଷ୍ଟର, ଲିଫଲେଟ ସହିତ ଜିଲା ଶ୍ରମ କାର୍ଯ୍ୟାଳୟର ଏକ ସଚେତନତା ଅଭିଯାନ ଭ୍ୟାନ ବିଡିଓ, ଏସ୍‌ଡିପିଓ ଏବଂ ଡିଏସ୍‌ଡବ୍ଲ୍ୟୁଓଙ୍କ ଦ୍ୱାରା ଉଦଘାଟନ କରାଯାଇଥିଲା। ଏହା ଚଳିତ ମାସରେ ସମସ୍ତ ସ୍ଥାନାନ୍ତରଣ ପ୍ରବଣ ଗ୍ରାମକୁ ଯାଇ ଲୋକଙ୍କୁ ସଚେତନ କରିବ ବୋଲି ସୂଚନା ଦିଆଯାଇଛି।

# ପାତିକାରପାଲି, ପୁତୁରୁପାଲି ଦଳ ବିଜୟୀ

**ବରଗଡ,୫।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଜିଲା ନକ୍‌ଆଉଟ ଫୁଟବଲ ପ୍ରତିଯୋଗିତାର ଗୁରୁବାର ମ୍ୟାଚ୍‌ରେ ପାତିକାରପାଲି ଓ ପୁତୁରୁପାଲି ଦଳ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍ ପାତିକାରପାଲି ଦଳ ଓ କୁଶନପୁରି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପାତିକାରପାଲି ଦଳ ୨-୧ ଗୋଲରେ ବିଜୟୀ ହୋଇଥିଲା। ପାତିକାରପାଲି ଦଳ ପକ୍ଷରୁ ଶୁଭ ବାଗ ଓ କୁମ୍ଭାଣ୍ଡର ସାହୁ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଏହି ମ୍ୟାଚକୁ ସଞ୍ଜୟ ଦାଶ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଉମା ଶଙ୍କର ବଣିଆ, ଦିପେଶ ପ୍ରଧାନ ସହଯୋଗ କରିଥିଲେ। ନାରାୟଣ ପଣ୍ଡା ଚତୁର୍ଥ ରେଫରୀ ଥିଲେ। ଦ୍ୱିତୀୟ ମ୍ୟାଚଟି ପୁତୁରୁପାଲି ଦଳ ଓ ଲାଉଁନସରା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚଟି ସଂଘର୍ଷପୂର୍ଣ୍ଣ ହୋଇଥିଲା। ନିର୍ଦ୍ଧାରିତ ସମୟ ଭିତରେ ଉଭୟ ଦଳ ଗୋଲ ସ୍କୋର କରି ପାରି ନ ଥିଲେ। ଫଳରେ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ପୁତୁରୁପାଲି ଦଳ ୪-୨ ଗୋଲରେ ବିଜୟୀ ହୋଇଥିଲା। ମ୍ୟାଚ୍‌କୁ ଅଜୟ ପ୍ରଧାନ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଅଶ୍ୱିନୀ ମେହେର ଓ ସନ୍ତୋଷ ପଟେଲ ସହଯୋଗ କରିଥିଲେ। ବଷ୍ଟି ପ୍ରଧାନ ଚତୁର୍ଥ ରେଫରି ଥିଲେ। ସଚ୍ଚିଦାନନ୍ଦ ପଣ୍ଡା ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ପାତିକାରପାଲି ଦଳର ଭିକୁ ନାୟକ ଓ ପୁତୁରୁପାଲି ଦଳର ବୃନ୍ଦାବନ ଭୁଏଙ୍କୁ ଉଭୟ ମ୍ୟାଚ୍ ପାଇଁ ଯଥାକ୍ରମେ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ନାରଦ ବରିହା, ଗଙ୍ଗା ମଲ୍ଲିକ, ନବାବ ଖାଁ, ପ୍ରଶାନ୍ତ ଜେନା ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ ।

# ଦମ୍ପତିଙ୍କୁ ମାରପିଟ, ଯୁବତୀଙ୍କୁ ଛୁରାମାଡ଼

**ମୁରିବାହାଲ,୫।୧୦(ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଗଁରେଇ ପଞ୍ଚାୟତ ସିଲେଟପଡାର ଦୀନେଶ ତାଣ୍ଡି ଓ ତାଙ୍କ ସ୍ତ୍ରୀ ମେଘା ତାଣ୍ଡି (୨୦) ଗୁରୁବାର ଗଁରେଇ ସାପ୍ତାହିକ ବଜାରରୁ ଫେରୁଥିଲେ। ପଟାମୁଣ୍ଡା ଗାଁ ରାସ୍ତାର ଏକ ନିଛାଟିଆ ସ୍ଥାନରେ ସିଲେଟପଡାର ଗଣେଶ ତାଣ୍ଡି, ଗୌତମ ତାଣ୍ଡି, ମୁଟୁ ତାଣ୍ଡି ଓ ଅନ୍ୟ ୫ଜଣ ସେମାନଙ୍କୁ ରାସ୍ତାରେ ଅଟକାଇଥିଲେ। ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ସେମାନଙ୍କୁ ମାରପିଟ କରିଥିଲେ। କେତେକ ବ୍ୟକ୍ତିଙ୍କ ହସ୍ତକ୍ଷେପ ପରେ ତାଣ୍ଡି ଦାମ୍ପତ୍ତି ବର୍ତ୍ତିଯାଇଥିଲେ।

**PANCHAYAT SAMITI DEGREE MAHAVIDYALAYA**
GYANA VIHAR, DEOGAON
At/Po-Deogaon, Dist-Balangir, Pin-767029 (Odisha)
degreecollegedeogaon@gmail.com, psdmdeogaonbgr@gmail.com

**WALK-IN-INTERVIEW**

A Walk-In-Interview for the engagement of Guest Faculty in Commerce-1 Post, Physics-1 Post and Zoology-1 Post will be held in the office of the Principal on Dt.08.10.2023 (Sunday at 10 AM). Interested Candidates having 55% marks in PG may attend the interview with all testimonials (Both Xerox & Original). Contact No.7978418244.

**Sd./- Principal-cum-Secretary**

# ରାଶିର କିସମ ଚୟନ, ମୁଗର ସ୍ୱାଦ ବିଶ୍ଳେଷଣ କାର୍ଯ୍ୟକ୍ରମ

**ପଦ୍ମପୁର,୫।୧୦(ପ୍ରଦୀପ୍ତ ଦାଶ )**



ବଇଦପାଲି ଗ୍ରାମରେ ବିଭିନ୍ନ ବିହନ ପ୍ରଦର୍ଶନ କରାଯାଉଛି।

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ବଇଦପାଲି ଗାଁରେ ରାଶିର କିସମ ଚୟନ ଓ ୩୦ ପ୍ରକାର ମୁଗର ସ୍ୱାଦ ବିଶ୍ଳେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭିତ୍ତିଭୂମି ସେବା ସଙ୍ଗଠନ ପକ୍ଷରୁ କରାଯାଇଥିବା ୨୦ ପ୍ରଜାତିର ମାଣ୍ଡିଆ, ରାଶି, ୩୦ ପ୍ରକାର ମୁଗ ଏବଂ ୬ ପ୍ରକାର କୁଦୋ ଚାଷର ମଦର ଟ୍ରାଏଲ ମାଧ୍ୟମରେ ଗବେଷଣା ଚାଲିଛି । ବିବିଧ କ୍ଷେତ୍ରର ପରୀକ୍ଷା କରିବା ପାଇଁ କାମ କରାଯାଉଛି । ଫସଲର ଗୁଣ, ଖାଦ୍ୟ ନିରାପତ୍ତା, ଉତ୍ପାଦନ ସହିତ ନିଜ ଅଞ୍ଚଳରେ କେଉଁ ଫସଲ ଅଧିକ ସକ୍ଷମ ହେଇପାରିବ ତାର ସମୀକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭିତ୍ତିଭୂମି ସେବା ସଙ୍ଗଠନ କୃଷି ବିଶେଷଜ୍ଞ ବବୁଲୁ ବର୍ଗତ୍ତି ୨୦ ପ୍ରକାର ରାଶି ଚାଷର ଗୁଣ ଓ ଚରିତ୍ର ବିଷୟରେ ଆଲୋଚନା କରିଥିଲେ। କୌଣସି ଫସଲର ଚାଷ ଓ ତାର ଗବେଷଣାତ୍ମକ କାମ ବିଶ୍ୱବିଦ୍ୟାଳୟ ଭିତରେ ସୀମିତ ନ ରହି ଚାଷୀ ନିଜେ ଗବେଷଣା କରି ସମସ୍ତ ଫସଲକୁ ଜୈବିକ ପ୍ରକ୍ରିୟାରେ ଅଧିକ ଉତ୍ପାଦନ କରିବାର ଜ୍ଞାନ କୌଶଳ ସମ୍ପର୍କରେ ବର୍ଗତ୍ତି ବୁଝାଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟତଃ ବରଗଡ଼ ସଦର, ପଦ୍ମପୁର, ଗାଇସିଲେଟ ଅଞ୍ଚଳର ୬୦ ଜଣ ଜୈବିକ ଚାଷୀ ଉପସ୍ଥିତ ଥିଲେ। ସମସ୍ତଙ୍କ ସହଭାଗିତାରେ ରାଶି ଫସଲର ଉତ୍ପାଦନ, ଗୁଣବତ୍ତା ଏବଂ ସହନଶୀଳତାକୁ ନେଇ ଚାଷୀଙ୍କ ଦ୍ୱାରା କିସମ ଚିହ୍ନଟ କରିବାକୁ ଫିବେଲ ସଂସ୍ଥାର ବୈଜ୍ଞାନିକ ଡ. ତନୟ ଯୋଶୀ ତାଲିମ ଦେଇଥିଲେ। କୃଷି ବିଶ୍ୱବିଦ୍ୟାଳୟର ଡ. ସୁଜିତ ହାଲଦର, ଡ. ଅସୂୟା ଓ ଓଡ଼ିଶା ମିଲେଟ ମିଶନର ଜିଲା ପ୍ରକଳ୍ପ ସଂଯୋଜକ ସବ୍ୟସାଚୀ ହନୁମାନ ନିଜ ମତ ରଖିଥିଲେ। ସଙ୍ଗଠନର କାହ୍ନୁ ମିଶ୍ର, ସୁଖଦେ ସ୍ୱାଇଁ, କମଳ ଲୋଚନ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

**ବିଜ୍ଞାପିତ ଅଞ୍ଚଳ ପରିଷଦ, ଜୁନାଗଡ଼,କଳାହାଣ୍ଡି**

ପବିତ୍ର ଖଣ୍ଡାବସା ପାଳନ ଅବସରରେ ଜୁନାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ, ସହରର ସମସ୍ତ ନଗରବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ମାଁ ଲଙ୍କେଶ୍ୱରୀ ସମସ୍ତ ସହରବାସୀଙ୍କୁ ସୁଖ ଓ ସମୃଦ୍ଧିରେ ପରିପୂର୍ଣ୍ଣ ରଖନ୍ତୁ ବୋଲି ପ୍ରାର୍ଥନା କରିବା ସହିତ ନିମ୍ନଲିଖିତ ବିଷୟ ପ୍ରତି ଆନ୍ତରିକ ଧ୍ୟାନ ଦେବା ନିମନ୍ତେ ବିନମ୍ର ନିବେଦନ କରୁଅଛୁ ।

ଶ୍ରୀ ପ୍ରେମଲାଲ ହିଆଲ, ନିର୍ବାହୀ ଅଧିକାରୀ | ଶ୍ରୀମତୀ ହିମାଦ୍ରୀ ନାୟକ, ଉପନଗରପାଳ | ଶ୍ରୀ ମୁକେଶ ଅଗ୍ରୱାଲ, ନଗରପାଳ

**ପାରିଷଦ ବୃନ୍ଦ:**
ୱାର୍ଡ ନଂ.୧. ଶ୍ରୀ ଗୋପାଳ ଚନ୍ଦନ, ପାରିଷଦ ।
ୱାର୍ଡ ନଂ.୨. ଶ୍ରୀ ସଚିନ ଅନ୍ଦାନୀ, ପାରିଷଦ ।
ୱାର୍ଡ ନଂ.୩. ଶ୍ରୀ କାହ୍ନୁ ଚରଣ ବୈଠାରୁ,ପାରିଷଦ ।
ୱାର୍ଡ ନଂ.୪. ଶ୍ରୀମତୀ ହିମାଦ୍ରୀ ସିନ୍ଦୁର, ପାରିଷଦ ।
ୱାର୍ଡ ନଂ.୫. ଶ୍ରୀମତୀ ପୁଷ୍ପାଞ୍ଜଳି ଦଣ୍ଡସେନା,ପାରିଷଦ ।
ୱାର୍ଡ ନଂ.୬. ଶ୍ରୀମତୀ ମାଧବୀ ବାଗ, ପାରିଷଦ ।
ୱାର୍ଡ ନଂ.୭. ଶ୍ରୀମତୀ ମଞ୍ଜୁଲତା ସେଠୀ,ପାରିଷଦ ।
ୱାର୍ଡ ନଂ.୮. ଶ୍ରୀମତୀ କୁନି ଶବର, ପାରିଷଦ ।
ୱାର୍ଡ ନଂ.୯. ଶ୍ରୀ ଭୂପେନ୍ଦ୍ର ଦଣ୍ଡସେନା, ପାରିଷଦ ।
ୱାର୍ଡ ନଂ.୧୧.ଶ୍ରୀମତୀ ମିନତୀ ମାଝୀ, ପାରିଷଦ ।
ୱାର୍ଡ ନଂ.୧୨.ଶ୍ରୀ ଚକ୍ର ବାଗ, ପାରିଷଦ ।

୧. ନିଜ ପରିବେଶକୁ ପରିଷ୍କାର ରଖନ୍ତୁ ଓ ସହରକୁ ପରିଷ୍କାର ରଖିବା ଦିଗରେ ପରିଷଦକୁ ସହଯୋଗ କରନ୍ତୁ ।
୨. ଅଳିଆ ଆବର୍ଜନା ରାସ୍ତା କିମ୍ବା ନର୍ଦ୍ଦମାରେ ନ ପକାଇ ଉଦ୍ଦିଷ୍ଟ ଭ୍ରାମ୍ୟମାଣ ଆବର୍ଜନା ସଂଗ୍ରହ ଯାନରେ ପକାନ୍ତୁ ।
୩. ପରିଷଦର ବିନା ଅନୁମତିରେ କୌଣସି ପ୍ରକାର ଗୃହ ନିର୍ମାଣ କରନ୍ତୁ ନାହିଁ ।
୪. ଗୃହ ଉପକରଣ ସାମଗ୍ରୀ ରାସ୍ତା ଉପରେ ରଖନ୍ତୁ ନାହିଁ ଓ ସର୍ବସାଧାରଣ ରାସ୍ତା ଅବରୋଧ କରନ୍ତୁ ନାହିଁ ।
୫. ଏକକ ବ୍ୟବହୃତ ପଲିଥିନ ବ୍ୟାଗ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ ଓ ବ୍ୟାନ କରାଯାଇଅଛି । ତେଣୁ ପଲିଥିନ ବ୍ୟାଗ ବ୍ୟବହାରରୁ ନିବୃତ୍ତ ରୁହନ୍ତୁ ।
୬. ଠିକ୍ ସମୟରେ ପରିଷଦର ଟିକସ ଏବଂ ପରିଷଦର ଦେୟ ପୈଠ କରି ସହରର ଉନ୍ନୟନ କାର୍ଯ୍ୟରେ ସଦୟ ସହଯୋଗ କରନ୍ତୁ ।
୭. ନିଜ ଘର ଚାରିପାଖରେ ପୁରୁଣା ଟାୟାର କିମ୍ବା ପାଣି ଜମା ହେଉଥିବା ବସ୍ତୁ ରଖନ୍ତୁ ନାହିଁ କିମ୍ବା ପାଣି ଜମା ହେବାକୁ ଦିଅନ୍ତୁ ନାହିଁ ।

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553
Lifeline of Odisha

No.CAD-2306 **TENDER ALERT**

1)**Tender Call Notice No.06/2023-24:** Construction of GI battery stand at 132/33kV Grid S/S, Dhenkikote under EHT O&M Division, Joda.
2)**E-Tender call Notice No.BRL-19/2023-24:** Procurement of armoured AC power Cable (1100V) for 220kV, 132kV & 33kV system for SAS work at 220/132/33kV Grid S/S, Budhipadar under EHT O&M Division, Jharsuguda under EHT O&M Circle, Burla.
3)**Tender Call Notice No.04/2023-24:** Renovation of room and extension of same as control room purpose at 132/33 kV Grid S/S, Rairangpur under EHT O&M Division, Baripada under EHT O&M Circle, Jajpur Road.
4)**Tender Call Notice No.05/2023-24:** Procurement of 02 numbers of thermo vision cameras (make-Fluke/Stanlay/ Flair) for Grid S/S, Budhipadar under EHT O&M Division, Jharsuguda.
5)**Tender Call Notice No.01/2023-24:** Engagement of one number of diesel run commercial registered 07 seated Non-AC bolero of its equivalent Hired vehicle on monthly basis for TL S/D, Rairangpur & TL S/D, Karanjia under EHT O&M Division, Baripada.
6)**Tender Call Notice No.10/2023-24:** Supply & Installation of one number indoor type floor mounted 220V, 100A DC Distribution Board for Control room of 220/132/33 kV grid S/S, Narendrapur under EHT O&M Division, Berhampur under EHT O&M Circle, Berhampur.
7)**E-Tender Call Notice No.09/2023-24:** Supply of one number ACDB panel for control room of 220/132/33kV Grid S/S, Narendrapur under EHT O&M Division, Berhampur under EHT O&M Circle, Berhampur.
8)**Tender Call Notice No.13/2023-24:** Procurement of 03 numbers of 220kV Male Contacts (copper moving bar) for 400/220/132/33 kV Grid S/S, Mendhasal under EHT O&M Division, Mendhasal.
9)**Tender Call Notice No.13/BBSR-DIV/2023-24:** Procurement of Console boxes for installation in CT, PT, CVT for integration of SAS work at 132/33kV Grid S/S, Mancheswar under EHT O&M Division, Bhubaneswar.
10)**Tender Call Notice No.12/BBS/2023-24:** Checking of Jumpers, insulators, hardware & accessories and tightening/ replacement of clamps, nuts & bolts at different Tension locations of 220kV Mendhasal-Chandaka DC line, 220kV Mendhasal-Bidanasi DC Line and 220kV Mendhasal-Atri-Narendrapur DC line under EHT O&M Division, Mendhasal under EHT O&M Circle, Bhubaneswar.
11)**Tender Call Notice No.13/BBS/2023-24:** execution of different works for Techno park at Grid S/S, Chandaka under EHT O&M Circle, Bhubaneswar.
12)**Tender Call Notice No.05/2023-24:** Supply of Electrical insulation Mat (ISI Marked) of Make ( Safe volt/ Xvolt/ Deep Jyoti or any reputed Indian brand) of size ( 2m length X 1m width X0.003m thickness) for 132/33 kV Grid S/S, Bargarh under EHT O&M Division, Barpali.
13)**Tender Call Notice No.04/2023-24:** Casting and laying of RCC Cable trench slabs and making steps for 33kV Switchyard of 132/33 kV Grid S/S, Ghess under EHT O&M Division, Barpali.
14)**E-Tender Call Notice No.10 of SE-CWC-OPTCL-BBSR:** Tenders are invited from bidders through e-tender for Sl No.01 & 02 under Civil works Circle, Bhubaneswar.
15)**Tender Call Notice No.16/2023-24:** Supply of 220kV Outdoor CT & CVT Console box for SAS work at 220/132/33kV Bidanasi Grid S/S under EHT O&M Division, Cuttack.

For more details please visit OPTCL's website: **www.optcl.co.in.**
OIPR-04011/11/0095/2324 FIPR-41/2023-24
/optcl.odisha /optcl_odisha

# ଏସ୍‌ପି ଅଫିସ ଆଗରେ ଏଲ୍‌ଡିଏର ବିକ୍ଷୋଭ



ଏସ୍‌ପି ଅଫିସ ଆଗରେ ଏଲଡିଏର ବିକ୍ଷୋଭ କରାଯାଉଛି।

**ବରଗଡ଼, ୫।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଏସ୍‌ପି ଅଫିସ ସମ୍ମୁଖରେ ଗୁରୁବାର ଲିବେରାଲ୍ ଡେମୋକ୍ରାଟିକ ଆସୋସିଏଶନ (ଏଲଡିଏ) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବରଗଡ଼ ଜିଲା ଅତାବିରା ବ୍ଲକ ଅମଲିପାଲିରେ ମନ୍ଦିର ନିର୍ମାଣ ପାଇଁ ଦଳିତ ବସ୍ତିଘର ଭଙ୍ଗା ଘଟଣା ଓ ଭଟଲି ବ୍ଲକ ଭଡ଼ିଗାଁରେ ଦଳିତଙ୍କୁ ସାମାଜିକ ବାସନ୍ଦ ଘଟଣାରେ ବରଗଡ଼ ପୋଲିସର ନିଷ୍କ୍ରିୟତା ଏବଂ ଅବହେଳା ଅଭିଯୋଗ କରି ବିକ୍ଷୋଭ କରାଯାଇଥିଲା। ଉଭୟ ଘଟଣାରେ ପୋଲିସ କେବଳ ମାମଲା ରୁଜୁ କରି ହାତବାନ୍ଧି ବସିଥିବା ଏଲଡିଏ ଅଭିଯୋଗ କରିଛି। ମାମଲା ରୁଜୁ ହେବା ସତ୍ତ୍ୱେ ଅଭିଯୁକ୍ତଙ୍କୁ ଅନୁକମ୍ପା ଦେଖାଉଥିବା ଅଭିଯୋଗ କରି ପୋଲିସ ବିରୋଧରେ ଏସ୍‌ପି ଅଫିସ ସମ୍ମୁଖରେ ନାରାବାଜି କରିଥିଲେ। ଅମଲିପାଲିରେ ଯେଉଁମାନେ ଘର ଭାଙ୍ଗିଛନ୍ତି, ସେମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରାଯାଇଛି। ସେହିପରି ଗ୍ରାମରେ କମ୍ୟୁନିଟି ହଲ ତିଆରି ପାଇଁ ସରକାରଙ୍କ ପକ୍ଷରୁ ୨୦ଲକ୍ଷ ଟଙ୍କା ପ୍ରଦାନ କରାଯାଉ ବୋଲି ସେମାନେ କହିଛନ୍ତି। ଏହା ସହିତ ଭଡ଼ିଗାଁରେ ବାସନ୍ଦ କରାଯାଇଥିବା ଲୋକଙ୍କୁ ସେମାନଙ୍କ ମୌଳିକ ଅଧିକାର ପ୍ରଦାନ ସହ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ପ୍ରଦାନ ପାଇଁ ଦାବି ହୋଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ସମ୍ବଲପୁର ପୋଲିସ ଆଇଜି ଅଫିସ ଘେରାଉ କରାଯିବ ବୋଲି ଏଲଡିଏ ଚେତାବନୀ ଦେଇଛି। ସଙ୍ଗଠନର ଲବ ସୁନା, ରମଣୀ ଦନ୍ତ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-POINT-RELAY-KUR-345, ତା.28.09.2023ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ପୁରୀ-ନୂଆଗାଁ ସେକ୍ସନରେ ପଏଣ୍ଟ ଗ୍ରୁପ୍ ରିଲେ(Relay) ର ସ୍ଥାନାନ୍ତରଣ ।
**ଟେଣ୍ଡର ମୂଲ୍ୟ (₹) :** 54,37,715/-, EMD (₹) : 1,08,800/- ।
ବିଡ୍ ଆରମ୍ଭ ହେବା ତାରିଖ : ତା.11.10.2023ରିଖ,
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.25.10.2023 ରିଖ 1100 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ- ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡର ଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼
PR-638/O/23-24

See Career Appointment on every **Wednesday & Saturday**

FORM No. 13
**BEFORE THE DEBTS RECOVERY TRIBUNAL, CUTTACK, ORISSA**
C-71, SECTOR-7, CDA, CUTTACK, ODISHA
**O.A. No. 355 of 2021**

Branch Manager, Punjab National Bank
Grand Road, Puri Branch .....Applicant
Versus
M/s Coastal Distributor & Others .....Defendant(s)

To,
1) **M/s Coastal Distributor, Proprietor: Sri Sibanarayan Das,** At: Grand Road, PO/Dist.: Puri-752001.
2) **Sri Sibanarayan Das,** S/o- Late Kulamani Das, At: Markandeswar Sahi, PO: Puri-1, Dist.: Puri-752001.

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 355 of 2021** in the Court of the Debts of Recovery Tribunal, Cuttack for recovery of **Rs.32,17,823.29** only together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorized agent, in support of their defense to show cause within **30 days** from the publication or on **14.11.2023 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **27th day of September, 2023.**

Sd/- (Nikhila Ranjan Pati)
REGISTRAR

OFFICE OF THE GENERAL MANAGER
**WATCO PROJECT DIVISION, SAMBALPUR, ODISHA- 768005**
E-mail- gmprojectsbp@gmail.com
NATIONAL COMPETITIVE BIDDING THROUGH e-PROCUREMENT
**Invitation For Bids (IFB)**
Bid Identification No. 12/Project / WATCO/SBP/2023-24 Dated 29.09.2023 No. C-1545

| Sl. No. | Name of work | Appx. estimated cost (Rs. in Lakh) | Period of completion | Availability of bid document for online bidding: From | Availability of bid document for online bidding: To | Class of the contractor |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Laying of 200 mm dia RCC NP3 Sewer and construction of 1200 & 1500 mm dia manhole from MH 4562 to MH 4695 in Sunapali, Catchment-3 of Sambalpur Sewerage System. | 49.48 | 02 (Two) months) | 11.00 hrs. of 05.10.2023 | 17.00 hrs. of 16.10.2023 | B |
| 2 | Laying of 200 mm dia RCC NP3 Sewer and construction of 1200 & 1500 mm dia manhole from MH 4695 to MHPS-3 in Sunapali, Catchment-3 of Sambalpur Sewerage System. | 48.89 | 02 (Two) months) | 11.00 hrs. of 05.10.2023 | 17.00 hrs. of 16.10.2023 | C & B |
| 3 | Laying of 200 mm dia RCC NP3 Sewer and construction of 1200 & 900 mm dia manhole in from MH 4843 to MHPS-3 and MH-4843 to MH-4865 in Sunapali, Catchment-3 of Sambalpur Sewerage System. | 36.69 | 02 (Two) months) | 11.00 hrs. of 05.10.2023 | 17.00 hrs. of 16.10.2023 | B |
| 4 | Laying of 200 mm dia RCC NP3 Sewer and construction of 900, 1200 & 1500 mm dia manhole from MH 4589 -MH 4632 in Sunapali, Catchment-3 of Sambalpur Sewerage System. | 44.85 | 02 (Two) months) | 11.00 hrs. of 05.10.2023 | 17.00 hrs. of 16.10.2023 | B |

Further details can be seen from the e-Procurement portal "https://www.tendersodisha.gov.in".
OIPR-13236/11/0009/2324 Sd./- General Manager, WATCO Project Division, Sambalpur








ଦୁଇ ଆଦିବାସୀ ମହିଳା ଅଧିକାରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ସିବିଆଇ ତଦନ୍ତ ଦାବି କରି ଗୁରୁବାର ସୁନ୍ଦରଗଡ଼ ଜିଲା ବନ୍ଦ ପରିପ୍ରେକ୍ଷୀରେ ଭାଜପା କର୍ମୀମାନେ ରାଉରକେଲା ମେନ୍ ରୋଡ୍‌ରେ ରାଲି କରୁଛନ୍ତି (ବାମ) ଏବଂ କର୍ମୀମାନେ ଏସ୍‌ଟିଆଇ ଛକରେ ଟାୟାର ଜାଳି ପ୍ରତିବାଦ କରୁଛନ୍ତି ।

# ରାଉରକେଲା ବନ୍ଦ ଶାନ୍ତିପୂର୍ଣ୍ଣ

ରାଉରକେଲା,୫।୧୦(ସଙ୍ଗୀତା ଜେନା)

ସୁନ୍ଦରଗଡ଼ ଜିଲାରେ ୨ ଆଦିବାସୀ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ସିବିଆଇ ତଦନ୍ତ ଦାବି କରି ଭାଜପା ମହିଳା ମୋର୍ଚ୍ଚା ଓ ଆଦିବାସୀ ମୋର୍ଚ୍ଚା ପକ୍ଷରୁ ଗୁରୁବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ରାଉରକେଲା ବନ୍ଦ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରାଯାଇଥିଲା। ଏହି ବନ୍ଦର ପ୍ରଭାବ ରାଉରକେଲା ସହରରେ ଅନୁଭୂତ ହୋଇଥିଲା। ବନ୍ଦ ଯୋଗୁ ଦୋକାନ ବଜାର ସମେତ ବିଭିନ୍ନ ପ୍ରତିଷ୍ଠାନ, ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଏହି ମାମଲାରେ ସରକାର ଦାୟୀ ଏବଂ ଜିଲାରେ ମହିଳା ସରକାରୀ ଅଧିକାରୀଙ୍କୁ ସୁରକ୍ଷା ଦେବାରେ ପ୍ରଶାସନ ଓ ସରକାର ସମ୍ପୂର୍ଣ୍ଣ




ଝିରପାଣି ମାର୍କେଟ।

ବିଫଳ। ଏହି ଘଟଣାରେ ଶାସକ ଦଳ ଉପରେ ସନ୍ଦେହ ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ଘଟଣାର ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଅନ୍ତୁ ନଚେତ୍ ଇସ୍ତଫା ଦିଅନ୍ତୁ ବୋଲି ମହିଳା ମୋର୍ଚ୍ଚା କର୍ମୀମାନେ ଦାବି କରିଥିଲେ। ବିଶ୍ରା ଛକରେ ସେମାନେ ଲୋକମାନଙ୍କୁ ଆଦିବାସୀ ସରକାରୀ ଅଧିକାରୀଙ୍କ ମୃତ୍ୟୁ ମାମଲା ସମ୍ପର୍କରେ ଅବଗତ କରାଇ ବନ୍ଦକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ସେହିପରି ଏସ୍‌ଟିଆଇ ଛକ, ଉଦିତନଗର, ମେନ୍ ରୋଡ୍, ପାୱାର ହାଉସ ସମେତ ବିଭିନ୍ନ ଛକ ଓ

## ୨ ଆଦିବାସୀ ମହିଳା ଅଧିକାରୀଙ୍କ ମୃତ୍ୟୁ ମାମଲା

ମାର୍କେଟରେ ଭାଜପା କର୍ମୀମାନେ ପିକେଟିଂ କରି ବନ୍ଦ କରାଇଥିଲେ। କିଛି ସ୍ଥାନରେ ସେମାନେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ବନ୍ଦକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ଛକ, ରିଂ ରୋଡ୍, ମେନ୍ ରୋଡ ସମେତ ଅନ୍ୟ ଅଞ୍ଚଳରେ ସୁରକ୍ଷା ବଳ ମୁତୟନ କରାଯାଇଥିଲା। ପାନପୋଷ ଭାଜପା ସାଙ୍ଗଠନିକ ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ରାଜ୍ୟ ପ୍ରବକ୍ତା ଧୀରେନ ସେନାପତି, ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ଡ. ଐଶ୍ୱର୍ଯ୍ୟା ବିଶ୍ୱାଳ, ନିହାର ରାୟ, ଜଗବନ୍ଧୁ ବେହେରା, ଅଙ୍କୁଶ ବର୍ମା, ପ୍ରବାଳ ବାରିକ, କେଦାର ପ୍ରିୟଦର୍ଶୀ, ରଘୁନାଥପାଲି ଭାଜପାର ଜଗବନ୍ଧୁ ବେହେରା, ଦୁର୍ଗା ତନ୍ତୀଙ୍କ ସମେତ ଶତାଧିକ ମଣ୍ଡଳ ସଭାପତି, ବ୍ଲକ ସଭାପତି ଓ କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ। ତେବେ ରାଉରକେଲାର ପାରିପାର୍ଶ୍ୱିକ ଅଞ୍ଚଳରେ ବନ୍ଦର ପ୍ରଭାବ ପଡି ନ ଥିବାବେଳେ ଜୀବନଯାତ୍ରା ସ୍ୱାଭାବିକ ଥିବା ଦେଖିବାକୁ ମିଳିଥିଲା।

# ସିଆଇଟିୟୁର ବିକ୍ଷୋଭ ପ୍ରଦର୍ଶନ

**ରାଉରକେଲା,୫।୧୦(ଦିନେଶ ମିଶ୍ର):** ରାଉରକେଲା ଇସ୍ପାତ କାରଖାନା ପାୱାର ଗେଟ ସମ୍ମୁଖରେ ଷ୍ଟିଲ ଏମ୍ପ୍ଲଇଜ ଟ୍ରେଡ ୟୁନିୟନ ଓ ରାଉରକେଲା କଣ୍ଟ୍ରାକ୍ଟର ୱାର୍କର୍ସ ୟୁନିୟନ (ସିଆଇଟିୟୁ) ପକ୍ଷରୁ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ବିକ୍ଷୋଭରେ ବହୁ ଇସ୍ପାତ ଶ୍ରମିକ ଉପସ୍ଥିତ ରହି ୩୯ ମାସର ବକେୟା ଏରିୟର ତୁରନ୍ତ ପ୍ରଦାନ କରିବାକୁ ଦାବି କରିଥିଲେ। ତ୍ରୁଟିପୂର୍ଣ୍ଣ ଶ୍ରମିକ ବିରୋଧୀ ବୋନସ ଚୁକ୍ତିନାମା ପ୍ରତ୍ୟାହାର କରି ଇସ୍ପାତ ଶ୍ରମିକ କର୍ମଚାରୀଙ୍କୁ ଗତବର୍ଷ ଠାରୁ ଅଧିକ ଓ ଠିକା ଶ୍ରମିକଙ୍କୁ ୨୦ ପ୍ରତିଶତ ବୋନସ ପ୍ରଦାନ କରିବା ପାଇଁ ଦାବି କରାଯାଇଥିଲା। ସିଆଇଟିୟୁର କାର୍ଯ୍ୟକାରୀ ସଭାପତି ଶ୍ରୀମନ୍ତ ବେହେରା, ରତ୍ନାକର ନାୟକ, ଯଜ୍ଞେଶ୍ୱର ସାହୁ, ପ୍ରଦୋଷ ପରିଡା, ସଂଗ୍ରାମ ସାମଲ, ଜେ. କେ. ସାହୁ, ବିଦ୍ୟାଧର ନାୟକ, ରାଜକିଶୋର ପ୍ରଧାନ, ପ୍ରଶାନ୍ତ ଷଡଙ୍ଗୀ, ସାଗର ଛୋଟରାୟ, ବସନ୍ତ ପାତ୍ରୀ, ଅନାଦି ସାହୁ, ପ୍ରଭାତ ପଣ୍ଡା, ଜୀବନ ବରିହା ପ୍ରମୁଖ ଯୋଗ ଦେଇଥିଲେ।

**PANCHAYAT SAMITI DEGREE MAHAVIDYALAYA**
GYANA VIHAR, DEOGAON
At/Po-Deogaon, Dist-Balangir, Pin-767029 (Odisha)
degreecollegedeogaon@gmail.com, psdmdeogaonbgr@gmail.com

**WALK-IN-INTERVIEW**

A Walk-In-Interview for the engagement of Guest Faculty in Commerce-1 Post, Physics-1 Post and Zoology-1 Post will be held in the office of the Principal on Dt.08.10.2023 (Sunday at 10 AM). Interested Candidates having 55% marks in PG may attend the interview with all testimonials (Both Xerox & Original). Contact No.7978418244.

Sd/- Principal-cum-Secretary

## ଆଲିଶଙ୍କ ପରିବାରକୁ ଭେଟିବାକୁ ଯାଇ ହଟହଟା

# ସଫେଇ ଦେଲା ଭାଜପା

ରାଉରକେଲା,୫।୧୦(ସଙ୍ଗୀତା ଜେନା)

ଉଦିତନଗର ଥାନା ଏଏସ୍‌ଆଇ ଆଲିଶ ନାରମି ଲୁଗୁନ୍‌ଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାର ତଥ୍ୟ ସଂଗ୍ରହ ପାଇଁ ବୁଧବାର ରାତି ୯ଟାରେ ଭାଜପା ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ବିଶ୍ରା ଥାନା ଅଧୀନ ସନ୍ତୋଷପୁର ଗ୍ରାମକୁ ଯାଇ ହଟହଟା ହୋଇଥିବା ସୂଚନା ମିଳିଛି। ରାଜ୍ୟ ଭାଜପାର ନିର୍ଦ୍ଦେଶ କ୍ରମେ ଟିମ୍ ଅଧ୍ୟକ୍ଷା ତଥା ସୁନ୍ଦରଗଡ଼ ସଦର ବିଧାୟିକା କୁସୁମ ଟେଟେଙ୍କ ନେତୃତ୍ୱରେ ଉକ୍ତ ଟିମ୍ ମୃତକଙ୍କ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେବାକୁ ଯାଇ ଘୋର ବିରୋଧର ସମ୍ମୁଖୀନ ହେବା ପରେ ସେଠାରୁ ଫେରି ଆସିଛନ୍ତି। ମୃତକଙ୍କ ଦିଅର ଜୟନ୍ତ ଲାକ୍ରା ଓ ପରିବାରର ଅନ୍ୟ ସଦସ୍ୟଙ୍କ କହିବା ଅନୁସାରେ, ଅକ୍ଟୋବର ୨ ତାରିଖରେ ଉଦିତନଗର ଥାନା ସମ୍ମୁଖରେ ପ୍ରତିବାଦ ବେଳେ ଭାଜପା ପକ୍ଷରୁ ସମର୍ଥନ ମିଳି ନ ଥିଲା। ତେବେ ବୁଧବାର ଦିନ ସମୟରେ ଏହି ଟିମ୍ ନ ଆସି ଏତେ ରାତିରେ ଆସିବାର ପ୍ରୟୋଜନ କଣ ଥିଲା ବୋଲି ଜୟନ୍ତ ପାଲଟା ପ୍ରଶ୍ନ କରିଥିଲେ। ଅଯଥା ଏହି ଘଟଣାକୁ ରାଜନୈତିକ ରଙ୍ଗ ନ ଦିଆଯାଉ। ଆମ ଲଢ଼େଇ ଆମେ ନିଶ୍ଚୟ ଲଢ଼ିବୁ ବୋଲି ସେ କହିଥିଲେ। ତେବେ ଏହି ଘଟଣାରେ ଭାଜପା କର୍ମୀମାନେ ସହଯୋଗ କରିଥିଲେ ବୋଲି ଗୁରୁବାର ଦଳ ପକ୍ଷରୁ ସଫେଇ ଦିଆଯାଇଛି। ଦଳର କର୍ମୀମାନେ ମୃତକଙ୍କ ମା' ଭାଉଜଙ୍କ ସହ ଗ୍ରାମକୁ ଆସି ଅନ୍ତ୍ୟେଷ୍ଟି କ୍ରିୟାରେ ଉପସ୍ଥିତ ଥିଲେ ବୋଲି ଦଳ କହିଛି। ସେହିପରି ଏଏସ୍‌ଆଇ ଲୁଗୁନଙ୍କ ମୃତ୍ୟୁର ସିବିଆଇ ତଦନ୍ତ କରାଯାଉ ବୋଲି ଭାଜପା ଦାବି କରିଛି।

## ବିଜ୍ଞାପିତ ଅଞ୍ଚଳ ପରିଷଦ, ଜୁନାଗଡ଼,କଳାହାଣ୍ଡି

ପବିତ୍ର ଖଣ୍ଡାବସା ପାଳନ ଅବସରରେ ଜୁନାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ, ସହରର ସମସ୍ତ ନଗରବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ମାଁ ଲଙ୍କେଶ୍ୱରୀ ସମସ୍ତ ସହରବାସୀଙ୍କୁ ସୁଖ ଓ ସମୃଦ୍ଧିରେ ପରିପୂର୍ଣ୍ଣ ରଖନ୍ତୁ ବୋଲି ପ୍ରାର୍ଥନା କରିବା ସହିତ ନିମ୍ନଲିଖିତ ବିଷୟ ପ୍ରତି ଆନ୍ତରିକ ଧ୍ୟାନ ଦେବା ନିମନ୍ତେ ବିନମ୍ର ନିବେଦନ କରୁଅଛୁ ।

ଶ୍ରୀ ପ୍ରେମଲାଲ ହିଆଲ, ନିର୍ବାହୀ ଅଧିକାରୀ | ଶ୍ରୀମତୀ ହିମାଦ୍ରୀ ନାୟକ, ଉପନଗରପାଳ | ଶ୍ରୀ ମୁକେଶ ଅଗ୍ରୱାଲ, ନଗରପାଳ

**ପାରିଷଦ ବୃନ୍ଦ:**
ୱାର୍ଡ ନଂ.୧. ଶ୍ରୀ ଗୋପାଳ ଚନ୍ଦନ, ପାରିଷଦ ।
ୱାର୍ଡ ନଂ.୨. ଶ୍ରୀ ସଚିନ ଅନ୍ଦାନୀ, ପାରିଷଦ ।
ୱାର୍ଡ ନଂ.୩. ଶ୍ରୀ କାହ୍ନୁ ଚରଣ ବୈଠାରୁ,ପାରିଷଦ ।
ୱାର୍ଡ ନଂ.୪. ଶ୍ରୀମତୀ ହିମାଦ୍ରୀ ସିନ୍ଦୁର, ପାରିଷଦ ।
ୱାର୍ଡ ନଂ.୫. ଶ୍ରୀମତୀ ପୁଷ୍ପାଞ୍ଜଳି ଦଣ୍ଡସେନା,ପାରିଷଦ ।
ୱାର୍ଡ ନଂ.୬. ଶ୍ରୀମତୀ ମାଧବୀ ବାଗ, ପାରିଷଦ ।
ୱାର୍ଡ ନଂ.୭. ଶ୍ରୀମତୀ ମଞ୍ଜୁଲତା ସେଠୀ,ପାରିଷଦ ।
ୱାର୍ଡ ନଂ.୮. ଶ୍ରୀମତୀ କୁନି ଶବର, ପାରିଷଦ ।
ୱାର୍ଡ ନଂ.୯. ଶ୍ରୀ ଭୁପେନ୍ଦ୍ର ଦଣ୍ଡସେନା, ପାରିଷଦ ।
ୱାର୍ଡ ନଂ.୧୧.ଶ୍ରୀମତୀ ମିନତୀ ମାଝୀ, ପାରିଷଦ ।
ୱାର୍ଡ ନଂ.୧୨.ଶ୍ରୀ ଚକ୍ର ବାଗ, ପାରିଷଦ ।

୧. ନିଜ ପରିବେଶକୁ ପରିଷ୍କାର ରଖନ୍ତୁ ଓ ସହରକୁ ପରିଷ୍କାର ରଖିବା ଦିଗରେ ପରିଷଦକୁ ସହଯୋଗ କରନ୍ତୁ ।
୨. ଅଳିଆ ଆବର୍ଜନା ରାସ୍ତା କିମ୍ବା ନର୍ଦ୍ଦମାରେ ନ ପକାଇ ଉଦ୍ଦିଷ୍ଟ ଭ୍ରାମ୍ୟମାଣ ଆବର୍ଜନା ସଂଗ୍ରହ ଯାନରେ ପକାନ୍ତୁ ।
୩. ପରିଷଦର ବିନା ଅନୁମତିରେ କୌଣସି ପ୍ରକାର ଗୃହ ନିର୍ମାଣ କରନ୍ତୁ ନାହିଁ ।
୪. ଗୃହ ଉପକରଣ ସାମଗ୍ରୀ ରାସ୍ତା ଉପରେ ରଖନ୍ତୁ ନାହିଁ ଓ ସର୍ବସାଧାରଣ ରାସ୍ତା ଅବରୋଧ କରନ୍ତୁ ନାହିଁ ।
୫. ଏକକ ବ୍ୟବହୃତ ପଲିଥିନ ବ୍ୟାଗ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ ଓ ବ୍ୟାନ କରାଯାଇଅଛି । ତେଣୁ ପଲିଥିନ ବ୍ୟାଗ ବ୍ୟବହାରରୁ ନିବୃତ୍ତ ରୁହନ୍ତୁ ।
୬. ଠିକ୍ ସମୟରେ ପରିଷଦର ଟିକସ ଏବଂ ପରିଷଦର ଦେୟ ପୈଠ କରି ସହରର ଉନ୍ନୟନ କାର୍ଯ୍ୟରେ ସଦୟ ସହଯୋଗ କରନ୍ତୁ ।
୭. ନିଜ ଘର ଚାରିପାଖରେ ପୁରୁଣା ଟାୟାର କିମ୍ବା ପାଣି ଜମା ହେଉଥିବା ବସ୍ତୁ ରଖନ୍ତୁ ନାହିଁ କିମ୍ବା ପାଣି ଜମା ହେବାକୁ ଦିଅନ୍ତୁ ନାହିଁ ।

# ଆର୍‌ଏସ୍‌ପି ଅଧିକାରୀଙ୍କୁ ଚାଣକ୍ୟ ପୁରସ୍କାର

ରାଉରକେଲା,୫।୧୦(ସଙ୍ଗୀତା ଜେନା)

ପବ୍ଲିକ ରିଲେଶନ କାଉନସିଲ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ଦିଲ୍ଲୀରେ ଅନୁଷ୍ଠିତ ସପ୍ତଦଶ ବିଶ୍ୱ ଯୋଗାଯୋଗ ସମ୍ମିଳନୀରେ ରାଉରକେଲା ଇସ୍ପାତ କାରଖାନାର ଲୋକ ସମ୍ପର୍କ ବିଭାଗର ସିନିୟର ମ୍ୟାନେଜର ଛାୟାକାନ୍ତ ଶର୍ମା ସମ୍ମାନଜନକ ଚାଣକ୍ୟ ପୁରସ୍କାର ପାଇଛନ୍ତି। ଏକ ବର୍ଣ୍ଣାଢ଼୍ୟ ପୁରସ୍କାର ବିତରଣ ସମାରୋହରେ ପ୍ରତିରକ୍ଷା ସଂସଦୀୟ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଜୁଏଲ ଓରାମଙ୍କଠାରୁ ଆଭ୍ୟନ୍ତରୀଣ ମିଡ଼ିଆ ପରିଚାଳନାରେ ଉତ୍କର୍ଷତା ପାଇଁ ଶର୍ମା ଏହି ପୁରସ୍କାର ଗ୍ରହଣ କରିଥିଲେ। ଆର୍‌ଏସ୍‌ପି ଲୋକ ସମ୍ପର୍କ ବିଭାଗରେ ଶର୍ମାଙ୍କ ୩ ଦଶନ୍ଧିରୁ ଅଧିକ ଉତ୍ସର୍ଗୀକୃତ ଅବଦାନ ରହିଛି। ଶର୍ମା ତାଙ୍କ କ୍ୟାରିୟରରେ ଦୈନନ୍ଦିନ ୩ଟି ଭାଷାରେ ସମ୍ବାଦ ପ୍ରସ୍ତୁତି ତଥା ପ୍ରସାରଣ, ବୃତ୍ତଚିତ୍ର ଏବଂ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରସ୍ତୁତି, ସ୍ୱାସ୍ଥ୍ୟ ଫାଇଲ୍, ସାଂସ୍କୃତିକ କାର୍ଯ୍ୟକ୍ରମ, ମିଡ଼ିଆ ଏବଂ ସୋସିଆଲ ମିଡ଼ିଆ ପରିଚାଳନା ଏବଂ



ଉତ୍ସବରେ ଛାୟାକାନ୍ତ ଶର୍ମା ପୁରସ୍କାର ଗ୍ରହଣ କରୁଛନ୍ତି।

ଇଭେଣ୍ଟ ମ୍ୟାନେଜମେଣ୍ଟ ସହ ଜନସମ୍ପର୍କର ବିଭିନ୍ନ ଦିଗରେ ଉତ୍କର୍ଷତା ପ୍ରଦର୍ଶନ କରିଛନ୍ତି। ବର୍ତ୍ତମାନ ସେ ଆରଏସପିର ନିଜସ୍ୱ ଟିଭି ଚ୍ୟାନେଲ, ଲୋକ ସମ୍ପର୍କ ବିଭାଗର ରାଉରକେଲା ଷ୍ଟିଲ ଟେଲିଭିଜନର ନେତୃତ୍ୱ ନେଉଛନ୍ତି। ଏହା ଦେଶର ଶିଳ୍ପ ପାଇଁ ପ୍ରଥମ ନିଜସ୍ୱ କେବୁଲ ଟେଲିଭିଜନ ନେଟୱର୍କର ଗୌରବ ବହନ କରିଛି। ଏହି ସ୍ୱୀକୃତି ଶର୍ମାଙ୍କ ସମର୍ପିତ ପ୍ରୟାସ ଏବଂ ବୃତ୍ତି ପାଇଁ ପ୍ରତିବଦ୍ଧତାର ପ୍ରମାଣ ବୋଲି କୁହାଯାଇଛି।

# ଷ୍ଟିଲ୍‌ସିଟିରେ ମାତିଲେଣି ନିଶା ବେପାରୀ

ରାଉରକେଲା,୫।୧୦(ଦିନେଶ ମିଶ୍ର)

ଆଗକୁ ଶାରଦୀୟ ଦୁର୍ଗାପୂଜା। ଏହା ଯେତେ ପାଖେଇ ଆସୁଛି ସନ୍ଧ୍ୟାହେଲେ ରାଉରକେଲା ସହରର ଛକ ଓ ଖୋଲା ସ୍ଥାନମାନଙ୍କରେ ଯୁବକମାନେ ଭିଡ଼ ଜମାଉଥିବା ଦେଖିବାକୁ ମିଳୁଛି। ବସ୍ତି ଆଖପାଖ ଅଞ୍ଚଳରେ ନିଶା ବେପାରୀ ମାତିଲେଣି। ସନ୍ଧ୍ୟା ହେଲେ ସେମାନେ ସହରର ବିଭିନ୍ନ ମଦ ଦୋକାନ ଓ ଢାବାରେ ଆଡ୍ଡା ଜମାଉଛନ୍ତି। ଏଭଳି ଦୃଶ୍ୟ ରାଉରକେଲା ମାଲଗୋଦାମ, ବାସନ୍ତୀ କଲୋନୀ ଛକ, ଗଙ୍ଗାଧରପାଲି, ଉଦିତନଗର ଛକ, ଝରଣାବସ୍ତି, ଧାମରା ବସ୍ତି, ଶୀତଳପଡା ବସ୍ତି, ଗାଡ଼ାଟୋଲା ବସ୍ତିରେ ଦେଖିବାକୁ ମିଳିଛି। ଆଗକୁ ସହରରେ ପାର୍ବଣ ଥିବାରୁ ଏହି ବ୍ୟବସାୟୀମାନେ ନିଶା କାରବାର କରି ମାଲେମାଲ ହେବାକୁ ଆଶା ରଖିଛନ୍ତି। ସହରରେ ଥିବା କିଛି ଲାଇସେନ୍ସପ୍ରାପ୍ତ ମଦ ଦୋକାନଗୁଡିକ ରାତି ୧୦ଟା ପର୍ଯ୍ୟନ୍ତ ଖୋଲିବା ନିୟମ ଥିବାବେଳେ ଏଗୁଡିକ ଅଧା ଶଟର ପକାଇ ବିଳମ୍ବିତ ରାତି ପର୍ଯ୍ୟନ୍ତ କାରବାର କରୁଛନ୍ତି। ସେହିପରି ମଦ ବେପାରୀମାନେ ଝାଡ଼ଖଣ୍ଡ ଓ ସୀମାନ୍ତ ଅଞ୍ଚଳରୁ ଚୋରାମଦ ଆଣି ବିଭିନ୍ନ ବସ୍ତି ଅଞ୍ଚଳରେ ବିକ୍ରି କରୁଛନ୍ତି। ରାଉରକେଲା ଅବକାରୀ ବିଭାଗ ଓ ଜିଲା ପୋଲିସ ପ୍ରଶାସନର ମିଳିତ

## ସନ୍ଧ୍ୟା ହେଲେ ଜମୁଛି କାରବାର

ଉଦ୍ୟମରେ ଚଢ଼ାଉ କରାଯାଉଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଦୁଇ ସପ୍ତାହ ତଳେ ସିଭିଲଟାଉନଶିପ୍ ଅଞ୍ଚଳ ଲଚ୍ଛୁଢ଼ାବା, ଡେଲି ମାର୍କେଟ ସ୍ଥିତ ରୋଜି ଢାବା ଉପରେ ପୋଲିସ ଚଢାଉ କରି ଢାବା ମାଲିକଙ୍କ ସହ ୨ଜଣଙ୍କୁ ଗିରଫ କରିଥିଲା। ମହତାବରୋଡ, ଟ୍ରାଫିକ ଗେଟ ଓ ପାୱାରହାଉସ ପାର୍କିଂ ଏରିଆରେ ଥିବା ଢାବାରୁ ପୋଲିସ ୭ ଦିନ ଭିତରେ ୪ଜଣଙ୍କୁ ଗିରଫ କରିସାରିଲାଣି। ଗଙ୍ଗାଧରପାଲି ଆଦିବାସୀ କ୍ଲବ ନିକଟରେ ଜଣେ ବ୍ୟବସାୟୀ ବିଳମ୍ବିତ ରାତିରେ ବିଦେଶୀ ମଦ ବୋତଲ ପିଛା ୩୦ରୁ ୫୦ ଟଙ୍କା ଅଧିକ ମୂଲ୍ୟରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ସହର ସାରା ଲୁଚାଛପାରେ ନିଶା କାରବାର ଚାଲିଥିବାରୁ ଅସାମାଜିକ ତତ୍ତ୍ୱଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଏ ନେଇ ରାଉରକେଲା ଅବକାରୀ ଇନ୍ସପେକ୍ଟର ସ୍ନେହଲତା ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ନିର୍ବାଚନ ଓ ପୂଜା ପୂର୍ବରୁ ବିଭିନ୍ନ ସ୍ଥାନରେ ମଦ କାରବାର ରୋକିବା ପାଇଁ ଆମର ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯିବ। ବିଶେଷ କରି ସହରରେ ଥିବା ତଳି ଓ ବସ୍ତି ଅଞ୍ଚଳରେ ନିଶା କାରବାର କରୁଥିବା ବ୍ୟକ୍ତିଙ୍କ ପ୍ରତି କଠୋର ପଦକ୍ଷେପ ନିଆଯିବା ସହ ପୋଲିସ ପକ୍ଷରୁ ମିଳିତ ଚଢାଉ ଜାରି ରହିବ ବୋଲି ନାୟକ କହିଥିଲେ।

## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-POINT-RELAY-KUR-345, ତା.28.09.2023ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ପୁରୀ-ନୂଆଗାଁ ସେକ୍ସନରେ ପଏଣ୍ଟ ଗ୍ରୁପ୍ ରିଲେ(Relay) ର ସ୍ଥାନାନ୍ତରଣ ।

**ଟେଣ୍ଡର ମୂଲ୍ୟ (₹) :** 54,37,715/-, EMD (₹) : 1,08,800/- ।

ବିଡ୍ ଆରମ୍ଭ ହେବା ତାରିଖ : ତା.11.10.2023ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.25.10.2023 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ- ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡର ଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍

PR-638/O/23-24

See Career Appointment on every **Wednesday & Saturday**

FORM No. 13
**BEFORE THE DEBTS RECOVERY TRIBUNAL, CUTTACK, ORISSA**
C-71, SECTOR-7, CDA, CUTTACK, ODISHA
O.A. No. 355 of 2021

Branch Manager, Punjab National Bank
Grand Road, Puri Branch .....Applicant

Versus

M/s Coastal Distributor & Others .....Defendant(s)

To,
1) **M/s Coastal Distributor, Proprietor: Sri Sibanarayan Das,** At: Grand Road, PO/Dist.: Puri-752001.
2) **Sri Sibanarayan Das,** S/o- Late Kulamani Das, At: Markandeswar Sahi, PO: Puri-1, Dist.: Puri-752001.

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 355 of 2021** in the Court of the Debts of Recovery Tribunal, Cuttack for recovery of **Rs.32,17,823.29** only together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorized agent, in support of their defense to show cause within **30 days** from the publication or on **14.11.2023 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **27th day of September, 2023.**

Sd/- (Nikhila Ranjan Pati)
REGISTRAR

OFFICE OF THE GENERAL MANAGER
**WATCO PROJECT DIVISION, SAMBALPUR, ODISHA- 768005**
E-mail- gmprojectsbp@gmail.com
NATIONAL COMPETITIVE BIDDING THROUGH e-PROCUREMENT
**Invitation For Bids (IFB)**
Bid Identification No. 12/Project / WATCO/SBP/2023-24 Dated 29.09.2023 No. C-1545

| Sl. No. | Name of work | Appx. estimated cost (Rs. in Lakh) | Period of completion | Availability of bid document for online bidding | | Class of the contractor |
|---|---|---|---|---|---|---|
| | | | | From | To | |
| 1 | 2 | 3 | 4 | 5 | 6 | 7 |
| 1 | Laying of 200 mm dia RCC NP3 Sewer and construction of 1200 & 1500 mm dia manhole from MH 4562 to MH 4695 in Sunapali, Catchment-3 of Sambalpur Sewerage System. | 49.48 | 02 (Two) months) | 11.00 hrs. of 05.10.2023 | 17.00 hrs. of 16.10.2023 | B |
| 2 | Laying of 200 mm dia RCC NP3 Sewer and construction of 1200 & 1500 mm dia manhole from MH 4695 to MHPS-3 in Sunapali, Catchment-3 of Sambalpur Sewerage System. | 48.89 | 02 (Two) months) | 11.00 hrs. of 05.10.2023 | 17.00 hrs. of 16.10.2023 | C & B |
| 3 | Laying of 200 mm dia RCC NP3 Sewer and construction of 1200 & 900 mm dia manhole in from MH 4843 to MHPS-3 and MH-4843 to MH-4865 in Sunapali, Catchment-3 of Sambalpur Sewerage System. | 36.69 | 02 (Two) months) | 11.00 hrs. of 05.10.2023 | 17.00 hrs. of 16.10.2023 | B |
| 4 | Laying of 200 mm dia RCC NP3 Sewer and construction of 900, 1200 & 1500 mm dia manhole from MH 4589 -MH 4632 in Sunapali, Catchment-3 of Sambalpur Sewerage System. | 44.85 | 02 (Two) months) | 11.00 hrs. of 05.10.2023 | 17.00 hrs. of 16.10.2023 | B |

Further details can be seen from the e-Procurement portal "https://www.tendersodisha.gov.in".
OIPR-13236/11/0009/2324
Sd./- General Manager, WATCO Project Division, Sambalpur

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553

No.CAD-2306 **TENDER ALERT**

1) **Tender Call Notice No.06/2023-24:** Construction of GI battery stand at 132/33kV Grid S/S, Dhenkikote under EHT O&M Division, Joda.
2) **E-Tender call Notice No.BRL-19/2023-24:** Procurement of armoured AC power Cable (1100V) for 220kV, 132kV & 33kV system for SAS work at 220/132/33kV Grid S/S, Budhipadar under EHT O&M Division, Jharsuguda under EHT O&M Circle, Burla.
3) **Tender Call Notice No.04/2023-24:** Renovation of room and extension of same as control room purpose at 132/33 kV Grid S/S, Rairangpur under EHT O&M Division, Baripada under EHT O&M Circle, Jajpur Road.
4) **Tender Call Notice No.05/2023-24:** Procurement of 02 numbers of thermo vision cameras (make-Fluke/Stanlay/Flair) for Grid S/S, Budhipadar under EHT O&M Division, Jharsuguda.
5) **Tender Call Notice No.01/2023-24:** Engagement of one number of diesel run commercial registered 07 seated Non-AC bolero of its equivalent Hired vehicle on monthly basis for TL S/D, Rairangpur & TL S/D, Karanjia under EHT O&M Division, Baripada.
6) **Tender Call Notice No.10/2023-24:** Supply & Installation of one number indoor type floor mounted 220V, 100A DC Distribution Board for Control room of 220/132/33 kV Grid S/S, Narendrapur under EHT O&M Division, Berhampur under EHT O&M Circle, Berhampur.
7) **E-Tender Call Notice No.09/2023-24:** Supply of one number ACDB panel for control room of 220/132/33kV Grid S/S, Narendrapur under EHT O&M Division, Berhampur under EHT O&M Circle, Berhampur.
8) **Tender Call Notice No.13/2023-24:** Procurement of 03 numbers of 220kV Male Contacts (copper moving bar) for 400/220/132/33 kV Grid S/S, Mendhasal under EHT O&M Division, Mendhasal.
9) **Tender Call Notice No.13/BBSR-DIV/2023-24:** Procurement of Console boxes for installation in CT, PT, CVT for integration of SAS work at 132/33kV Grid S/S, Mancheswar under EHT O&M Division, Bhubaneswar.
10) **Tender Call Notice No.12/BBS/2023-24:** Checking of Jumpers, insulators, hardware & accessories and tightening/ replacement of clamps, nuts & bolts at different Tension locations of 220kV Mendhasal-Chandaka DC line, 220kV Mendhasal-Bidanasi DC Line and 220kV Mendhasal-Atri-Narendrapur DC line under EHT O&M Division, Mendhasal under EHT O&M Circle, Bhubaneswar.
11) **Tender Call Notice No.13/BBS/2023-24:** execution of different works for Techno park at Grid S/S, Chandaka under EHT O&M Circle, Bhubaneswar.
12) **Tender Call Notice No.05/2023-24:** Supply of Electrical insulation Mat (ISI Marked) of Make ( Safe volt/ Xvolt/ Deep Jyoti or any reputed Indian brand) of size ( 2m length X 1m width X0.003m thickness) for 132/33 kV Grid S/S, Bargarh under EHT O&M Division, Barpali.
13) **Tender Call Notice No.04/2023-24:** Casting and laying of RCC Cable trench slabs and making steps for 33kV Switchyard of 132/33 kV Grid S/S, Ghess under EHT O&M Division, Barpali.
14) **E-Tender Call Notice No.10 of SE-CWC-OPTCL-BBSR:** Tenders are invited from bidders through e-tender for Sl No.01 & 02 under Civil works Circle, Bhubaneswar.
15) **Tender Call Notice No.16/2023-24:** Supply of 220kV Outdoor CT & CVT Console box for SAS work at 220/132/33kV Bidanasi Grid S/S under EHT O&M Division, Cuttack.

For more details please visit OPTCL's website: **www.optcl.co.in.**
OIPR-04011/11/0095/2324 FIPR-41/2023-24
/optcl.odisha /optcl_odisha

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ହେଲ୍‌ପରଙ୍କ ମୃତ୍ୟୁ

ଦେବଗଡ଼,୫।୧୦(ଶଶାଙ୍କ ଶେଖର ଝାଙ୍କର): ତିଲେଇବଣି ବ୍ଲକ ମେଞ୍ଜାରୀବାହାଲ ଗ୍ରାମରେ ଗୁରୁବାର ବିଦ୍ୟୁତ୍ ଟ୍ରାନ୍ସଫର୍ମର ସଜାଡୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ହେଲପରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତେରେଣ୍ଡାକଟା ଗ୍ରାମର ସୁନିଲ କୁମାର ପ୍ରଧାନ(୪୫)। ଆର୍ଥିକ ସହାୟତା ପାଇଁ ପରିବାର ଲୋକେ ଦାବି କରିଛନ୍ତି। ଏଥିସହ ଘଟଣାର ନିରପେକ୍ଷ ତଦନ୍ତ କରି ପୋଲିସ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ଜଣାଇଛନ୍ତି। ରିଆମାଳ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରିଛି। ସୂଚନାଯୋଗ୍ୟ, ବିଦ୍ୟୁତ ବଣ୍ଟନ କମ୍ପାନୀ ତିଲେଇବଣି ସେକ୍ସନ ଅଧିନରେ ସୁନିଲ ହେଲପରଭାବେ କାମ କରୁଥିଲେ। ଗୁରୁବାର ଅପରାହ୍ନରେ ବିଭାଗୀୟ ଲାଇନମ୍ୟାନ ଓ ସହଯୋଗୀଙ୍କ ଉପସ୍ଥିତିରେ ମେଞ୍ଜାରୀବାହାଲ ଗ୍ରାମରେ ଏକ ଟ୍ରାନ୍ସଫର୍ମର ମରାମତି କରୁଥିଲେ। ଏହି ସମୟରେ ବିଦ୍ୟୁତ ତାର ସଂସ୍ପର୍ଶରେ ତାଙ୍କ ହାତ ଲାଗିଯିବାରୁ ସେ ତଳକୁ ପଡ଼ିଯାଇଥିଲେ। ବିଦ୍ୟୁତ୍ ଅଘାତରେ ତାଙ୍କ ହାତ ସାମାନ୍ୟ ପୋଡିଯିବା ସହ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ସାଥୀ କର୍ମଚାରୀ ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ହେଲେ ସ୍ଥାନାନ୍ତର ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଥିଲା।

# ଡାକ୍ତର ପଦବୀ ପୂରଣ ପାଇଁ ଜିଲା କଂଗ୍ରେସର ଦାବି

ଦେବଗଡ଼,୫।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲାରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାପାଇଁ ସରକାର ମୋଟ ୨୧୧ ଜଣ ଡାକ୍ତର ପଦବୀ ମଞ୍ଜୁର କରିଥିବା ବେଳେ ବର୍ତ୍ତମାନ ୧୪୭ଟି ପଦବୀ ଖାଲି ପଡ଼ିଛି। ଫଳରେ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଅଭାବରୁ ଜିଲାବାସୀ ଅସୁବିଧାର ସମ୍ମୁଖୀନ ହେବା ସହ ଅନ୍ୟ ଜିଲାର ଡାକ୍ତରଖାନା ଉପରେ ନିର୍ଭର କରୁଛନ୍ତି। ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଆଗାମୀ ୨ ସପ୍ତାହ ମଧ୍ୟରେ ଖାଲି ପଡିଥିବା ଡାକ୍ତର ପଦବୀ ପୂରଣ ପାଇଁ ଜିଲା କଂଗ୍ରେସ ପକ୍ଷରୁ ମୁଖ୍ୟ ଚିକିତ୍ସା ଅଧିକାରୀଣୀଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ସାଗର କୁମାର ପ୍ରଧାନ, ନଗର କଂଗ୍ରେସ ସଭାପତି ରେବତୀ ମୋହନ ପଟ୍ଟନାୟକ, ରିଆମାଳ ବ୍ଲକ କଂଗ୍ରେସ ସଭାପତି ସୁଶାନ୍ତ କୁମାର ସ୍ୱାଇଁ ଓ କ୍ଷୀରସାଗର ସାହୁଙ୍କ ସମେତ ବହୁ କଂଗ୍ରେସ ନେତା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଣୀ ଡ. ସାଧନା ଦାଶଙ୍କୁ ସାକ୍ଷାତ କରି ଉକ୍ତ ସ୍ମାରକପତ୍ର ପ୍ରଦାନ କରିଥିଲେ। ଆଗାମୀ ୨ ସପ୍ତାହ ମଧ୍ୟରେ ଦାବି ପୂରଣ ନ ହେଲେ କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଉକ୍ତ ସ୍ମାରକପତ୍ର ଜରିଆରେ ଲିଖିତ ଚେତାବନୀ ଦିଆଯାଇଛି।



କଂଗ୍ରେସ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଣୀଙ୍କୁ ଦାବି ପତ୍ର ଦିଆଯାଉଛି।

# ଢୋଲପଡ଼ା ହାଇସ୍କୁଲରେ ବନ୍ୟପ୍ରାଣୀ ସଚେତନତା କାର୍ଯ୍ୟକ୍ରମ

ଦେବଗଡ଼,୫।୧୦(ଶଶାଙ୍କ ଶେଖର ଝାଙ୍କର)

ବନ୍ୟପ୍ରାଣୀ ସପ୍ତାହ ଅବସରରେ ତିଲେଇବଣି ବ୍ଲକ ଢୋଲପଡା ପଞ୍ଚାୟତ ସଦର ମହକୁମା ସ୍ଥିତ ଢୋଲପଡା ହାଇସ୍କୁଲରେ ବନ ବିଭାଗ ପକ୍ଷରୁ ଗୁରୁବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ବ୍ରହ୍ମାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଂସର ଫରେଷ୍ଟ ସେକ୍ସନର ଫରେଷ୍ଟର ବାଣେଶ୍ୱର ପରିଡା ଯୋଗଦେଇ ନିଜର ବକ୍ତବ୍ୟ ଉପସ୍ଥାପନ କରିବା ସହ ବନ୍ୟ ପ୍ରାଣୀ ସପ୍ତାହ ପାଳନର ଉଦ୍ଦେଶ୍ୟ ଉପରେ ବୁଝାଇଥିଲେ। ବନ୍ୟ ପ୍ରାଣୀଙ୍କ ସୁରକ୍ଷା ନିମନ୍ତେ ସହଯୋଗର ହାତ ବଢାଇବା ପାଇଁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସେ ନିବେଦନ କରିଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷକ ବ୍ରହ୍ମା ପ୍ରକୃତିର ଭାରସାମ୍ୟରେ ବନ୍ୟପ୍ରାଣୀ ମାନଙ୍କ ଭୂମିକା ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହାପରେ ଛାତ୍ରୀଛାତ୍ର ମାନେ ବନ୍ୟପ୍ରାଣୀ ସୁରକ୍ଷା ସମ୍ପର୍କୀତ ସଚେତନତା ମୂଳକ ପ୍ଲାକାର୍ଡ ଓ ବ୍ୟାନର ଧରି ବିଭିନ୍ନ ପ୍ରକାର ସ୍ଲୋଗାନ ସହ ଗ୍ରାମ ପରିକ୍ରମା କରି ଲୋକଙ୍କୁ ସଚେତନ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ପାଲୁଣିପ ଫରେଷ୍ଟ ଗାର୍ଡ ମାନସୀ ମଞ୍ଜରୀ ଛଶଳ, ପ୍ରୋଟେକ୍ସନ ସ୍କାର୍ଡ କୁଶାଳ ତିର୍କୀ, ପାରା ସ୍କାର୍ଡ ବାପିନ୍ଦ୍ର ସାହୁ, ବିଦ୍ୟାଳୟର ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ରାଉଳ, ଅନିଲ କୁମାର ସାହୁ, ସୁରେଶ ଚନ୍ଦ୍ର ପାତ୍ର, ସୁଧିର ମିଞ୍ଜ, ଶିକ୍ଷୟିତ୍ରୀ ମଉଡି ସାହୁ, ଦୀପ୍ତିମୟୀ ପ୍ରଧାନ, ବିଦ୍ୟାଳୟର କର୍ମଚାରୀ ବଳରାମ କୁମୁରା, ଗୌତମ ଭୋଇ, ନିଳମଣୀ ସାବତ ଓ ଚରଣ କୁମୁରା ପ୍ରମୁଖ ଅଂଶଗ୍ରହଣ କରିଥିଲେ।




# କଣ୍ଟେଲରେ ଭାଜପାର ମଣ୍ଡଳ ସ୍ତରୀୟ ବୈଠକ

ଦେବଗଡ଼,୫।୧୦(ଶଶାଙ୍କ ଶେଖର ଝାଙ୍କର)



ବାରକୋଟ ବ୍ଲକ କଣ୍ଟେଲ ପଞ୍ଚାୟତ ସଦର ମହକୁମା ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଭାଜପାର ମଣ୍ଡଳ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଭାଜପା ସଭାପତି ଦୈତାରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥିଭାବେ କଣ୍ଟେଲ ମଣ୍ଡଳ ପାଇଁ ନିଯୁକ୍ତ ପ୍ରଭାରୀ ତଥା ଜିଲା ଭାଜପା ଉପସଭାପତି ଭାରତ ଭୂଷଣ ପ୍ରଧାନ ଯୋଗଦେଇ ଉକ୍ତ ମଣ୍ଡଳ ଅଧିନସ୍ଥ ୩୭ଟି ଯାକ ବୁଥକୁ କିଭଳି ଅଧିକ ସଶକ୍ତ କରାଯାଇ ପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ କେନ୍ଦ୍ର ସରକାରଙ୍କ ଯୋଜନା ଗୁଡିକ ସମାଜର ତଳ ସ୍ତରରେ ରହିଥିବା ଜନସାଧାରଣଙ୍କ ନିକଟରେ କିଭଳି ପହଞ୍ଚି ପାରିବ ଓ ଜନସେବା କେନ୍ଦ୍ର ମାଧ୍ୟମରେ ବିଶ୍ୱକର୍ମା ଯୋଜନାରେ କିଭଳି ୧୮ଟି ବର୍ଗର ଲୋକଙ୍କର ଆବେଦନ କରାଯାଇପାରିବ ସେନେଇ ଯତ୍ନବାନ ହେବାକୁ ଉପସ୍ଥିତ ବିଜେପି ନେତା ଓ କର୍ମୀଙ୍କୁ ବୁଝାଇଥିଲେ। ବୈଠକରେ ଜିଲା ଭାଜପା ଉପସଭାପତି ବିରଞ୍ଚି ବେହେରା, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ଜୟକଷ୍ଟ ପ୍ରଧାନ, ଗୁରୁସଙ୍ଗ ସରପଞ୍ଚ ଭବାନୀକାନ୍ତ ବିଶ୍ୱାଳ, ସୁରେଶ ପ୍ରଧାନ, ବିଜୟ ସାମଲ, ମହି ଦେହୁରୀ, ଭକ୍ତବନ୍ଧୁ ଦେହୁରୀ, ଡୋଳାମଣି ପ୍ରଧାନ, ମଣ୍ଟୁ ପ୍ରଧାନଙ୍କ ସମେତ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକ ଫୋରମ ବୈଠକ

ଦେବଗଡ଼,୫।୧୦(ଶଶାଙ୍କ ଶେଖର ଝାଙ୍କର): ସ୍ଥାନୀୟ କ୍ଲବ ଗୃହଠାରେ ଗୁରୁବାର ଜିଲା ବରିଷ୍ଠ ନାଗରିକ ଫୋରମର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଫୋରମ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବହୁ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ରହି ଫୋରମର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏଗୁଡିକର ସମାଧାନ ପାଇଁ ଗଠନ ମୂଳକ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ସେହିପରି ଫୋରମର ବୈଠକ ପାଇଁ ଏକ ସରକାରୀ ଗୃହ ଯୋଗାଇ ଦେବାପାଇଁ ଜିଲାପାଳଙ୍କ ସହିତ ସାକ୍ଷାତ ଆଲୋଚନା ପାଇଁ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିସହ ଆଗାମୀ ୧୧ରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆୟୋଜିତ ହେବାକୁଥିବା ବରିଷ୍ଠ ନାଗରିକ ଦିବସରେ ଯୋଗଦେବାକୁ ଏହି ବୈଠକରେ ସ୍ଥିର କରାଯାଇଥିଲା। ଫୋରମର ସମ୍ପାଦକ ରାମଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।


**PANCHAYAT SAMITI DEGREE MAHAVIDYALAYA**
GYANA VIHAR, DEOGAON
At/Po-Deogaon, Dist-Balangir, Pin-767029 (Odisha)
degreecollegedeogaon@gmail.com, psdmdeogaonbgr@gmail.com

**WALK-IN-INTERVIEW**

A Walk-In-Interview for the engagement of Guest Faculty in Commerce-1 Post, Physics-1 Post and Zoology-1 Post will be held in the office of the Principal on Dt.08.10.2023 (Sunday at 10 AM). Interested Candidates having 55% marks in PG may attend the interview with all testimonials (Both Xerox & Original). Contact No.7978418244.

Sd./- Principal-cum-Secretary


# ବନ୍ୟପ୍ରାଣୀ ସପ୍ତାହରେ ସଚେତନତା କାର୍ଯ୍ୟକ୍ରମ

ଦେବଗଡ଼,୫।୧୦(ଶଶାଙ୍କ ଶେଖର ଝାଙ୍କର)



ବନ୍ୟପ୍ରାଣୀ ସପ୍ତାହ ଅବସରରେ ଦେବଗଡ ବନାଞ୍ଚଳର ତିଲେଇବଣି ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଜୁଆଳିଭଙ୍ଗା(ଶରଣଖୋଳ) ଗ୍ରାମରେ ବନ ସୁରକ୍ଷା ସମିତି ସଭାପତି ପ୍ରମୋଦ ପରିଡାଙ୍କ ସଭାପତିତ୍ୱରେ ବୁଧବାର ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ବନ ବିଭାଗ କର୍ମଚାରୀ ପ୍ରଫୁଲ୍ଲ ନାଥ ଓ ସମ୍ମାନିତ ଅତିଥିଭାବେ ୱାର୍ଡ ସଦସ୍ୟ ସୁଧାଂଶୁ ସାହୁ ଯୋଗଦେଇ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ସଭାରେ ତିଲେଇବଣି ଫରେଷ୍ଟର କାର୍ତ୍ତୀକେୟ ପ୍ରଧାନ ଓ ଫରେଷ୍ଟଗାର୍ଡ ଭୋଳେଶ୍ୱର ସାହୁ ମଞ୍ଚାସୀନ ରହି ବନ୍ୟ ପ୍ରାଣୀ ସପ୍ତାହ ପାଳନର ଉଦ୍ଦେଶ୍ୟ ଉପରେ ଉପସ୍ଥିତ ଗ୍ରାମବାସୀଙ୍କୁ ବୁଝାଇବା ସହ ବନ୍ୟ ପ୍ରାଣୀ ଦ୍ୱାରା ଖାଦ୍ୟ ଶସ୍ୟ ନଷ୍ଟ ହେଲେ ସରକାରଙ୍କ ଦ୍ୱାରା ଏକର ପ୍ରତି ୨୦ ହଜାର ଟଙ୍କା, ଅର୍ଥକାରୀ ଫସଲ ନଷ୍ଟ ହେଲେ ଏକର ପ୍ରତି ୨୫ ହଜାର ଟଙ୍କା, ବାସଗୃହ ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହେଲେ ୨୫ ହଜାର ଟଙ୍କା ଓ ବାସଗୃହ ଅଂଶିକ ଭାବେ କ୍ଷତିଗ୍ରସ୍ତ ହେଲେ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନର ବ୍ୟବସ୍ଥା ରହିଥିବା ସୂଚନା ଦେଇଥିଲେ। ସେହିପରି ହାତୀ ଆସିଲେ କିଭଳି ସୁରକ୍ଷା ଦିଆଯାଇ ପାରିବ ଓ ସୁରକ୍ଷିତ ଭାବେ ଯିବାକୁ ଦିଆଯିବ ସେ ସମ୍ପର୍କରେ ଲୋକଙ୍କୁ ବୁଝାଇବା ସହ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ଏହାପରେ ଗ୍ରାମବାସୀ ବନ୍ୟପ୍ରାଣୀ ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରକାର ସଚେତନତା ମୂଳକ ପ୍ଲାକାର୍ଡ ଓ ବ୍ୟାନର ଧରି ସ୍ଲୋଗାନ ସହ ଗ୍ରାମ ପରିକ୍ରମା କରି ଲୋକଙ୍କୁ ସଚେତନ କରିଥିଲେ। ଦେବଗଡ ବନାଞ୍ଚଳ ଅଧିକାରୀ ଦିବ୍ୟଶଙ୍କର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚଟି ବରଘାଟ ଫରେଷ୍ଟ ଗାର୍ଡ ରଶ୍ମିତା ମାଝି, ପ୍ରୋଟେକ୍ସନ ସ୍କାର୍ଡ ମନୋରଞ୍ଜନ ଭଞ୍ଜ, କ୍ଷେତ୍ରବାସୀ ସାହୁ, ଜୁଆଳି ଭଙ୍ଗା ବନ ସୁରକ୍ଷା ସମିତିର ଗଜସାଥୀ ଓ କରଡାପାଳ ବନ ସୁରକ୍ଷା ସମିତିର ଗଜସାଥୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।


**ବିଜ୍ଞାପିତ ଅଞ୍ଚଳ ପରିଷଦ, ଜୁନାଗଡ଼, କଳାହାଣ୍ଡି**

ପବିତ୍ର ଖଣ୍ଡାବସା ପାଳନ ଅବସରରେ ଜୁନାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ, ସହରର ସମସ୍ତ ନଗରବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ମାଁ ଲଙ୍କେଶ୍ୱରୀ ସମସ୍ତ ସହରବାସୀଙ୍କୁ ସୁଖ ଓ ସମୃଦ୍ଧିରେ ପରିପୂର୍ଣ୍ଣ ରଖନ୍ତୁ ବୋଲି ପ୍ରାର୍ଥନା କରିବା ସହିତ ନିମ୍ନଲିଖିତ ବିଷୟ ପ୍ରତି ଆନ୍ତରିକ ଧ୍ୟାନ ଦେବା ନିମନ୍ତେ ବିନମ୍ର ନିବେଦନ କରୁଅଛୁ ।

| ଶ୍ରୀ ପ୍ରେମଲାଲ ହିଆଲ | ଶ୍ରୀମତୀ ହିମାଦ୍ରୀ ନାୟକ | ଶ୍ରୀ ମୁକେଶ ଅଗ୍ରୱାଲ |
|---|---|---|
| ନିର୍ବାହୀ ଅଧିକାରୀ | ଉପନଗରପାଳ | ନଗରପାଳ |

**ପାରିଷଦ ବୃନ୍ଦ:**
ୱାର୍ଡ ନଂ.୧. ଶ୍ରୀ ଗୋପାଳ ଚନ୍ଦନ, ପାରିଷଦ ।
ୱାର୍ଡ ନଂ.୨. ଶ୍ରୀ ସଚିନ ଅନ୍ଧାନୀ, ପାରିଷଦ ।
ୱାର୍ଡ ନଂ.୩. ଶ୍ରୀ କାହ୍ନୁ ଚରଣ ବୈଠାରୁ, ପାରିଷଦ ।
ୱାର୍ଡ ନଂ.୪. ଶ୍ରୀମତୀ ହିମାଦ୍ରୀ ସିନ୍ଧୁର, ପାରିଷଦ ।
ୱାର୍ଡ ନଂ.୫. ଶ୍ରୀମତୀ ପୁଷ୍ପାଞ୍ଜଳି ଦଣ୍ଡସେନା, ପାରିଷଦ ।
ୱାର୍ଡ ନଂ.୬. ଶ୍ରୀମତୀ ମାଧବୀ ବାଗ, ପାରିଷଦ ।
ୱାର୍ଡ ନଂ.୭. ଶ୍ରୀମତୀ ମଞ୍ଜୁଲତା ସେଠୀ, ପାରିଷଦ ।
ୱାର୍ଡ ନଂ.୮. ଶ୍ରୀମତୀ କୁନି ଶବର, ପାରିଷଦ ।
ୱାର୍ଡ ନଂ.୯. ଶ୍ରୀ ଭୂପେନ୍ଦ୍ର ଦଣ୍ଡସେନା, ପାରିଷଦ ।
ୱାର୍ଡ ନଂ.୧୧. ଶ୍ରୀମତୀ ମିନତୀ ମାଝୀ, ପାରିଷଦ ।
ୱାର୍ଡ ନଂ.୧୨. ଶ୍ରୀ ଚକ୍ର ବାଗ, ପାରିଷଦ ।

୧. ନିଜ ପରିବେଶକୁ ପରିଷ୍କାର ରଖନ୍ତୁ ଓ ସହରକୁ ପରିଷ୍କାର ରଖିବା ଦିଗରେ ପରିଷଦକୁ ସହଯୋଗ କରନ୍ତୁ ।
୨. ଅଳିଆ ଆବର୍ଜନା ରାସ୍ତା କିମ୍ବା ନର୍ଦ୍ଦମାରେ ନ ପକାଇ ଉଦ୍ଦିଷ୍ଟ ଭ୍ରାମ୍ୟମାଣ ଆବର୍ଜନା ସଂଗ୍ରହ ଯାନରେ ପକାନ୍ତୁ ।
୩. ପରିଷଦର ବିନା ଅନୁମତିରେ କୌଣସି ପ୍ରକାର ଗୃହ ନିର୍ମାଣ କରନ୍ତୁ ନାହିଁ ।
୪. ଗୃହ ଉପକରଣ ସାମଗ୍ରୀ ରାସ୍ତା ଉପରେ ରଖନ୍ତୁ ନାହିଁ ଓ ସର୍ବସାଧାରଣ ରାସ୍ତା ଅବରୋଧ କରନ୍ତୁ ନାହିଁ ।
୫. ଏକକ ବ୍ୟବହୃତ ପଲିଥିନ ବ୍ୟାଗ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ ଓ ବ୍ୟାନ କରାଯାଇଅଛି । ତେଣୁ ପଲିଥିନ ବ୍ୟାଗ ବ୍ୟବହାରରୁ ନିବୃତ୍ତ ରୁହନ୍ତୁ ।
୬. ଠିକ୍ ସମୟରେ ପରିଷଦର ଟିକସ ଏବଂ ପରିଷଦର ଦେୟ ପୈଠ କରି ସହରର ଉନ୍ନୟନ କାର୍ଯ୍ୟରେ ସଦୟ ସହଯୋଗ କରନ୍ତୁ ।
୭. ନିଜ ଘର ଚାରିପାଖରେ ପୁରୁଣା ଟାୟାର କିମ୍ବା ପାଣି ଜମା ହେଉଥିବା ବସ୍ତୁ ରଖନ୍ତୁ ନାହିଁ କିମ୍ବା ପାଣି ଜମା ହେବାକୁ ଦିଅନ୍ତୁ ନାହିଁ ।



**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553
Lifeline of Odisha

No.CAD-2306 **TENDER ALERT**

1)**Tender Call Notice No.06/2023-24:** Construction of GI battery stand at 132/33kV Grid S/S, Dhenkikote under EHT O&M Division, Joda.
2)**E-Tender call Notice No.BRL-19/2023-24:** Procurement of armoured AC power Cable (1100V) for 220kV, 132kV & 33kV system for SAS work at 220/132/33kV Grid S/S, Budhipadar under EHT O&M Division, Jharsuguda under EHT O&M Circle, Burla.
3)**Tender Call Notice No.04/2023-24:** Renovation of room and extension of same as control room purpose at 132/33 kV Grid S/S, Rairangpur under EHT O&M Division, Baripada under EHT O&M Circle, Jajpur Road.
4)**Tender Call Notice No.05/2023-24:** Procurement of 02 numbers of thermo vision cameras (make-Fluke/Stanlay/ Flair) for Grid S/S, Budhipadar under EHT O&M Division, Jharsuguda.
5)**Tender Call Notice No.01/2023-24:** Engagement of one number of diesel run commercial registered 07 seated Non-AC bolero of its equivalent Hired vehicle on monthly basis for TL S/D, Rairangpur & TL S/D, Karanjia under EHT O&M Division, Baripada.
6)**Tender Call Notice No.10/2023-24:** Supply & Installation of one number indoor type floor mounted 220V, 100A DC Distribution Board for Control room of 220/132/33 kV grid S/S, Narendrapur under EHT O&M Division, Berhampur under EHT O&M Circle, Berhampur.
7)**E-Tender Call Notice No.09/2023-24:** Supply of one number ACDB panel for control room of 220/132/33kV Grid S/S, Narendrapur under EHT O&M Division, Berhampur under EHT O&M Circle, Berhampur.
8)**Tender Call Notice No.13/2023-24:** Procurement of 03 numbers of 220kV Male Contacts (copper moving bar) for 400/220/132/33 kV Grid S/S, Mendhasal under EHT O&M Division, Mendhasal.
9)**Tender Call Notice No.13/BBSR-DIV/2023-24:** Procurement of Console boxes for installation in CT, PT, CVT for integration of SAS work at 132/33kV Grid S/S, Mancheswar under EHT O&M Division, Bhubaneswar.
10)**Tender Call Notice No.12/BBS/2023-24:** Checking of Jumpers, insulators, hardware & accessories and tightening/ replacement of clamps, nuts & bolts at different Tension locations of 220kV Mendhasal-Chandaka DC line, 220kV Mendhasal-Bidanasi DC Line and 220kV Mendhasal-Atri-Narendrapur DC line under EHT O&M Division, Mendhasal under EHT O&M Circle, Bhubaneswar.
11)**Tender Call Notice No.13/BBS/2023-24:** execution of different works for Techno park at Grid S/S, Chandaka under EHT O&M Circle, Bhubaneswar.
12)**Tender Call Notice No.05/2023-24:** Supply of Electrical insulation Mat (ISI Marked) of Make ( Safe volt/ Xvolt/ Deep Jyoti or any reputed Indian brand) of size ( 2m length X 1m width X0.003m thickness) for 132/33 kV Grid S/S, Bargarh under EHT O&M Division, Barpali.
13)**Tender Call Notice No.04/2023-24:** Casting and laying of RCC Cable trench slabs and making steps for 33kV Switchyard of 132/33 kV Grid S/S, Ghess under EHT O&M Division, Barpali.
14)**E-Tender Call Notice No.10 of SE-CWC-OPTCL-BBSR:** Tenders are invited from bidders through e-tender for Sl No.01 & 02 under Civil works Circle, Bhubaneswar.
15)**Tender Call Notice No.16/2023-24:** Supply of 220kV Outdoor CT & CVT Console box for SAS work at 220/132/33kV Bidanasi Grid S/S under EHT O&M Division, Cuttack.
For more details please visit OPTCL's website: **www.optcl.co.in.**
OIPR-04011/11/0095/2324 FIPR-41/2023-24
/optcl.odisha /optcl_odisha


## ୬ ଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଦେବଗଡ଼, ୫।୧୦(ଶଶାଙ୍କ ଶେଖର ଝାଙ୍କର): ଜଗତ ଜ୍ୟୋତି ୟୁଥ୍ କ୍ଲବ ପୁରୁକୁଣ୍ଡା ଦ୍ୱାରା ଅୟୋଜିତ ୬ ଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରବିନ୍ଦ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଥିବା ବେଳେ ରମ୍ପେଇ ସରପଞ୍ଚ ରଶ୍ମିତ କୁମାର ବେହେରା, ସମିତିସଭ୍ୟ ଅରୁଣ କୁମାର ପ୍ରଧାନ, ନେହେରୁ ଯୁବ କେନ୍ଦ୍ରର ପ୍ରଦୀପ କୁମାର ବିଶ୍ୱାଳ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ କପିଳେଶ୍ୱର ବିଶ୍ୱାଳ, କୁମୁଦ ବନ୍ଧୁ ନାୟକ, ଚେଣ୍ଡାଳ ଜାଲ, ଲିଙ୍ଗରାଜ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ଉନ୍ମୋଚନ କରିଥିଲେ। ପ୍ରଥମ ମ୍ୟାଚ ଡିମିରିପଶି ଏବଂ ଫ୍ରେଣ୍ଡସିପ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଖେଳକୁ ରବୀନ୍ଦ୍ର ଲହରା, ବଳରାମ ଲାକ୍ରା, ସୁଦର୍ଶନ ପେଣ୍ଟେଇ ପରିଚାଳନା କରିଥିଲେ। ଜଗତ ଜ୍ୟୋତି ୟୁଥ କ୍ଲବର ସଭାପତି ଉଦିତ କୁମାର ନାଏକ, ସମ୍ପାଦକ ରମାକାନ୍ତ ବେଟି, ରଣଜିତ ପ୍ରଧାନ ସମେତ କ୍ଲବର ସମସ୍ତ ସଦସ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସାହାଯ୍ୟ କରିଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-POINT-RELAY-KUR-345, ତା.28.09.2023ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ପୁରୀ-ନୂଆଗାଁ ସେକ୍ସନରେ ପଏଣ୍ଟ ଗ୍ରୁପ୍ ରିଲେ(Relay) ର ସ୍ଥାନାନ୍ତରଣ ।

**ଟେଣ୍ଡର ମୂଲ୍ୟ (₹) :** 54,37,715/-, EMD (₹) : 1,08,800/- ।

ବିଡ୍ ଆରମ୍ଭ ହେବା ତାରିଖ : ତା.11.10.2023ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.25.10.2023 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ- ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡର ଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-638/O/23-24



FORM No. 13
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 355 of 2021**

**Branch Manager, Punjab National Bank**
**Grand Road, Puri Branch** .....Applicant
**Versus**
**M/s Coastal Distributor & Others** .....Defendant(s)

To,
1) **M/s Coastal Distributor, Proprietor: Sri Sibanarayan Das,** At: Grand Road, PO/Dist.: Puri-752001.
2) **Sri Sibanarayan Das,** S/o- Late Kulamani Das, At: Markandeswar Sahi, PO: Puri-1, Dist.: Puri-752001.

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 355 of 2021** in the Court of the Debts of Recovery Tribunal, Cuttack for recovery of **Rs.32,17,823.29** only together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorized agent, in support of their defense to show cause within **30 days** from the publication or on **14.11.2023 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **27th day of September, 2023.**

**Sd/- (Nikhila Ranjan Pati)**
**REGISTRAR**


## ବିଦ୍ୟୁତ୍ ବିତରଣ ସଂସ୍ଥାର ମାତ୍ରାଧିକ ବିଲ୍ ପ୍ରଦାନ ନେଇ ପ୍ରତିବାଦ



ଦେବଗଡ଼, ୫।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାର ଉପଭୋକ୍ତାଙ୍କୁ ବିଦ୍ୟୁତ୍ ବିତରଣ ସଂସ୍ଥା ଶୋଷଣ କରୁଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଏପରିକି ବିଦ୍ୟୁତ ଭିଜିଲାନ୍ସ ଟିମ ଗ୍ରାହକଙ୍କୁ ଜୁଲୁମ କରିବା ସହ ଲକ୍ଷାଧିକ ଟଙ୍କା ଫାଇନ ପକାଇବା ନେଇ ପ୍ରତିବାଦ କରି ବିରୋଧ କରିଛି କଂଗ୍ରେସ। ଗୁରୁବାର କଂଗ୍ରେସ ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ବିଦ୍ୟୁତ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଏହାର ପ୍ରତିବାଦ କରିବା ସହ ଆଲୋଚନା କରି ଗ୍ରାହକଙ୍କୁ ଶୋଷଣ ନ କରିବା ପାଇଁ କହିଥିଲେ। କଂଗ୍ରେସ ପ୍ରତିନିଧି ମଣ୍ଡଳୀ ଏନ୍ଫୋର୍ସମେଣ୍ଟ ବିଭାଗ ମୁଖ୍ୟ ପଙ୍କଜ ଗୁପ୍ତା, ଲିଗାଲ ହେଡ ଅଭିନାଶ ନାୟାର, ଏନ୍ଫୋର୍ସମେଣ୍ଟର ନିର୍ବାହୀ ଯନ୍ତ୍ରୀ ମନୋରଞ୍ଜନ ସାହୁ ଓ ବିଦ୍ୟୁତ ବିତରଣ ସଂସ୍ଥାର ଯନ୍ତ୍ରୀ ରାଜୁ ସାହାଙ୍କ ସହିତ ଆଲୋଚନା କରିଥିଲେ। ଆଲୋଚନା ସମୟରେ ପ୍ରତିନିଧି ମଣ୍ଡଳୀ ଅନେକ ଲୋକଙ୍କ ଅଭିଯୋଗ ଉପସ୍ଥାପନ କରିଥିଲେ। ଯଦି ବିଭାଗ ଏ ଉପରେ ଦୃଷ୍ଟି ନ ଦିଏ ତେବେ ଆଗାମୀ ଦିନରେ କଂଗ୍ରେସ ପକ୍ଷରୁ ତୀବ୍ର ବିରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଛି।


See Career Appointment on every **Wednesday & Saturday**



OFFICE OF THE GENERAL MANAGER
**WATCO PROJECT DIVISION, SAMBALPUR, ODISHA- 768005**
E-mail- gmprojectsbp@gmail.com
NATIONAL COMPETITIVE BIDDING THROUGH e-PROCUREMENT
**Invitation For Bids (IFB)**
Bid Identification No. 12/Project / WATCO/SBP/2023-24 Dated 29.09.2023 No. C-1545

| Sl. No. | Name of work | Appx. estimated cost (Rs. in Lakh) | Period of completion | Availability of bid document for online bidding: From | Availability of bid document for online bidding: To | Class of the contractor |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Laying of 200 mm dia RCC NP3 Sewer and construction of 1200 & 1500 mm dia manhole from MH 4562 to MH 4695 in Sunapali, Catchment-3 of Sambalpur Sewerage System. | 49.48 | 02 (Two) months) | 11.00 hrs. of 05.10.2023 | 17.00 hrs. of 16.10.2023 | B |
| 2 | Laying of 200 mm dia RCC NP3 Sewer and construction of 1200 & 1500 mm dia manhole from MH 4695 to MHPS-3 in Sunapali, Catchment-3 of Sambalpur Sewerage System. | 48.89 | 02 (Two) months) | 11.00 hrs. of 05.10.2023 | 17.00 hrs. of 16.10.2023 | C & B |
| 3 | Laying of 200 mm dia RCC NP3 Sewer and construction of 1200 & 900 mm dia manhole in from MH 4843 to MHPS-3 and MH-4843 to MH-4865 in Sunapali, Catchment-3 of Sambalpur Sewerage System. | 36.69 | 02 (Two) months) | 11.00 hrs. of 05.10.2023 | 17.00 hrs. of 16.10.2023 | B |
| 4 | Laying of 200 mm dia RCC NP3 Sewer and construction of 900, 1200 & 1500 mm dia manhole from MH 4589 -MH 4632 in Sunapali, Catchment-3 of Sambalpur Sewerage System. | 44.85 | 02 (Two) months) | 11.00 hrs. of 05.10.2023 | 17.00 hrs. of 16.10.2023 | B |

Further details can be seen from the e-Procurement portal "https://www.tendersodisha.gov.in".
OIPR-13236/11/0009/2324 Sd./- General Manager, WATCO Project Division, Sambalpur

## ସଂକ୍ଷେପରେ

### ପାକ୍ ଗଣମାଧ୍ୟମକୁ ନିୟନ୍ତ୍ରଣ ପାଇଁ ଚାହୁଁଛି ଚାଇନା

**ୱାଶିଂଟନ,୫।୧୦:** ଚାଇନା-ପାକିସ୍ତାନ ମିଡିଆ କରିଡରର ଅଂଶ ସ୍ୱରୂପ ପାକିସ୍ତାନୀ ଗଣମାଧ୍ୟମକୁ ନିୟନ୍ତ୍ରଣ କରିବାକୁ ଚାଇନା ଚାହୁଁଛି। ଆମେରିକା ପରରାଷ୍ଟ୍ର ବିଭାଗ ରିପୋର୍ଟରେ ଏହା କୁହାଯାଇଛି। ଚାଇନା କର୍ତ୍ତୃପକ୍ଷ ମିଡିଆ ପ୍ରଚାର ପ୍ରସାର ଲାଗି ଏକ ଅନ୍ତର୍ଜାତୀୟ ୱେବ୍‌ର ବିକାଶ କରିଛନ୍ତି, ଯାହା ପାକିସ୍ତାନୀ ଗଣମାଧ୍ୟମକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରଖିବାକୁ ଉଦ୍ଦିଷ୍ଟ। ସୂଚନା କ୍ଷେତ୍ରରେ ରୁଷିଆ ସହ କାର୍ଯ୍ୟ କରୁଥିବା ବେଜିଂ ଅନ୍ୟ ଘନିଷ୍ଠ ସହଯୋଗୀଙ୍କୁ ଉକ୍ତ ମିଡିଆ କରିଡରରେ ଯୋଡ଼ିବାକୁ ଉଦ୍ୟମ ଚଳାଇଥିବା ଆମେରିକା ପରରାଷ୍ଟ୍ର ବିଭାଗ କହିଛି।

### ଇମ୍ଫାଲରେ ପୁଣି ହିଂସା: ୨ ଘର ଜାଳିଦେଲେ

**ଇମ୍ଫାଲ,୫।୧୦(ପି.ଟି.):** ମଣିପୁରର ଇମ୍ଫାଲ ୱେଷ୍ଟ ଜିଲାରେ ବୁଧବାର ରାତିରେ ପୁଣି ହିଂସାକାଣ୍ଡ ଘଟିଛି। ଆକ୍ରମଣକାରୀମାନେ ଦୁଇଟି ଘରକୁ ଜାଳିଦେବା ସହ ଅନେକ ରାଉଣ୍ଡ ଗୁଳି ଚଳାଇଥିଲେ। ପାଟସୋଇ ଥାନା ଅନ୍ତର୍ଗତ ନ୍ୟୁ କିଥେଲମାନ୍‌ବିରେ ଏହି ହିଂସାକାଣ୍ଡ ଘଟିଥିବା ପୋଲିସ କହିଛି। ଆକ୍ରମଣ ପରେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିବାବେଳେ ଉକ୍ତ ଅଞ୍ଚଳରେ ଉତ୍ତେଜନା ଲାଗିରହିଛି। ସ୍ଥିତିକୁ ନିୟନ୍ତ୍ରଣରେ ରଖିବା ପାଇଁ ଅତିରିକ୍ତ ସୁରକ୍ଷା ବଳ ନିୟୋଜିତ କରାଯାଇଛି। ମଣିପୁରରେ ମେ' ୩ରୁ ଜାତିଆଣ ହିଂସା ଲାଗିରହିଥିବାବେଳେ ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି।

### ବେଙ୍ଗାଲୁରୁ ବସ୍‌ଷ୍ଟପ୍ ଚୋରି

**ବେଙ୍ଗାଲୁରୁ,୫।୧୦:** ବେଙ୍ଗାଲୁରୁର କନିଙ୍ଗହାମ୍ ରୋଡ୍‌ରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏକ ବସ୍‌ଷ୍ଟପ୍ ଉଭାନ ହୋଇଯାଇଛି। ବସ୍‌ଷ୍ଟାଣ୍ଡ ଚୋରି ନେଇ ପୋଲିସ ଆଇପିସି ଧାରା ୩୭୯ରେ ମାମଲା ଦାଏର କରି ତଦନ୍ତ ଚଳାଇଛି। ବେଙ୍ଗାଲୁରୁ ମେଟ୍ରୋପଲିଟାନ୍ ଟ୍ରାନ୍ସପୋର୍ଟ କର୍ପୋରେଶନ (ବିଏମ୍‌ଟିସି) ଉକ୍ତ ବସ୍‌ଷ୍ଟପ୍‌ର ପରିଚାଳନା କରୁଥିଲା। ବସ୍‌ଷ୍ଟାଣ୍ଡ ନିର୍ମାଣର ସପ୍ତାହେ ପରେ ଉଭାନ୍ ହୋଇଯାଇଥିଲା। ଏହାର ମାସକ ପରେ ନିର୍ମାଣକାରୀ ସଂସ୍ଥା ଅଭିଯୋଗ କରିବାରୁ ପୋଲିସ ମାମଲା ରୁଜୁ କରିଛି।

# ସିକିମ୍ ବନ୍ୟା ମୃତ୍ୟୁସଂଖ୍ୟା ୧୪

## ଏବେବି ୧୦୨ ନିଖୋଜ


ସିକିମ୍ ବନ୍ୟାରେ ଭାସିଯାଇଥିବା ସେନା ଗାଡ଼ି।

**ଗାଙ୍ଗଟକ୍,୫।୧୦(ପି.ଟି.)**

ଉତ୍ତର ସିକିମ୍‌ର ଲୋନାକ୍ ଲେକ୍ ଅଞ୍ଚଳରେ ବାଦଲଫଟା ବର୍ଷା ଯୋଗୁ ତିସ୍ତା ନଦୀରେ ଅଚାନକ ପ୍ରଳୟଙ୍କରୀ ବନ୍ୟାଜନିତ ମୃତ୍ୟୁସଂଖ୍ୟା ୧୪ରେ ପହଞ୍ଚିଛି। ଏବେବି ୨୨ ଯବାନଙ୍କ ସମେତ ୧୦୨ ଜଣ ନିଖୋଜ ଥିବାବେଳେ ଗୁରୁବାର ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ୨,୦୧୧ ଜଣଙ୍କୁ ଉଦ୍ଧାର କରାଗଲାଣି। ଅକସ୍ମାତ୍ ବନ୍ୟାରେ ୨୨,୦୩୪ ଜଣ ପ୍ରଭାବିତ ହୋଇଥିବା ସିକିମ୍ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ କହିଛନ୍ତି। ଯବାନମାନଙ୍କର କୌଣସି ସନ୍ଧାନ ମିଳି ନ ଥିବାରୁ ସେମାନେ ବହୁ ତଳକୁ ଭାସିଯାଇଥିବା ଅନୁମାନ କରାଯାଉଛି। ରାଜ୍ୟ ସରକାର ୪ଟି କ୍ଷତିଗ୍ରସ୍ତ ଜିଲାରେ ୨୬ ରିଲିଫ୍ କ୍ୟାମ୍ପ ଖୋଲିଛନ୍ତି। ଗାଙ୍ଗଟକ୍ ଜିଲାର ୮ ରିଲିଫ୍ କ୍ୟାମ୍ପରେ ୧,୦୨୫ ଜଣ ଆଶ୍ରୟ ନେଇଛନ୍ତି। ଅନ୍ୟ ୧୮ଟି କ୍ୟାମ୍ପରେ ଆଶ୍ରୟ ନେଇଥିବା ଲୋକଙ୍କ ସଂଖ୍ୟା ଜଣାପଡ଼ିନାହିଁ। ସର୍ବାଧିକ କ୍ଷତିଗ୍ରସ୍ତ ସିଙ୍ଗଟାମ୍‌କୁ ମୁଖ୍ୟମନ୍ତ୍ରୀ ପ୍ରେମ୍ ସିଂ ତମାଙ୍ଗ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି।

## ପୂର୍ବରୁ ସତର୍କ କରାଯାଇଥିଲା

**ନୂଆଦିଲ୍ଲୀ,୫।୧୦(ପି.ଟି.)**

ସମ୍ଭାବ୍ୟ ହିମ ହ୍ରଦ ହଠାତ୍ ମାଡ଼ିଆସି ସିକିମ୍‌ରେ ବନ୍ୟା ହୋଇପାରେ ବୋଲି ଗତ ଦୁଇ ଦଶନ୍ଧି ମଧ୍ୟରେ ସରକାରୀ ସଂସ୍ଥା ଏବଂ ଗବେଷଣାତ୍ମକ ଅଧ୍ୟୟନ ଅନେକ ଥର ସତର୍କ କରାଇଥିଲା। ଏଭଳି ଅଚାନକ ବନ୍ୟା ଆସିବା ଦ୍ୱାରା ବ୍ୟାପକ ଧନଜୀବନ କ୍ଷତି ଘଟିପାରେ ବୋଲି ପୂର୍ବାନୁମାନ କରାଯାଇଥିଲା। ଲୋନାକ୍ ଲେକ୍ ଅଞ୍ଚଳରେ ବାଦଲଫଟା ବର୍ଷା ସାଙ୍ଗକୁ ହିମ ହ୍ରଦ ମାଡ଼ିଆସିବାରୁ ମଙ୍ଗଳବାର ରାତିରେ ତିସ୍ତା ନଦୀ ଜଳସ୍ତର ହଠାତ୍ ବଢ଼ିଯାଇ ପ୍ରଖର ବେଗରେ ବନ୍ୟା ଆସିଥିଲା। ଫଳରେ ମାଙ୍ଗନ, ଗାଙ୍ଗଟକ୍, ପକ୍ୟୋଙ୍ଗ ଏବଂ ନାମ୍‌ଚି ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ପ୍ରବଳ ବର୍ଷା ସାଙ୍ଗକୁ ହିମ ପ୍ରବାହ ଯୋଗୁ ତିସ୍ତାର ୧,୨୦୦ ମେଗାୱାଟ୍ ଜଳବିଦ୍ୟୁତ ପ୍ରକଳ୍ପର ଗୁରୁତ୍ୱପୂର୍ଣ୍ଣ ଚୁଙ୍ଗଥାଙ୍ଗ ଡ୍ୟାମ୍ ପାଣି ଛାଡ଼ିଦେଇଥିଲା।

ହିମ ହ୍ରଦ୍ ହଠାତ୍ ଉଚ୍ଛୁଳି ମାଡ଼ିଆସିବା ଘଟଣା ଦୁଇଟି କାରଣରୁ ଘଟିଥାଏ। ହ୍ରଦ ଅଞ୍ଚଳରେ ଅତ୍ୟଧିକ ବର୍ଷା କିମ୍ବା ଭୂକମ୍ପ ଯୋଗୁ ଏଭଳି ବନ୍ୟା ଆସିପାରେ। ହ୍ରଦ ଉଚ୍ଛୁଳିଲେ ହଠାତ୍ ପ୍ରଚୁର ପରିମାଣରେ ପାଣି ମାଡ଼ିଆସି ନଦୀରେ ଅଚାନକ ବନ୍ୟା ସୃଷ୍ଟି ହୁଏ ଓ ବ୍ୟାପକ କ୍ଷୟକ୍ଷତି ଘଟାଇଥାଏ। ସାଉଥ୍ ଏସିଆ ନେଟ୍‌ୱର୍କ ଅଫ୍ ଡ୍ୟାମ୍ସ, ରିଭର୍ସ ଆଣ୍ଡ ପିପୁଲର ରିପୋର୍ଟ ଅନୁଯାୟୀ ସିକିମ୍‌ର ଉତ୍ତର-ପଶ୍ଚିମ ଅଞ୍ଚଳରେ ରହିଥିବା ଦକ୍ଷିଣ ଲୋନାକ ଲେକ୍ ହେଉଛି ବରଫ ଦ୍ୱାରା ଆବଦ୍ଧ ଏକ ହିମ ହ୍ରଦ। ଦ୍ରୁତ ସମ୍ପ୍ରସାରିତ ହେଉଥିବା ଲୋନାକ୍ ହ୍ରଦ ୧୪ଟି ବିପଜ୍ଜନକ ହ୍ରଦ ମଧ୍ୟରୁ ଅନ୍ୟତମ। ସମୁଦ୍ର ପତ୍ତନଠାରୁ ୫,୨୦୦ ମିଟର ଉଚ୍ଚରେ ଉକ୍ତ ହ୍ରଦ ଅବସ୍ଥିତ। ଲୋନାକ୍ ଗ୍ଲେସିୟର ତରଳି ଉକ୍ତ ହ୍ରଦ ସୃଷ୍ଟି ହୋଇଛି, ଯାହା ଆଖପାଖ ଅଞ୍ଚଳର ବରଫ ତରଳି ଦ୍ରୁତ ବେଗରେ ବଢ଼ିବାରେ ଲାଗିଛି। ହାଇଦ୍ରାବାଦର ନ୍ୟାଶନାଲ ରିମୋଟ ସେନ୍‌ସିଂ ସେଣ୍ଟରର ସାଟେଲାଇଟ୍ ଚିତ୍ର ଅନୁଯାୟୀ ସେପ୍ଟେମ୍ବର ୨୮ରେ ଦକ୍ଷିଣ ଲୋନାକ୍ ହ୍ରଦ ୧୬୭.୪ ହେକ୍ଟରକୁ ବ୍ୟାପିଥିବାବେଳେ ଅକ୍ଟୋବର ୪ରେ ଏହା ତିସ୍ତା ନଦୀ ଅବବାହିକାକୁ ମାଡ଼ିଆସିବା ପରେ ୬୦.୩ ହେକ୍ଟରକୁ ହ୍ରାସ ପାଇଛି।

### ଭାରତ-କାନାଡା ବିବାଦରେ ନୂଆଦିଲ୍ଲୀ-ୱାଶିଂଟନ ସମ୍ପର୍କ ପ୍ରଭାବିତ ହେବନି

**ନୂଆଦିଲ୍ଲୀ,୫।୧୦**

ଭାରତ-କାନାଡା କୂଟନୈତିକ ତିକ୍ତତା ଭାରତ-ଆମେରିକା ସମ୍ପର୍କକୁ ପ୍ରଭାବିତ କରିବ ନାହିଁ ବୋଲି ଆମେରିକା ଦୂତାବାସ ପକ୍ଷରୁ କୁହାଯାଇଛି। କାନାଡା ସମ୍ପର୍କ ସହ ସମ୍ପର୍କ ଖରାପ ହୋଇଥିବାରୁ ୱାଶିଂଟନ ସହ ସମ୍ପର୍କ ପ୍ରଭାବିତ ହୋଇପାରେ ବୋଲି ଆମେରିକା ରାଷ୍ଟ୍ରଦୂତ ଏରିକ୍ ଗାର୍‌ସେଟ୍ଟି ତାଙ୍କ ଟିମ୍‌କୁ ସତର୍କ କରାଇଥିବା ଖବରକୁ ଦୂତାବାସ ଖଣ୍ଡନ କରିଛି। ଅନିର୍ଦ୍ଦିଷ୍ଟ କାଳପାଇଁ ଆମେରିକା ଭାରତୀୟ ଅଧିକାରୀମାନଙ୍କ ସହ ଯୋଗାଯୋଗ କମାଇବା ଆବଶ୍ୟକ ହୋଇପାରେ ବୋଲି ଗାର୍‌ସେଟ୍ଟି କହିଥିବା 'ଦି ପଲିଟିକୋ'ରେ ପ୍ରକାଶ ପାଇଥିଲା। ଉକ୍ତ ରିପୋର୍ଟକୁ ଆମେରିକା ଦୂତାବାସ ଅଗ୍ରାହ୍ୟ କରିଦେଇଛି।

### ସ୍ତ୍ରୀ, ୨ ଝିଅଙ୍କୁ ହତ୍ୟା ପରେ ଆତ୍ମହତ୍ୟା କଲେ କନ୍‌ଷ୍ଟେବଲ

**କଡପା,୫।୧୦:** ଆନ୍ଧ୍ରପ୍ରଦେଶ କଡପା ଜିଲାରେ ଜଣେ ହେଡ୍ କନ୍‌ଷ୍ଟେବଲ୍ ତାଙ୍କ ସ୍ତ୍ରୀ ଓ ଦୁଇ ଝିଅଙ୍କୁ ଗୁଳିକରି ହତ୍ୟା କରିବା ପରେ ଆତ୍ମହତ୍ୟା କରିଛନ୍ତି। ବୁଧବାର ରାତିରେ ଏହି ଦୁଃଖଦ ଘଟଣା ଘଟିଛି। ୫୫ ବର୍ଷୀୟ ଭେଙ୍କଟେଶ୍ୱରଲୁ କଡପା ଟାଉନ୍ ଥାନାରେ ରାଇଟର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ଘରୁ ଏକ ସୁଇସାଇଡ୍ ନୋଟ୍ ମିଳିଛି। ସେ ଷ୍ଟକ୍‌ମାର୍କେଟ କାରବାରରେ କ୍ଷତି ସହିବା ସହ ଅନ୍ୟାନ୍ୟ ପାରିବାରିକ ସମସ୍ୟାରେ ବିଚଳିତ ଥିଲେ।

# ୧୦ ଯାଏ ଇଡି ହାଜତକୁ ଗଲେ ସଞ୍ଜୟ ସିଂ

**ନୂଆଦିଲ୍ଲୀ,୫।୧୦**

ଅବକାରୀ ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ବୁଧବାର ଗିରଫ ହୋଇଥିବା ବରିଷ୍ଠ ଏଏପି ନେତା ସଞ୍ଜୟ ସିଂଙ୍କୁ ଦିଲ୍ଲୀର ଏକ ଅଦାଲତ ୫ ଦିନ ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ହାଜତକୁ ପଠାଇ ଦେଇଛନ୍ତି। ଇଡି ଜେରା ପାଇଁ ସ୍ୱତନ୍ତ୍ର ବିଚାରପତି ଏମ୍.କେ. ନାଗପାଲ ସଞ୍ଜୟଙ୍କୁ ୧୦ ତାରିଖ ଯାଏ ଇଡି ରିମାଣ୍ଡରେ ପଠାଇଛନ୍ତି। ବୁଧବାର ସଞ୍ଜୟଙ୍କୁ ତାଙ୍କ ବାସଭବନରେ ଇଡି ଅଧିକାରୀମାନେ ୧୦ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଜେରା କରିବା ପରେ ଗିରଫ କରିଥିଲେ। ଗୁରୁବାର କୋର୍ଟରେ ହାଜର କରିବାକୁ ନେବାବେଳେ ତାଙ୍କ ଗିରଫଦାରି ବେଆଇନ ବୋଲି ସଞ୍ଜୟ କହିଥିଲେ।

## ଗିରଫ ପ୍ରତିବାଦରେ ଏଏପିର ବିକ୍ଷୋଭ

**ନୂଆଦିଲ୍ଲୀ,୫।୧୦**

ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂଙ୍କୁ ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଗିରଫ କରିଥିବାରୁ ଏହାର ପ୍ରତିବାଦରେ ଏଏପି କର୍ମୀମାନେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଡିଡିୟୁ ମାର୍ଗସ୍ଥିତ ଏଏପି କାର୍ଯ୍ୟାଳୟ ନିକଟରେ ବହୁସଂଖ୍ୟାରେ କର୍ମୀ ଏକାଠି ହେବା ପରେ ଭାଜପା ମୁଖ୍ୟ କାର୍ଯ୍ୟାଳୟ ଆଡ଼େ ଶୋଭାଯାତ୍ରାରେ ବାହାରିଥିଲେ। ସଞ୍ଜୟ ପାର୍ଲାମେଣ୍ଟରେ ଆଦାନୀ ଗ୍ରୁପ୍ ପ୍ରସଙ୍ଗ ଉଠାଇବାରୁ ତାଙ୍କୁ ଗିରଫ କରାଯାଇଥିବା ଏଏପି କହିଛି। ଭାଜପା କେନ୍ଦ୍ରୀୟ ଏଜେନ୍ସିର ଦୁରୁପଯୋଗ କରି ନିର୍ବାଚନ ଜିତିପାରିବ ବୋଲି ଯଦି ଭାବୁଥାଏ, ତେବେ ଜନସାଧାରଣ ତାହାର ଜବାବ ଦେବେ। ଇତିହାସ ତାହାର ସାକ୍ଷୀ ରହିଥିବା ଦିଲ୍ଲୀ ମନ୍ତ୍ରୀ ଗୋପାଳ ରାୟ କହିଛନ୍ତି।


ନୂଆଦିଲ୍ଲୀର ଭାଜପା କାର୍ଯ୍ୟାଳୟ ଆଗରେ ଏଏପି କର୍ମୀ ବିକ୍ଷୋଭ କରୁଛନ୍ତି।

# ୯୦ ସ୍କୁଲ ପିଲାଙ୍କୁ ପକ୍ଷାଘାତ

**ନାଇରୋବି,୫।୧୦**

## କେନିଆରେ ବିଚିତ୍ର ରୋଗ

କେନିଆର ସେଣ୍ଟ ଥେରେସା ଏରେଗି ଗାର୍ଲ୍ସ ହାଇସ୍କୁଲ୍‌ରେ ପିଲାମାନେ ଏକ ବିଚିତ୍ର ରୋଗରେ ସଂକ୍ରମିତ ହେଉଛନ୍ତି। ଏହି ରୋଗ ଯୋଗୁ ୯୦ରୁ ଅଧିକ ଛାତ୍ରୀ ପକ୍ଷାଘାତରେ ପୀଡ଼ିତ ହୋଇଛନ୍ତି। ଚାଲିପାରୁ ନ ଥିବା ଏହି ପିଲାମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯିବା ସହ ରୋଗର ରହସ୍ୟ ସମ୍ପର୍କରେ ଜାଣିବା ପାଇଁ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ଅନୁଧ୍ୟାନ ଚଳାଇଛନ୍ତି। ପୀଡ଼ିତାମାନଙ୍କ ଆଣ୍ଠୁ ବିନ୍ଧା ହେବା ସହ କେତେଜଣ ହସ୍ପିଟାଲ ବେଡ୍‌ରେ ଥରୁଥିବା ଦେଖାଯାଇଛି। ଉକ୍ତ ସ୍କୁଲ୍‌କୁ ବନ୍ଦ କରିଦିଆଯାଇଛି। ଶରୀରରେ ଜଳୀୟ ଅଂଶର ଅଭାବ ଏବଂ ଇଲେକ୍ଟ୍ରୋଲାଇଟ୍‌ରେ ଅସନ୍ତୁଳନ କାରଣରୁ ଏଭଳି ରୋଗ ହୋଇଥାଇପାରେ ବୋଲି ପରୀକ୍ଷା ରିପୋର୍ଟକୁ ଆଧାର କରି ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଛନ୍ତି। ଶରୀରରେ ଖଣିଜ ଲବଣ ଅତ୍ୟଧିକ କମିଗଲେ କିମ୍ବା ବଢ଼ିଲେ ଇଲେକ୍ଟ୍ରୋଲାଇଟ୍ ଅସନ୍ତୁଳନ ଦେଖାଦେଇଥାଏ। ଏପରି ହେଲେ ପାଟି ଶୁଖିଯିବା ସହ ଶୋଷ ଲାଗେ, ହାଲିଆ ଅନୁଭୂତ ହୁଏ, ବାନ୍ତି ଲାଗେ, ହୃଦ୍‌ସ୍ପନ୍ଦନ କମିବା ସହ ଅନିୟମିତତା ଦେଖାଯାଏ ଓ ରକ୍ତଚାପ କମ୍ ବେଶୀ ହେବା ଆଦି ଲକ୍ଷଣ ଦେଖାଦେଇଥାଏ।

## ଫୁର୍‌ସତ


ଅମିତାଭ ବଚ୍ଚନ

### ୩୨ ବର୍ଷ ପରେ ଅମିତାଭଙ୍କ ସହ ରଜନୀକାନ୍ତ

**ମୁମ୍ବାଇ:** ହିନ୍ଦୀ ସିନେମାର ବିଗ୍ ବି ଅମିତାଭ ବଚ୍ଚନ ଓ ସାଉଥ୍ ସୁପରଷ୍ଟାର ରଜନୀକାନ୍ତ ଦୁଇ ଫିଲ୍ମ ଜଗତର ବଡ଼ ମହାନାୟକ। ଯାହାଙ୍କ ଅଭିନୟ ପାଇଁ ଫ୍ୟାନ୍ସଙ୍କ ଉତ୍ସାହ ଦେଖିବାକୁ ମିଳିଥାଏ। ହେଲେ ଏବେ ଦୁହିଁଙ୍କୁ ଦୀର୍ଘ ୩୨ ବର୍ଷ ପରେ ଗୋଟିଏ ସେଟ୍‌ରେ ଏକାଠି ଦେଖିବାକୁ ମିଳିବ। ଫିଲ୍ମ 'ଥାଲାଇଭର ୧୭୦'ରେ ଉଭୟ ଏକାଠି ନଜରକୁ ଆସିବେ। ଏନେଇ ଫିଲ୍ମ ମେକର୍ସ ଏକ ପୋଷ୍ଟରେ ଶେୟାର କରିଛନ୍ତି। ୮୦ ଦଶକରେ ଅନେକ ଚଳଚ୍ଚିତ୍ରରେ ରଜନୀକାନ୍ତ ଓ ଅମିତାଭଙ୍କ ଯୋଡ଼ି ଦେଖିବାକୁ ମିଳିଥିଲା। ତା'ପରଠାରୁ ଉଭୟଙ୍କ ଯୋଡ଼ିକୁ ଆଉ ଦେଖିବାକୁ ମିଳିନି। ଫିଲ୍ମ 'ଥାଲାଇଭର ୧୭୦'ରେ ଅମିତାଭ ମୁଖ୍ୟ ଭୂମିକାରେ ନଜର ଆସିବେ। ତେବେ ଶେଷ ଥର ପାଇଁ ଦୁହିଁଙ୍କୁ ୧୯୯୧ରେ ମୁଭି 'ହମ୍'ରେ ଏକାଠି ଦେଖିବାକୁ ମିଳିଥିଲା। ଏହି ଫିଲ୍ମ ପୂର୍ବରୁ ଦୁଇ ସୁପରଷ୍ଟାର ଫିଲ୍ମ 'ଅନ୍ଧାକାନୁନ' ଏବଂ 'ଗିରଫତାର'ରେ ସ୍କ୍ରିନ୍ ଶେୟାର କରିଥିଲେ। ତେବେ ଏହି ଦୁଇ ଜଣଙ୍କୁ ପୁଣି ଏକାଠି ଦେଖିବାକୁ ଦର୍ଶକ ଉତ୍ସାହର ସହ ଅପେକ୍ଷା କରିଛନ୍ତି।

### ଆଣ୍ଟାର୍କଟିକାର ବରଫାବୃତ ଅଞ୍ଚଳକୁ ଏକା ପାର କରିବେ

**ଲଣ୍ଡନ:** ଲୋକେ ନାଁ କରିବାକୁ ବିଭିନ୍ନ ସ୍ତରକୁ ଯାଇପାରନ୍ତି। ତେବେ ବ୍ରିଟେନର ଜଣେ ବ୍ୟକ୍ତି ନିଜକୁ ଲୌହମାନବ ପ୍ରମାଣିତ କରିବାକୁ ଉଦ୍ୟମ ଚଳାଇଛନ୍ତି। ସେ ପ୍ରାୟତଃ ଏକ ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରିବାକୁ ପଣ କରିଛନ୍ତି। ସେ ଦୁନିଆର ସବୁଠୁ ଥଣ୍ଡା ସ୍ଥାନ ଅର୍ଥାତ୍ ଆଣ୍ଟାର୍କଟିକାର ବରଫାବୃତ୍ତ ଅଞ୍ଚଳକୁ ଏକା ଅତିକ୍ରମ କରିବାକୁ ଯାଉଛନ୍ତି। ଏହି ଯାତ୍ରା ତାଙ୍କ ପାଇଁ ବହୁତ ସଂଘର୍ଷମୟ ହେବ। ରିପୋର୍ଟ ମୁତାବକ, ବ୍ରିଟେନ ଡିଭୋନର ବାସିନ୍ଦା ୩୪ ବର୍ଷୀୟ ଶାମ୍ କକ୍ସ ଆସନ୍ତା ମାସରେ ଆଣ୍ଟାର୍କଟିକାର ବରଫାବୃତ୍ତ ଅଞ୍ଚଳକୁ ପାର ପାଇଁ ଯାତ୍ରା ଆରମ୍ଭ କରିବେ। ତାଙ୍କର ଏହି ଯାତ୍ରା ପ୍ରାୟ ୨ ହଜାର କି.ମି. ହେବ। ଯଦି ସେ ତାଙ୍କ ଯାତ୍ରାରେ ସଫଳ ହୋଇଯିବେ ତେବେ ସେ ଏରନେଷ୍ଟ ସାକଲେଟନ୍, ଡଗଲାସ ମଉସନ ଏବଂ ଲଉ ରୁଡ୍‌ଙ୍କ ଭଳି ଆଣ୍ଟାର୍କଟିକା ପାର୍ କରିଥିବା ବ୍ୟକ୍ତିଙ୍କ ରେକର୍ଡର ସମକକ୍ଷ ହେବେ। ହେଲେ ଏହି ଯାତ୍ରା ତାଙ୍କ ପାଇଁ ବହୁତ କଷ୍ଟକର ହେବ। ତାଙ୍କୁ ବିୟୁକ୍ତ ୫୦ ଡିଗ୍ରୀ ସେଲ୍‌ସିୟସ୍‌ରେ ଯାତ୍ରା କରିବାକୁ ପଡ଼ିବ। ସେ ତାଙ୍କ ସହିତ କେବଳ ତାଙ୍କ ଜରୁରୀ ଜିନିଷ ନେଇ ଯାଇପାରିବେ। ସେ ଆଣ୍ଟାର୍କଟିକାର ବର୍କନର ଦ୍ୱୀପରୁ ତାଙ୍କ ଯାତ୍ରା ଆରମ୍ଭ କରିବେ। ପରେ ସେ ଦକ୍ଷିଣ ଅକ୍ଷାଂଶକୁ ଯିବେ। ସେଠାରୁ ସେ ତାଙ୍କ ଲକ୍ଷ୍ୟସ୍ଥଳ ବେସ୍ ଅଫ୍ ଦି ରେଡି ଗ୍ଲାସିୟର୍ ଆଡ଼କୁ ଯାତ୍ରା ଆରମ୍ଭ କରିବେ। ସେ ଏହି ଯାତ୍ରା ପାଇଁ ନିଜକୁ ଫିଟ୍ ରଖିବା ସହ ଟ୍ରେନିଂ ମଧ୍ୟ ନେଉଛନ୍ତି। ୨୦୧୬ରେ ବ୍ରିଟିଶ ଏକ୍ସପ୍ଲୋରର୍ ହେଲ୍‌ରୀ ଓର୍ସଲେ ପ୍ରଥମ ବ୍ୟକ୍ତି ଭାବେ ଆଣ୍ଟାର୍କଟିକାର ଏହି ବରଫାବୃତ୍ତ ଅଞ୍ଚଳକୁ ଏକା ପାର କରିବାରେ ସକ୍ଷମ ହୋଇଥିଲେ। ସେ ୯୧୩ ମାଇଲ ରାସ୍ତା ଯିବା ପରେ ଇନ୍ଦ୍ରୀୟ ନଷ୍ଟ ହୋଇଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା।






### ୧୦୪ ବର୍ଷୀୟାଙ୍କ ସ୍କାଏଡାଇଭିଂ

ଲଣ୍ଡନ: ବର୍ତ୍ତମାନ ସମୟରେ ୬୦ ବର୍ଷ ପରେ ଅଣ୍ଟା ସଳଖି ଚାଲିବା ଲୋକଙ୍କ ପକ୍ଷେ କଷ୍ଟକର ହୋଇପଡୁଛି। ଆଉ ଫିଟ୍ ହୋଇ ୧୦୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିବା କେତେଜଣଙ୍କ ପକ୍ଷରେ ସମ୍ଭବ ହେଉଛି। ତେବେ ନିକଟରେ ଜଣେ ୧୦୪ ବର୍ଷୀୟା ନିଜ ସଉକ ପାଇଁ ତାଙ୍କ ବୟସକୁ ଖାତିର କରିନାହାନ୍ତି। ଚିକାଗୋର ଡୋରୋଥି ହୋଫନର୍ ୧୩ ହଜାର ୫୦୦ ଫୁଟ୍ ଉଚ୍ଚରୁ ଡେଇଁ ଦୁନିଆର ସବୁଠୁ ଅଧିକ ବୟସ୍କା ସ୍କାଏଡାଇଭର ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ନାମ ଲେଖାଇଛନ୍ତି। ଡୋରୋଥି ନିକଟରେ ଓଟାୱାର ସ୍କାଏଡାଇଭ ଚିକାଗୋରେ ଏହି ସ୍କାଏଡାଇଭିଂ କରିଛନ୍ତି, ଯାହା ଚିକାଗୋ ସହରର ପ୍ରାୟ ୮୬ ମାଇଲ ଦକ୍ଷିଣ-ପଶ୍ଚିମରେ ରହିଛି। ରିପୋର୍ଟ ମୁତାବକ, ଡୋରୋଥିଙ୍କ ପୂର୍ବରୁ ଏହି ରେକର୍ଡ ସ୍ୱିଡେନର ରୁଟ୍ ଲିନିଆ ଇଙ୍ଗିଗାର୍ଡ ଲାର୍ସନଙ୍କ ନିକଟରେ ଅଛି, ଯାହାକୁ ସେ ୨୦୨୨ ମେ'ରେ ହାସଲ କରିଥିଲେ। ତାଙ୍କୁ ସେତେବେଳେ ୧୦୩ ବର୍ଷ ବୟସ ହୋଇଥିଲା। ଏହା ପୂର୍ବରୁ ଡୋରୋଥିଙ୍କୁ ୧୦୦ ବର୍ଷ ହୋଇଥିଲାବେଳେ ସେ ସ୍କାଏଡାଇଭିଂ କରିଥିଲେ। ସେତେବେଳେ ତାଙ୍କୁ ଏଥିପାଇଁ ଟିକିଏ ଡର ଲାଗିଥିଲା। ହେଲେ ଏଥରର ସ୍କାଏଡାଇଭିଂରେ ସେ ପୂରା ୭ ମିନିଟ୍ ପର୍ଯ୍ୟନ୍ତ ମଜା ଉଠାଇଥିଲେ। ତାଙ୍କୁ ଏଥିରେ ସବୁଠୁ ଖୁସି ମିଳିଥିବା ସେ କହିଛନ୍ତି। ତେବେ ଡୋରୋଥି ଆଗକୁ ହଟ୍ ବେଲୁନ୍‌ରେ ଯାତ୍ରା ପାଇଁ ପ୍ରସ୍ତୁତି ଚଳାଇଛନ୍ତି।



### ୨ ଲକ୍ଷ ପାଇଁ ପିଇଲେ ୧ ଲିଟର ମଦ

**ବେଜିଂ:** ଲୋକେ ପ୍ରତିଯୋଗିତା ପାଇଁ ବିଭିନ୍ନ ସ୍ତରକୁ ପାର କରିଯା'ନ୍ତି। ଏଥିପାଇଁ ସେମାନଙ୍କୁ ଅନେକ କ୍ଷତି ମଧ୍ୟ ସହିବାକୁ ପଡ଼ିଥାଏ। ନିକଟରେ ୨ ଲକ୍ଷ ପୁରସ୍କାର ପାଇଁ ଜଣେ ବ୍ୟକ୍ତି ଏକାଥରେ ୧ ଲିଟର ମଦ ପିଇଥିବା ଜଣାପଡ଼ିଛି। ପରେ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ମେଡିକାଲ ନିଆଯାଇଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଦକ୍ଷିଣ ଚାଇନାର ଏକ କମ୍ପାନୀରେ ଝାଙ୍ଗ ନାମକ ଜଣେ ବ୍ୟକ୍ତି କାମ କରୁଥିଲେ। ଜୁଲାଇରେ ସେ କମ୍ପାନୀର ଏକ ଡିନର ପାର୍ଟିରେ ସାମିଲ ହୋଇଥିଲେ। ସେ ସମୟରେ କମ୍ପାନୀର ମାଲିକ ମଜାରେ ଏକ ପ୍ରତିଯୋଗିତା ଆୟୋଜନ କଲେ। ସେଥିରେ ଯିଏ ସବୁଠୁ ଅଧିକ ମଦ ପିଇବେ ତାଙ୍କୁ ୨୦ ହଜାର ୟୁଆନ୍ ଅର୍ଥାତ୍ ୨.୨୮ ଲକ୍ଷ ଟଙ୍କା ପୁରସ୍କାର ସ୍ୱରୂପ ମିଳିବ। ପ୍ରତିଯୋଗିତାରେ ହାରିଲେ ସମସ୍ତ କର୍ମଚାରୀଙ୍କୁ ୧୦ ହଜାର ୟୁଆନ୍ ଅର୍ଥାତ୍ ୧.୧୫ ଲକ୍ଷ ଟଙ୍କାର ଚା' ପିଆଇବାକୁ ପଡ଼ିବ ବୋଲି ସର୍ତ୍ତ ରଖିଥିଲେ। ପ୍ରତିଯୋଗିତା ଆରମ୍ଭ ହେବା ପରେ ଝାଙ୍ଗଙ୍କ ସହିତ କିଛି କର୍ମଚାରୀ ଏଥିରେ ଭାଗ ନେଇଥିଲେ। ହେଲେ ଝାଙ୍ଗ ୧୦ ମିନିଟ୍ ଭିତରେ ପ୍ରାୟ ୧ ଲିଟର ମଦ ପିଇଦେଇଥିଲେ। ତା'ପରେ ସେ ସେଠାରେ ମୂର୍ଚ୍ଛା ହୋଇ ତଳେ ପଡ଼ିଯାଇଥିଲେ। ସେଠାରେ ଡାକ୍ତରମାନେ ବଞ୍ଚାଇବାକୁ ବହୁତ ଚେଷ୍ଟା କରିବା ସତ୍ତ୍ୱେ ବି ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଏହି ଘଟଣାର ପରଦିନ ହିଁ ସେହି କମ୍ପାନୀ ବନ୍ଦ ହୋଇଗଲା।





# ବୋଲରଙ୍କ ଉପରେ ନଜର

**ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପର ୧୩ଶ ସଂସ୍କରଣ ଗୁରୁବାର ଆରମ୍ଭ ହୋଇଛି। ବିସ୍ଫୋରକ ବ୍ୟାଟିଂ ସାଧାରଣତଃ କ୍ରିକେଟପ୍ରେମୀଙ୍କୁ ଆମୋଦିତ କରିଥାଏ। ମାତ୍ର ଏପରି କେତେକ ବୋଲର ଅଛନ୍ତି ଯେଉଁମାନେକି ମ୍ୟାଚର ଗତିପଥ ବଦଳାଇ ଦେବାର ଦକ୍ଷତା ରଖିଛନ୍ତି।**



ଯଶପ୍ରୀତ୍ ବୁମ୍‌ରା

ଅଧିକାଂଶଙ୍କ ଧାରଣା ଥାଏ ଯେ ବ୍ୟାଟରମାନେ ମ୍ୟାଚ ଜିତାଇଥାନ୍ତି। କିନ୍ତୁ ବୋଲରଙ୍କ ସହାୟତାରେ ଟୁର୍ନାମେଣ୍ଟ ଜିତିହେବ। ଦିନିକିଆ ବିଶ୍ୱକପ୍‌ରେ ଭାଗ ନେଉଥିବା ସମସ୍ତ ୧୦ଦଳ ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀ ଦଳକୁ ରୋକିବା ଲାଗି ଶ୍ରେଷ୍ଠ ବୋଲରମାନଙ୍କୁ ନେଇ ପଡ଼ିଆକୁ ଓହ୍ଲାଇଛନ୍ତି। ଭାରତରେ ସ୍ପିନରମାନେ ଆଧିପତ୍ୟ ବିସ୍ତାର କରିବେ ବୋଲି ଆଶା କରାଯାଉଛି। ଏହାଛଡ଼ା ସୁଇଂ ବୋଲରମାନେ ମଧ୍ୟ ଫାଇଦା ଉଠାଇପାରନ୍ତି। ଏଥର ବିଶ୍ୱକପ୍‌ରେ ୭ ବୋଲର ଅଛନ୍ତି, ଯେଉଁମାନଙ୍କର ଦଳ ପାଇଁ ଫରକ ଆଣିପାରିବାର ସାମର୍ଥ୍ୟ ରହିଛି।

**ମିଚେଲ ଷ୍ଟାର୍କ:** ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ବିଧ୍ୱଂସକାରୀ ହ୍ୱାଇଟ୍-ବଲ୍ ବୋଲର ହେଉଛନ୍ତି ମିଚେଲ ଷ୍ଟାର୍କ। ଏହି ବାମହାତୀ ଡେଙ୍ଗା ସିମ୍ ବୋଲର ଚମତ୍କାର ସୁଇଂ ଓ ୟର୍କର ବୋଲିଂରେ ବିପକ୍ଷ ଦଳର ବ୍ୟାଟରମାନଙ୍କ ପାଇଁ ସଙ୍କଟ ସୃଷ୍ଟି କରିପାରନ୍ତି। ଷ୍ଟାର୍କଙ୍କ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ କ୍ୟାରିୟର ପ୍ରଭାବୀ ରହିଛି। ୨୦୧୫ରେ ତାଙ୍କର କେତୋଟି ଡେଲିଭରି ଖେଳିବା ଅସମ୍ଭବ ଥିଲା। ୨୦୧୯ ସଂସ୍କରଣରେ ସେ ସବୁଠାରୁ ଅଧିକ ଉଇକେଟ ହାସଲକାରୀ ବୋଲର ଥିଲେ। ୩୩ ବର୍ଷୀୟ ବୋଲର ଇଞ୍ଜୁରୀରୁ ଫେରିଛନ୍ତି। ମେଗା ଇଭେଣ୍ଟ ଲାଗି ସେ ଫିଟ୍ ମନେ ହେଉଛନ୍ତି। ନେଦରଲାଣ୍ଡ୍ସ ବିପକ୍ଷ ୱାର୍ମଅପ୍ ଗେମ୍‌ରେ ସେ ଏକ ହ୍ୟାଟ୍ରିକ ଅର୍ଜନ କରିଛନ୍ତି।

**ଯଶପ୍ରୀତ୍ ବୁମ୍‌ରା:** ଭାରତର ଅନ୍ୟତମ ପ୍ରମୁଖ ପେସ୍ ବୋଲର ହେଲେ ଯଶପ୍ରୀତ ବୁମ୍‌ରା। ଅଜବ ଆକ୍ସନରେ ସେ ଇନ୍‌ସୁଇଂ, ଆଉଟ ସୁଇଂ, ଅଫ୍-କଟର, ଲେଗ୍ କଟର, ୟର୍କର ଓ ସିମ୍ ବୋଲିଂ କରିଥାନ୍ତି। ଗୁଜରାଟର ଏହି ବୋଲିଂ ଯାଦୁକର କେବଳ ନିୟମିତ ଉଇକେଟ ଅକ୍ତିଆର କରିପାରନ୍ତି ତାହା ନୁହେଁ ନୂଆ ବଲ୍ ଓ ଡେଥ୍ ଓଭରରେ ସେ ଟାଇଟ୍ ବୋଲିଂ ମଧ୍ୟ କରିଥାନ୍ତି।

**କୁଲଦୀପ ଯାଦବ:** ଏହି ବାମହାତୀ ରିଷ୍ଟ ସ୍ପିନର ବିଶ୍ୱକପ୍‌ରେ ଭାରତୀୟ ସ୍ଲୋ-ବଲ୍ ୟୁନିଟ୍‌ର ହେଉଛନ୍ତି ମୁଖ୍ୟ କର୍ଣ୍ଣଧାର। ଆଣ୍ଠୁ ଆଘାତଜନିତ ସମସ୍ୟାରୁ ମୁକୁଳିବା ପରେ ସେ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟର ଜଣେ ଭିନ୍ନ ଧରଣର ଖେଳାଳି ପାଲଟି ଯାଇଛନ୍ତି। ଗତ ଏସିଆ କପ୍‌ରେ ଭାରତର ସଫଳତା ପଛରେ ତାଙ୍କର ବଡ଼ ଭୂମିକା ରହିଛି। କ୍ରମାଗତ ଦୁଇଟି ମ୍ୟାଚରେ ସେ ମ୍ୟାଚ ବିଜୟୀ ପ୍ରଦର୍ଶନ କରିଛନ୍ତି।

**ମାର୍କ ଉଡ୍:** ଇଂଲଣ୍ଡର ଏହି ପେସର ବର୍ତ୍ତମାନ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ବୋଲର ଭାବେ ପରିଗଣିତ ହେଉଛନ୍ତି। ସେ ପ୍ରାୟ ଲାଇନ୍ ଲେନ୍ଥ ରଖି ବୋଲିଂ କରିଥାନ୍ତି। ସେ କେତେ ସ୍ପିଡ୍‌ରେ ବଲ୍ ଡେଲିଭରି କରିବାକୁ ଯାଉଛନ୍ତି ବ୍ୟାଟରମାନେ ତାହା ଠଉରେଇ ପାରନ୍ତି ନାହିଁ। ପେସ୍ ଓ ଲକ୍ଷ୍ୟଭେଦୀ ବୋଲିଂ ତାଙ୍କୁ ଅଧିକ ବିପଜ୍ଜନକ କରିଥାଏ।

**ଶାହିନ ଶାହା ଆଫ୍ରିଦି:** ନସିମ ଶାହା ବିଶ୍ୱକପ୍‌ରୁ ବାଦ୍ ପଡ଼ିବା ପରେ ୨୩ ବର୍ଷୀୟ ବୋଲର ଶାହିନ ଶାହା ଆଫ୍ରିଦିଙ୍କଠାରୁ ପାକିସ୍ତାନ ବଡ଼ ଆଶା ରଖିଛି। ସେ ଉଚ୍ଚତାରେ ଡେଙ୍ଗା ହୋଇଥିବା ବେଳେ ଫାଷ୍ଟ ବୋଲିଂ କରିବାର ସାମର୍ଥ୍ୟ ରଖିଛନ୍ତି। ନୂଆ ବଲ୍‌ରେ ଶାହିନ ପାକିସ୍ତାନର ଏକ ମୁଖ୍ୟ ଅସ୍ତ୍ର। ଟପ୍ ଅର୍ଡରରେ ବିପର୍ଯ୍ୟୟ ସୃଷ୍ଟି କରିବାର ସାମର୍ଥ୍ୟ ତାଙ୍କ ନିକଟରେ ରହିଛି। ସେ ସ୍ପିଡ୍ ବୋଲିଂ କରିବା ସହ ବଲ୍‌ର ମୁଭମେଣ୍ଟ କରିପାରନ୍ତି। ଡେଥ୍ ଓଭରରେ ବୋଲିଂ କରିବାର ସାମର୍ଥ୍ୟ ତାଙ୍କ ନିକଟରେ ରହିଛି।



ଶାହିନ ଆଫ୍ରିଦି

**କାଗିସୋ ରାବାଡା:** କାଗିସେ ରାବାଡା ଦକ୍ଷିଣ ଆଫ୍ରିକା ବୋଲିଂ ଆକ୍ରମଣର ଏକ ଅବିଚ୍ଛେଦ୍ୟ ଅଙ୍ଗ। ସେ ପେସ୍ ଓ ବାଉନ୍ସ ସହ ନିୟନ୍ତ୍ରିତ ବୋଲିଂ କରିପାରନ୍ତି। ଏହାଛଡ଼ା ସୁଇଂ ବୋଲିଂର ସାମର୍ଥ୍ୟ ରଖିଛନ୍ତି। ଚମତ୍କାର ୟର୍କର ପକାଇ ସେ ବହୁ ଉଇକେଟ ଅକ୍ତିଆର କରିଛନ୍ତି। ନିକଟରେ ଅଷ୍ଟ୍ରେଲିଆ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜରେ ୭ ଉଇକେଟ ନେଇ ସେ ତାଙ୍କ ବର୍ତ୍ତମାନ ଫର୍ମର ପରିଚୟ ଦେଇଛନ୍ତି। ଭାରତୀୟ ଜଳବାୟୁ ସହିତ ପରିଚିତ ଥିବାରୁ ସେଥିରୁ ତାଙ୍କୁ ଫାଇଦା ମିଳିବ।

**ଆଦିଲ ରଶିଦ:** ଗତଥରର ଚାମ୍ପିୟନ ଇଂଲଣ୍ଡ ଦଳରେ ଭେଟେରାନ ଲେଗ୍ ସ୍ପିନର ଆଦିଲ ରଶିଦଙ୍କ ବିକଳ୍ପ କେହିନାହାନ୍ତି। ଲେଗ୍ ସ୍ପିନ ଓ ଗୁଗଲିର ମିଶ୍ରଣ ସହ ତାଙ୍କ ଅନନ୍ୟ ଷ୍ଟାଇଲର ବୋଲିଂ ବ୍ୟାଟରମାନଙ୍କୁ ଅଡୁଆରେ ପକାଇଥାଏ। ପାର୍ଟନରଶିପ୍ ଭାଙ୍ଗିବାର ସାମର୍ଥ୍ୟ ତାଙ୍କ ନିକଟରେ ଅଛି। ଭାରତୀୟ ଜଳବାୟୁରେ ରଶିଦଙ୍କୁ ଅନ୍ୟତମ ପ୍ରଭାବୀ ବୋଲର ବିବେଚନା କରାଯାଇଥାଏ। ବିଶ୍ୱକପ୍ ପାଇଁ ଇଂଲଣ୍ଡ ରଣନୀତିରେ ତାଙ୍କର ଭୂମିକା ରହିବ।



କୁଲଦୀପ ଯାଦବ

## ଚେନ୍ନାଇରେ ଭାରତର ଅଭ୍ୟାସ ଆରମ୍ଭ

ଚେନ୍ନାଇ,୫।୧୦

ବିଶ୍ୱକପର ପ୍ରଥମ ମ୍ୟାଚ୍ ପାଇଁ ଭାରତୀୟ ଦଳ କଡା ଅଭ୍ୟାସ ଆରମ୍ଭ କରିଛି। ଦୁଇଟି ଯାକ ଅଭ୍ୟାସ ମ୍ୟାଚ୍ ବର୍ଷା କାରଣରୁ ଧୋଇ ଯାଇଥିବା ବେଳେ ଆସନ୍ତା ୮ ତାରିଖରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ ଭାରତ। ଏହାକୁ ଦୃଷ୍ଟିରେ ରଖି ଭାରତୀୟ ଦଳ ୪ ଦିନ ଆଗରୁ ଚେନ୍ନାଇରେ ପହଞ୍ଚିଥିବା ବେଳେ ଭାରତୀୟ ଦଳ ସହ ଯୋଗ ଦେଇଛନ୍ତି ଷ୍ଟାର ବ୍ୟାଟର ବିରାଟ କୋହଲି। ଆରମ୍ଭରୁ ଭାରତୀୟ ଦଳର ନେଟ୍ ସେସନ୍ ୨ ଘଣ୍ଟାର ସ୍ଥିର କରାଯାଇଥିଲା। କିନ୍ତୁ ଗୁରୁବାର ଭାରତୀୟ ଦଳର ଖେଳାଳି ଆହୁରି ୪୫ ମିନିଟ ଅଧିକ ନେଟ୍ସରେ ଝାଳ ବୁହାଇଥିଲେ। ଦ୍ୱିତୀୟ ୱାର୍ମଅପ୍ ମ୍ୟାଚ୍ ପାଇଁ ଭାରତୀୟ ଦଳରେ ସାମିଲ ନ ଥିବା ଷ୍ଟାର ବ୍ୟାଟର କୋହଲି ଥ୍ରୋ ଡାଉନ୍ କରୁଥିବାର ନଜର ଆସିଥିଲେ। ଭାରତୀୟ ଦଳ ଏହାର ୱାର୍ମ ଅପ୍ ମ୍ୟାଚ୍ ମିସ୍ କରିଥିଲେ ମଧ୍ୟ ଏହା ଦଳର ପ୍ରଦର୍ଶନକୁ ବିଶେଷ ଭାବରେ ପ୍ରଭାବିତ କରିବାର ସମ୍ଭାବନା କମ୍ ରହିଛି। ଭାରତୀୟ ଦଳ ଏହା ପୂର୍ବରୁ ଅଷ୍ଟ୍ରେଲିଆ ବିପକ୍ଷରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳିଥିଲା। ଏଥିରେ ଭାରତୀୟ ଖେଳାଳିଙ୍କୁ ପର୍ଯ୍ୟାପ୍ତ ମ୍ୟାଚ୍ ଅଭ୍ୟାସର ସୁଯୋଗ ମିଳିଥିଲା।

କୋହଲି ପ୍ରଥମେ ଥ୍ରୋ ଡାଉନ୍ କରିବା ସହିତ ଦୀର୍ଘ ସମୟ ବ୍ୟାଟିଂ ଅଭ୍ୟାସ କରିଥିଲେ। କୋହଲିଙ୍କ ବ୍ୟତୀତ ରବୀନ୍ଦ୍ର ଜାଡେଜା, ହାର୍ଦ୍ଦିକ ପାଣ୍ଡ୍ୟା ଓ କୁଲଦୀପ ଯାଦବ ମଧ୍ୟ କଡା ଅଭ୍ୟାସ କରିଥିଲେ। ଜାଡେଜା ପ୍ରଥମେ ବୋଲିଂ ଓ ପରେ ବ୍ୟାଟିଂ କରିଥିଲେ। ଅନ୍ୟ ପକ୍ଷରେ ହାର୍ଦ୍ଦିକ ଓ କୁଲଦୀପ ଦୀର୍ଘ ସମୟ ଧରି ବୋଲିଂ ଅଭ୍ୟାସ କରିଥିଲେ। ପାଣ୍ଡ୍ୟା ଅଳ୍ପ କିଛି ସମୟ ବ୍ୟାଟିଂ ମଧ୍ୟ ଅଭ୍ୟାସ କରିଥିଲେ।




ଅହମଦାବାଦରେ ଇଂଲଣ୍ଡ-ନ୍ୟୁଜିଲାଣ୍ଡ ଉଦ୍‌ଘାଟନୀ ମ୍ୟାଚ ଅବସରରେ ଦୁଇ ଭାରତୀୟ ପ୍ରଶଂସିକା।

## ବୋଲିଂ ସୁଧାରିବା ଲକ୍ଷ୍ୟରେ ପାକିସ୍ତାନ

ହାଇଦ୍ରାବାଦ,୫।୧୦(ପି.ଟି.)

ଭାରତରେ ଆରମ୍ଭ ହୋଇଯାଇଛି ଦିନିକିଆ କ୍ରିକେଟ ବିଶ୍ୱକପ୍। ଟୁର୍ନାମେଣ୍ଟର ଦ୍ୱିତୀୟ ମ୍ୟାଚ୍‌ରେ ପାକିସ୍ତାନ ପ୍ରଥମ ଥର ପଡିଆକୁ ଓହ୍ଲାଇବ। ହାଇଦ୍ରାବାଦରେ ନେଦରଲାଣ୍ଡ୍ସ ବିପକ୍ଷ ମ୍ୟାଚ୍‌ରେ ପାକିସ୍ତାନ ଏହାର ବୋଲିଂ ଓ ଫିଲ୍ଡିଂ ଦୁର୍ବଳତାକୁ ସୁଧାରିବାକୁ ପ୍ରୟାସ କରିବ। ପାକିସ୍ତାନ ଦଳ ଏହାର ଦୁଇଟି ଯାକ ମ୍ୟାଚ୍ ହାଇଦ୍ରାବାଦରେ ଖେଳିଛି। ତେବେ ଉଭୟ ମ୍ୟାଚ୍‌ରେ ପାକିସ୍ତାନ ବୋଲର ୩୦୦ରୁ ଅଧିକ ରନ୍ ବ୍ୟୟ କରିଥିଲେ। ଉଭୟ ମ୍ୟାଚରେ ଏହାର ବ୍ୟାଟର ୩୦୦ରୁ ଅଧିକ ସ୍କୋର କରିଥିଲେ ମଧ୍ୟ ଦଳ ବିଜୟୀ ହୋଇଥିଲା। ଏସିଆ କପରେ ଖରାପ ପ୍ରଦର୍ଶନ ପରେ ଉଭୟ ଅଭ୍ୟାସ ମ୍ୟାଚରେ ଦଳ ପରାଜିତ ହୋଇଛି। ଏହା ସହିତ ପାକିସ୍ତାନ ନିକଟରେ ଆଉ ଏକ ସମସ୍ୟା ହେଉଛି ଏହାର ଟପ୍ ଅର୍ଡର ବ୍ୟାଟିଂ। ଇମାମ୍ ଉଲ୍ ହକ୍ ଓ ଫାଖର ଜମାନଙ୍କ ବ୍ୟାଟରୁ ଉଭୟ ଅଭ୍ୟାସ ମ୍ୟାଚ୍‌ରେ ବଡ ସ୍କୋର ଆସିନାହିଁ। ଇମାମ୍ ଉଲ ହକ ପ୍ରଥମ ମ୍ୟାଚ୍‌ରେ ସ୍ଥାନ ପାଇବା ନିଶ୍ଚିତ। ତାଙ୍କ ଆଭରେଜ ୫୦ରୁ ଅଧିକ ରହିଥିବା ବେଳେ ଷ୍ଟ୍ରାଇକରେଟ୍ ଚିନ୍ତାଜନକ ଭାବରେ ମାତ୍ର ୮୨ ରହିଛି। ଅନ୍ୟ ଦୁଇ ଓପନର ଫାଖର ଜମାନ ଓ ଅବଦୁଲ୍ଲା ଶଫିକ୍ ମଧ୍ୟ ଖରାପ ଫର୍ମ ଦେଇ ଗତି କରୁଥିବାରୁ ଦ୍ୱିତୀୟ ଓପନର ଭାବରେ କିଏ ଖେଳିବ ତାକୁ ନେଇ ଚିନ୍ତା ଲାଗି ରହିଛି।

ତେବେ ମଧ୍ୟକ୍ରମରେ ପାକିସ୍ତାନର ବ୍ୟାଟିଂ ବେଶ୍ ଶକ୍ତିଶାଳୀ ମନେହେଉଛି। ଅଧିନାୟକ ବାବର ଆଜମ୍, ଉଇକେଟ କିପର ମହମ୍ମଦ ରିଜୱାନ ଓ ଇଫତିଖାର ଅହମଦ ଚମତ୍କାର ଫର୍ମରେ ରହିଛନ୍ତି। ଉଭୟ ଅଭ୍ୟାସ ମ୍ୟାଚ୍‌ରେ ବାବର ଅର୍ଦ୍ଧଶତକ ହାସଲ କରିଥିବା ବେଳେ ତାଙ୍କର ଷ୍ଟ୍ରାଇକରେଟ୍ ମଧ୍ୟ ପ୍ରଭାବୀ ରହିଥିଲା। ହାଇଦ୍ରାବାଦର ରାଜୀବ ଗାନ୍ଧୀ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମର ବାଉଣ୍ଡ୍ରି ଛୋଟ ଥିବାରୁ ଏକ ହାଇ ସ୍କୋରିଂ ମ୍ୟାଚ୍ ଦେଖିବାକୁ ମିଳିବ। ତେବେ ଅନ୍ୟତମ ଖେଳାଳି ଆଘା ସଲମାନ ଦଳରେ ସ୍ଥାନ ପାଇବେ କି ନାହିଁ ତାକୁ ନେଇ ଚିନ୍ତା ଲାଗି ରହିଛି। ଅନ୍ୟ ଦଳର ଖେଳାଳିମାନେ ଆଇପିଏଲ୍ ପରି ଟୁର୍ନାମେଣ୍ଟ ଭାରତରେ ଖେଳୁଥିବା ବେଳେ ପାକିସ୍ତାନ ଖେଳାଳିଙ୍କ ନିକଟରେ ସମାନ ସୁବିଧା ନାହିଁ। ଅପରପକ୍ଷରେ ନେଦରଲାଣ୍ଡ୍ସ ଦଳ ଚମତ୍କାର ପ୍ରଦର୍ଶନ କରିଛି। ଯୋଗ୍ୟତା ପର୍ଯ୍ୟାୟରୁ ଆସିଥିଲେ ହେଁ ଏହା ବଡ ଦଳଙ୍କୁ ମାତ୍ ଦେବାର ଦକ୍ଷତା ରଖିଥାଏ। ଶେଷ ଥର ପାଇଁ ଦଳ ୨୦୧୧ରେ ବିଶ୍ୱକପ ଖେଳିଥିଲା। ପୂର୍ବତନ ଦକ୍ଷିଣ ଆଫ୍ରିକା ସ୍ପିନର ରିଓ୍ଵଲ୍ଫ ଭାନ୍ ଡର ମରୱେ ଦଳରେ ରହିଥିବା ବେଳେ ଆନ୍ଧ୍ର ପ୍ରଦେଶରେ ଜନ୍ମିତ ତେଜା ନିଡାମନୁରୁ ମଧ୍ୟକ୍ରମ ଭାର ସମ୍ଭାଳିବେ। ଅନ୍ୟତମ ଭାରତୀୟ ଖେଳାଳି ବିକ୍ରମଜିତ୍ ସିଂ ଓ ଆର୍ଯ୍ୟନ ଦତ୍ତ ମଧ୍ୟ ଭାରତୀୟ ପରିବେଶ ସହିତ ଅଭ୍ୟସ୍ତ।




ବିଶ୍ୱକପ ଟ୍ରଫି ସହ ଦୁଇ ଦଳର ଅଧିନାୟକ ବାବର ଆଜମ ଓ ସ୍କଟ ଏଡୱାର୍ଡ୍ସ।

### ନେଦରଲାଣ୍ଡ୍ସ ପକ୍ଷରୁ ଖେଳିବେ ୩ ଭାରତୀୟ

ପାକିସ୍ତାନ ବିପକ୍ଷ ବିଶ୍ୱକପ ମ୍ୟାଚ୍‌ରେ ୩ ଜଣ ଭାରତୀୟ ଖେଳାଳିଙ୍କୁ ଦେଖିବାକୁ ମିଳିବ। ନେଦରଲାଣ୍ଡ୍ସ ପକ୍ଷରୁ ଅନ୍ତର୍ଜାତୀୟ କ୍ରିକେଟ ଖେଳୁଥିବା ଏହି ୩ କ୍ରିକେଟର ଭାରତରେ ଜନ୍ମଗ୍ରହଣ କରିଥିଲେ। କ୍ରିକେଟରେ ଅଧିକ ସୁଯୋଗ ପାଇଁ ନେଦରଲାଣ୍ଡ୍ସ ପକ୍ଷରୁ ଖେଳିବା ଆରମ୍ଭ କରିଥିଲେ। ନେଦରଲାଣ୍ଡ୍ସ ପକ୍ଷରୁ ଓପନ କରୁଥିବା ବିକ୍ରମଜିତ୍ ସିଂଙ୍କ ଜନ୍ମ ପଞ୍ଜାବର ଚିମା ଖୁର୍ଦ୍ଦରେ । ଅନ୍ୟପକ୍ଷରେ ସ୍ପିନର ଆର୍ଯ୍ୟନ ଦତ୍ତ ଚଣ୍ଡୀଗଡରେ ଜନ୍ମ ନେଇଥିବା ବେଳେ ନେଦରଲାଣ୍ଡ୍ସ ପକ୍ଷରୁ ପ୍ରଫେସନାଲ କ୍ରିକେଟ ଖେଳୁଛନ୍ତି। ମଧ୍ୟକ୍ରମରେ ବ୍ୟାଟିଂ କରୁଥିବା ତଥା ନିକଟରେ ଅନ୍ତର୍ଜାତୀୟ ଶତକ ହାସଲ କରିଥିବା ତେଜା ନିଡାମନୁରୁ ମଧ୍ୟ ଜଣେ ଭାରତୀୟ। ବିଜୟୱାଡାରେ ଜନ୍ମିତ ଏହି ଖେଳାଳି ଜଣଙ୍କ ବିଗତ ଏକ ବର୍ଷ ହେବ ନେଦରଲାଣ୍ଡ୍ସ ପାଇଁ ଅନ୍ତର୍ଜାତୀୟ କ୍ରିକେଟ ଖେଳୁଛନ୍ତି।

### ଦିନିକିଆ ବିଶ୍ୱକପ

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ପାକିସ୍ତାନ ବନାମ ନେଦରଲାଣ୍ଡ୍ସ**

**ସ୍ଥାନ: ହାଇଦ୍ରାବାଦ,**
**ସମୟ: ଅପରାହ୍ଣ ୨ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

**ଭାଜପା ରାଜ୍ୟ ସଭାପତିଙ୍କ ଗସ୍ତ ନେଇ ପ୍ରସ୍ତୁତି**

କୋକସରା,(ଦୁଷ୍ମନ୍ତ କୁମାର ପାଇଯୋଶୀ): ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଆସନ୍ତା ଶନିବାର ଧର୍ମଗଡ଼ ନିର୍ବାଚନମଣ୍ଡଳୀ ଗସ୍ତ କାର୍ଯ୍ୟକ୍ରମ ରହିଛି। ଏ ନେଇ ଗୁରୁବାର କୋକସରା ଭାଜପା ମଣ୍ଡଳ ଉପସଭାପତି ମୁକୁନ୍ଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ପ୍ରଭାରୀ ଗରୁଡ଼ଧ୍ୱଜ ଧଙ୍ଗଡ଼ାମାଝି, ସାଧାରଣ ସମ୍ପାଦକ ତ୍ରିନାଥ ଶବର, ଉପସଭାପତି ଗୋପାଳ ଅଗ୍ରୱାଲ, ଆମପାଣି ମଣ୍ଡଳ ସଭାପତି ଅର୍ଜୁନ ଭାଟି, ରାଜ୍ୟ କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଗଣେଶ ନନ୍ଦ, ବିଭୂଦତ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ପଥରରେ ଛେଚି ହତ୍ୟାକଲେ ବୃଦ୍ଧ

ଟିଟିଲାଗଡ଼/ସର୍ଗିଗୁଡ଼ା ୫।୧୦ (ଶରତ ମିଶ୍ର/ବୈକୁଣ୍ଠ ନାଗ)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ନିକଟସ୍ଥ ପଥରଲା ଗ୍ରାମରେ ଗୁରୁବାର ଜଣେ ୮୦ବର୍ଷର ବୃଦ୍ଧ ତାଙ୍କ ସ୍ତ୍ରୀଙ୍କୁ ପଥରରେ ମାରି ହତ୍ୟା କରିଥିବା ଅଭିଯୋଗ ହୋଇଛି। ହତ୍ୟାର ଶିକାର ହୋଇଛନ୍ତି ଡୁମେର ସୁନା(୭୫)। ପୋଲିସ ଅଭିଯୁକ୍ତ ଗଜମନ ସୁନାଙ୍କୁ ଗିରଫ କରିଛି। ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ମଧ୍ୟାହ୍ନରେ ଗଜମନ ସ୍ତ୍ରୀଙ୍କୁ କିଛି ଟଙ୍କା ମାଗିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଗଜମନ ପାଖରେ ପଡିଥିବା ଏକ ପଥର ସ୍ତ୍ରୀଙ୍କ ଉପରକୁ ଫିଙ୍ଗି ଦେଇଥିଲେ। ଏଥିରେ ଘଟଣାସ୍ଥଳରେ ହିଁ ଟଳି ପଡିଥିଲେ ଡୁମେର। ମୃତାଙ୍କ ପୁଅର ଅଭିଯୋଗ ଆଧାରରେ ଟିଟିଲାଗଡ଼ ଥାନାରେ ଏକ ହତ୍ୟା ମାମଲା(୩୧୦/୨୩) ରୁଜୁ ହୋଇଛି।

### ଧର୍ମପରାୟଣା ମହିଳାଙ୍କ ପରଲୋକ

ବଲାଙ୍ଗୀର,୫।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ହାତୀଶାଳପଡା ନିବାସୀ ସୀତା ନାୟକ (୮୦)ଙ୍କ ପରଲୋକ ହୋଇଛି। ବୁଧବାର ରାତିରେ ଚେତାଶୂନ୍ୟ ହୋଇଯିବାରୁ ପରିବାର



ଲୋକେ ତାଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁବେଳକୁ ପୁଅ ସତ୍ୟ, ସଞ୍ଜୀବ, ଝିଅ ପୁଷ୍ପାଞ୍ଜଳି ପାଣିଗ୍ରାହୀ, ଶ୍ରଦ୍ଧାଞ୍ଜଳି ପାଢ଼ି, ବୋହୂ ଅନୁପମା, ପୁଷ୍ପାଞ୍ଜଳି, ଜ୍ୱାଇଁ ଅରକ୍ଷିତ, ବିମଳ ଓ ଜ୍ଞାତି ପରିଜନ ଉପସ୍ଥିତ ଥିଲେ। ଦାହସଂସ୍କାର ପାଇଁ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇଥିଲା। ପୁଅ ସଞ୍ଜୀବ ନାଏକ ମୁଖାଗ୍ନି ଦେଇଥିଲେ। ୭ ବର୍ଷ ପୂର୍ବେ ସ୍ୱାମୀ ଯୁଗଳ କିଶୋର ନାଏକଙ୍କ ଦେହାନ୍ତ ହୋଇଥିଲା। ସୀତା ଜଣେ ଧର୍ମପରାୟଣା ମହିଳା ଥିଲେ।

### କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ଖପ୍ରାଖୋଲ, ୫।୧୦(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ପଡିଆବାହାଲ ପଞ୍ଚାୟତ ସାନଡେନ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭୀ କାର୍ଯ୍ୟକ୍ରମ କେନ୍ଦ୍ର ସଂଯୋଜକ ସନାତନ ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ସରପଞ୍ଚ ରଘୁନାଥ ସିଂ ବରିହା, ସମ୍ମାନିତ ଅତିଥି ପ୍ରଧାନ ଶିକ୍ଷକ ପଞ୍ଚାନନ କରନ, ଲେକ୍ରୁ ଧରୁଆ, ଦେବରାଜ ବିଭାର, ପଡିଆବାହାଲ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ପ୍ରଦୀପ କୁମାର ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଏବଂ ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଉଦ୍‌ଯାପନୀରେ ପତ୍ରାପାଲି ବିଦ୍ୟାଳୟ ପ୍ରଧାନଶିକ୍ଷକ କୁନାରାମ ନନ୍ଦ ଅଧକ୍ଷତା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

### କରୁଆଁଝରରେ ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି

ଦେଓଗାଁ ୫।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବନ୍ଧ ପଞ୍ଚାୟତ କରୁଆଁଝରରେ ୧୨ତମ ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅମରିଶ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନୂତନ ପରିଚାଳନା କମିଟି ଗଠନ ସହ ଚଳିତବର୍ଷ ପୂଜା ଆଡମ୍ବରସହ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସଭାପତି ଭାବେ ଅମରୀଶ ଭୋଇ, ଉପସଭାପତି ଅଗସ୍ତି ବାଗ, ସମ୍ପାଦକ ଉମେଶ ଚନ୍ଦ୍ର ଭୋଇ, ସହସମ୍ପାଦକ ଦୁଃଖୁ ଭୋଇ, କୋଷାଧକ୍ଷ ରାମକୃଷ୍ଣ ବାରିକଙ୍କୁ ପ୍ରମୁଖ ଚୟନ କରାଯାଇଥିଲା । ଉପଦେଷ୍ଟା କମିଟିରେ ସୁରେଶ ଚନ୍ଦ୍ର ଭୋଇ, ଅନ୍ତର୍ଯ୍ୟାମୀ ଭୋଇ, ଅଗସ୍ତି ଭୋଇ, ମୁକୁଳ ବିହାରୀ ଭୋଇ, ରାଜପ୍ରତାପ ସିଂଦେଓ, ଯୁଧିଷ୍ଠିର ବାଗ, ଧନଞ୍ଜୟ ସିଂଦେଓ, ରଘୁରାଜ ସିଂଦେଓ ପ୍ରମୁଖ ଦାୟିତ୍ୱ ଦିଆଯାଇଥିଲା। ପୂଜାକର୍ତ୍ତା ଭାବେ ସଞ୍ଜୟ କୁମାର ସିଂଦେଓ ଓ ଧର୍ମପତ୍ନୀ ତୃପ୍ତିମୟୀ ସିଂଦେଓ, ରାମାୟଣ ପରାୟଣ କର୍ତ୍ତା ଦିଲିପ କୁମାର ସାହୁ, ଧର୍ମପତ୍ନୀ ପଦ୍ମିନୀ ସାହୁ ଏବଂ ବ୍ୟାସ ଭାବେ ବଲାଙ୍ଗୀର ରାଜିବ ନଗରର ପିତାମ୍ବର ମିଶ୍ର ଯୋଗଦେବେ ବୋଲି ଆୟୋଜକ କମିଟିପକ୍ଷରୁ ପ୍ରକାଶ ।

# ୨୨ରେ ମା’ ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତ୍ରଯାତ୍ରା

ଭବାନୀପାଟଣା,୫।୧୦(ଉତ୍ତମ କୁମାର ଦାଶ)



ମା’ ମାଣିକେଶ୍ୱରୀଙ୍କ ଛତ୍ରଯାତ୍ରା ପାଇଁ ଜିଲା ପ୍ରଶାସନର ପ୍ରସ୍ତୁତି ବୈଠକ।

**ଜିଲା ପ୍ରଶାସନର ପ୍ରସ୍ତୁତି ବୈଠକ**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଅପରାହ୍ନରେ ମା’ ମାଣିକେଶରୀ ପବିତ୍ର ଛତର ଯାତ୍ରା ଉପରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧକ୍ଷତାରେ କଳାହାଣ୍ଡି ମହାରାଜ ଅନନ୍ତ ପ୍ରତାପ ଦେଓ ଉପସ୍ଥିତ ଥିଲେ। ମାଣିକେଶରୀ ମନ୍ଦିର ପକ୍ଷରୁ ଜାରି ସୂଚନା ଅନୁସାରେ ଆସନ୍ତା ଅକ୍ଟୋବର ୨୨ରେ ମା’ ମାଣିକେଶରୀଙ୍କ ପବିତ୍ର ଛତ୍ରଯାତ୍ରା ଜେନାଖାଲ ପୂଜାର୍ଚ୍ଚନା ସାରି ମନ୍ଦିର ଅଭିମୁଖେ ଭକ୍ତମାନଙ୍କ ଗ୍ରହଣରେ ଯାତ୍ରା କରିବେ। ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଏଜେଣ୍ଡା ଅନୁଯାୟୀ ପ୍ରସ୍ତାବ ପାଠ କଲେ। ଗୃହରେ ସମସ୍ତଙ୍କ ସହମତିରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ମା’ଙ୍କ ଛତରଯାତ୍ରା ଶାନ୍ତିଶୃଙ୍ଖଳା ସହ ସମାପନ କରିବା ପାଇଁ ଜିଲାପାଳଙ୍କ ସମସ୍ତଙ୍କ ସହଯୋଗ ଲୋଡିଥିଲେ। ମା’ଙ୍କ ଛତରଯାତ୍ରାରେ ରାଜାବାଟି ଦ୍ୱାରା ପୁରସ୍କୃତ ଘୁମୁରା ଦଳ ବ୍ୟତୀତ ପୋଲିସ ବିଭାଗ ଦ୍ୱାରା ଚିହ୍ନଟ ସାଂସ୍କୃତିକ ଦଳ ଅଂଶ ଗ୍ରହଣ କରିବେ। ଛତର ଯାତ୍ର ପାଇଁ ରାସ୍ତା ମରାମତି, ନାଳ ନର୍ଦ୍ଦମା ସଫା, ପାନୀୟ ଜଳ, ନିରବିଚ୍ଛିନ୍ନ ବିଦ୍ୟୁତ୍ ସରବରାହ, ରାସ୍ତାରେ ବୁଲଗାଈଗୋରୁ ନିୟନ୍ତ୍ରଣ, ମଦ ଓ ନିଶା ଦ୍ରବ୍ୟର ବିକ୍ରି ନିଷେଧ, ଶାନ୍ତିଶୃଙ୍ଖଳା, ଆମ୍ବୁଲାନ୍ସ, ମାଜିଷ୍ଟ୍ରେଟ ମୃତୟନ, ସୂଚନା କେନ୍ଦ୍ର ସ୍ଥାପନ ଓ ଧାରା ବିବରଣୀ, ଚାକ୍ଷୁଷ ଧାରା ବିବରଣୀ କାର୍ଯ୍ୟ ଅନୁଷ୍ଠାନ ନିମନ୍ତେ ରାସ୍ତା ଓ ଗୃହ ନିର୍ମାଣ, ଜାତୀୟ ରାଜପଥ, ପୌର ପରିଷଦ, ବିଦ୍ୟୁତ୍ ବିଭାଗ, ପୋଲିସ, ସ୍ୱାସ୍ଥ୍ୟ ବିଭାଗ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଦୁର୍ଗାପୂଜା କମିଟି ପୂଜା ସ୍ଥାପନ ଓ ମେଢ଼ ବିସର୍ଜନ ପାଇଁ ଗାଇଡଲାଇନ ଅନୁଯାୟୀ ଚିହ୍ନଟ କୃତିମ ପଲିଥିନ ପୁଷ୍କରିଣୀ ବ୍ୟବସ୍ଥା କରିବାକୁ ଉପ ଜିଲାପାଳ, ଭବାନୀପାଟଣା/ଧର୍ମଗଡ ତଥା ଆଇନଶୃଙ୍ଖଳା ଓ ଛତ୍ରଯାତ୍ରାକୁ ସୁରକ୍ଷିତ, ଜନସମାଗମ ନିୟନ୍ତ୍ରଣ, ସାଂସ୍କୃତିକ ଦଳର ପ୍ରବେଶ ପାଇଁ ପୃଥକ ଭାବେ ଆରକ୍ଷୀ ଅଧୀକ୍ଷକ ବୈଠକ ଆୟୋଜନ କରିବେ। ବୈଠକରେ ଅତିରିକ୍ତ ଜିଲାପାଳ ତ୍ରିଲୋଚନ ପାତ୍ର, ଭବାନୀପାଟଣା ଉପଜିଲାପାଳ ଡ ବିଶ୍ୱଜିତ ଦାସ, ଧର୍ମଗଡ଼ ଉପଜିଲାପାଳ ବିରଞ୍ଚି ନାରାୟଣ ଦରୱାନ, ଭବାନୀପାଟଣା ପୌରପରିଷଦ ଅଧକ୍ଷା ସଂଯୁକ୍ତା ବେହେରା, ସିଡିଏମଓ ଡଃ ନିହାରେନ୍ଦ୍ର ପଣ୍ଡା, ଜିଲାପାଳଙ୍କ କାର୍ଯ୍ୟାଳୟ ବିଚାର ବିଭାଗୀୟ ଅଧିକାରୀ, ସହରର ବିଭିନ୍ନ ଦୁର୍ଗାପୂଜା କମିଟି କର୍ମକର୍ତ୍ତା, ସମାଜସେବୀ ଉତ୍ସବ ସାହୁ, ସୁବ୍ରତ ବହିଦାର, ବରିଷ୍ଠ ଆଇନଜୀବୀ ଜଗନ୍ନାଥ ମୁଣ୍ଡ, ମନ୍ଦିର କର୍ତ୍ତୃପକ୍ଷ ଅଶୋକ ନେଗି, ସାମନ୍ତ ଖମାରୀ, ଚିତ୍ତରଞ୍ଜନ ମଣ୍ଡଳ, ସତ୍ୟ ନାରାୟଣ ମହାପାତ୍ର, ଶଶି ଭୂଷଣ ଚୌଧୁରୀ, ଡିଆଇପିଆର୍‌ଓ ମନୋଜ ବେହେରା, ପୌରପାଳିକା ଇଓ ଚିନ୍ମୟ ନାୟକ, ମସଜିଦ କମିଟି ସଭ୍ୟ, ଚର୍ଚ୍ଚ କମିଟି ସଭ୍ୟ, ବିଭାଗୀୟ ଅଧିକାରୀ ତଥା ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସହ ଶିକ୍ଷୟିତ୍ରୀ ମାଡ଼ ମାରିବା ଅଭିଯୋଗ

ଭବାନୀପାଟଣା,୫।୧୦(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୟପାଟଣା ଗୋଷ୍ଠୀଶିକ୍ଷା ଅଧୀନ କୋଟପାଡ଼ି ପ୍ରାଥମିକ ବିଦ୍ୟାଳୟର ସହ ଶିକ୍ଷୟିତ୍ରୀ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମାଡ଼ ମାରିଥିବା ଘଟଣା ଅଞ୍ଚଳରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ, କୋଟପାଡ଼ି ପ୍ରାଥମିକ ବିଦ୍ୟାଳୟ ସହ ଶିକ୍ଷୟିତ୍ରୀ ଭୃଗୁଲତା ଠାକୁର ଓ ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ଖଟୁଆଙ୍କ ମଧ୍ୟରେ ଗତ କିଛି ମାସ ହେଲା ବଚସା ଲାଗି ରହିଥିଲା। ଏ ନେଇ ଗ୍ରାମବାସୀ ମଧ୍ୟ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କଠାରେ ଅଭିଯୋଗ କରିଥିଲେ। ସହ ଶିକ୍ଷୟିତ୍ରୀ ଭୃଗୁଲତା ବିନା କାରଣରେ ସ୍କୁଲରେ ଅନୁପସ୍ଥିତ ରହୁଥିବା ବେଳେ ଛାତ୍ରୀଛାତ୍ରଙ୍କ ପାଠ ପଢାରେ ମଧ୍ୟ ଅବହେଳା କରୁଥିଲେ। ଏହାକୁ ନେଇ ପ୍ରଧାନ ଶିକ୍ଷୟିତ୍ରୀ ତାଗିଦ କଲେ ମଧ୍ୟ କର୍ଣ୍ଣପାତ କରୁ ନ ଥିଲେ। ସହ ଶିକ୍ଷୟିତ୍ରୀଙ୍କ ଶିକ୍ଷାଦାନରେ ବାରମ୍ବାର ଅବହେଳା ଓ ଅଧିକାରୀଙ୍କ କାର୍ଯ୍ୟାନୁଷ୍ଠାନ ନ ନେବା ନେଇ ଗୁରୁବାର ଗ୍ରାମବାସୀ ବିଦ୍ୟାଳୟ ତାଲା ପକାଇ ଥିଲେ। ତେବେ ସହ ଶିକ୍ଷୟିତ୍ରୀ ଭୃଗୁଲତା ବିଦ୍ୟାଳୟରେ ପହଞ୍ଚି ଏହା ଦେଖିବା ମାତ୍ରେ ଉପସ୍ଥିତ ଥିବା ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ହଠାତ ଦୁଇ ଥାପଡ଼ ମାଡ଼ ମାରିଥିବା ଅଭିଯୋଗ କରିଛନ୍ତି ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ଖଟୁଆ। ଅନ୍ୟପକ୍ଷରେ ଦୀର୍ଘ ଦିନରୁ ଅଭିଯୋଗ ପରେ ମଧ୍ୟ ବିଭାଗୀୟ ଅଧିକାରୀ ଏହାକୁ ଆବଶ୍ୟକ ମନେ କରି ନ ଥିବା ବେଳେ ଗୁରୁବାର ଏଭଳି ଘଟଣା ଦେଖିବାକୁ ମିଳିଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଖବର ପାଇ ସ୍ଥାନୀୟ ବିଆରସିସି ଓ ଏବିଇଓ ବିଦ୍ୟାଳୟରେ ପହଞ୍ଚି ଘଟଣାର ଅନୁସନ୍ଧାନ କରିବା ସହ ପଦକ୍ଷେପ ଗ୍ରହଣ କରିବା ପାଇଁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

## ରାଜ୍ୟସ୍ତରୀୟ ଯୋଗାସନ ଚାମ୍ପିୟନଶିପରେ ୩ ଛାତ୍ରୀ



ଚାମ୍ପିୟନଶିପରେ ସ୍ଥାନ ପାଇଥିବା ୩ ଛାତ୍ରୀ।

କୋକସରା,୫।୧୦(ଦୁଷ୍ମନ୍ତ କୁମାର ପାଇଯୋଶୀ)

ରାଜ୍ୟସ୍ତରୀୟ ଯୋଗାସନ ଚାମ୍ପିୟନଶିପ ୨୦୨୩-୨୪ରେ କଳାହାଣ୍ଡି ଜିଲା କୋକସରା ବ୍ଲକର ୩ଛାତ୍ରୀ ସ୍ଥାନ ପାଇଛନ୍ତି। ଏ ନେଇ ଜିଲା ଡିଇଓ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ବ୍ଲକ ବଙ୍ଗୋମୁଣ୍ଡା ଆଦର୍ଶ ବିଦ୍ୟାଳୟ ଛାତ୍ରୀ ପ୍ରିୟା ରାଉତ ଓ ଗୋପଶ୍ରୀ ନାଗ ରାଜ୍ୟସ୍ତରୀୟ ଅଣ୍ଡର ୧୪ ଚାମ୍ପିୟନଶିପରେ ସ୍ଥାନ ପାଇଥିବା ବେଳେ ରେଙ୍ଗାଲପାଲି ଉଚ୍ଚ ବିଦ୍ୟାଳୟ ଛାତ୍ରୀ ସ୍ନେହଲତା ଖର୍ସେଲ ରାଜ୍ୟସ୍ତରୀୟ ଅଣ୍ଡର ୧୭ ଚାମ୍ପିୟନଶପରେ ସ୍ଥାନ ପାଇଛନ୍ତ। ଆସନ୍ତା ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଢେଙ୍କାନାଳ ଜିଲାର ଢେଙ୍କାନାଳ ବି ବି ହାଇସ୍କୁଲଠାରେ ଅନୁଷ୍ଠିତ ହେବ। କୋକସରା ଜବାହର ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ଅମିତ କୁମାର ମହାନ୍ତି, ଆଦର୍ଶ ବିଦ୍ୟାଳୟ ଖେଳ ଶିକ୍ଷକ ଅସି ଅଜିତମ ସାହୁ, ରେଙ୍ଗାଲପାଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେଳ ଶିକ୍ଷକ ରାଧାକାନ୍ତ ପଟ୍ଟନାୟକ ଓ ଖେଳ ଶିକ୍ଷକ ଶଙ୍କର ପୋଢଙ୍କ ତତ୍ତ୍ୱାବଧାନରେ ୩ ଛାତ୍ରୀ ରାଜ୍ୟସ୍ତରୀୟ ଯୋଗପ୍ରତି ଯୋଗୀତା ପାଇଁ ମନୋନୀତ ହେବା ପରେ ଆଦର୍ଶ ବିଦ୍ୟାଳୟର ଅଧକ୍ଷ ସହ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ତଥା ରେଙ୍ଗାଲପାଲି ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ସହ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଛାତ୍ରଙ୍କୁ ଶୁଭେଚ୍ଛା ଜଣେଇବା ସହ ଭଲ ଖେଳ ପ୍ରଦର୍ଶିତ କରି ଶିକ୍ଷାନୁଷ୍ଠାନ ଗୌରବ ରଖିବାକୁ କହିଛନ୍ତି।

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ଖଡ଼ିଆଳ,୫।୧୦(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଡୁଆଝର କ୍ରଷ୍ଟର ଦ୍ୱାରା ସାଲେପଡା ପ୍ରାଇମେରୀ ସ୍କୁଲରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାକ୍ତନ ଅଧକ୍ଷ ମେଜର ଡା ରାମଚନ୍ଦ୍ର ମିଶ୍ର ମୁଖ୍ୟଅତିଥି, ଅବସରପ୍ରାପ୍ତ ଶିକ୍ଷକ ପବିତ୍ର ସୁଆର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୁରଭିର ଉଦ୍ଦେଶ୍ୟ, ଶିକ୍ଷା ପାଇଁ ପୋଷଣ ଉପରେ ବକ୍ତବ୍ୟ ରଖିଥିଲେ। ସୂରଭି ସଭାପତି ହେରମ୍ବ ମେହେର ସଭାପତିତ୍ୱ କରିଥିବା ବେଳେ ସିଆର୍‌ସିସି ତନବୀର ମହମ୍ମଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ଚିତ୍ରାଙ୍ଗନ, କୁଇଜ, ସୃଜନାତ୍ମକ ଶକ୍ତି, ସୃତଲିଖନ, ପ୍ରବନ୍ଧ, ବକ୍ତୃତା ତଥା ସାଂସ୍କୃତିକ କାର୍ଯ୍ୟକ୍ରମରେ ସିନିୟର, ଜୁନିୟର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ସାର୍ଟିଫିକେଟ ଓ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ, ଶିକ୍ଷୟିତ୍ରୀ ଶଶିଧର ମେହେର, ଇନ୍ଦିରା ବାଘେଲ, ପୂର୍ଣ୍ଣଚନ୍ଦ୍ର ମେହେର, ନିରଞ୍ଜନ ସଲମା, ନରେଶ ମେହେର, ରଶ୍ମିତା ଦାସ, ସଂଯୁକ୍ତା ମେହେର, ସଂଯୁକ୍ତା ସାହୁ ପ୍ରମୁଖ ସହଯୋଗ କରିଥିବା ବେଳେ ଶିକ୍ଷକ ଜଗବନ୍ଧୁ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲା ପରିଷଦ ଅଧକ୍ଷଙ୍କ ସିର୍ଜାପାଲି ଗ୍ରାମ ପରିଦର୍ଶନ

କେସିଙ୍ଗା,୫।୧୦(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ (ପୁସୁ) କେସିଙ୍ଗା ବ୍ଲକ ଅଧୀନ ସିର୍ଜାପାଲି ଗ୍ରାମ ପରିଦର୍ଶନ କରିଥିଲେ। ସିର୍ଜାପାଲି ଗ୍ରାମ ସମେତ ଅନେକ ଗ୍ରାମର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସିର୍ଜାପାଲି ଗ୍ରାମରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳନ ୯ଦିନ ବ୍ୟାପି ପାଳନ କରାଯିବ। ସେଥିପାଇଁ ଅଧକ୍ଷଙ୍କୁ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଅଧକ୍ଷ ପଦ୍ମନାଭ ଦାଶ, କମିଟି ସଦସ୍ୟ ତୁଳସୀ ସାହୁ, ତୋଫାନ ଗୌଡିଆ ପ୍ରମୁଖ ନିମନ୍ତ୍ରଣ କରି ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ବିଷୟ ଆଲୋଚନା କରାଯାଇଥିଲା। ଗ୍ରାମର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଯାଇଥିଲା। ଅଧକ୍ଷ ସିଂଦେଓ ସମସ୍ତ ସମସ୍ୟା ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଅଧକ୍ଷ ଦାଶ ସିର୍ଜାପାଲି ଗ୍ରାମ ପକ୍ଷରୁ ଧନ୍ୟବାଦ ଅର୍ପଣ କରିଥଲେ।

# ୨୨ଛାତ୍ରୀଛାତ୍ର ବ୍ଲକସ୍ତରୀୟ ସୁରଭିକୁ ମନୋନୀତ

ଲୋଇସିଂହା,୫।୧୦(ସୁଶାନ୍ତ ବାରିକ)



ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ବାଦିବାହାଲ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୫ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୧୫ଟି ବିଭାଗରେ ଅନୁଷ୍ଠିତ ପ୍ରତିଯୋଗୀତାରେ ୧୪୮ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଗ୍ରୁପ ନୃତ୍ୟ ସମେତ ୨୨ ଜଣ ଛାତ୍ରୀଛାତ୍ର ବ୍ଲକସ୍ତରୀୟ ସୁରଭିକୁ ମନୋନୀତ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଆୟୋଜକ ସ୍କୁଲ ପ୍ରଧାନଶିକ୍ଷକ ବେଣୁଧର ଭୋଇ ଅଧ୍ୟକ୍ଷତା କରିଥିଲେ। ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି, ଏବିଓ ଟଙ୍କଧର ଭୋଇ, ଯୋଗୀସର୍ଡା ହାଇସ୍କୁଲ ପ୍ରଧାନଶିକ୍ଷକ ଅଶୋକ କୁମାର ତ୍ରିପାଠୀ, ସିଆରସିସି ସୁରେଶ ଭୋଇ, ସୁନୀଲ ଦାଶ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ହୋଇଥିଲେ। ଏପରି ପ୍ରତିଯୋଗୀତା ଛାତ୍ରୀଛାତ୍ରଙ୍କ ଶାରିରୀକ, ମାନସିକ ଓ ବୌଦ୍ଧିକ ବିକାଶ ଘଟାଇବାରେ ସହାୟକ ହେବା ସହ ଆଗକୁ ବଢିବା ଦିଗରେ ସୁଯୋଗ ସୃଷ୍ଟି କରିଥାଏ ବୋଲି ମୁଖ୍ୟ ଅତିଥି ବିଧାୟକ ମହାଲିଙ୍ଗ କହିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ବିଜେଡି ବ୍ଲକ ସଭାପତି ହୃଦୟାନନ୍ଦ ବେହେରା ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରାକ୍ତନ ପ୍ରଧାନଶିକ୍ଷକ ଚମରା ତୁହାନ ଉପସ୍ଥିତ ଥିଲେ।

## ଛାତ୍ରୀଛାତ୍ର ସଙ୍ଗଠନର ବୈଠକ, କମିଟି ଗଠିତ

ଖଡ଼ିଆଳ,୫।୧୦ (ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ଅଗ୍ରେସନ ଭବନଠାରେ ଜିଲା ଛାତ୍ରୀଛାତ୍ରମାନଙ୍କ ସଙ୍ଗଠନ ଗଠନ ନେଇ ଟୁଲୁ ବାବୁଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ବହୁ ଛାତ୍ରୀଛାତ୍ର ଯୋଗଦେଇଥିବା ବେଳେ ବୈଠକରେ ସର୍ବସମ୍ମତିକ୍ରମେ କମିଟି ଗଠିତ ହୋଇଥିଲା। ଏଥିରେ ସଭାପତି ଭାବେ ବିପିନ ଠେଲା, ଉପସଭାପତି ପ୍ରବୀଣ ରଣା, ପୀତବାସ ବାଗ, ସନ୍ତୋଶିନୀ ବେହେରା, ଧର୍ମେନ୍ଦ୍ର ବାଗ, ଅଶୋକ ବାଗ, ସାଧାରଣ ସମ୍ପାଦକ ବେଦବ୍ୟାସ ତାଣ୍ଡି, ଯୁଗ୍ମସମ୍ପାଦକ ସ୍ୱରାଜ ମହାନନ୍ଦ, ନେପାଳ ଜଗତ, ଦେବରାଜ ବାଗ, ମୋହିତ, ପଙ୍କଜ ମାଝି, କୋଷାଧକ୍ଷ ଦେବାର୍ଚ୍ଚନ ବନଛୋର, ପ୍ରଚାର ପ୍ରସାର ଚିନ୍ତାମଣି ମାଝି, ମନୋଜ ହଂସ, ପୂଜା ବାରିକ, ପଦ୍ମଲୋଚନ ମାଝି, ଭାରତୀ ବାରିକ, ସଂଯୋଜକ ମହିତ ବାଗ, ଯୁଧିଷ୍ଠିର ଦଣ୍ଡସେନା, ଟିକେ ସୁନ୍ଦରକଟା, ଯୁଗଲ ନାଏକ, ଯୋଗୀତା ସାହୁ, ସଞ୍ଜନା ସାହୁ, ହିମରାଜ ନିଆଲ, କିଷନ ଜଗତଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। କଲେଜରେ ପଢୁଥିବା ଛାତ୍ରୀଛାତ୍ରମାନେ ଯେଉଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତାର ସମାଧାନ କରିବା, ଏ ନେଇ ୧୧ ଦଫା ଦାବି ପୂରଣ ନେଇ ସରକାରଙ୍କଠାରେ ଦାବି କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

## ବିଜେଡିର ଜନସମ୍ପର୍କ ପଦଯାତ୍ରା




ବିଆଁରପାଲିରେ ଆୟୋଜିତ ପଦଯାତ୍ରାରେ ବିଜେଡି ନେତା ଓ କର୍ମୀ।

ଲୋଇସିଂହା, ୫।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାନିପାଲି ପଞ୍ଚାୟତରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ଅଧୀନ ବିଆଁରପାଲି ଓ ବେଳପାଲି ଗ୍ରାମରେ ଦଳ ତରଫରୁ ରାଲି ଓ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେଡି ରାଜ୍ୟ ପରିଷଦ ସଭ୍ୟ ନିହାର ରଞ୍ଜନ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ରାଜ୍ୟ ସରକାରଙ୍କ ଉଦ୍ୟମରେ ପଞ୍ଚାୟତରେ ହୋଇଥିବା ଉନ୍ନୟନମୂଳକ ଏବଂ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଜନସାଧାରଣଙ୍କ ତରଫରୁ ଉପସ୍ଥାପିତ ସମସ୍ୟାଗୁଡିକର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସ୍ଥାନୀୟ ଜନପ୍ରତିନିଧିଙ୍କ ସମେତ ପ୍ରମୋଦ ଭୋଇ, ସାଧୁ ଭୋଇ ଓ ଅଂଶୁମାନ ଗୁରୁ ଉପସ୍ଥିତ ଥିଲେ।

# ହୋଲି ହୋମ୍ ଜରାନିବାସରେ ବରିଷ୍ଠ ନାଗରିକ ଦିବସ ପାଳିତ

ନୂଆପଡ଼ା,୫।୧୦(ମକାରୁ ବେମାଲ)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

ନୂଆପଡା ଜିଲା ପ୍ରଶାସନ ଓ ହୋଲିହୋମଙ୍କ ମିଳିତ ଅନୁକୂଲ୍ୟରେ କୋମନା ବ୍ଲକ ଅନ୍ତର୍ଗତ କୁରୁମପୁରି ପଞ୍ଚାୟତ ସିନାପାଲିସ୍ଥିତ ଜରାନିବାସରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ହୋଲି ହୋମ ଜରା ନିବାସ ଅଧ୍ୟକ୍ଷ ବିଜୟ କୁମାର ପାଣିଙ୍କ ଅଧ୍ୟକ୍ଷତାରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା ମୁଖ୍ୟଅତିଥି, କୋମନା ବିଡିଓ ଭକ୍ତବନ୍ଧୁ ବୁଡେକ, କୋମନା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅମିତ କୁମାର ମେହେର, କୁରୁମପୁରି ସରପଞ୍ଚ ରାଏଧର ବଘେଲ, ପରଦା ଅନୁଷ୍ଠାନ ଅଧ୍ୟକ୍ଷ ରୁଦ୍ର ମାଧବ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳନର ତାତ୍ପର୍ଯ୍ୟ ଓ ବରିଷ୍ଠ ନାଗରିକଙ୍କ ଯତ୍ନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ହୋଲି ହୋମ ଜରା ନିବାସର ଅନ୍ତେବାସୀମାନଙ୍କୁ ନେଇ ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ପରଦା ଅନୁଷ୍ଠାନ ବରିଷ୍ଠ ନାଗରିକମାନଙ୍କୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଟିମ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରି ଭଜନଗାନ ପ୍ରତିଯୋଗିତା କରାଯାଇଥିଲ। ପ୍ରତିଯୋଗିତାରେ ବୃନ୍ଦାବନ ବାଗ ପ୍ରଥମ,ଏସକେ ଭାରତୀ ଦ୍ୱିତିୟ ଓ ନକୁଳ ମାଝି ତୃତୀୟ ସ୍ଥାନ ଅଧିକାର କରି କୃତିତ୍ୱ ଅର୍ଜନ କରିଥିବାରୁ ମୁଖ୍ୟଅତିଥି ଉପଢୌକନ ସହ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ସେଠାରେ ଉପସ୍ଥିତ ସମସ୍ତ ବରିଷ୍ଠ ନାଗରିକମାନଙ୍କୁ ସମ୍ମାନିତ କରାଯାଇଥିଲା।

## ବାର୍ଦ୍ଧକ୍ୟ ଆବାସରେ ସଚେତନତା ଶିବିର

ଦେଓଗାଁ ୫।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲି ଗ୍ରାମ ମଙ୍ଗଳ ପାଠାଗାର ପରିଚାଳିତ ବାର୍ଦ୍ଧକ୍ୟ ଆବାସରେ ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଏକ ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଶିବ ପ୍ରସାଦ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବେ ଜିଲା ପବ୍ଲିକ ସ୍ୱାସ୍ଥ୍ୟ ଅଧିକାରୀ ଦିବ୍ୟକିଶୋର ପତି, ସମ୍ମାନୀତ ଅତିଥିଭାବେ ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ନମିତା ମିଶ୍ର, ସନ୍ତୋଷ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ସେବାପାଇଁ ସରକାରଙ୍କ ପକ୍ଷରୁ କ’ଣ ସୁବିଧା ସୁଯୋଗ ରହିଛି ସେ ନେଇ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଗ୍ରାମ ମଙ୍ଗଳ ପାଠାଗାରର ଭୁବନେଶ୍ୱର ସାମଲ, ଗୋପାଳ ସାମଲ, ପଞ୍ଚାନନ ସାମଲ, ହୃଦୟାନନ୍ଦ ସାମଲ ଯୋଗଦେଇଥିଲେ। ଏହି ଅବସରରେ ଅନ୍ତେବାସୀଙ୍କୁ ବସ୍ତ୍ର ଓ ଚାଲିବାରେ ବ୍ୟବହାର କରାଯାଉଥିବା ବାଡି ବଣ୍ଟନ କରାଯାଇଥିଲା । ଅନୁଷ୍ଠାନର ଚତୁର୍ଭୁଜ ଭୋଇ, ରମାକାନ୍ତ ସାହୁ, ସଞ୍ଜୁ ବିଶ୍ୱାଳ, ମୁକେଶ ବାଗ, ଠାକୁର ଭୋଇ ତଥା ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

**ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପନ**

ବାଉଁଶୁଣୀ,(ଦେବାଶିଷ ନେପାକ): ବୌଦ୍ଧ ବ୍ଲକ ବାଉଁଶୁଣୀ ପଞ୍ଚାୟତ ବାଉଁଶୁଣୀ ଗଜଲକ୍ଷ୍ମୀ ପୂଜା କମିଟି ତରଫରୁ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। କର୍ତ୍ତା ଭାବରେ ହୃଦାନନ୍ଦ ମେହେର ଓ ପୂଜକ ଭାବେ ସଚ୍ଚିନ ପୁରୋହିତ ପୂଜା କାର୍ଯ୍ୟ ତୁଲାଇଥିଲେ । ଏହି କାର୍ଯ୍ୟକ୍ରମ ବେଳେ ଗଜଲକ୍ଷ୍ମୀ ପୂଜା କମିଟିର ସଭାପତି ଅଶିନୀ ସାହୁଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ପରେ ସଭାପତିଙ୍କ ଉପସ୍ଥିତିରେ ଚଳିତବର୍ଷ କିପରି ଧୂମଧାମରେ ଗଜଲକ୍ଷ୍ମୀ ପୂଜା ହେବ ସେନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।

## ସଂକ୍ଷେପରେ

### ଦୁର୍ଗାପୂଜା ପାଇଁ ଶାନ୍ତି କମିଟି ବୈଠକ



ପୁରୁଣାକଟକ,୫।୧୦(ସୁକାନ୍ତ କୁମାର ପଟ୍ଟନାୟକ)

ବୌଦ୍ଧ ଜିଲା ପୁରୁଣାକଟକ ଥାନା ଅଞ୍ଚଳରେ ଆଗାମୀ ଦୁର୍ଗାପୂଜା ଶାନ୍ତିଶୃଙ୍ଖଳାର ସହ ପାଳନ ପାଇଁ ଏକ ଶାନ୍ତି କମିଟି ବୈଠକ ପୁରୁଣାକଟକ ଥାନା ପରିସରରେ ଥାନା ଅଧିକାରୀ ରଞ୍ଜିତ ମୁନୀଙ୍କ ଅଧକ୍ଷତାରେ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉକ୍ତ ଥାନା ଅଞ୍ଚଳରେ ବିଭିନ୍ନ ସ୍ଥାନରେ ହେଉଥିବା ଦୁର୍ଗାପୂଜା କମିଟିର କର୍ମକର୍ତ୍ତା, ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ବୁଦ୍ଧିଜୀବୀ ଯୋଗଦେଇ ଆଲୋଚନରେ ଅଂଶଗ୍ରହଣ କରିଥିଲେ । ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ପୁରୁଣାକଟକ ଦୁର୍ଗାପୂଜାରେ ବେଶ ଗହଳି ହେବାକୁ ଥିବାରୁ ଏହାକୁ ଦୃଷ୍ଟିରେ ରଖି ପୁରୁଣାକଟକ ଦୁର୍ଗାପୂଜା ବଜାର କମିଟିର ସଭାପତି ସୁରେନ ପ୍ରଧାନ ଓ ସ୍ଥାନୀୟ ସରପଞ୍ଚ ବ୍ୟାପକ ସୁରକ୍ଷା ଯୋଗାଇ ଦେବାକୁ କହିଥିଲେ। ଥାନା ଅଧିକାରୀ ମୁନୀ ଆଇନଶୃଙ୍ଖଳା ରକ୍ଷା କରିବାକୁ କମିଟିଗୁଡିକୁ ନିବେଦନ କରିଥିଲେ। ବୈଠକରେ ସରପଞ୍ଚ ଶ୍ରୀବନ୍ତ ମେହେର, ନିହାର ଘୋଷ, ଅଜିତ ବାରିକ, ଅଜିତ ପ୍ରଧାନ ଓ କମିଟିଗୁଡିକର ସଦସ୍ୟ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

### ସରଗଜ ଗ୍ରାମରେ ପ୍ରବଚନ କାର୍ଯ୍ୟକ୍ରମ



ତରଭା,୫।୧୦(ମାନଭଞ୍ଜନ ମିଶ୍ର)

ବିଶିଷ୍ଟ ସଂସ୍କୃତି ଗବେଷକ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାରକ ପଣ୍ଡିତ ସୂର୍ଯ୍ୟ ନାରାୟଣ ରଥଶର୍ମା ବୁଧବାର ସୁବର୍ଣ୍ଣପୁର ଜିଲା ତରଭା ବ୍ଲକର ସରଗଜ ଗ୍ରାମକୁ ଆସି ପ୍ରବଚନ ଦେଇଥିଲେ। ତାଙ୍କୁ ଗାଁ ମୁଣ୍ଡରୁ ଏକ ବିରାଟ ପଟୁଆରରେ ପାଛୋଟି ଅଣାଯାଇଥିଲା। ସନ୍ଧ୍ୟାରେ ରାମଲୀଳା ମଣ୍ଡପରେ ପଣ୍ଡିତ ରଥଶର୍ମା ଭକ୍ତମାନଙ୍କୁ ଜଗନ୍ନାଥ ସଂସ୍କୃତି ଓ ପ୍ରଭୁଙ୍କ ମହିମା ଉପରେ ପ୍ରବଚନ ଦେଇଥିଲେ। ଆଖପାଖର ବିଭିନ୍ନ ଗ୍ରାମରୁ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଯୋଗ ଦେଇଥିବା ଦେଖାଯାଇଥିଲା। କୃପାନିଧି ମିଶ୍ର, ବି. ମିଶ୍ର, ଭବାନୀ ମିଶ୍ର, ସଞ୍ଜୀବ ମିଶ୍ର, ରାମଚନ୍ଦ୍ର ମିଶ୍ର, ମୁଚକୁନ୍ଦ ମିଶ୍ର ଓ ଗ୍ରାମବାସୀ କାର୍ଯ୍ୟକ୍ରମ ସଫଳ କରିବାରେ ସହଯୋଗ କରିଥିଲେ।

### ପୁଅ ଜିଉଁନ୍ତିଆ ପାଇଁ ପ୍ରତି ଘରେ ପ୍ରସ୍ତୁତି

ସୋନପୁର,୫।୧୦(ମୃତ୍ୟୁଞ୍ଜୟ ଶତପଥୀ)

ପଶ୍ଚିମ ଓଡିଶାରେ ପୁଅ ଜିଉଁନ୍ତିଆ ପ୍ରତି ଘରେ ପାଳନ କରାଯାଏ। ୬ ତାରିଖ ଶୁକ୍ରବାର ପୁଅ ଜିଉଁନ୍ତିଆ ପାଇଁ ସୁବର୍ଣ୍ଣପୁର ଜିଲାରେ ମା'ମାନେ ପ୍ରସ୍ତୁତିରେ ଲାଗିଛନ୍ତି। ଏଥିପାଇଁ ସୋନପୁରରେ ଗୁରୁବାର ସ୍ୱତନ୍ତ୍ର ବଜାର ବସିଥିଲା। ଲୋକେ ନୂଆ ବସ୍ତ୍ର, ନଡିଆ, ବିଭିନ୍ନ ପ୍ରକାର ଫଳ ମୂଳ ଓ ବ୍ରତ ଆଦି କିଣାକିଣି କରିଥିଲେ। ମହିଳାମାନେ ସେମାନଙ୍କ ପିଲା ମାନଙ୍କ ଦୀର୍ଘ ଆୟୁଷ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ନିଷ୍ଠାର ସହିତ ସନ୍ଧ୍ୟା ସମୟରେ ଦୁତିବାହନଙ୍କ ପୂଜା କରନ୍ତି। ଏଥିପାଇଁ ମହିଳାମାନେ ନିର୍ଜଳା ଉପବାସ କରିଥାନ୍ତି। ସେହିଭଳି ଝିଅମାନେ ସେମାନଙ୍କ ମା' ବାପାଙ୍କ ମଙ୍ଗଳ ମନାସି ଏହି ପୂଜା କରନ୍ତି।

### ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

ବିନିକା,୫।୧୦(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଚଣ୍ଡୀପଡ଼ାର ପୂର୍ବତନ କାଉନସିଲର ପୀତବାସ ମେହେରଙ୍କ ଭାଇ ସୁଧୀର ମେହେର(୪୫)ଙ୍କ ବୁଧବାର ପରଲୋକ ହୋଇଯାଇଛି। ସେ କ୍ୟାନସର ରୋଗରେ ଆକ୍ରାନ୍ତ ହୋଇ କଟକ ଠାରେ ଚିକିତ୍ସିତ ହେଉଥିଲେ। ସ୍ୱର୍ଗତ ସୁଧୀର ଜଣେ ଧର୍ମପରାୟଣ ମେଳାପି ଓ ଭଦ୍ରବ୍ୟକ୍ତି ଭାବେ ପରିଚିତ ଥିଲେ। ତାଙ୍କର ଗୋଟିଏ ୧୦ ବର୍ଷର ପୁଅ ଓ ଗୋଟିଏ ୭ ବର୍ଷର ଝିଅ ଅଛନ୍ତି। ନିକଟସ୍ଥ ମହାନଦୀ ଶ୍ମଶାନ ଘାଟରେ ଗୁରୁବାର ତାଙ୍କର ଅନ୍ତିମ ସଂସ୍କାର କରାଯାଇଛା।

# ସ୍ୱାସ୍ଥ୍ୟ ବିଭାଗର ତ୍ୱରିତ ପଦକ୍ଷେପ, ସ୍ଥିତି ନିୟନ୍ତ୍ରଣାଧୀନ

**କମିରାରେ ଝାଡାବାନ୍ତି ବ୍ୟାପିବା ଘଟଣା**

ଅମରପାଲି,୫।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କମିରା ଗ୍ରାମରେ ଝାଡାବାନ୍ତି ବ୍ୟାପି ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଲୋକ ଆକ୍ରାନ୍ତ ହୋଇଥିବା ବେଳେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା। ଏନେଇ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତତ୍ପରତା ଦେଖାଇଥିଲା। ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଯାଇ ଗ୍ରାମରେ ସ୍ଥିତି ଅନୁଧ୍ୟାନ କରିବା ସହିତ ଲୋକଙ୍କୁ ସଚେତନ କରିଥିଲେ। ତେବେ ଏବେ ଗ୍ରାମରେ ସ୍ଥିତି ନିୟନ୍ତ୍ରଣାଧୀନ ରହିଥିବା ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଡ଼ା. ସପ୍ନେଶ୍ୱର ବେହେରା ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଗ୍ରାମର ଦର୍ଶନୀ ବେହେରା(୫୦) ଓ ପରକ୍ଷୀତ ପ୍ରଧାନ(୫୩)ଙ୍କ ସମେତ ନିକଟସ୍ଥ ସୁନାରିବେନି ଗ୍ରାମର ଧରଣୀ ଥାନପତି(୧୯) ନାମକ ଜଣେ ଯୁବକଙ୍କ ଝାଡ଼ାବାନ୍ତିରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା। ପ୍ରଥମେ ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟର ଏକ ଟିମ୍ ଆସି ମାଗଣା ଔଷଧ ଓଆରଏସ ଆଦି ବଣ୍ଟନ କରିଥିଲେ। ପରେ ଅନ୍ୟ ଏକ ଟିମ୍ ଆସି ଗ୍ରାମରେ ଡାଇରିଆ ବ୍ୟାପିବାର କାରଣ ଖୋଜିଥିଲେ। ଗ୍ରାମକୁ ପାନୀୟ ଜଳ ଯୋଗାଣ ହେଉଥିବା ପାଇପ କେତେକ ସ୍ଥାନରେ ଫାଟିଯିବା ସତ୍ତ୍ୱେ ଜଳ ଯୋଗାଣ ହେଉଥିବାରୁ ଦୂଷିତ ପାଣି ବ୍ୟବହାର କରି ଲୋକେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା। ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଡ଼ା. ସପ୍ନେଶର ବେହେରାଙ୍କ ନେତୃତ୍ୱରେ ଡ଼ା. ରମେଶ ଚନ୍ଦ୍ର ସ୍ୱାଇଁ, ସୁପରଭାଇଜର ପ୍ରମୋଦ ସାହୁ, ପିଏଚଓ ସ୍ୱର୍ଣ୍ଣପ୍ରଭା ଜୁଏଡ,ଏମପିଏଚଏସ ଆଲୋକ ସେଠୀ, ସ୍ୱାସ୍ଥ୍ୟକର୍ମୀ ବିଶ୍ମିତା ପତ୍ର, ଏମଏଚୟୁ ଟିମ୍ , ଆଶା କର୍ମୀ ପ୍ରମୁଖ ଗ୍ରାମକୁ ଆସି ଗ୍ରାମରେ ସଚେତନତା ସଭା କରିଥିଲେ। ଏପରିକି ମାଗଣା ଚିକିତ୍ସା ମଧ୍ୟ କରିଥିଲେ। ଆକ୍ରାନ୍ତଙ୍କୁ ବୀରମହାରାଜପୁର ଓ ସୁବଳୟା ଚିକିତ୍ସାଳୟରେ ଭର୍ତ୍ତି କରି ଚିକିତ୍ସା କରାଯାଇଥିଲା।

# ଘରେ ଘରେ କଂଗ୍ରେସ ଘରେ ଘରେ ହାତ କାର୍ଯ୍ୟକ୍ରମ



ବୀରନରସିଂହପୁରରେ ଦଳୀୟ ନେତା।

ବୌଦ୍ଧ,୫।୧୦(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା କଂଗ୍ରେସ ପକ୍ଷରୁ ଜିଲାର ବିରନରସିଂହପୁର ଓ କୁଲତାଯୋର ପଞ୍ଚାୟତରେ ଘରେ ଘରେ କଂଗ୍ରେସ ଘରେ ଘରେ ହାତ କାର୍ଯ୍ୟକ୍ରମ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି । କୁଲତାଯୋର ପଞ୍ଚାୟତରେ ପିସିସି ସଭ୍ୟ ପ୍ରଶାନ୍ତ ସାହୁଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ସେହିପରି ବିରନରସିଂହପୁର ପଞ୍ଚାୟତରେ ହରଭଙ୍ଗା ବ୍ଲକ କଂଗ୍ରେସ ସଭାପତି ପଙ୍କଜ କର୍ଣ୍ଣଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। କଂଗ୍ରେସର ନେତା ଓ କର୍ମୀମାନେ ଉଭୟ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ପଦଯାତ୍ରାରେ ଯାଇ ବର୍ତ୍ତମାନ ପରିସ୍ଥିତିରେ କଂଗ୍ରେସ ହିଁ ବିକଳ୍ପ ବୋଲି ଜନସାଧାରଣଙ୍କୁ ବୁଝାଇଥିଲେ। ଏହାସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦୁର୍ନୀତି ଉପରେ ଲୋକଙ୍କୁ ସଚେତନ କରାଯାଇଥିଲେ। କାର୍ଯ୍ୟକ୍ରମରେ ଜିଲା ସଭାପତି ନବ କୁମାର ମିଶ୍ର,ଏଆଇସିସି ସଦସ୍ୟ ବିସ୍ମୟ ମହାପାତ୍ର, ବ୍ଲକ ସଭାପତି ସୁଶାନ୍ତ ମଲିକ, ଉପସଭାପତି ଗୋପ ରଣା, ଶାନ୍ତନୁ ମହାପାତ୍ର, ଉପସଭାପତି ସମରେଶ ମିଶ୍ର, ହରଭଙ୍ଗା ବ୍ଲକ ସଂପାଦକ ପଲସ୍ତି ପ୍ରଧାନ ପ୍ରମୁଖ ସାମିଲ ଥିଲେ ।

## ଖାରୀ ପ୍ୟାକ୍ସ ସମ୍ପାଦକ ନିଲମ୍ବିତ

**ଅର୍ଥ ତୋସାରପାତ ଅଭିଯୋଗ**

ସୋନପୁର,୫।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ବ୍ଲକ ଖାରୀ ପ୍ରାଥମିକ କୃଷି ସମବାୟ ସମିତି ଲିଃ(ପ୍ୟାକ୍ସ)ର ପରିଚାଳନା ପରିଷଦ ସଭାପତି ପ୍ରଭୁଦତ୍ତ ମିଶ୍ର ସମିତିର ସମ୍ପାଦକ ସୌମ୍ୟରଞ୍ଜନ ମିଶ୍ରଙ୍କୁ ଗୁରୁବାର ନିଲମ୍ବନ କରିଛନ୍ତି। ସମିତିର ସଭାପତି ପ୍ରଭୁଦତ୍ତଙ୍କ ସଭାପତିତ୍ୱରେ ଗୁରୁବାର ପ୍ୟାକ୍ସ କାର୍ଯ୍ୟାଳୟରେ ଜରୁରି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପରିଚାଳନା ପରିଷଦର ନିର୍ଦ୍ଦେଶକମାନେ ଯୋଗଦାନ କରି ସମ୍ପାଦକ ସୌମ୍ୟରଞ୍ଜନଙ୍କୁ କାର୍ଯ୍ୟରୁ ନିଲମ୍ବନ ସମ୍ପର୍କରେ ସର୍ବସମ୍ମତ ପ୍ରସ୍ତାବ ଗୃହୀତ କରିଥିଲେ । ସମ୍ପାଦକଙ୍କ ନିଲମ୍ବନ ସମ୍ପର୍କରେ ସୋନପୁର ସମବାୟ ସମିତି ସହକାରୀ ନିବନ୍ଧକ(ଏଆରସିଏସ୍) ଓ ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ (ବିଡିସିସି) ସୋନପୁର ଶାଖା ପରିଚାଳକଙ୍କୁ ଅବଗତ କରାଯାଇଛି। ପ୍ରକାଶ ଯେ, ସମିତିର ସମ୍ପାଦକ ନିଜର ଦାୟିତ୍ୱ ଠିକ୍ ଭାବେ ନିର୍ବାହ କରୁ ନ ଥିଲେ। କାର୍ଯ୍ୟାଳୟରେ ଅଧିକାଂଶ ସମୟରେ ଅନୁପସ୍ଥିତ ରହୁଥିଲେ। ସମିତିରେ ଟଙ୍କା ଜମା କରିଥିବା ଚାଷୀଙ୍କୁ ଟଙ୍କା ଉଠାଣ କରିବାର ସୁଯୋଗ ମିଳୁ ନ ଥିଲା। ଋଣ ପରିଶୋଧ କରିଥିଲେ ମଧ୍ୟ ଚାଷୀ ତଥା ସମିତିର ସଦସ୍ୟଙ୍କୁ ପୁନର୍ବାର ଋଣ ମିଳୁ ନ ଥିଲା। ସମିତିର ଅର୍ଥ ତୋଷରପାତ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ସୁବର୍ଣ୍ଣପୁର ଜିଲାପାଳ ଓ ସୋନପୁର ଏଆରସିଏସ୍‌ଙ୍କ ନିକଟରେ ଚାଷୀଙ୍କ ପକ୍ଷରୁ ପୂର୍ବରୁ ଅଭିଯୋଗ ହୋଇଥିଲା। ତଦନୁଯାୟୀ ସମବାୟ ବ୍ୟାଙ୍କ ସୋନପୁର ଶାଖା ପରିଚାଳକ ସେପ୍ଟେମ୍ବର ୫ ତାରିଖରେ ଓ ସୋନପୁର ଏଆରସିଏସ୍ ଅକ୍ଟୋବର ୩ ତାରିଖରେ ସମ୍ପାଦକଙ୍କ ସମ୍ପର୍କରେ ସମିତିର ପରିଚାଳନା ପରିଷଦକୁ ଚିଠି କରିଥିଲେ।

# ତମାଖୁ ମୁକ୍ତ ଶିକ୍ଷାନୁଷ୍ଠାନ ଗଢ଼ି ତୋଳିବା ପାଇଁ ପ୍ରଶିକ୍ଷଣ ଶିବିର

ବୌଦ୍ଧ,୫।୧୦(ଅଜିତ କୁମାର ବାରିକ)



ତମାଖୁ ମୁକ୍ତ ଶିକ୍ଷାନୁଷ୍ଠାନ ଗଢ଼ିବା ପାଇଁ ପ୍ରଶିକ୍ଷଣ ଶିବିରରେ ଜିଲାପାଳ ଓ ଅନ୍ୟମାନେ ।

ବୌଦ୍ଧ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲାର ଶିକ୍ଷାନୁଷ୍ଠାନଗୁଡିକୁ ତମାଖୁମୁକ୍ତ ଭାବେ ଗଢି ତୋଳିବା ପାଇଁ ଗୁରୁବାର ଦିନ ଏକ ପ୍ରଶିକ୍ଷଣ ଶିବିର ଜିଲାପାଳଙ୍କ ସଦଭାବନା ଗୃହଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଜୟକୃଷ୍ଣ ମିଶ୍ର, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନମୋହନ ପ୍ରଧାନ, ବର୍ଷା ପ୍ରିୟଦର୍ଶନୀ , ଡିପିଏମ ରୂପକ ମହାପାତ୍ର ଓ ପରାମର୍ଶଦାତା ଆଲୋକ ମିଶ୍ର ଯୋଗ ଦେଇଥିଲେ। ପ୍ରଶିକ୍ଷଣ ଶିବିରରେ ଜିଲାର ୧୨ ଗୋଟି ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ବିଭିନ୍ନ ମହାବିଦ୍ୟାଳୟର ଅଧକ୍ଷ, କର୍ମଚାରୀ ସାମିଲ ହୋଇ ଶିକ୍ଷାନୁଷ୍ଠାନକୁ ତମାଖୁମୁକ୍ତ କରିବା ପାଇଁ ପ୍ରଶିକ୍ଷଣ ନେଇଥିଲେ। ଚଳିତବର୍ଷ ଜିଲାର ୩୦ ଗୋଟି ଶିକ୍ଷାନୁଷ୍ଠାନକୁ ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ଭାବେ ଘୋଷିତ କରିବା ପାଇଁ ପଦକ୍ଷେପ ନିଆଯାଇଥିବା ସୂଚନା ଦିଆଯାଇଥିଲା। ଆଗକୁ ଜିଲାର ସମସ୍ତ ବ୍ଲକରେ ତମାଖୁ ପ୍ରଶିକ୍ଷଣ ଶିବିର କରିବା ପାଇଁ ଯୋଜନା ରହିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା।

# କଣ୍ଟାମାଳ ବିଧାନସଭା ଅନ୍ତର୍ଗତ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

ବାଉଁଶୁଣୀ,୫।୧୦(ଦେବାଶିଷ ନେପାକ)

ବୌଦ୍ଧ ଜିଲା କଣ୍ଟାମାଳ ବିଧାନସଭା ଅନ୍ତର୍ଗତ ବାଉଁଶୁଣୀ ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ, ଘରକୁ ଘର ବୁଲି ମାଟି ସଂଗ୍ରହ, କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମଗୁଡିକରେ ସୁବ୍ୟବସ୍ଥିତ ଭାବରେ ଜନସାଧାରଣ ଏକ ପଟୁଆରରେ ଘରକୁ ଘର ବୁଲି ଗ୍ରାମରେ ଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କ ଉତ୍ତରାଧିକାରୀମାନଙ୍କୁ ସମ୍ମାନିତ କରିଥିଲେ। ଏଥିସହିତ ସ୍ୱାଧୀନତା ସଂଗ୍ରାମୀ ଜଗନ୍ନାଥ ମେହେର, ଲାଇବାନ ମେହେର, ବନମାଳୀ ସେଠୀ, ଅର୍ଜୁନ ମେହେର, କିଶନ ମେହେର, ସଦାନନ୍ଦ ମେହେରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ତାଙ୍କର ଦେଶଭକ୍ତିକୁ ସମସ୍ତେ ମନେ ପକାଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କହ୍ନାଇ ଚରଣ ଡାଙ୍ଗଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଭାଜପା ରାଜ୍ୟ ଉପ ସଭାପତି ଗୋଲକ ମହାପାତ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତି, ଜିଲା ସାଧାରଣ ସଂପାଦକ ସୁଶାନ୍ତ ବାଘ, ୪ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ରାକେଶ ତ୍ରିପାଠୀ, ପୂର୍ବତନ ସଭାପତି ମାଗୁଣି ଗାଇଗୌରିଆ, ପୂର୍ଣ୍ଣଚନ୍ଦ୍ର ଗାଇଗୌରୀଆ, ଚିତ୍ତରଞ୍ଜନ ପାତ୍ର, ଶ୍ୟାମସୁନ୍ଦର ପୁରୋହିତ, ବିଶିକେଶନ ପ୍ରଧାନ, ପ୍ରେମାନନ୍ଦ ମିଶ୍ର, ଶିଶିର ଘୋଷ, ଅଟଳ କୁମାର ପ୍ରଧାନ, ଧନଞ୍ଜୟ ପାତ୍ର, ପିନାକଧର ରଣା, ବିଭୁତି ଭୂଷଣ ଡାଙ୍ଗ, ଦଳଗଞ୍ଜନ ବେହେରା, ରମେଶ ପ୍ରସାଦ ମିଶ୍ର, ବିନୋଦ କୁମାର ମହାକୁଲ, ପୁଷ୍ପା ମହଲା, ଜୟନ୍ତୀ ହାତୀ ପ୍ରମୁଖ ଯୋଗଦାନ କରିଥିଲେ।

# ମନମୁଣ୍ଡାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା



ମନମୁଣ୍ଡାରେ ବିଜେଡି ପଦଯାତ୍ରାରେ ନେତା।

କଣ୍ଟାମାଳ,୫।୧୦(ଆଦିତେଶ୍ୱର ମିଶ୍ର)

ବୌଦ୍ଧ ଜିଲା କଣ୍ଟାମାଳ ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ଗୁରୁବାର ଦିନ ମନମୁଣ୍ଡାଠାରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ସୁଧୀର ମହାକୁଡ, ପ୍ରଶାନ୍ତ ରଣା, ଜାନି ସେନାପତି, ରୋହିତ ହୋତାଙ୍କ ନେତୃତ୍ୱରେ ପଦଯାତ୍ରା ଆୟୋଜନ ହୋଇଥିଲା। କଣ୍ଟାମାଳ ବିଧାୟକ ମହୀଧର ରଣା, ଜିଲା ବିଜେଡି ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାଏକ, ଜିଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, କଣ୍ଟାମାଳ ବ୍ଲକ ଅଧକ୍ଷା ସସ୍ମିତା ସେନାପତି, ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ସୁବୋଧ ପ୍ରଧାନ, ଶମ୍ଭୁ ସାହୁ ପ୍ରମୁଖ ମନମୁଣ୍ଡାର ଦେଉଳି ଠାରୁ ପଦଯାତ୍ରାରେ ଯାଇଥିଲେ। ଏହାପରେ ଆରଏମସି ମଣ୍ଡିଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ନେତାମାନେ ରାଜ୍ୟ ସରକାରଙ୍କ ଜନକଲ୍ୟାଣ ଯୋଜନା ଯେପରି ଲୋକଙ୍କ ପାଖରେ ପହଞ୍ଚି ପାରିବ ସେନେଇ କର୍ମୀମାନଙ୍କୁ ଆହ୍ୱାନ କରିବା ସହ କେନ୍ଦ୍ର ସରକାରଙ୍କ ଉପରେ ନେତାମାନେ ବର୍ଷିଥିଲେ। ଏହି ପଦଯାତ୍ରାରେ ବହୁ ନେତା ଓ କର୍ମୀ ସାମିଲ ଥିଲେ।

## ଅବକାରୀ ଚଢ଼ାଉ, ଗଞ୍ଜେଇ ଓ ବାଇକ ଜବତ: ୨ ଗିରଫ

**ବୌଦ୍ଧରୁ ଉତ୍ତରପ୍ରଦେଶକୁ ଚାଲାଣ ହେଉଥିଲା ଗଞ୍ଜେଇ**

ସୋନପୁର,୫।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଅବକାରୀ ବିଭାଗର ଜିଲା ମୋବାଇଲ ୟୁନିଟ୍ ପକ୍ଷରୁ ସୋନପୁର ସହର କୁଞ୍ଜ ଛକ ନିକଟରେ ଗୁରୁବାର ଚଢାଉ ହୋଇଥିଲା। ତନଖି ସମୟରେ ଏକ ବାଇକ୍‌ରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଜଣାପଡିଥିଲା। ଏହି ଘଟଣାରେ ଉତ୍ତରପ୍ରଦେଶ ମିର୍ଜାପୁର ଜିଲା ଲାଲଗଞ୍ଜ ଥାନା ରୁଦାମି ଅଞ୍ଚଳର କପଟାନ କୁମାର(୨୪) ଓ ଉତ୍ତରପ୍ରଦେଶ ଲାଲଗଞ୍ଜ ଥାନା ଗୋଦାର ଖୁଣ୍ଡ ଅଞ୍ଚଳର ରବି(୩୭)ଙ୍କୁ ଗିରଫ କରାଯାଇଛି। ଉଭୟଙ୍କ ନିକଟରୁ ୧୪ କିଲୋ ୫୦୦ ଗ୍ରାମ ଗଞ୍ଜେଇ ଓ ବ୍ୟବହୃତ ହୋଣ୍ଡା ସିଡି ଡିଲକ୍ସ ବାଇକ୍ (ନଂ ୟୁପି୬୩ଏଡବ୍ଲୁ-୧୫୧୭) ଜବତ କରାଯାଇଛି। ଗଞ୍ଜେଇ ବୌଦ୍ଧ ଜିଲାରୁ ଉତ୍ତରପ୍ରଦେଶକୁ ଚୋରାଚାଲାଣ କରାଯାଉଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏ ସମ୍ପର୍କରେ ଅବକାରୀ ବିଭାଗ ପକ୍ଷରୁ ୨୦୧/୨୩ ମୂଳେ ଏକ ମାମଲା ରୁଜୁ ହୋଇଛି। ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଇନ୍ସପେକ୍ଟର ପ୍ରକାଶ ସା, ସବ୍‌ଇନ୍ସପେକ୍ଟର ସୁଧୀର ମିଶ୍ର, ଏଏସଆଇ ପୃଥ୍ୱୀରାଜ କୁଅଁର, ଡୋଳାମଣି ପଧାନ ପ୍ରମୁଖ ଚଢାଉରେ ସାମିଲ ହୋଇଥିଲେ।

# ତୃଣମୂଳ ସ୍ତରରେ ହକି ଖେଳାଳି ହେବେ ଉତ୍ସାହିତ



ଜିଲାପାଳ ହକି ଖେଳାଳିଙ୍କୁ ଉପକରଣ ପ୍ରଦାନ କରୁଛନ୍ତି।

**ହକି ଖେଳାଳିଙ୍କୁ ଉପକରଣ ପ୍ରଦାନ**

ସୋନପୁର,୫।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ଦକ୍ଷିଣପାଲିଠାରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ନାଭାଲ ଟାଟା ହକି ଏସିଇ ଫାଉଣ୍ଡେଶନର ମିଳିତ ସହଯୋଗରେ ତୃଣମୂଳ ସ୍ତରରେ ହକିର ଭିତ୍ତିଭୂମି ସୁଦୃଢ଼ କରିବା ଲାଗି ଖେଳାଳିଙ୍କୁ ହକି ଖେଳ ନିମନ୍ତେ ବ୍ୟବହୃତ ଆନୁସଙ୍ଗିକ ଉପକରଣ ଗୁରୁବାର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟ ଉପସ୍ଥିତ ରହି ଖେଳାଳିଙ୍କୁ ହକି ଉପକରଣ ପ୍ରଦାନ କରିଥିଲେ। ଏହି ଅବସରରେ ଉଲୁଣ୍ଡା ବିଡ଼ିଓ କରିସ୍ମା ବେଶ୍ରା, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ମୁକ୍ତେଶର ମାଝୀ, କନିଷ୍ଠ ଯନ୍ତ୍ରୀ ବିଜୟ ପୁର୍ତ୍ତି, କୃତିବାସ ମିଶ୍ର ତଥା ଅଞ୍ଚଳର ଜନସାଧାରଣ, ଖେଳାଳି, କୋଚ ଉପସ୍ଥିତ ଥିଲେ। ଏହି ଖେଳ ଉପକରଣ ଖେଳ ଓ ଖେଳାଳିଙ୍କ ନିମନ୍ତେ ଅପରିହାର୍ଯ୍ୟ ହୋଇଥିବା ବେଳେ ଏହାଦ୍ୱାରା ଖେଳର ମାନ ବୃଦ୍ଧି ହେବା ସହିତ ଖେଳାଳିଙ୍କୁ ମଧ୍ୟ ଖେଳ ପାଇଁ ଅଧିକ ଉତ୍ସାହିତ କରିବ ବୋଲି ଜିଲାପାଳ ରାୟ ପ୍ରକାଶ କରିଥିଲେ। ଦକ୍ଷିନିପାଲି ତୃଣମୂଳ ହକି ପ୍ରଶିକ୍ଷଣ କେନ୍ଦ୍ର ଆଗାମୀ ଦିନରେ ହକି ଖେଳ ପ୍ରତି ଅନେକ ନୂତନ ସମ୍ଭାବନା ସୃଷ୍ଟି କରିବ ବୋଲି ମତପ୍ରକାଶ ପାଇଥିଲା ।

# ବ୍ଲକସ୍ତରୀୟ ଜନସମ୍ପର୍କ ପଦଯାତ୍ରା



ପଦଯାତ୍ରାରେ ଦଳୀୟ ନେତା, କର୍ମୀ ଓ ଜନସାଧାରଣ ।

ତରଭା,୫।୧୦(ମାନଭଞ୍ଜନ ମିଶ୍ର)

ବିଜେଡି ପକ୍ଷରୁ ତରଭା ବ୍ଲକସ୍ତରୀୟ ଜନସମ୍ପର୍କ ପଦଯାତ୍ରା ଗୁରୁବାର ବନ୍ଧକେଡ଼ା ଗ୍ରାମରୁ ଆରମ୍ଭ ହୋଇ ମାରାଡୁଗୋଚ୍ଛାରେ ଶେଷ ହୋଇଯାଇଛି। ସୋନପୁର ଜିଲା ବିଜେଡି ସଭାପତି ତଥା ତରଭା ବ୍ଲକ ଚେୟାରମ୍ୟାନ ସରୋଜ କୁମାର କର୍ମଙ୍କ ନେତୃତ୍ୱରେ ଅନୁଷ୍ଠିତ ପଦଯାତ୍ରାରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର ସଂସଦୀୟ ବ୍ୟପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେଡି ସବୁବେଳେ ଓ ସବୁ ସ୍ତରରେ ଆପଣଙ୍କ ପାଖରେ ଅଛି ବୋଲି କହିଥିଲେ। ଏହି ଅବସରରେ ଦଳୀୟ ସଂଗଠନକୁ ମଜଭୁତ କରିବାକୁ କର୍ମୀମାନଙ୍କୁ ଆହ୍ୱାନ ଦେବା ସହ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ। ପୂର୍ବାହ୍ନ ୧୧ଟାରେ ମାରାଡୁଗୋଚ୍ଛା ଗ୍ରାମ ପଞ୍ଚାୟତର ବନ୍ଧକେଡ଼ା ଗ୍ରାମରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ପୂଜାରୀଙ୍କ ସହ ବ୍ଲକ ଚେୟାରମ୍ୟାନ କର୍ମ, ପୂର୍ବତନ ବ୍ଲକ ଚେୟାରମ୍ୟାନ ଶତ୍ରୁଘ୍ନ ପୃଷ୍ଟି, ଓ. ରମେଶ ପୂଜାରୀ, କଇଁରୁ ସ୍ୱାଇଁ, ଅଭିମନ୍ୟୁ କୁଶଳ, ଶାଶ୍ୱତ ମିଶ୍ର, ସୀତାରାମ ମିଶ୍ର, ବେଲାର ସାହୁ, ପ୍ରଭାତ ନାଏକ, ପ୍ରହଲ୍ଲାଦ ନାଏକ, ଅଶୋକ ନନ୍ଦ, ଦ୍ୱାଦଶୀ କୁଅଁର, ମିତ୍ରବ୍ରତ ମିଶ୍ର ମଞ୍ଚାସୀନ ଥିଲେ। ମନମୋହନ ସାହୁ, ମାର୍କଣ୍ଡ ନାଗ, ସୁବାଷ ଚନ୍ଦ୍ର ସେଠୀ, ରାମ ସାହୁ, ପ୍ରଭୁଦତ୍ତ ଡାଙ୍ଗ, ଅଶ୍ୱନୀ ବିଶି, ହେମନ୍ତ ମାଝୀ, ଆକବର ଅଲ୍ଲୀ, ଅକ୍ଷୟ ସାହୁଙ୍କ ସମେତ ସୋନପୁର, ବିନିକା, ଡୁଙ୍ଗୁରିପାଲି, ତରଭା ବ୍ଲକ ଅଞ୍ଚଳର ସରପଞ୍ଚ, ସମିତି ସଭ୍ୟ, ନେତୃସ୍ଥାନୀୟ ବ୍ୟକ୍ତି, ନେତା, କର୍ମୀ ଓ ମହିଳା ପଦଯାତ୍ରାରେ ସାମିଲ ଥିଲେ। ପ୍ରତ୍ୟେକ ଗୃହ ସମ୍ମୁଖରେ ପୂର୍ଣ୍ଣ କଳସ ସ୍ଥାପନ କରି ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଗ୍ରାମ ପରିକ୍ରମା ସମୟରେ ମନ୍ତ୍ରୀ ଲୋକଙ୍କୁ ଭେଟି ଗାଁରେ ଥିବା ସମସ୍ୟା ବୁଝି ଥିଲେ। ମାନଭଞ୍ଜନ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ବଦଳି ବାତିଲ ପାଇଁ ଦାବିପତ୍ର ପ୍ରଦାନ



ଦାବିପତ୍ର ପ୍ରଦାନ ସମୟରେ ମହିଳା ଓ କର୍ମଚାରୀ ।

ବୌଦ୍ଧ,୫।୧୦(ଅଜିତ କୁମାର ବାରିକ)

ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ମନରଞ୍ଜନ ପଣ୍ଡା ବଦଳି ହୋଇଥିବା ଖବର ପାଇବା ପରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଓ ବିଜ୍ଞାପିତ ଅଞ୍ଚଳ ପରିଷଦର କର୍ମଚାରୀମାନେ ବଦଳିକୁ ବାତିଲ କରିବାକୁ ଗୁରୁବାର ଦିନ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମିଳିଥିବା ସୂଚନା ମୁତାବକ, କାର୍ଯ୍ୟନିର୍ବାହୀ ଅଧିକାରୀ ପଣ୍ଡାଙ୍କ ଅନ୍ୟତ୍ର ବଦଳି ହୋଇଛି। କିନ୍ତୁ ସେ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ବହୁ ଉନ୍ନତିମୂଳକ କାର୍ଯ୍ୟ କରିଛନ୍ତି। ଏଣୁ ବଦଳିର ପୁନଃ ବିଚାର କରାଯାଇ ତାଙ୍କୁ ପୁନଶ୍ଚ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଭାବରେ ଅବସ୍ଥାପିତ କରିବା ଦିଗରେ ପଦକ୍ଷେପ ନେବାକୁ ଜିଲାପାଳଙ୍କ ନିକଟରେ ଦାବି ହୋଇଛି । ଏହି ଦାବିପତ୍ର ପ୍ରଦାନ ସମୟରେ ବହୁ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ କର୍ମଚାରୀ ସାମିଲ ଥିଲେ ।

**ସୁନା ଚେନ୍ ଛିନ୍‌ତାଇ, ଅଭିଯୁକ୍ତ କୋର୍ଟ ଚାଲାଣ**

**କୁଆଁରମୁଣ୍ଡା (ମହେନ୍ଦ୍ର କୁମାର ସାହୁ):** କୁଆଁରମୁଣ୍ଡା ଭାଟିପଡିଆ ରୋଡରେ ଗତ ସପ୍ତାହ ତଳେ ଜଣେ ମହିଳାଙ୍କ ବେକରୁ ସୁନା ଚେନ୍ ଛିନତାଇ କରି ଫେରାର ଥିବା ଦୀପକ ସୋନି(୩୩)ଙ୍କୁ ବୁଧବାର ବିଳମ୍ବିତ ରାତିରେ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ସୋନୀ ଏକାଧିକ ଚୋରି, ଛିନତାଇ କରି ଫେରାର ଥିଲେ।



## ସଂକ୍ଷେପରେ

### ପିକଅପ ଭ୍ୟାନ -ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

**ନୂଆଗାଁ, ୫।୧୦(ବିଜୟ ତ୍ରିପାଠୀ):** ନୂଆଗାଁ ବ୍ଲକ ବିଶ୍ରାଥାନା ଅନ୍ତର୍ଗତ ସୋରଡ଼ା ବଙ୍ଗଲେଇଟୋଲି ନିକଟସ୍ଥ ମୁଖ୍ୟ ରାସ୍ତା ଉପରେ ଗୁରୁବାର ପୂର୍ବାହ୍ନରେ ଏକ ପିକଅପ ଭ୍ୟାନ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ୍‌ରେ ଥିବା ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ବାରିଲେପଟା ବଡକା ଟୋଲି ବସ୍ତିର ମନୋଜ ହୋର। ବାଇକ୍‌ରେ ଥିବା ଅନ୍ୟ ୨ ଜଣ ସୁଦୀପ ହୋର, ଯୁଗଳ ହୋର ଗୁରୁତର ହୋଇଛନ୍ତି। ସୂଚନାଯୋଗ୍ୟ, ଗୁରୁବାର ଅପରାହ୍ନରେ ୩ ଜଣ ଏକ ବାଇକ୍ ଯୋଗେ ସୋରଡ଼ାରୁ କାମ ସାରି ବାରିଲେପଟା ଗ୍ରାମକୁ ଫେରୁଥିବା ସମୟରେ ସୋରଡ଼ା ବଙ୍ଗଲେଇଟୋଲି ନିକଟରେ ବାରିଲେପଟାରୁ ସୋରଡ଼ା ପଟକୁ ଆସୁଥିବା ଏକ ପିକଅପ ଭ୍ୟାନ ସହ ମୁହାଁ ମୁହିଁ ଧକ୍କା ହୋଇଥିଲା। ବାଇକ୍‌ରେ ଥିବା ୩ଜଣ ଯୁବକ ଛିଟିକି ପଡ଼ି ଅଚେତ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ରାଉରକେଲା ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମନୋଜଙ୍କ ମୃତ୍ୟୁ ଘଟିଥିଲା। ସୁଦୀପ ଗୁରୁତର ଥିବାବେଳେ ଯୁଗଳଙ୍କ ଅବସ୍ଥା ଠିକ ଥିବା କୁହାଯାଉଛି। ଏ ନେଇ ଦୁର୍ଘଟଣା ଗ୍ରସ୍ତ ପରିବାର ଲୋକେ ବିଶ୍ରା ଥାନାରେ ଅଭିଯୋଗ କରିଛନ୍ତି। ଥାନା ଅଧିକାରୀ ପ୍ରଦୀପ କୁମାର ନାଏକ ଘଟଣା ସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିବା ବେଳେ ବାଇକ୍‌କୁ ଜବତ କରିଛନ୍ତି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ତେବେ ଘଟଣା ସ୍ଥଳରୁ ପିକ୍‌ଅପ ଭ୍ୟାନ ଫେରାର ଥିବା ଜଣାପଡ଼ିଛି।

### ଟ୍ରକ୍ ଧକ୍କାରେ ଟିପ୍ପର ଚୂରମାର,୪ ଗୁରୁତର

**କୁଆଁରମୁଣ୍ଡା,୫।୧୦(ମହେନ୍ଦ୍ର କୁମାର ସାହୁ):** ୧୪୩ ନଂ ଜାତୀୟ ରାଜପଥର ଯମୁନାନାକିଠାରେ ଛିଡା ହୋଇଥିବା ଏକ ଟିପ୍ପର ପଛ ପଟୁ ଦ୍ରୁତ ଗତିରେ ବୀରମିତ୍ରପୁର ପାର୍ଶ୍ୱରୁ ଯାଉଥିବା ଏକ ମାଲ ବୋଝେଇ ଟ୍ରକ ଧକ୍କା ଦେଇଥିଲା। ଏଥିରେ ଟିପ୍ପର ଭାଙ୍ଗିରୁଜି ଚୁରମାର ହୋଇଯାଇଥିବାବେଳେ କ୍ୟାବିନରେ ବିଶ୍ରାମ କରୁଥିବା ୪ କର୍ମଚାରୀ ଚାପି ହୋଇ ଗୁରୁତର ହୋଇଛନ୍ତି। ଏଥିସହ ଧକ୍କା ଦେଇଥିବା ଟ୍ରକର ଖଲାସି ମଧ୍ୟ ଗାଡିରେ ଚାପି ହୋଇଯାଇଥିଲେ। କୁଆଁରମୁଣ୍ଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତ ଗୁରୁତରଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବର ଲେଖା ହେବା ସୁଦ୍ଧା (ସନ୍ଧ୍ୟା ୮ଟା) ଥାନାରେ ଅଭିଯୋଗ ହୋଇନାହିଁ।



କୁତ୍ରାରେ ଭାଜପା ପକ୍ଷରୁ ବନ୍ଦ ପାଳନ କରାଯାଇଛି।



ଲହୁଣୀପଡ଼ାରେ ବନ୍ଦ ପ୍ରଭାବ

# ଭାଜପା ମହିଳା ମୋର୍ଚ୍ଚାର ୧୨ ଘଣ୍ଟିଆ ବନ୍ଦ ପାଳନ



ବଡ଼ଗାଁରେ ବନ୍ଦ ପ୍ରଭାବ



ସୁନ୍ଦରଗଡରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଆନ୍ଦୋଳନ କରାଯାଉଛି।



କୋଇଡାରେ ବନ୍ଦ ପ୍ରବାହ।

**ସୁନ୍ଦରଗଡ,୫।୧୦(ଜୟ ନାରାୟଣ ମେଣ୍ଡୁଲି)**

ରାଉରକେଲା ସହକାରୀ ଉପଜିଲାପାଳ ସୁସ୍ମିତା ମିଞ୍ଜ ଓ ପୋଲିସ ଏଏସ୍‌ଆଇ ଆଲିସା ଲୁଗୁନଙ୍କ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ଦାବିରେ ଗୁରୁବାର ଜିଲା ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ୧୨ଘଣ୍ଟିଆ ସୁନ୍ଦରଗଡ ବନ୍ଦ ପାଳନ କରାଯାଇଥିଲା। ସଦର ମହକୁମାରେ ସମସ୍ତ ଦୋକାନ ବଜାର, ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଫଳରେ ଜୀବନ ଯାତ୍ରା ପ୍ରଭାବିତ ହୋଇଥିଲା। ବିଧାୟିକା କୁସୁମ ଟେଟେଙ୍କ ନେତୃତ୍ୱରେ ମହିଳା ମୋର୍ଚ୍ଚା ଓ କର୍ମକର୍ତ୍ତା ବିଭିନ୍ନ ସ୍ଥାନରେ ପିକେଟିଂ କରି ସରକାରୀ ବେସରକାରୀ କାର୍ଯ୍ୟାଳୟ, ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡିକ ବନ୍ଦ କରିଥିଲେ। ଏହି ବନ୍ଦରେ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଶାନ୍ତି ସରାଫ, ଅଞ୍ଜନା ପଟେଲ, ଲତିକା ପଟ୍ଟନାୟକ, କାନନ ବାଳା ବେହେରା, ହିମାନୀ ପାଢୀ, ଅନୁପମା ଟପୋ, ଯଶୋବନ୍ତ ନାଏକ, ମନୋଜ ପୁରୋହିତ, ସୁବାସ ରଣା, ରାଜା କାକ, ସ୍ୱରୂପ ପାତ୍ର, ସୋପୁ ଦାସ, ଓମ ପ୍ରକାଶ ଅଗ୍ରୱାଲ, ପରୀକ୍ଷିତ ସାହୁ, ଯୋଗଶ୍ୱର ଭୋଇ, ରମେଶ ସୋରେଙ୍ଗ, ସଦର ବ୍ଲକ ଅଧ୍ୟକ୍ଷ ସୁବ୍ରତ ମାଝି ପ୍ରମୁଖ ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ।

**ବଡ଼ଗାଁ (ଅଶୋକ ଷଡ଼ଙ୍ଗୀ):** ବଡ଼ଗାଁରେ ମଧ୍ୟ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ବନ୍ଦ ଡାକରାକୁ ସମର୍ଥନ ଜଣାଇ ଭାରତୀୟ ଜନତା ପାର୍ଟି ପକ୍ଷରୁ ସକାଳୁ ଦଳୀୟ କର୍ମୀମାନେ ବସଷ୍ଟାଣ୍ଡରେ ରାଜ୍ୟ ରାଜପଥ ୧୦ କୁ ଅବରୋଧ କରି ୨ ସରକାରୀ ଅଧିକାରୀଙ୍କ ପରିବାରକୁ ନ୍ୟାୟ ଦେବାକୁ ଦାବି କରିଥିଲେ। ରାଜପଥ ଅବରୋଧ ଯୋଗୁ ରାସ୍ତାର ଉଭୟ ପଟେ ଶତାଧିକ ଯାନବାହନ ରହିଥିଲା।

**କୁତ୍ରା (ଦେବାଶିଷ ସାହୁ):** କୁତ୍ରାରେ ଭାଜପା କର୍ମୀମାନେ ସକାଳ ୧୦ଟାରୁ ବିଜୁ ଏକ୍ସପ୍ରେସ ୱେକୁ ଅବରୋଧ କରିଥିଲେ। ଫଳରେ ଶହ ଶହ ଗାଡିମଟର ଅଟକି ରହିଥିଲା। ବସ୍ ଚଳାଚଳ ସଂପୂର୍ଣ୍ଣ ବନ୍ଦ ଥିଲା। ଫଳରେ ସାଧାରଣ ଜନତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଆନ୍ଦୋଳନରେ ଭାଜପା ନେତା ଜୁନାସ ଲୁଗୁନ, ରଜନୀକାନ୍ତ ହୋତା, ପ୍ରଫୁଲ ସିଂ, ରାଜେଶ ଲାକଡା, ଦିପକ ମହାନନ୍ଦିଆ,ମଞ୍ଜୁ ଲାକଡା,ତାରା ଟପ୍ପୋ, ମାହାରାଜ ମାଝି, ରମେଶ୍ୱର ସିଂ,ଗୋକୁଳାନନ୍ଦ ସାହୁ, ଶ୍ରୀଧର ଭୋଇ, ରାଜେନ କେରକେଟା ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

**ଟେନ୍‌ସା (ସମୀର କୁମାର ପାଢୀ):** କୋଇଡା ଖଣି ଅଞ୍ଚଳରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି। ବିଶେଷ କରି ଖଣି ପରିବହନ ଟ୍ରକ୍,ଟିପର୍‌କୁ ଅବରୋଧ କରିବା ସହ ମୁଖ୍ୟ ଛକଠାରେ ବ୍ୟାନର୍ ପତାକା ଲଗାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ବନ୍ଦ ପାଳନରେ କୋଇଡା ଭାଜପା ମଣ୍ଡଳ ସଭାପତି ମେଲେରି ବାରିକ, କୃଷକମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଶଙ୍କର ଲୋହାର, କୋଇଡା ମଣ୍ଡଳ ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ଜୟସୱାଲ, ଶରତ ବାରିକ୍, ସୁମିତ ଗୋୟେଲ୍ ପ୍ରମୁଖଙ୍କ ସହ ବହୁ କର୍ମୀ ସାମିଲ ହୋଇଥିଲେ। ଏଥିସହ ବରସୁଆଁଠାରେ ବାଗୁନ ଗାଗରାଇଙ୍କ ନେତୃତ୍ୱରେ ଶହ ଶହ ବିକ୍ଷୋଭକାରୀ ବ୍ୟାନର ପୋଷ୍ଟର ଧରି ରାସ୍ତା ଘାଟ ବନ୍ଦ କରିବା ଫଳରେ ଖଣି ଅଞ୍ଚଳ ପରିବହନ ବାଧାପ୍ରାପ୍ତ ହୋଇଥିଲା। ସେହିପରି ବିମଳାଗଡ଼, ଟେନ୍‌ସା, କଲାଟା, କେ.ବଲାଙ୍ଗ ଆଦି ସ୍ଥାନରେ ବନ୍ଦ ପ୍ରଭାବ ଦେଖିବାକୁ ମିଳିଥିଲା।

**ରାଜଗାଙ୍ଗପୁର (ଅଶୋକ ପାଣି) :** ରାଜଗାଙ୍ଗପୁରରେ ଭାଜପା ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରା ସଂପୂର୍ଣ୍ଣ ସଫଳ ହୋଇପାରିନାହିଁ। ରାଜ୍ୟ ରାଜପଥ ନଂ ୧୦ ରେ ଟ୍ରକ ଓ ବସ ଚଳାଚଳ ବନ୍ଦ ରହିଥିବା ବେଳେ ଦୋକାନ ବଜାର କିନ୍ତୁ ଖୋଲାରହିଥିଲା। ବସ, ଟ୍ରେନ ବନ୍ଦ ଯୋଗୁ ସରକାରୀ କାର୍ଯ୍ୟାଳୟରେ ଅଳ୍ପ ସଂଖ୍ୟକ କର୍ମଚାରୀ ଉପସ୍ଥିତି ଥିଲେ। ସ୍କୁଲ ଓ କଲେଜ ଖୋଲା ରହିଥିଲା।

**ଲହୁଣୀପଡ଼ା,(ଦାଶରଥି ପଣ୍ଡା):** ଭାଜପା କାର୍ଯ୍ୟକର୍ତ୍ତା ରାଜମୁଣ୍ଡା ବାଇପାସ ୧୪୩ ଓ ୫୨୦ ନମ୍ବର ଜାତୀୟ ରାଜପଥକୁ ବନ୍ଦ କରିବା ସହ ପିକେଟିଙ୍ଗ କରି ବିଭିନ୍ନ ସରକାରୀ ଅନୁଷ୍ଠାନ ଓ ବ୍ୟାଙ୍କ ବନ୍ଦ କରିଥିଲେ। ମହିଳା ମୋର୍ଚ୍ଚା, ଆଦିବାସୀ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ସହ ଭାଜପାର ବରିଷ୍ଠ କାର୍ଯ୍ୟକର୍ତ୍ତା ଜାତୀୟ ରାଜ ପଥରେ ସମ୍ପୂର୍ଣ୍ଣ ଗାଡି ଚଳା ଚଳ ବନ୍ଦ କରିଥିଲେ। ଫଳରେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଥିଲା। ଏହି ବନ୍ଦ ଡାକରା ମହିଳା ମୋର୍ଚ୍ଚା ସଭାନେତ୍ରୀ ଜୟନ୍ତୀ ମହାନ୍ତ, ଆଦିବାସୀ ମୋର୍ଚ୍ଚା ସଭାପତି କର୍ମୁ କିଷାନ, ଯମୁନା ମୁଣ୍ଡା, ସେବତୀ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ସାଧାରଣ ସମ୍ପାଦକ ଲୁଥାର ଓରାମ, ମଣ୍ଡଳ ସଭାପତି ନମିତା ମହାନ୍ତ, ନାରାୟଣ କୁମ୍ଭାର, ଦେବ କିଷାନ, ଖୁଣ୍ଟଗାଁ ମଣ୍ଡଳ ଖୁଣ୍ଟଗାଁ ଠାରେ କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ପ୍ରଦୀପ ସ୍ୱାଇଁ, ମଣ୍ଡଳ ସଭାପତି ଗଙ୍ଗାଧର ମହାନ୍ତ, ରାଜାମୁଣ୍ଡା ଛକରେ ଦଳର ବରିଷ୍ଠ ନେତା ତଥା କୃଷକ ମୋର୍ଚ୍ଚା ସଭାପତି ରେଙ୍ଗଟୁ ପ୍ରଧାନ, ଗୋବିନ୍ଦ ସାହୁ, ରାଜ୍ୟ ଆଦିବାସୀ ମୋର୍ଚ୍ଚା ଉପ ସଭାପତି କର୍ମତି ଓରାମ, ଜିଲା ଉପସଭାପତି ମହେଶ ଶାହା, ଗୀତା ଜୟସ୍ୱାଲ, ଶକୁନ୍ତଳା ନାଏକ, ତୁମତି ସେନାପତି, ମମତା ଦେଓ ପ୍ରମୁଖଙ୍କ ସମେତ କର୍ମକର୍ତ୍ତା, କର୍ମୀ ଉପସ୍ଥିତ ଥିଲେ।

**ହେମଗିର (ଚୈତନ୍ୟ ପଟେଲ):** ହେମଗିରଠାରେ ବନ୍ଦର ଆଂଶିକ ପ୍ରଭାବ ଦେଖିବାକୁ ମିଳିଥିଲା। ସୁନ୍ଦରଗଡକୁ ବସ ଯୋଗାଯୋଗ ବାଧାପ୍ରାପ୍ତ ହୋଇଥିବା ବେଳେ ଦୋକାନ ବଜାର ଖୋଲା ରହିବା ସହିତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଖୋଲା ରହିଥିଲା ।

**କୁଆଁରମୁଣ୍ଡା (ମହେନ୍ଦ୍ର କୁମାର ସାହୁ):** କୁଆଁରମୁଣ୍ଡା ଓ ବୀରମିତ୍ରପୁର ସହରରେ ବନ୍ଦ ପ୍ରଭାବ ଦେଖିବାକୁ ମିଳିଥିଲା। ଓଡିଶା-ଝାଡଖଣ୍ଡ ସୀମାନ୍ତବର୍ତ୍ତୀ ବୀରମିତ୍ରପୁର ଫାଟକଠାରୁ କୁଆଁରମୁଣ୍ଡା ଓ ଯମୁନାନାକି ଦୀର୍ଘ ୨୧କି.ମି ପର୍ଯ୍ୟନ୍ତ ୧୪୩ ନଂ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଭାରିଯାନଗୁଡିକର ଲମ୍ବା ଧାଡି ଲାଗିଥିଲା। ଏହି ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ କୁଆଁରମୁଣ୍ଡାର ବରିଷ୍ଠ ଭାଜପା ନେତା ତଥା ନାଗରାଗଡ଼ ଜମିଦାର ସଞ୍ଜୀବ ପ୍ରତାପ ସିଂଦେଓଙ୍କ ନେତୃତ୍ୱରେ ଶଙ୍କର ପୂଝାରୀ,ହଳପାଣି ମାଝି, ଦିଲ୍ଲୀପ ପଟେଲ, ରଥୁ ଓରାମ, ବୁଲୁ ଚାନ୍ଦ ପ୍ରମୁଖଙ୍କ ସହ ଶତାଧିକ ଆଦିବାସୀ ମହିଳା ଓ ପୁରୁଷ ସାମିଲ ହୋଇ ୨ ଆଦିବାସୀ ମହିଳା ଅଧିକାରୀଙ୍କ ମୃତ୍ୟୁର ସିବିଆଇ ତଦନ୍ତ ଦାବି କରିଥିଲେ। ସେହିପରି ବୀରମିତ୍ରପୁର ସହରରେ ଭାଜପା ନେତା ସୁନିଲ ତିୱାରୀଙ୍କ ନେତୃତ୍ୱରେ ଭାଜପା କର୍ମୀମାନେ ବନ୍ଦ ପାଳନରେ ସାମିଲ ହୋଇ ସମସ୍ତ ଦୋକାନ, ବଜାର, ପେଟ୍ରୋଲ ପମ୍ପ ଇତ୍ୟାଦି ବନ୍ଦ କରିବା ପାଇଁ ଲୋକଙ୍କୁ ଅନୁରୋଧ କରିଥିଲେ।

## ମାଗନ୍ ମେମୋରିଆଲ ହକି ଟୁର୍ନାମେଣ୍ଟ
### ସାଗଯୋର ଚାମ୍ପିୟନ

**ବଡ଼ଗାଁ,୫।୧୦(ଅଶୋକ ଷଡ଼ଙ୍ଗୀ)**

ବଡ଼ଗାଁ ବ୍ଲକ ସିଙ୍ଗାରମୁଣ୍ଡା ଖେଳପଡିଆରେ ଗତ ୨୯ରୁ ଆରମ୍ଭ ହୋଇଥିବା ମାଗାନ ମେମୋରିଆଲ ହକି ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ୬୪ଟି ଟିମ୍ ଅଂଶଗ୍ରହଣ କରିଥିବା ଏହି ଟୁର୍ନାମେଣ୍ଟର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ମୁଖ୍ୟ ଅତିଥି ଓ ସ୍ଥାନୀୟ ଚର୍ଚ୍ଚର ଫାଦର ତେଲେସ୍ଫର ବାରୁଆ, ସରପଞ୍ଚ ଆସିସାନ କେରକେଟା, ଅବସରପ୍ରାପ୍ତ ସାମରିକ କର୍ମଚାରୀ ଅମୃତ ଜୀବନ ଡୁଙ୍ଗଡୁଙ୍ଗ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଟୁର୍ନାମେଣ୍ଟର ପ୍ରଥମ ସେମି ଫାଇନାଲରେ ସାନକୁନା ଟିମ୍ ୨-୧ ଗୋଲ୍‌ରେ ପାମରାକୁ ହରାଇ ଫାଇନାଲକୁ ପ୍ରବେଶ କରିଥିଲାବେଳେ ଦ୍ୱିତୀୟ ସେମି ଫାଇନାଲରେ ଦେଓଗାଁ ମଝାପଡାକୁ ୧-୦ ଗାଲରେ ହରାଇ ସାଗଯୋର ଫାଇନାଲକୁ ଯାଇଥିଲା। ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ସାଗଯୋର ଟିମ୍ ୨-୧ ଗୋଲ୍‌ରେ ମଝାପଡାକୁ ହରାଇ ଚାମ୍ପିୟନ ହୋଇଛି। ରୋଷନ୍ ସୋରେଙ୍ଗ, ଆଦୀପ ଡୁଙ୍ଗଡୁଙ୍ଗ, ରୋନିତ ଡୁଙ୍ଗଡୁଙ୍ଗ, ଶିତଲ ସୋରେଙ୍ଗ ଖେଳ ପରିଚାଳନା କରିଥିଲାବେଳେ ଆୟୋଜିତ ଜ୍ୟୋତି ମାର୍ଗ ଯୁବକ ସଂଘର ସମ୍ପାଦକ ବିନୟ ନାଏକ, କିଶୋର କେରକେଟା, ସମୀର ସୋରେଙ୍ଗ, ଅନୁପ ଡୁଙ୍ଗଡୁଙ୍ଗ, ରାଜୀବ ନାଏକ, ଆଶିଷ ଟେଟେ, ବିପୁଲ କେରକେଟା ପ୍ରମୁଖ ଯୁବକମାନେ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ। ସୂଚନାଯୋଗ୍ୟ, ଉକ୍ତ ଗ୍ରାମର ଡା.ମାଗାନ୍ କେରକେଟାଙ୍କ ୧୯୯୯ ଡିସେମ୍ବର ୨୫ରେ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ସେ ଅଞ୍ଚଳର ଜଣାଶୁଣା ହକି ଓ ଫୁଟବଲ୍ ଖେଳାଳି ଥିଲେ। ତାଙ୍କ ସ୍ମୃତିରେ ୨୦୦୦ରୁ ସିଙ୍ଗାରମୁଣ୍ଡା ଗ୍ରାମରେ ମାଗାନ ମେମୋରିଆଲହକିଟୁର୍ନାମେଣ୍ଟହୋଇଆସୁଛି।

## ବାଲିଶଙ୍କରା ଷ୍ଟାର୍ ଏକାଦଶ ଚାମ୍ପିୟନ

**ସୁନ୍ଦରଗଡ,୫।୧୦(ଜୟ ନାରାୟଣ ମେଣ୍ଡୁଲି)**

ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ସୁନ୍ଦରଗଡ ଷ୍ଟାଡିୟମରେ ଚାଲିଥିବା ପୁରୁଷ ଫୁଟବଲ ଚାମ୍ପିୟନଶିପ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଅକ୍ଟୋବର ୧ରୁ ଆରମ୍ଭ ହୋଇଥିବା ଏହି ଫୁଟ୍‌ବଲ ଚାମ୍ପିୟନଶିପ ୫ ଦିନ ଧରି ଚାଲିଥିଲା। ବୁଧବାର ସେମିଫାଇନାଲରେ ନଦିସୁଗୁଡ଼ାର ଅଙ୍କଲ କ୍ଲବ୍ ଦଳ ଓ ବାଲିଶଙ୍କରାର ଷ୍ଟାର୍ ଏକାଦଶ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲ ଖେଳର ୩୩ ମିନିଟ୍‌ରେ ବାଲିଶଙ୍କରା ଦଳର ସଞ୍ଜୟ ଟପ୍ପୋ ଗୋଲ୍ କରି ଦଳକୁ ଆଗୁଆ ରଖିଥିଲେ। କିନ୍ତୁ ଖେଳର ୪୮ ମିନିଟରେ ନଦିଶୁଗୁଡ଼ା ଦଳର ଚିତ୍ର ପ୍ରଧାନ ଏକ ଚିତ୍ତାକର୍ଷକ ଗୋଲ୍ ମାରି ଖେଳକୁ ସମାନ୍ତର କଲେ। ନିର୍ଦ୍ଧାରିତ ସମୟରେ ଖେଳର କୌଣସି ଫଳାଫଳ ନ ହେବାରୁ



ପେନାଲ୍ଟି ସୁଟ୍ ଆଉଟ୍ ମାଧ୍ୟମରେ ଷ୍ଟାର୍ ଏକାଦଶ, ବାଲିଶଙ୍କରା ଦଳ ପ୍ରତିପକ୍ଷ ଅଙ୍କଲ କ୍ଲବ୍ ଦଳକୁ ୩-୨ ଗୋଲ୍‌ରେ ପରାସ୍ତ କରି ବିଜୟୀ ହୋଇଛି। ବିଜୟୀ ଦଳକୁ ଚାମ୍ପିୟନ ଟ୍ରଫି ସହିତ ନଗଦ ୫୦୦୦୦ ଟଙ୍କା ଓ ଉପବିଜେତା ଦଳକୁ ରନର୍ସ ଅପ୍ ଟ୍ରଫି ସହିତ ନଗଦ ୩୦୦୦୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଖେଳକୁ ରେଫରୀ ଲକ୍ଷ୍ମଣ ସେଠ୍, ନିତ୍ୟାନନ୍ଦ ମେହେର, ସନ୍ୟାସୀ ମୁଣ୍ଡା, ଅଶୋକ ପାଣ୍ଡବ ପରିଚାଳନା କରିଥିଲେ। ଜାତୀୟ ରେଫରି ଦୁର୍ଗାମାଧବ ନାଏକ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ। ଚୟନକର୍ତ୍ତା ଭାବେ ପୁରାତନ ଫୁଟବଲ ଖେଳାଳୀ ମନୋଜ କୁମାର ସୁନାନି ଓ ଚିତ୍ତରଞ୍ଜନ ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଜାତୀୟ ସନ୍ତୋଷ ଟ୍ରଫି ଖେଳାଳୀ ଜମିର ଓରାମଙ୍କ ଗୋଡ ଭାଙ୍ଗିଥିବାରୁ ଚିକିତ୍ସା ପାଇଁ ଜିଲା କ୍ରୀଡ଼ା ସଂସଦ ତରଫରୁ ୧୦୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଜୟ ଜଗନ୍ନାଥ ଟ୍ରକସ୍ ଆସୋସିଏସନ୍ ଅଧ୍ୟକ୍ଷ ତଥା ମାତାରାନୀ ଟ୍ରାନ୍ସପୋର୍ଟ ଓ ମାତାରାନୀ ରିସୋର୍ସେସ ପ୍ରାଇଭେଟ୍ ଲିମିଟେଡର ନିର୍ଦ୍ଦେଶକ ବିଶିଷ୍ଟ ବ୍ୟବସାୟୀ ସଞ୍ଜୟ ନନ୍ଦ ଯୋଗଦେଇଥିବା ବେଳେ ସ୍ୱତନ୍ତ୍ର ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ ଯୋଗ ଦେଇଥିଲେ। ସମାପନୀ ଉତ୍ସବ ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ସାଧାରଣ ସମ୍ପାଦକ ପ୍ରଭାତ ଭୋଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଂସଦର ସହ ସମ୍ପାଦକ ଜୟଦେବ ପାତ୍ର, ବିମଳ କୁମାର ବୋଷ, ଅଶ୍ୱିନୀ କୁମାର ଭୋଳ, କୋଷାଧ୍ୟକ୍ଷ ଦୁର୍ଗାମାଧବ ନାଏକ, ଫୁଟବଲ ସମ୍ପାଦକ ରାଜେନ୍ଦ୍ର ପଣ୍ଡା, ସଂସଦର ସଦସ୍ୟ ରୋମାଞ୍ଚ ଭୈଇଁସାଲ୍, ସୁରଜ୍ ଭୈଷାଲ, ପ୍ରମୁଖଙ୍କ ସହଯୋଗରେ ସମାପିତ ହୋଇଥିଲା। ସଦସ୍ୟ ନିତ୍ୟ କୁମାର ବଳ ମଞ୍ଚ ପରିଚାଳନା କରିଥିଲେ।

## ଲୋକକଳା ମାଧ୍ୟମରେ ଯୋଜନା ପ୍ରଚାର ହେବ

**ସମ୍ବଲପୁର,୫।୧୦ (ଶୁଭାଶିଷ ପାଢ଼ୀ)**

ବିଭିନ୍ନ ସରକାରୀ ଯୋଜନା ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ପାଇଁ ଲୋକକଳା ଏକ ବଳିଷ୍ଠ ମାଧ୍ୟମ। ଜନସାଧାରଣ ଯେପରି ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବଗତ ହେବେ ସେଥିପାଇଁ ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ଜାମମାଲ ପଞ୍ଚାୟତଠାରେ ସଂସାଧନ ସଭ୍ୟମାନଙ୍କର ୨ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜିଲା ପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜ ଏହାକୁ ଉଦ୍‌ଘାଟନ କରିଥିଲେ। ବିଡିଓ ଅଲେଖ ଘୁଙ୍ଗା, ଜିଲା ସଂସ୍କୃତି ଅଧିକାରୀ ଅନିଲ କେର୍କେଟା, ଡିଆଇପିଆର୍‌ଓ ଅଜୟ ଜେନା, ଜିଲା କଳା ସଂସ୍କୃତି ସଂଘ ଉପସଭାପତି ସୁରଙ୍ଗ ପଧାନ ଅତିଥି ଥିଲେ। ବିଭାଗୀୟ ଅଧିକାରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମଧୁବାବୁ ପେନ୍‌ସନ, ମିଶନ ଶକ୍ତି, ଫସଲ ବୀମା ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

## ଚାପରେ ରହିଲେ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥାଏ

**ସମ୍ବଲପୁର,୫।୧୦ (ଶୁଭାଶିଷ ପାଢୀ)**

ମାନସିକ ଚାପ ନିୟନ୍ତ୍ରଣ ପାଇଁ ଷ୍ଟ୍ରେସ ମ୍ୟାନେଜମେଣ୍ଟର ବିଭିନ୍ନ ପ୍ରଣାଳୀ ସମ୍ପର୍କରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସହ ପ୍ରତିଷ୍ଠାତା ଡ. ଆର୍.କେ.ଏସ୍. ମଙ୍ଗେସ ଦାଶଙ୍କ ଅଧ୍ୟକ୍ଷତାରେ ଝାରସୁଗୁଡା ଡିଏମ୍‌ଏଫ୍ ଅଡିଟୋରିୟମରେ କାର୍ଯ୍ୟକ୍ରମ ହୋଇଥିଲା। ଜିଲାପାଳ ଆବୋଲି ସୁନିଲ ନରୱଣେ, ଆରକ୍ଷୀ ଅଧୀକ୍ଷକ ସ୍ମିତ ପି ପରମାର ଉପସ୍ଥିତ ଥିଲେ। ଚାପରେ ରହିଲେ ମଣିଷର କାର୍ଯ୍ୟଦକ୍ଷତା ବାଧାପ୍ରାପ୍ତ ହୋଇଥାଏ ବୋଲି କହିଥିଲେ। ପାୱାର ପଏଣ୍ଟ ପ୍ରଦର୍ଶନ ପୂର୍ବକ ଡ. ଦାଶ ଚାପ ନିୟନ୍ତ୍ରଣର କୌଶଳ ସମ୍ପର୍କରେ



ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀ ।

ବୁଝାଇଥିଲେ। ଜିଲାପାଳ ନରୱଣେ ଅଧିକାରୀ ଓ କର୍ମଚାରୀମାନଙ୍କୁ ଚାପ ନିୟନ୍ତ୍ରଣ ପାଇଁ ନିୟମିତ ଭାବେ କୌଶଳ ଶିକ୍ଷା ଲାଭ ପୂର୍ବକ କାର୍ଯ୍ୟରେ ସ୍ଥିରତା ଓ ଦକ୍ଷତା ବୃଦ୍ଧି ସକାଶେ ପରାମର୍ଶ ଦେଇଥିଲେ। ଆଇଏଏସ୍ ପ୍ରୋବେସନ ସସ୍ୟା ରେଡ୍ଡୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ, ପ୍ରବନ୍ଧକ ନିର୍ଦ୍ଦେଶକ (ପୁନର୍ବାସ ଓ ଥଇଥାନ) ଆଲୋମଣୀ ସେଠୀ, ଉପଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ଭୁଲ୍ ଚିକିତ୍ସା ନେଲା ଜୀବନ

**କୁତ୍ରା,୫।୧୦(ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଗଏରବାହାଲ ଉପ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଫାର୍ମାସିଷ୍ଟ ସଚିନ୍ଦ୍ରନାରାୟଣ ସାହୁଙ୍କ ଭୁଲ ଚିକିତ୍ସା ପାଇଁ ଗୋଟିଏ ଜୀବନ ଚାଲିଯାଇଛି। ଏନେଇ ପରିବାର ଲୋକେ କୁତ୍ରା ଥାନାରେ ଅଭିଯୋଗ କରିଛନ୍ତି। ମୃତକ ହେଲେ ଝାଡ଼ଖଣ୍ଡ କାଦୋପାନି ଗ୍ରାମର ବଳରାମ ସିଂ(୫୫)। ସୂଚନାଯୋଗ୍ୟ, ବଳରାମ ଗତ ୩ ବର୍ଷ ଧରି ତାଙ୍କ ଶ୍ୱଶୁର ଘର ନୂଆଗାଁ ଗ୍ରାମରେ ରହୁଥିଲେ। ତାଙ୍କୁ ଜ୍ୱର ହେବାରୁ ବୁଧବାର ତାଙ୍କ ପରିବାର

### ଅଭିଯୋଗ କଲେ ପରିବାର ବର୍ଗ

ବର୍ଗ ଗଏରବାହାଲ ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନେଇଥିଲେ। ସେଠାରେ କାର୍ଯ୍ୟରତ ଫାର୍ମାସିଷ୍ଟ ସାହୁ ଦେଖିବା ପରେ ତାଙ୍କୁ ସାଲାଇନ,ଇଞ୍ଜେକସନ ଦେଇ ଚିକିତ୍ସା କରିଥିଲେ। ଗୁରୁବାର ପୁଣି ଡାକ୍ତର ଖାନା ଆସିବା ପରେ ଫାର୍ମାସିଷ୍ଟ ଜଣକ ପରିବାର ଲୋକଙ୍କଠାରୁ ୮୨୦ ଟଙ୍କା ନେଇ ତାଙ୍କ ଘରୁ ଇଞ୍ଜେକସନ ଆଣି ଚିକିତ୍ସା କରିଥିଲେ। ଇଞ୍ଜେକସନ ଦେବାର କିଛି ସମୟ ପରେ ବଳରାମଙ୍କ ଦେହ ହଠାତ ଅସୁସ୍ଥ ହୋଇ ପଡିଥିଲା। ଫାର୍ମାସିଷ୍ଟ ସାହୁଙ୍କୁ ଡାକିବାରୁ ସେ ପୁଣି ତାଙ୍କୁ ସାଲାଇନ ଦେଇଥିଲେ। ତେବେ ତାଙ୍କର କୌଣସି ପରିବର୍ତ୍ତନ ନ ହେବାରୁ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ବର୍ଗ ଫାର୍ମାସିଷ୍ଟଙ୍କ ବିରୋଧରେ କୁତ୍ରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା( ନଂ ୩୨।୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ରାଜଗାଙ୍ଗପୁର ମର୍ଗ ହାଉସ ପଠାଇ ତଦନ୍ତ ଚଳାଇଛି। ଜଣେ ଫାର୍ମାସିଷ୍ଟ ହୋଇ ଡାକ୍ତରଙ୍କ ପରି କିପରି ଚିକିତ୍ସା କରୁଥିଲେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଫାର୍ମାସିଷ୍ଟଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି। ଏନେଇ ମେଡିକାଲ ଇନଚାର୍ଜ ଶୀକ୍ରାନ୍ତ ଟପ୍ପୋଙ୍କୁ ପଚାରିବାରୁ, ଟ୍ରେନିଂରେ ଭୁବନେଶ୍ୱର ଆସିଥିବା କହିଥିଲେ। ସେହିପରି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଧରଣୀ ରଞ୍ଜନ ଶତପଥୀଙ୍କୁ ଯୋଗାଯୋଗ କରିବାରୁ, ଏନେଇ ବର୍ତ୍ତମାନ ସୁଦ୍ଧା ତାଙ୍କ ପାଖରେ କୌଣସି ଖବର ନ ଥିବା କହିଥିଲେ। ଯଦି ଅଭିଯୋଗ ହୋଇଥାଏ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ତଦନ୍ତ ରିପୋର୍ଟ ପରେ ଫାର୍ମାସିଷ୍ଟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶତପଥୀ କହିଥିଲେ।

## ସଂକ୍ଷେପରେ

### ଲୋକଙ୍କ ସମସ୍ୟା ଦୂର ଉପରେ ଗୁରୁତ୍ୱ ଦିଆଯିବ

ସମ୍ବଲପୁର,୫।୧୦ (ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକରେ ବିଜୟ ସାଏ ନୂତନ ବିଡିଓ ଭାବେ ଯୋଗଦାନ କରିଛନ୍ତି। ପୂର୍ବତନ ବିଡିଓ ନୀଳାମ୍ବର ମହାନନ୍ଦଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବ୍ଲକ ଅଧ୍ୟକ୍ଷା ମମତା ନାଏକଙ୍କ ସମେତ ଅନ୍ୟ ଅଧିକାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ଯୋଗଦାନ ପରେ ବିଡିଓ ସାଏ କହିଛନ୍ତି, ବ୍ଲକର ସାଧାରଣ ଲୋକଙ୍କ ସମସ୍ୟା ଦୂର କରିବା ଉପରେ ଗୁରୁତ୍ୱ ଦିଆଯିବ। ମୌଳିକ ସୁବିଧା ପହଞ୍ଚିବା ନେଇ କର୍ମଚାରୀ, ଅଧିକାରୀ ଓ ଜନପ୍ରତିନିଧିଙ୍କୁ ସାଙ୍ଗରେ ନେଇ କାମ କରାଯିବ। ଚାଲୁଥିବା ପ୍ରକଳ୍ପ ତ୍ୱରାନ୍ୱିତ କରି ସମ୍ପୂର୍ଣ୍ଣ କରାଯିବ ବୋଲି କହିଥିଲେ।

### ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ଛତା ବଣ୍ଟନ

ସମ୍ବଲପୁର,୫।୧୦(ବି.ଶଙ୍କର)

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ) ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ଗୁରୁବାର ଛତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏମ୍‌ସିଏଲ୍ ଜାଗୃତି ବିହାର କଲୋନୀରେ ଘରୋଇ କାମ କରୁଥିବା ମହିଳାଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମ କରାଯାଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାନେତ୍ରୀ ପଦ୍ମଜା ସିଂ, ଉପସଭାନେତ୍ରୀ ସରିତା ପଟେଲ, ଆଲପାନା ଶୁକ୍ଲା ରାଓ ଓ ଅଞ୍ଜଳି ବାପଟ ଯୋଗଦେଇଥିଲେ।

# ଭିମ୍‌ସାରରେ ସୁରକ୍ଷାକର୍ମୀ-ଡାକ୍ତରୀ ଛାତ୍ର ଗଣ୍ଡଗୋଳ

- ୨ ଆହତ, ଉତ୍ତେଜନା
- ଗୁରୁବାର ହେବାକୁ ଥିବା ପରୀକ୍ଷା ବାତିଲ
- ଘରୋଇ ସୁରକ୍ଷାକର୍ମୀ ବଦଳରେ ପୋଲିସ ବ୍ୟବସ୍ଥା ଯୋଜନା

ସମ୍ବଲପୁର,୫।୧୦ (ଶୁଭାଶିଷ ପାଢ଼ୀ)

ସମ୍ବଲପୁର ବୁର୍ଲାସ୍ଥିତ ଭିମ୍‌ସାର ମେଡିକାଲ କଲେଜରେ ବୁଧବାର ବିଳମ୍ବିତ ରାତିରେ ଡାକ୍ତରୀ ଛାତ୍ର ଓ ସୁରକ୍ଷା କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏଥିରେ ଡାକ୍ତରୀ ଛାତ୍ର ପ୍ରନିତ କୁମାର ପୂଜାରୀ ଓ ସୁରକ୍ଷା କର୍ମୀ ସରୋଜ ତାଣ୍ଡିଆ ଆହତ ହୋଇଛନ୍ତି। ଘଟଣାକୁ ନେଇ ଉତ୍ତେଜନା ଲାଗିରହିଥିବାରୁ ଗୁରୁବାର ହେବାକୁ ଥିବା ଏମ୍‌ବିବିଏସ୍ ଇଣ୍ଟରନାଲ ପରୀକ୍ଷା ବାତିଲ କରାଯାଇଛି। ସୁରକ୍ଷା କର୍ମୀମାନେ କାର୍ଯ୍ୟବନ୍ଦ କରି ଡାକ୍ତରୀ ଛାତ୍ରଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ଅନୁରୂପ ଭାବେ ଡାକ୍ତରୀ ଛାତ୍ରମାନେ ମଧ୍ୟ ସୁରକ୍ଷାକର୍ମୀଙ୍କ ବିରୋଧରେ ଏତଲା ଦେଇଛନ୍ତି। ଅଭିଯୋଗକୁ ଆଧାର କରି ପୋଲିସ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଭିମ୍‌ସାର ଅଧୀକ୍ଷକ ଜୟଶ୍ରୀ ଦୋରା କହିଛନ୍ତି, ମେଡିକାଲ କଲେଜରେ ଏହି ଘଟଣାକୁ ନେଇ ଏକ ଜରୁରୀ ବୈଠକ ହୋଇଥିଲା। ବୈଠକରେ ଘରୋଇ ସୁରକ୍ଷାକର୍ମୀ ସଂସ୍ଥାକୁ ବାଦ୍ ଦେବା ସହ ସେମାନଙ୍କ ନାମରେ ଥିବା ଆପରାଧିକ ମାମଲା ଯାଞ୍ଚ ନେଇ ଡାକ୍ତରୀ ଛାତ୍ରମାନେ ଦାବି କରିଥିଲେ। ତଦନୁସାରେ ସୁରକ୍ଷା କର୍ମୀ ସଂଖ୍ୟା ହ୍ରାସ ସହ ପୋଲିସ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସେ କହିଥିଲେ। ଅନ୍ୟପଟେ ହୀରାକୁଦ ଏସ୍‌ଡିପିଓ ସତ୍ୟବ୍ରତ ଦାସ କହିଛନ୍ତି, କୌଣସି କାରଣକୁ ନେଇ ଡାକ୍ତରୀ ଛାତ୍ର ଓ ସୁରକ୍ଷା କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଜଣେ ଡାକ୍ତରୀ ଛାତ୍ର ଓ ସୁରକ୍ଷାକର୍ମୀ ଆହତ ହୋଇଛନ୍ତି। ଅଭିଯୋଗକ୍ରମେ ଦୁଇଟି ମାମଲା ରୁଜୁ ହୋଇଥିବାବେଳେ ମେଡିକାଲ କର୍ତ୍ତୃପକ୍ଷଙ୍କ ଅଭିଯୋଗକ୍ରମେ ଆଉ ଏକ ମାମଲା ରୁଜୁ ହୋଇଛି।


ଆହତ ଡାକ୍ତରୀ ଛାତ୍ର।


ଭିମ୍‌ସାର ପରିସରରେ ପୋଲିସ ମୁତୟନ।

ଆହତ ଡାକ୍ତରୀ ଛାତ୍ର ପୂଜାରୀଙ୍କ ଅଭିଯୋଗ କ୍ରମେ ତାଙ୍କ ସାଙ୍ଗ ବିଭୂତି ଭୂଷଣ ଦାସ ଚିକିତ୍ସା ପାଇଁ କାଜୁଆଲିଟିକୁ ଯାଇଥିଲେ। ସେଠାରେ ସୁରକ୍ଷାକର୍ମୀଙ୍କ ଏକ ଗୋଷ୍ଠୀ ତାଙ୍କୁ ଲାଠିରେ ଆକ୍ରମଣ କରିଥିଲେ। ଏହି ସମୟରେ ଡାକ୍ତରୀ ଛାତ୍ର ଗୌରୀ ବେହେରା ଓ ଶ୍ରୀନିବାସ ପ୍ରଧାନ ସେଠାରେ ପହଞ୍ଚି ସୁରକ୍ଷା ଦେବାକୁ ଚେଷ୍ଟା କରିଥିଲେ। ହେଲେ ସେମାନଙ୍କୁ ମଧ୍ୟ ସୁରକ୍ଷା କର୍ମୀମାନେ ଲାଠିରେ ଆକ୍ରମଣ ସହ ଗୋଇଠା, ବିଧା ମାରିଥିଲେ। ସୁରକ୍ଷାକର୍ମୀଙ୍କ ଏଭଳି ଆପରାଧିକ କାର୍ଯ୍ୟ ବାରମ୍ବାର ଭିମ୍‌ସାରରେ ହେଉଛି। ଡାକ୍ତରମାନେ ଏଠି ସୁରକ୍ଷିତ ନାହାନ୍ତି। ତେଣୁ ସୁରକ୍ଷା ଏଜେନ୍ସି ଓ ଏଥିରେ ସମ୍ପୃକ୍ତ ଥିବା ସୁରକ୍ଷାକର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ନଚେତ ଆଗାମୀ ଦିନରେ କାର୍ଯ୍ୟରୁ ଦୂରେଇ ରହିବେ ବୋଲି ଉଲ୍ଲେଖ କରିଛନ୍ତି। ଅନ୍ୟପଟେ ସୁରକ୍ଷାକର୍ମୀ ସରୋଜ ତାଣ୍ଡିଆ ଅଭିଯୋଗ କରିଛନ୍ତି, ଏକ୍‌ଜିକ୍ୟୁଟିଭ ସୁରକ୍ଷା ସଂସ୍ଥାରେ କାମ କରୁଛି। ଛାତ୍ରାବାସ-୧ରେ ଡ୍ୟୁଟିରେ ଥିବାବେଳେ ବୁଧବାର ରାତି ୨ଟାରେ ଡାକ୍ତରୀ ଛାତ୍ର ସିଦ୍ଧାର୍ଥ ପତି ଓ ଅନ୍ୟ ଡାକ୍ତରମାନେ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିଥିଲେ। ଆଣ୍ଠେଇବାକୁ କହିଥିଲେ। ଏପରି କି ଅସଭ୍ୟ ଭାଷାରେ ଗାଳିକରି ମାଡ଼ ମାରିଥିଲେ। ଜୀବନ ବିକଳରେ ଦୌଡ଼ି ପଳାଇ ଆସିଥିଲି। ଚିକିତ୍ସା ପାଇଁ କାଜୁଆଲିଟି ଯାଇଥିଲି। ହେଲେ ସେଠାରେ ଚିକିତ୍ସା କରିବାକୁ ମନା କରିଦେଇଥିଲେ। ତେଣୁ ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଛି। ଜୀବନ ପ୍ରତି ବିପଦ ଥିବାରୁ ସୁରକ୍ଷା ସାଙ୍ଗକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଅନୁରୋଧ କରିଥିଲେ।

ଘଟଣାକୁ ନେଇ ପଶ୍ଚିମ ଓଡ଼ିଶା ସୁରକ୍ଷା କର୍ମୀ ସଂଘ ପକ୍ଷରୁ ବୁର୍ଲା ଥାନା ଘେରାଉ କରାଯାଇଥିଲା। ସଂଘ କର୍ମକର୍ତ୍ତା ଦର୍ଶାଇଥିଲେ, ଭିମ୍‌ସାରରେ କେତେଜଣ ଡାକ୍ତରୀ ଛାତ୍ର ନିଶାସକ୍ତ ଅବସ୍ଥାରେ ସୁରକ୍ଷାକର୍ମୀଙ୍କୁ ଆକ୍ରମଣ କରିଥିଲେ। ସୁରକ୍ଷା କର୍ମୀଙ୍କ ଅଫିସରେ ମଧ୍ୟ ଭଙ୍ଗାରୁଜା କରିଛନ୍ତି। କାର୍ଯ୍ୟାନୁଷ୍ଠାନ ଦାବି କରି କାର୍ଯ୍ୟବନ୍ଦ କରିଥିବା କହିଛନ୍ତି। ସଂଘ ସଭାପତି ସୁନୀଲ ବେହେରା, କାର୍ଯ୍ୟକାରୀ ସଭାପତି ଦେବଜ୍ୟୋତି ପଟ୍ଟନାୟକ, ସୁରେଶ ନାଗ, ସୁମିତ ବଗର୍ତ୍ତୀ, ନାରାୟଣ ଦାସ, ସୂର୍ଯ୍ୟ ସେଟ, ପ୍ରଶାନ୍ତ ତାଣ୍ଡି, ହରିହର କୁମ୍ଭାର, ବାବୁ ବେହେରା, ନନ୍ଦିନୀ କାଣ୍ଡ, ଯମୁନା ଶିଖା, ସୁଜାତା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### କଳା ପରିଷଦର ନୂଆଁଖାଇ ଭେଟ୍‌ଘାଟ୍

କୁଚିଣ୍ଡା,୫।୧୦(ବିରଞ୍ଚି ଦର୍କା)

କୁଚିଣ୍ଡା ବ୍ଲକ ଅନ୍ତର୍ଗତ କିରାଶାସନଠାରେ ନବନିର୍ମିତ ସ୍ୱପ୍ନସାଗର କଳା ପରିଷଦ ମଣ୍ଡପରେ ଗୁରୁବାର ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ଅରୁଣ କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ପୂର୍ବତନ ବିଧାୟକ ରବିନାରାୟଣ ନାଏକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ନୂତନ ପରିଷଦ କାର୍ଯ୍ୟାଳୟ ଓ ନୂଆଁଖାଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏଥିରେ କୁଟୁରାଚୁଆଁ ସରପଞ୍ଚ ପଦ୍ମାବତୀ କିଷାନ, ନାଟ୍ୟକାର ଦୁର୍ଗାପ୍ରସାଦ ପଟ୍ଟନାୟକ, ଅବସରପ୍ରାପ୍ତ ଶିକ୍ଷକ ନୃପଲାଲ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂଆଁଖାଇ ପରମ୍ପରା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ସୌକିତ ମହାପାତ୍ର ସ୍ୱାଗତ ଭାଷଣ, ଉପସଭାପତି ନୀଳାଞ୍ଚଳ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଉପଦେଷ୍ଟା ପ୍ରତାପ ଶେଖର ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ଯମୁନା ପୁରୋହିତ ଓ ଗୀତିକାର ଖଗେଶ୍ୱର ସେନାପତି ବିଚାରକ କାର୍ଯ୍ୟ ତୁଲାଇଥିଲେ।

# ୧ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ୩ ଗିରଫ

ରେଢ଼ାଖୋଲ,୫।୧୦ (ଅଚ୍ୟୁତାନନ୍ଦ ପୁରୋହିତ)

ରେଢାଖୋଲ ଅବକାରୀ ବିଭାଗ ଗୁରୁବାର ଚଢାଉ କରି ଏକ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ସହ ଏକ ୱିଙ୍ଗର ଗାଡ଼ିକୁ ଜବତ କରିଛି। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ ବିହାର ରାଜ୍ୟର ଗୌତମ କୁମାର, ଲବକୁଶ ରାମ ଓ ରେଢାଖୋଲ ଥାନା ଆମ୍ବଝରି ଗ୍ରାମର ପଙ୍କଜ ପ୍ରଧାନ। ଫୁଲବାଣୀରୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ସୂଚନା ପାଇ ଅବକାରୀ ବିଭାଗ କର୍ମଚାରୀ ରେଢାଖୋଲ-ବୌଦ୍ଧ ରାସ୍ତାର କଦଳିଗଡ ଟୋଲଗେଟ ନିକଟରେ ଛକିରହିଥିଲେ। ଅଭିଯୁକ୍ତମାନେ ଅବକାରୀ ଟିମ୍‌କୁ ଦେଖି ଜଙ୍ଗଲକୁ ୱିଙ୍ଗର ଗାଡିକୁ ନେଇଯାଇଥିଲେ।


ଜବତ ଗଞ୍ଜେଇ ବୋଝେଇ ଭ୍ୟାନ୍ ଓ ଗିରଫ ୩ ଅଭିଯୁକ୍ତ।

ତେବେ କର୍ମଚାରୀମାନେ ପିଛାକରି ଗଞ୍ଜେଇ ଜବତ ସହ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ସେହିପରି ଏକ ବାଇକ୍ ଯୋଗେ ୫ କେଜି ଗଞ୍ଜେଇ ଚୋରାଚାଲାଣ କରୁଥିବା ପଙ୍କଜ ମଧ୍ୟ କର୍ମଚାରୀଙ୍କ ହାତରେ ଧରାପଡିଥିଲେ। ଓଆର ୧୫କ୍ୟୁ୦୪୨୯ନଂ. ଗାଡି ଜବତ ହୋଇଥିଲେ ମଧ୍ୟ ଏହା ନକଲି ବୋଲି ଜଣାପଡିଛି। ଗାଡିରୁ ଆଉ ୩ଟି ନମ୍ବର ପ୍ଲେଟ ଜବତ ହୋଇଛି। ଚଢାଉରେ ଅବକାରୀ ଇନ୍ସପେକ୍ଟର ଯାଦବ ପ୍ରଧାନ, ପବିତ୍ର ମୋହନ ମାଝି, ଏଏସ୍‌ଆଇ ସଞ୍ଜୟ ବରିହା, ବନମାଳି ବେହେରାଙ୍କ ସମେତ କର୍ମଚାରୀମାନେ ସାମିଲ ହୋଇଥିଲେ।

### କେଶାପାଲିରେ ଘରେ ଘରେ କଂଗ୍ରେସ କାର୍ଯ୍ୟକ୍ରମ

ସମ୍ବଲପୁର,୫।୧୦(ଶୁଭାଶିଷ ପାଢ଼ୀ)

ଜିଲା କଂଗ୍ରେସ ପକ୍ଷରୁ ରେଢାଖୋଲ ନିର୍ବଚନ ମଣ୍ଡଳୀ ଝୁଝୁମୁରା ବ୍ଲକରେ ଘରେଘରେ କଂଗ୍ରେସ ଘରେ ଘର ହାତ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଘରକୁ ଯାଇ ପ୍ରଚାର କରିବା ସହିତ ଗ୍ରାମରେ ସାଧାରଣ ସଭା କରାଯାଇଥିଲା। ପୂର୍ବତନ ଜିଲା ସଭାପତି ଆସଫ ଅଲ୍ଲି ଖାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ସଭାପତି ରାଜେନ୍ଦ୍ର ଛତ୍ରିଆ, ସୁରେଶ ପ୍ରଧାନ, ସୁତପା ମିତ୍ର, ଗୋବିନ୍ଦ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। କେଶାପାଲି ଗ୍ରାମରେ ଶୋଭାଯାତ୍ରା କରି ଲୋକଙ୍କ ସହିତ ଆଲୋଚନା କରିଥିଲେ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଫଳତା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ୨୦୨୪ ନିର୍ବାଚନରେ କଂଗ୍ରେସ ଜନତାଙ୍କ ଭରସା ଜିଣି କଂଗ୍ରେସ ବିଜୟୀ ହେବ। କଂଗ୍ରେସ ଶାସିତ ରାଜ୍ୟଗୁଡିକ ଭଳି ରାଜ୍ୟବାସୀଙ୍କୁ ସମସ୍ତ ସୁବିଧା ମିଳିବ। ଏବେ ସମସ୍ତ ସରକାରୀ ଯୋଜନାକୁ ବାଟମାରଣା କରାଯାଉଛି। ନେତା ଓ ଅଧିକାରୀ ମାଲେମାଲ ହେଉଛନ୍ତି ବୋଲି ନେତାମାନେ କହିଥିଲେ। ଗ୍ରାମଗୁଡିକରେ ନେତାମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା।

# ସାଂସ୍କୃତିକ କାର୍ଯ୍ୟକ୍ରମ, ରାଲିରେ ସଚେତନତା

### ଝୁଝୁମୁରା ପୋଲିସର ସାଇବର ସୁରକ୍ଷା ଅଭିଯାନ

ସମ୍ବଲପୁର,୪।୧୦ (ଶୁଭାଶିଷ ପାଢ଼ୀ)

ସାଇବର ଅପରାଧ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏଡି ପରପ୍ରେକ୍ଷୀରେ ଝୁଝୁମୁରା ଅଞ୍ଚଳର ବିଭିନ୍ନ ସ୍ଥାନରେ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଝୁଝୁମୁରା ହାଇସ୍କୁଲ, କଲେଜ, ଫୁଲଝରନ ହାଇସ୍କୁଲରେ ରାଲି ହୋଇଥିବାବେଳେ ଝୁଝୁମୁରା ବସ୍‌ଷ୍ଟାଣ୍ଡ ଛକରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯାଇଥିଲା। ଥାନା ଅଧିକାରୀ ବାମଦେବ ଶଙ୍ଖୁଆଳ ସଭାପତିତ୍ୱ କରିଥିଲେ। ରେଢ଼ାଖୋଲ ଏସ୍‌ଡିପିଓ ପି.କେ. ମେହେର, ଝୁଝୁମୁରା ବ୍ଲକ ଅଧ୍ୟକ୍ଷା ମମତା ନାଏକ ଅତିଥିଭାବେ ଯୋଗଦେଇଥିଲେ। ସମସ୍ତ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ। ଶିକ୍ଷାର୍ଥୀମାନେ ଅଧିକ ସଚେତନ ହେଲେ ସମାଜରୁ ସାଇବର ଅପରାଧ ହ୍ରାସ ପାଇବ। ଇଣ୍ଟରନେଟ୍ ବ୍ୟବହାରର ନୈତିକ ନିୟମ, ସୋସିଆଲ ମିଡିଆ ବ୍ୟବହାର କ୍ଷେତ୍ରରେ ସତର୍କତା, ଗେମିଂ ଆପ୍ଲିକେଶନ, ଆର୍ଥିକ କାରବାର ଜନିତ ସୁରକ୍ଷା, ଶିଶୁ ପର୍ନୋଗ୍ରାଫି, ପ୍ରତିଶୋଧକ ମୂଳକ ପର୍ନୋଗ୍ରାଫି ଭଳି ବିଭିନ୍ନ ବିଷୟରେ ଅତିଥିମାନେ ବୁଝାଇଥିଲେ। ଶିକ୍ଷାର୍ଥୀମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ସହ ସାଇବର ବୃତ୍ତ ଚିତ୍ର ପ୍ରଦର୍ଶନ କରାଯାଇ ସଚେତନତା ସୃଷ୍ଟି କରାଯାଇଥିଲା। ସାଇବର ଅପରାଧ ପାଇଁ ପୋଲିସର ହେଲ୍ପ ଲାଇନ ନମ୍ବର ୧୯୩୦ ବ୍ୟବହାର ପାଇଁ କୁହାଯାଇଥିଲା।


ଝୁଝୁମୁରା ପୋଲିସର ସାଇବର ସୁରକ୍ଷା ଅଭିଯାନ ।

# ପୁନେଠାରେ ନୂଆଁଖାଇ ଭେଟ୍‌ଘାଟ୍

ସମ୍ବଲପୁର,୫।୧୦(ବି.ଶଙ୍କର)

ମହାରାଷ୍ଟ୍ର ରାଜ୍ୟର ପୁନେଠାରେ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ଇଷ୍ଟଦେବୀ ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇ ମା'ଙ୍କଠାରେ ନୂଆଁ ଧାନରୁ ପ୍ରସ୍ତୁତ ଭୋଗ ଅର୍ପଣ କରାଯାଇଥିଲା। ଏହାପରେ ପ୍ରବାସୀ ପଶ୍ଚିମ ଓଡିଶାବାସୀ ପରସ୍ପରକୁ ନୂଆଁଖାଇ ଶୁଭେଚ୍ଛା ଜଣାଇଥିଲେ। ମହିଳାମାନେ ସମବେତ ଭାବେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ସେହିପରି ବରଗଡ ଜିଲା ଶରଧାପାଲି ଗ୍ରାମର କଳାକାରଙ୍କ ସମ୍ବଲପୁରୀ ନୃତ୍ୟ, ଗୀତ ଓ ବାଦ୍ୟରେ ଦୁଲିକି ଉଠିଥିଲା ମଞ୍ଚ। ନୃତ୍ୟ, ଗୀତ ଓ ବାଦ୍ୟର ତାଳେ ତାଳେ ମହିଳା, ବାଳିକା, ବାଳକ ଓ ପୁରୁଷମାନେ ନୃତ୍ୟ କରିଥିଲେ । ଏହି ଅବସରରେ ବାଳିକା ଓ ବାଳକମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ରଙ୍ଗୋଲି, ନୃତ୍ୟ ଓ ସଂଗୀତ ପ୍ରତିଯୋଗିତା ହୋଇଥିଲା । କୃତୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ।



ନୂଆଁଖାଇ ଭେଟ୍‌ଘାଟରେ ସ୍ୱାଗତ ସଂଗୀତ ପରିବେଷଣ କରାଯାଉଛି।

### ସାଇବର ସୁରକ୍ଷା ସଚେତନତା

ସମ୍ବଲପୁର,୫।୧୦(ବି.ଶଙ୍କର)

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ପକ୍ଷରୁ ସାଇବର ସୁରକ୍ଷା ସଚେତନତା ଉପରେ ଦିନିକିଆ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏମ୍‌ସିଏଲ୍ କାର୍ମିକ ନିର୍ଦ୍ଦେଶକ କେଶବ ରାଓ ଯୋଗଦେଇ କର୍ମଶାଳାର ଶୁଭାରମ୍ଭ କରିଥିଲେ। ମୁଖ୍ୟ ଭିଜିଲାନ୍ସ ଅଧିକାରୀ ପି.କେ. ପଟେଲ, ନିର୍ଦ୍ଦେଶକ (ବୈଷୟିକ/ଅପରେଶନ) ଜେ.କେ. ବୋରା, ନିର୍ଦ୍ଦେଶକ (ଅର୍ଥ) ଏ.କେ. ବେହୁରା, ନିର୍ଦ୍ଦେଶକ (ବୈଷୟିକ/ପିଆଣ୍ଡପି) ଏ.କେ. ବାପଟଙ୍କ ସମେତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି କର୍ମଶାଳା ବ୍ୟକ୍ତିବିଶେଷଙ୍କ ପାଇଁ ସାଇବର ନିରାପତ୍ତାର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିଥିଲା। ସାଇବର ସୁରକ୍ଷା ଓ ଏହାର ଗୁରୁତ୍ୱ ଶୀର୍ଷକ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

# ବାଲ୍ୟବିବାହ ନିରାକରଣ ସଚେତନତା କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

ଜମନକିରା,୫।୧୦ (ରବୀନ୍ଦ୍ର ପ୍ରସାଦ ଦାନି)

ଜମନକିରା ବ୍ଲକ ସାମ୍ବାଦିକ ସଂଘ ସଭାଗୃହରେ ଗୁରୁବାର ବାଲ୍ୟବିବାହ ନିରାକରଣ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ସିଡି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଡିର ପ୍ରକଳ୍ପ ନିର୍ଦ୍ଦେଶକ ଭୁବନେଶ୍ୱର ଦ୍ୱିବେଦୀ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବକୀ ନାଏକ ମୁଖ୍ୟ ଅତିଥି ଓ ସିଡିପିଓ ପ୍ରାଣେଶ୍ୱରୀ ପାଣିଗ୍ରାହୀ, ଅବସରପ୍ରାପ୍ତ ଶିକ୍ଷକ ମାୟା କାଲୋ, କରଙ୍ଗପାଣି ପୂର୍ବତନ ସରପଞ୍ଚ ମନୋଜ ମାଝି, ପୂର୍ବତନ ଜିଲା ପରିଷଦ ସଦସ୍ୟ ଗୁରୁଚରଣ ପଟେଲ, ସାମାଜିକ କର୍ମୀ ଲକ୍ଷ୍ମୀଧର ବିନ୍ଧାଣି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ବାଲ୍ୟବିବାହର କୁପରିଣାମ, ଏହାର ନିରାକରଣ, ଆଇନଗତ ବ୍ୟବସ୍ଥା, କେଉଁଠାରେ ଅଭିଯୋଗ କରାଯିବ ସେ ନେଇ ପ୍ରଶ୍ନ ଉତ୍ତର ମାଧ୍ୟମରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ନିର୍ଦ୍ଦେଶକ ଦ୍ୱିବେଦୀ ପରିଚାଳନା କରିଥିବା ବେଳେ ସଂଯୋଜକ ସଞ୍ଜୟ କୁମାର ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତପନ କୁମାର ପ୍ରଧାନ, ବିନ୍ଦୁ ଛତର, ସୋଭାଗିନୀ ସାହୁ, ପ୍ରଦୀପ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଲଙ୍କାଚାଷ ପାଇଁ କୁଚିଣ୍ଡା ବ୍ଲକ ପାଇବ ଓଡିଓପି ଆୱାର୍ଡ

### ଇନ୍‌ଭେଷ୍ଟ ଇଣ୍ଡିଆ ପକ୍ଷରୁ ସମୀକ୍ଷା

କୁଚିଣ୍ଡା,୫।୧୦(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲାର କୁଚିଣ୍ଡା ବ୍ଲକରେ ହୋଇଥିବା ଲଙ୍କାଚାଷ ଉପରେ ବ୍ଲକକୁ ଇନ୍‌ଭେଷ୍ଟ ଇଣ୍ଡିଆ ପକ୍ଷରୁ ଓଡିଓପି ଆୱାର୍ଡ-୨୦୨୩ ପ୍ରଦାନ ନିମନ୍ତେ ବୁଧବାର ଏକ ସମୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦିଲ୍ଲୀ ଇନ୍‌ଭେଷ୍ଟ ଇଣ୍ଡିଆର ନାଭ୍ୟା ଏସ୍ ଛାବ୍ରା ଓ ଆକାଂକ୍ଷା କୁଚିଣ୍ଡା ବ୍ଲକ ଗସ୍ତକରି ଏହା ଉପରେ ତର୍ଜମା କରିଥିଲେ। ଏହି ଦୁଇ ଅଧିକାରୀ କୁଚିଣ୍ଡା ବ୍ଲକ ସଭାଗୃହଠାରେ ହୋଇଥିବା ବୈଠକରେ ଯୋଗଦେଇ ବ୍ଲକରେ ବିଗତ ବର୍ଷରେ ହୋଇଥିବା ଲଙ୍କାଚାଷ ଉପରେ ଆଲୋଚନା କରିଥିଲେ। ବୈଠକରେ କୁଚିଣ୍ଡା ବିଡିଓ ଅରୁଗୁଲା ସ୍ନେହା, ନିରଞ୍ଜନ ସା ଲଙ୍କାଚାଷ ସମ୍ବନ୍ଧରେ ଅଧିକାରୀ ଦ୍ୱୟଙ୍କୁ ଅବଗତ କରାଇଥିଲେ। ଏଥିରେ ସମ୍ବଲପୁର ଜିଲା ପରିଷଦର ସିଡିଓ ଧର୍ମେନ୍ଦ୍ର ମଲିକ, ଉପଜିଲାପାଳ ବିଭୂତି ଭୂଷଣ ନାୟକ, ଓର୍‌ମାସର ଶ୍ରୀମନ୍ତ ହୋତା, ଡିପିଏମ୍ ପୁଷ୍ପଶ୍ରୀ ନାୟକଙ୍କ ସମେତ ସରକାରୀ ଅଧିକାରୀ, କୃଷିମିତ୍ର, ଏମ୍‌ବିକେ ଓ ଚାଷୀମାନେ ଉପସ୍ଥିତ ଥିଲେ। ପରେ ଅଧିକାରୀମାନେ ମିଶନ ଶକ୍ତି କାଫେ, ମନ୍ତ୍ରୀମୁଣ୍ଡା ଲଙ୍କା ନର୍ସରି, କୁସୁମୀ ଶୀତଳଭଣ୍ଡାର ଓ ଲଙ୍କା ପାଉଡର ୟୁନିଟ୍, କୁନ୍ତରା ଲଙ୍କା ନର୍ସରି ଓ ବାୟୋ କ୍ଲଷ୍ଟର, କୁଚିଣ୍ଡା ଆର୍‌ଏମ୍‌ସି ପରିଦର୍ଶନ କରିଥିଲେ। ଏହାପରେ ବିଡିଓଙ୍କ କାର୍ଯ୍ୟାଳୟରେ ଲଙ୍କାଚାଷ ସମ୍ପର୍କିତ ସମସ୍ତ ଦସ୍ତାବିଜ ଦେଖି ସମ୍ବଲପୁର ଫେରିଥିଲେ।


ମିଶନ ଶକ୍ତି କାଫେ ପରିଦର୍ଶନ ଅବସରରେ ଅଧିକାରୀମାନେ।

# ୩ମାସ ହେଲା ପାନୀୟଜଳ ଯୋଗାଣ ବନ୍ଦ

### ଗ୍ରାମବାସୀଙ୍କ ଆନ୍ଦୋଳନ ଚେତାବନୀ

ନାକଟିଦେଉଳ,୫।୧୦ (ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ବ୍ଲକ ଗିରିଶ୍ଚନ୍ଦ୍ରପୁର ଗ୍ରା.ପ. ଅନ୍ତର୍ଗତ କଞ୍ଚନପୁର ଗ୍ରାମକୁ ୩ମାସ ହେଲା ପାନୀୟଜଳ ଯୋଗାଣ ବନ୍ଦ ରହିଛି। ଏ ସମ୍ପର୍କରେ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳିନାହିଁ। ଫଳରେ ପାଣି ପାଇଁ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ସୂଚନା ଅନୁସାରେ କଞ୍ଚନପୁର ଗ୍ରାମର ୨୧୫ ପରିବାରକୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବାକୁ ସରକାର ଗ୍ରାମରେ ଏକ ଓଭରହେଡ଼ ପାଣି ଟାଙ୍କି ନିର୍ମାଣ କରିଛନ୍ତି। କିଛିବର୍ଷ ବେଶ ସୁରୁଖୁରରେ ଗ୍ରାମବାସୀ ଏହି ପ୍ରକଳ୍ପରୁ ପାନୀୟ ଜଳ ପାଇପାରୁଥିଲେ। ତେବେ ଗତ ପ୍ରାୟ ୩ମାସ ହେବ ଏହି ପ୍ରକଳ୍ପରୁ ଜଳ ଯୋଗାଣ ବନ୍ଦ ରହିଛି। କେଉଁ କାରଣରୁ ଜଳ ଯୋଗାଣ ବନ୍ଦ ରହିଛି ଗ୍ରାମବାସୀ ଜାଣିପାରୁ ନାହାନ୍ତି। ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ କରିଛନ୍ତି। ତେଣୁ ଆସନ୍ତା ୯ତାରିଖ ସୁଦ୍ଧା ଜଳ ଯୋଗାଣ ସ୍ୱାଭାବିକ ନ ହେଲେ ୧୦ରେ ସେମାନେ ପ୍ରକଳ୍ପ ସମ୍ମୁଖଦେଇ ଯାଇଥିବା ସମ୍ବଲପୁର-ଗୋଧିଡିପ ରାସ୍ତା ଅବରୋଧ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ରେଢ଼ାଖୋଲ ଉପଜିଲାପାଳ, ନାକଟିଦେଉଳ ବିଡ଼ିଓ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ଉପଖଣ୍ଡ ଅଧିକାରୀ, ରେଢ଼ାଖୋଲ ଏସ୍‌ଡ଼ିପିଓ ଓ କିସିଣ୍ଡା ଥାନା ଅଧିକାରୀଙ୍କୁ ଲିଖିତାକାରେ ଜଣାଇଛନ୍ତି।


ପାନୀୟଜଳ ପ୍ରକଳ୍ପ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ବୁବୁଲୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।

# ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡିରୁ ୨ ନିଲମ୍ବିତ ହେଲେ

**ଭୁବନେଶ୍ୱର,୫।୧୦(ଅନିଲ ଦାସ):** ବିଜୁ ଜନତା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଅନୁଗୋଳ ଜିଲାର ୨ ବିଜେଡି କର୍ମକର୍ତ୍ତାଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। ଅନୁଗୋଳ ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ସାହୁ ଏବଂ ବିଜୁ ଯୁବ ଜନତା ଦଳର ଜିଲା ସମ୍ପାଦକ ଯୋଗେଶ ଭୁକ୍ତାଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ନିଲମ୍ବିତ କରାଯାଇଛି। ଏ ନେଇ ଗୁରୁବାର ବିଜେଡି ପକ୍ଷରୁ ଜାରି ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।


ରାଞ୍ଚିର ପୁଣ୍ଡାଗରେ ଆଞ୍ଚଳିକ ପାସପୋର୍ଟ କାର୍ଯ୍ୟାଳୟ ଶିଳାନ୍ୟାସ ଅବସରରେ ଗୁରୁବାର ବୈଦେଶିକ ବ୍ୟାପାର ଓ ସଂସଦୀୟ ରାଷ୍ଟ୍ର ମନ୍ତ୍ରୀ ଭି. ମୁରଲିଧରନ୍ ଏକ ପାରମ୍ପରିକ ବାଦ୍ୟ ବଜାଉଛନ୍ତି।

# ଇଡି-ସିବିଆଇର ଅପବ୍ୟବହାର କରାଯାଉଛି : ଶରଦ ପାୱାର



**ନୂଆଦିଲ୍ଲୀ,୫।୧୦:** ଆମ୍ ଆଦ୍‌ମୀ ପାର୍ଟି (ଏଏପି) ରାଜ୍ୟ ସଭା ଏମ୍‌ପି ସଞ୍ଜୟ ସିଂଙ୍କୁ ଗିରଫ କରାଯିବା ପରେ ମିଳିତ ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ନେତାମାନେ ଭାଜପାକୁ ଟାର୍ଗେଟ୍ କରିବା ଆରମ୍ଭ କରି ଦେଇଛନ୍ତି। ଇଡି-ସିବିଆଇ ଭଳି କେନ୍ଦ୍ରୀୟ ଅନୁସନ୍ଧାନକାରୀ ଏଜେନ୍ସିର ଅବବ୍ୟବହାର କରାଯାଉଛି ବୋଲି ସେମାନେ କେନ୍ଦ୍ର ସରକାରଙ୍କ ବିରୋଧରେ ଅଭିଯୋଗ ଆଣୁଛନ୍ତି। ଏହି ପ୍ରସଙ୍ଗରେ ଏନ୍‌ସିପି ମୁଖ୍ୟ ଶରଦ ପାୱାର ମଧ୍ୟ ଭାଜପାକୁ କଡ଼ା ସମାଲୋଚନା କରିଛନ୍ତି। ଏକ ଦଳୀୟ କାର୍ଯ୍ୟକ୍ରମରେ ପାୱାର କହିଛନ୍ତି, ମୁଁ ଅନୁଭବ କରୁଛି ଯେ ରାଜନୀତିରେ ଯେତେବେଳେ ବିପକ୍ଷ ବିରୋଧରେ କିଛି ନ ମିଳେ, ସେତିକିବେଳେ ଇଡି ଏବଂ ସିବିଆଇ ଭଳି ଏଜେନ୍ସିର ଅପବ୍ୟବହାର କରାଯାଇଥାଏ। ଲୋକେ ଦିନେ ଏମାନଙ୍କୁ ନିଶ୍ଚିତ ଶିକ୍ଷା ଦେବେ। ସଞ୍ଜୟ ସିଂଙ୍କ ଗିରଫ ମିଳିତ 'ଇଣ୍ଡିଆ'କୁ ଆହୁରି ମଜଭୁତ କରିବ ବୋଲି ପାୱାର କହିଛନ୍ତି। ଏଏପି ଏମ୍‌ପି ସଞ୍ଜୟ ସିଂଙ୍କୁ ଏନଫୋର୍ସମେଣ୍ଟ ନିର୍ଦ୍ଦେଶାଳୟ (ଇଡି) ଦିଲ୍ଲୀ ମଦ ଦୁର୍ନୀତି ସହ ଜଡିତ ମନି ଲଣ୍ଡରିଂ ମାମଲାରେ ଗିରଫ କରିଛି।

**CLASSIFIED DISPLAY**
MORE SPACE • SAME PRICE
TARIFF · GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**BIJAYA FINANCE**
Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ । ସୁଧ ୨%
Mob:7656825212
7656825011

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମୋ ଦଳର ୨ଦିନିଆ ନେତୃତ୍ୱ ତାଲିମ ଶିବିର

**ଭୁବନେଶ୍ୱର,୫।୧୦(ଅନିଲ ଦାସ):** ମୋ ଦଳର ୨ ଦିନିଆ ନେତୃତ୍ୱ ତାଲିମ ଶିବିର ଗୁରୁବାର ନାଗଭୂଷଣ ଭବନରେ ଉଦ୍‌ଯାପିତ ହୋଇଯାଇଛି । ଦଳର ସଭାପତି ନିତ୍ୟସୁନ୍ଦର ଦାସ, ସଂଯୋଜକ କ୍ଷୀରୋଦ ରାଉତ ପ୍ରମୁଖ ଉଦ୍‌ଯାପନୀ ଶିବିରରେ ଯୋଗ ଦେଇଥିଲେ । ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ ଶିବିରାର୍ଥୀଙ୍କୁ ତାଙ୍କ ବକ୍ତବ୍ୟରେ କହିଲେ, ରାଜ୍ୟରେ ଲୋକସଂଖ୍ୟା କମୁଥିଲା ବେଳେ ରାଜ୍ୟ ବଜେଟ ବଢ଼ୁଛି । ପ୍ରତି ପରିବାରକୁ ସର୍ବନିମ୍ନ ଆର୍ଥିକ ପ୍ରୋତ୍ସାହନ ଦେଲା ପରେ ଆଉ ଛୋଟମୋଟ ଯୋଜନା ଚଳାଇବାକୁ ପଡ଼ିବ ନାହିଁ ବୋଲି ସେ କହିଥିଲେ। କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ଦଳକୁ ମଜଭୁତ କରିବା ଲାଗି ସମସ୍ତେ ଅକ୍ଳାନ୍ତ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ସୁବାସ ପଣ୍ଡା, ଦଳର କମିଟି ଅଧ୍ୟକ୍ଷ ଶେଷଦେବ ନନ୍ଦ, ସାଧାରଣ ସମ୍ପାଦକ ଉମାକାନ୍ତ ଭାରତ, ଯୁବଛାତ୍ର ସଂଯୋଜକ ମନର ଅଲ୍ଲୀ, ଦେବୀ ପ୍ରସାଦ ମହାରଣା ପ୍ରମୁଖ ଗାଁ ଗାଁରେ କିଭଳି ଦଳର ସଂଗଠନ ବିସ୍ତାର ହେବ ସେ ନେଇ ପ୍ରସ୍ତାବ ଦେଇଥିଲେ।

**BADRIPRASAD Group of Institutions**
B.Sc Nursing — Eligibility: +2 Science PCB with 45% Genral, 40% ST/SC
PB BSc Nursing — Eligibility: GNM Pass with onmrc Registration
GNM — Eligibility: Candidates must have +2 passed in Any stream.
ANM — Eligibility: Candidates must have +2 passed in Any stream.
BADRIPRASAD Institute of Medical Science SAMBALPUR
9937380097, 9238400140, 8908119285
AT- DEBAIPALI, MAJHIPALI CHOWK, PO - SASON, DIST:-SAMBALPUR, PIN-768200
BADRIPRASAD College of Nursing BARGARH
7504241329, 7978356289, 9668822600
At - Ambapali, Ward No. 17, Po/PS/ Dist - Bargarh, PIN - 768028

**ଜନ୍ମଦିନ ଶୁଭେଚ୍ଛା**

ଶ୍ରୁତିଶ୍ରୀ ସିହ୍ନା (ବୁବୁଲୁ)
ବୌଦ୍ଧ, ପୋଢ଼ାପୋଢ଼ା
ତୋର ୧୫ତମ ଜନ୍ମଦିନ ଅବସରରେ ଶୁଭେଚ୍ଛା ଓ ଶୁଭକାମନା। ପ୍ରଭୁ ଶ୍ରୀ ସାକ୍ଷୀଗୋପାଳ ଓ ଶ୍ରୀଜଗନ୍ନାଥ ତୋ ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ଅଜା, ଆଈ, ଗୁଗୁଲ୍, ଡୁଡୁଲୁ, ବନ୍ଧୁ ଓ ପରିବାର ।
ଧ-୬୭୬୬୯

# କଂଗ୍ରେସ ସଂଖ୍ୟାଗରିଷ୍ଠତା ହାସଲ କରିବ: ଚେଲ୍ଲାକୁମାର

ମାଲକାନଗିରି,୫।୧୦(ଦୁର୍ଯ୍ୟୋଧନ ପାତ୍ର)

**ମାଲକାନଗିରିରେ କଂଗ୍ରେସର ଜାତୀୟସ୍ତରୀୟ ମହାସମାବେଶ**


ମାଲକାନଗିରି ଡିଏନ୍‌କେ ଖେଳ ପଡ଼ିଆରେ ଆୟୋଜିତ ମହାସମାବେଶରେ କଂଗ୍ରେସ ନେତୃବୃନ୍ଦ।

କଂଗ୍ରେସ ଆଗାମୀ ଦିନରେ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ସଂଖ୍ୟା ଗରିଷ୍ଠତା ହାସଲକରି ସରକାର ଗଠନ କରିବ ବୋଲି ମାଲକାନଗିରି ଜିଲା ଡିଏନ୍‌କେ ଖେଳ ପଡ଼ିଆଠାରେ ଆୟୋଜିତ ଜାତୀୟ କଂଗ୍ରେସର ମହା ସମାବେଶରେ ରାଜ୍ୟ ପ୍ରଭାରୀ ଏ. ଚେଲ୍ଲାକୁମାର କହିଛନ୍ତି। ଜିଲା କଂଗ୍ରେସ କମିଟି ସଭାପତି ଗୋବିନ୍ଦ ପାତ୍ରଙ୍କ ସଭାପତିତ୍ୱରେ ଗୁରୁବାର ଅନୁଷ୍ଠିତ ଏହି ସମାବେଶରେ ୧୦ ହଜାରରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀ ଯୋଗଦେଇଥିଲେ। ମଧ୍ୟାହ୍ନ ୧୨ ଟାରେ ସମସ୍ତ ଅତିଥିଙ୍କୁ ସ୍ୱାଗତ ଜଣାଇ ସ୍ଥାନୀୟ ବସ୍‌ଷ୍ଟାଣ୍ଡ ପରିସରରୁ ପାରମ୍ପରିକ ନୃତ୍ୟ ଗୀତ ମାଧ୍ୟମରେ ବିଶାଳ ଶୋଭାଯାତ୍ରାରେ ଡିଏନ୍‌କେ ଖେଳପଡ଼ିଆ ପର୍ଯ୍ୟନ୍ତ ନିଆଯାଇଥିଲା। ସମାବେଶରେ ରାଜ୍ୟ ସଭାପତି ଶରତ ପଟ୍ଟନାୟକ, ଏସ୍‌ସିଏସ୍‌ଟି ଓବିସି ସର୍ବଭାରତୀୟ କଂଗ୍ରେସ କମିଟି ସଂଯୋଜକ କେ. ରାଜୁ, ସର୍ବଭାରତୀୟ କଂଗ୍ରେସ କମିଟି ଏସ୍‌ଟି ସେଲ୍ ଅଧ୍ୟକ୍ଷ ଶିବାଜୀ ରାଓ ମୋଗେ, ରାଜେଶ ଲିଲିଟିଆ, ଛତିଶଗଡ଼ କ୍ୟାବିନେଟ୍ ମନ୍ତ୍ରୀ କବାସୀ ଲାକ୍ଷ୍ମା, କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା, ରାଜ୍ୟ ଏସ୍‌ଟି ସେଲ୍ ଅଧ୍ୟକ୍ଷ ଭୁଜବଳ ମାଝି, ରାଜ୍ୟ ଏସ୍‌ସି ସେଲ୍ ଅଧ୍ୟକ୍ଷ ବାଙ୍କନିଧି ବେହେରା, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ସାନଖେମୁଣ୍ଡି ବିଧାୟକ ରମେଶ ଜେନା, ଖରିଆର ବିଧାୟକ ଅଧିରାଜ ପାଣିଗ୍ରାହୀ ଓ ମୋହନା ବିଧାୟକ ଦାଶରଥି ଗମାଙ୍ଗ ପ୍ରମୁଖ ଯୋଗ ନିଜ ନିଜର ବକ୍ତବ୍ୟ ରଖିଥିଲେ।

ମାଲକାନଗିରି ଏକ ଆଦିବାସୀ ବହୁଳ ଜିଲା ହୋଇଥିବା ବେଳେ ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନା ପ୍ରଣୟନ କରୁଥିଲେ ସୁଦ୍ଧା ଏଥିରୁ ଆଦିବାସୀମାନେ ବଞ୍ଚିତ ହେଉଛନ୍ତି ବୋଲି ନେତାମାନେ ମତବ୍ୟକ୍ତ କରିଥିଲେ। ତେବେ କଂଗ୍ରେସ ଆଗାମୀ ନିର୍ବାଚନରେ କିପରି ନିଜର ଦଳକୁ ସୁଦୃଢ଼ କରିବ ଏବଂ ଚଳିତ ନିର୍ବାଚନରେ କିପରି ବିଜୟ ଲାଭ କରିବ ସେ ସମ୍ବନ୍ଧରେ ନେତାମାନେ କର୍ମୀ ଓ କର୍ମକର୍ତ୍ତାଙ୍କୁ ମନ୍ତ୍ର ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ନିମାଇଁ ସରକାର, କଂଗ୍ରେସ କାର୍ଯ୍ୟକାରୀ ସଭାପତି ଜି. ଶ୍ରୀନିବାସ ରାଓ, ପି. କେଶୁ ରାଓ, ପଦ୍ମ ପାଙ୍ଗୀ, ପର୍ଶୁରାମ ଭକ୍ତ, ପ୍ରାଣକୃଷ୍ଣ ମଣ୍ଡଳ, ଇସାକ ଖୋସ୍‌ଲା, ପ୍ରଭାକର ପାଳ, କୃଷ୍ଣଚନ୍ଦ୍ର ଅନୁଗୁ, ମଙ୍ଗୁ ଖିଲ, ବିନିନ୍ତ ଖିଲ, ଧନୁର୍ଜୟ ହନ୍ତାଳ, ପୁଷ୍ପାରାଣୀ ପଡିଆମି, ଛବି ଦାସ ଓ ସୁନାଧର କାକାରୀ ପ୍ରମୁଖ ଉପସ୍ଥିତ ଥିଲେ।

**Classified Everyday**
0674-2580101, 2549949


REAL ESTATE

**SALE**

ମୋର ଘରବାଡ଼ି ଜମି ହଂସପାଳ ବାଲିଅନ୍ତାରେ ବିକ୍ରି କରିବାକୁ ଚାହୁଁଛି। (Bank Loan available) Excuse broker- 6370469894. D-75229

ପୁରୀ ସାକ୍ଷୀଗୋପାଳରେ 34000 ବର୍ଗଫୁଟ ଫାର୍ମହାଉସ୍ 40ଟି ନଡ଼ିଆ ଗଛ, ମାଛ ପୋଖରୀ ଥାଇ ବିକିବାକୁ ଚାହୁଁଛି। 7008833643. D-75228

**Flat for sale: 3BHK flat for sale at 1. Sahidnagar- 1.6 crore, 2. Raghunathpur(near Royal Lagoon- 85 lakhs. 9827769868, 0674351 3969.** D-71064

Commercial 3600Sqft. @5400 Pandara and 40,000sqft. @500 Balijatrapadia, 7008711445, 6372801963. D-1488

ଭୁବନେଶ୍ୱର ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ ସ୍ଥିତିବାନ ବାସୋପଯୋଗୀ ପ୍ଲଟ୍ ସୁଲଭ ମୂଲ୍ୟରେ ବିକ୍ରିହେବ। (General/ SC) plot available. Contact: 9938066403/ 9438315973. D-1457

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ **Grand Bazar, NH16** ସମ୍ମୁଖରୁ ଅଳ୍ପଦୂରତାରେ ଘରବାରି ବାସୋପଯୋଗୀ ପ୍ଲଟ୍ ଶସ୍ତାରେ କିଣନ୍ତୁ, ଗୃହନିର୍ମାଣ କରନ୍ତୁ- **9658562429.** D-75224

3 stored Villa with terrace garden, Penthouse 2 parking 8000 sqft. super buildup 6.5 cr. Palasuni close to national Highway. Contact No.- 9437922289. D-1456

**3212sqft.Gharabadi residential plot with boundary wall sale nearby "PHULNAKHARA CHHAKA". 9438279244.** D-1464

ଭୁବନେଶ୍ୱର ପାହାଳ ଜଗନ୍ନାଥ ମନ୍ଦିର Audi Showroom NH ପାଖରେ ଘରବାରି Boundary ପ୍ଲଟ୍ sqft.- 3200/- (ready for construction). 9178704897. D-75225

**GA free hold plot 2100sqft. At- IRC Village, BBSR, No Broker. Ph No- 8144410585.** D-1424

Duplex sale at Bhubaneswar @ 57 lakhs only. Contact: 9777433701. D-75223

ନଖରା ତ୍ରିନାଥବଜାର ମହିଧରପଡ଼ା, ପାଖରେ SC plot 7400 sqft 11,00,000/-(Outright) 7978663279. D-75218

ଭୁବନେଶ୍ୱର ଗଙ୍ଗପଡ଼ା **HP** ପେଟ୍ରୋଲ୍‌ପମ୍ପ ନିକଟରେ **sqft.-899/-, Adyanta College** ପାଖରେ **750/- boundary, road,** ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ ବିକ୍ରିହେବ। **9861319999, 9658891108.** D-75220

Kantabada Chhak Sparsh Hospital ପାଖରେ sthitiban plot Electricity ସହିତ ମିଳୁଅଛି। Contact: 8917697736, 9439101373. D-1428

**LEASE**

Warehouse for lease at hanspal. 9000 sqft, dock height, gated compound with all amenities. Whatsapp - 7205809501. D-1486




Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75046

Newly open spa positively Health benefits with expert therapist. 9040286886. D-75152

Spa Kerala body Massage only best Therapist @699/- Bhubaneswar. 9337672475. D-1438

**Full body massage by expert therapist positively health benefits. 9938843929.** D-75153

Newly open Spa positively Health benefit with expert. Contact: 7749976301. D-1469

Full body Massage expert boy's Therapist home Service availble Ph- 8093303918. D-1442

**LOST**

ମୁଁ ଶ୍ରୀ ଅନାମ ଚରଣ ପରିଡ଼ା, ଗ୍ରାମ: ବିଲିପଡ଼ା, ପୋ: ବିନାୟକପୁର, ଥାନା: ପିପିଲି, ଜିଲ୍ଲା: ପୁରୀ ଏତଦ୍ୱାରା ଜଣାଉଅଛି ଯେ ଆମ୍ଭର ବାପା ଭାଗା ପରିଡ଼ା ପିପିଲି ତହସିଲଦାରଙ୍କ ନିକଟରେ ଦାଖଲ ଖାରଜ ପାଇଁ ଏକ ପଟ୍ଟା କରିଥିଲେ। ଯାହାର ଖାତା ନଂ.- 619/179 ଏବଂ ପ୍ଲଟ୍ ନଂ.- 936, ମୌଜା ବିଲିପଡ଼ା ଅଟେ। ଗତ ତା ୩୦।୦୯।୨୩ରିଖରେ ଗୁଡ଼ିଆ।ପୋଖରୀଠାରେ ଉପରୋକ୍ତ ପଟ୍ଟାଟି କେଉଁଠାରେ ହଜିଯାଇଛି। କେଉଁ ସହୃଦୟ ବ୍ୟକ୍ତି ପାଇଥାନ୍ତି ମୋର 9337615128ରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୧୪୮୧

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

My ICSE Marksheet of 10th of year 1997 with index no T/298/026 is damaged by white ants (Santosh Kumar Das, S/o Bhaskar Chandra Das. PO/ Dist.- Rayagada. D-1490

**AFFIDAVIT**

(I, Sarita Samantaray, W/o. Soumya Ranjan Panda, Plot No.89/20A, At: Bank Colony, Near Jagannath Ashram, Tankapani Road, PS: Badagada, Bhubaneswar-751018, Odisha declare that, by this affidavit vide no. 58AA 119381 Dtd. 12.07.2022, that now onwards, I shall be known as SARITA SAMANTARAY for all future purpose.). D-1489

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର **Screenshot**କୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ ।

**ଭୁବନେଶ୍ୱର ମଧ୍ୟ, ଏକାମ୍ର ନିର୍ବାଚନମଣ୍ଡଳୀ**

# ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଭୁବନେଶ୍ୱର,୫।୧୦(ଅନିଲ ଦାସ):** ଭୁବନେଶ୍ୱର ଏକାମ୍ର ଓ ମଧ୍ୟ ନିର୍ବାଚନମଣ୍ଡଳୀରେ ଗୁରୁବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏକାମ୍ର ନିର୍ବାଚନମଣ୍ଡଳୀର ୱାର୍ଡ ନଂ. ୬୪ ଯଦୁପୁର ଟାଙ୍ଗୀ ଛକଠାରୁ ଜନସମ୍ପର୍କ ପଦଯାତ୍ରାରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ମେୟର ସୁଲୋଚନା ଦାସ ଯୋଗ ଦେଇଥିଲେ । ଏହି ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ଯୋଜନା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଶେଷରେ ଏକ ସାଧାରଣ ସଭାରେ କେନ୍ଦ୍ର ସରକାରଙ୍କ ଓଡ଼ିଶା ପ୍ରତି ଅବହେଳାକୁ ଦଳର ବିଭିନ୍ନ ପଦାଧିକାରୀ ନିଜର ବକ୍ତବ୍ୟ ମାଧ୍ୟମରେ ପ୍ରତିବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରି କର୍ପୋରେଶନର ଉପାଧ୍ୟକ୍ଷ ସନ୍ତୋଷ ବେଜ୍, ସ୍ଥାନୀୟ କର୍ପୋରେଟର ସକିବା ମୁସ୍‌ରତ, କର୍ପୋରେଟର ଚନ୍ଦ୍ର ଶେଖର ମଲ୍ଲିଆ,ଶିବ ନାରାୟଣ ରାୟ,ଶିବ ପ୍ରସାଦ ବେହେରା,ଦୀପକ ମିଶ୍ର,ପୂର୍ବତନ କର୍ପୋରେଟର ହୃଦୟ ବଲ୍ଲଭ ସାମନ୍ତରାୟ, ଅଶ୍ୱିନୀ ସୁନ୍ଦରାୟ, ମୁଜାହିଦ୍ ହୁସେନ, ରାଜ୍ୟ ଯୁବ ସମ୍ପାଦକ ସେଖ ଅମିର ମହମ୍ମଦ, ବିଜୁ ଛାତ୍ର ଜନତା ଦଳ ଏକାମ୍ର ସଭାପତି ଶିବ ପ୍ରସାଦ ମହାପାତ୍ର, ଯୁବ ସଭାପତି ରାଜେଶ ପାତ୍ର, ୱାର୍ଡ ସଭାପତି ବର୍କତ ତୁଲ୍ଲା, ମହମ୍ମଦ କାସିମ୍ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀରେ ବିଜେଡି ପକ୍ଷରୁ 'ଜନସମ୍ପର୍କ ପଦଯାତ୍ରା' ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ନେତୃତ୍ୱରେ କରାଯାଇଥିଲା। ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ନଂ. ୩୬ର କର୍ପୋରେଟର ଅଲିଅଲି ମଲ୍ଲିକଙ୍କ ସଂଯୋଜନାରେ ୟୁନିଟ୍ - ୪ କର କ୍ଲିନିକଠାରୁ ପଦଯାତ୍ରା ଆରମ୍ଭ ହୋଇ ୱାର୍ଡ ପରିକ୍ରମା କରି ମଧୁସୂଦନ ପାର୍କ ନିକଟରେ ଶେଷ ହୋଇଥିଲା। ପଦଯାତ୍ରାରେ ୫୦୦ରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ହେଉଥିବା ବିଭିନ୍ନ ଯୋଜନାର ସଫଳ ରୂପାୟନ ବାର୍ତ୍ତା ଘରେ ଘରେ ପହଞ୍ଚାଇଥିଲେ। ୱାକଫ ବୋର୍ଡ ଅଧ୍ୟକ୍ଷ ସେକ୍ ନିଜାମୁଦ୍ଦିନ, ପୂର୍ବତନ କର୍ପୋରେଟର ପୂର୍ଣ୍ଣ ଜେନା, କ୍ରିକେଟ କୋଚ କ୍ଷୀରୋଦ ବେହେରା, ଭୁବନେଶ୍ୱର ମଧ୍ୟ ଜୀବନ ବିନ୍ଦୁ ସଂଯୋଜକ ନବ କିଶୋର ବେହେରା, ଭୁବନେଶ୍ୱର ମହିଳା ସଭାନେତ୍ରୀ ବିଜୟଲକ୍ଷ୍ମୀ ମହାପାତ୍ର, ସମାଜସେବୀ ଫିରୋଜ ଖାନ୍, କର୍ପୋରେଟର କୁମାରେନ୍ଦ୍ର ମହାପାତ୍ର, ରଞ୍ଜୁଲତା ରାୟ,କବିତା ସ୍ୱାଇଁ, ଆଶିୟା ବେଗମ, ପଦ୍ମଜା ପ୍ରିୟଦର୍ଶିନୀ ଜେନା, ଆଶିଷ ପଟ୍ଟନାୟକ, ରାଜକିଶୋର ଦାସ, ପୁଷ୍ପାଞ୍ଜଳି ସେଠୀ, ବିଜୁ ଯୁବ ଜନତା ଦଳର ରାଜ୍ୟ ଉପ ସଭାପତି ଦିଲୀପ ସେନାପତି, ସାଧାରଣ ସମ୍ପାଦକ ପୃଥ୍ୱୀରାଜ ପଣ୍ଡା, ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ ନିଗମ ନାୟକ, ଭୁବନେଶ୍ୱର ମଧ୍ୟ ଛାତ୍ର ବିଜେଡି ସଭାପତି ଶକ୍ତି ପ୍ରକାଶ ପତି, ଭୁବନେଶ୍ୱର ବିଜେଡି ଉପଦେଷ୍ଟା ଚିନ୍ମୟ ମହାପାତ୍ରଙ୍କ ସମେତ ବରିଷ୍ଠ ନାଗରିକ, ଯୁବ ଛାତ୍ର ଓ ମହିଳା ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

**ମନେ ପଡ଼ନ୍ତି**

**ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ**

ସ୍ୱର୍ଗତ ଇଂ. ଚିତ୍ତରଞ୍ଜନ ମହାଖୁଡ଼ (ଗୁନା)
ମ୍ୟୁନିସିପାଲିଟି ରୋଡ୍, ଢେଙ୍କାନାଳ
ଆବିର୍ଭାବ: ୩୦।୦୬।୧୯୮୨
ତିରୋଧାନ: ୧୨।୦୯।୨୦୦୯
ଗୁନା,
ତୋର ପବିତ୍ର ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୭୪୦୯୭

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

ଏସାଗରିକା ମହାଲା
ସ୍ଥାନ: କାଏମା, ଧର୍ମଶାଳା, ଯାଜପୁର
ଆବିର୍ଭାବ: ୨୧।୦୮।୧୯୬୮
ତିରୋଧାନ: ୨୬।୦୯।୨୦୨୩
ତୁମର ହସ ହସ ମୁହଁ, ନିଃସ୍ୱାର୍ଥପର ସେବା, ପରୋପକାର, ସରଳତା, ଅନାବିଳ ସ୍ନେହ, ଈଶ୍ୱର ଭକ୍ତି ସଦା ସର୍ବଦା ଆମ ଜୀବନର ପାଥେୟ ହେଉ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶ୍ରଦ୍ଧାଞ୍ଜଳି: ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୪୭୫

**ଏକାଦଶ ଶ୍ରାଦ୍ଧବାର୍ଷିକୀ**
ତା.୦୬.୧୦.୨୦୨୩

ସମରେନ୍ଦ୍ର କୁମାର ଦାସ
ଆବିର୍ଭାବ: ତା. ୩.୧୨.୧୯୬୧
ତିରୋଧାନ : ତା.୮.୧୦.୨୦୧୨
ଆପଣଙ୍କ ଆଦର୍ଶ, ସ୍ୱାଭିମାନ, ତ୍ୟାଗ, ସ୍ନେହ, କର୍ତ୍ତବ୍ୟନିଷ୍ଠା ଓ ଉତ୍ସର୍ଗୀକୃତ ଜୀବନ ଆମ୍ଭମାନଙ୍କୁ ଦିଗ୍‌ଦର୍ଶନ ଦେଉ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ-
ପତ୍ନୀ-ସ୍ନେହଲତା, ଝିଅ-ପୂଜା, ଭାଇ-ଭଉଣୀ, ଭାଇ- ଭାଉଜ, ଭାଇବୋହୂ, ଶାଳୀ, ଶଳା- ଶଳାଭାଉଜ, ଶଶୁ, ଦେଢ଼ଶାଶୁ, ପୁତୁରା, ଝିଆରୀ, ଭଉଣୀ- ଭିଣୋଇ, ଭଣଜା, ଭାଣିଜୀ ।
ଧ-୧୪୭୪

# ଘୁମୁରା, ସାମାଜିକ ନାଟକରେ ଦୁଲୁକିବ ମା' ଲଙ୍କେଶ୍ୱରୀ ପୀଠ

**ଜୁନାଗଡ଼,୫।୧୦(ସୁନୀଲ କୁମାର ସିଂହ):** କଳାହାଣ୍ଡି ଜିଲା ଜୁନାଗଡର ଅଧିଷ୍ଠାତ୍ରୀ ଦେବୀ ମା' ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ପର୍ବ ଉପଲକ୍ଷେ ସ୍ଥାନୀୟ ଖଣ୍ଡାବସା କମିଟି ପକ୍ଷରୁ ବିଭିନ୍ନ ପ୍ରକାର ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଖଣ୍ଡାବସା ଉପଲକ୍ଷେ ମନ୍ଦିର ପରିସରରେ ଶୁକ୍ରବାର ପୂର୍ବାହ୍ନରେ ମହିଳାମାନଙ୍କ ମଧ୍ୟରେ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି ସନ୍ଧ୍ୟାରେ ମା'ଙ୍କ ପୀଠ ନିକଟରେ ଘୁମୁରା ପ୍ରତିଯୋଗିତା ସହ ଛତିଶଗଡର ନାଟକ ଅନୁଷ୍ଠିତ ହେବ। ସେହିପରି ଜୁନାଗଡ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ନାଟକ ଚକାନୟନ ପରିବେଷଣ ହେବ। ଯାହାକି ଭୁବନେଶ୍ୱରର ରବିନ୍ଦ୍ର ମଣ୍ଡପଠାରେ ଗତ କିଛି ଦିନ ତଳେ ପରିବେଷଣ ହୋଇ ରାଜ୍ୟରେ ଚର୍ଚ୍ଚାକୁ ଆସିଥିଲା। ଏହାସହ ସ୍ଥାନୀୟ ହାଇସ୍କୁଲ ପଡିଆଠାରେ ଚାଲିଥିବା ମା' ଲଙ୍କେଶ୍ୱରୀ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।






ଖଣ୍ଡାବସା ଉପଲକ୍ଷେ ଆୟୋଜିତ ଘୋଡ଼ାନାଚ(ଫାଇଲ୍ ଫଟୋ)।



କଳାହାଣ୍ଡି ମହାରାଜ ଖଣ୍ଡାବସା ପର୍ବ ପାଇଁ ଜୁନାଗଡ଼କୁ ଆସୁଛନ୍ତି।(ଫାଇଲ୍ ଫଟୋ)




## ଖଣ୍ଡାବସା କବିତା



କୋଶଲ ଗଡର ଦେବୀ ତୁଇ
ଆମର ମା' ଲଙ୍କେଶରୀ
ବାର ମାସେ ତେର ପରବ
ଖଣ୍ଡାବସା ଆସ୍ଲେ ତୋର୍
ପାର୍ବଣର ଶୁଭାରମ୍ଭ ହେସି
କଳାହାଣ୍ଡି ଜିଲାର ମୁଖ୍ୟ ପରବ
ତୋର ନାଁ ନେ ମାନ୍ଦଲ ବଜା ବାଜସି
କେଁ ମାନ୍ଦଲ, କେଁ ଘୁମୁରା
କେଁ ଘଟ, କେଁ ଶଙ୍ଖ
ସବୁ ଚାର୍ ଦିଗେ ନେ ଶୁଭ ସି
ତୋର ପାଶେ ନେ ତୋର୍ ଭକତ
ଯେତେ ଗୁହାରି କରସି
ସବୁ ଶୁନସୁ, ସବୁ ଜାନସୁ
ମନ ଜାନିକରି ଫଲ ବି ଦେସୁ
ବରଷ କେ ଥରେ ତୋକେ ଦେଖି ଲେ
ସେ କିଦ୍ରି କିଦ୍ରି ନାଚ ସି
ମନ ଭରି ତୋକେ ଦେଖି ବାର୍ ଲାଗି
କାହିଁ କେତେ ଦୂରୁ ଧାଇଁ ଆଏସି
ପ୍ରତ୍ୟକ୍ଷ ଦେବୀ ତୁଇ
ତୋର୍ ମହିମା ଅପାର
ସାରା ଦୁନିଆ କହେସି
ମନ୍ଦିର ମାଳିନୀ ସହର ଜୁନାଗଡ଼ ବଏଲେ
ତୋକେ ତୋ ମା' ବୁଝାସି
ତୁଇ ଆମର ଗରବ
ତୁଇ ଆମର ଟେକ
ତୁଇ ଆମର୍ କୋଶଳ ଗଡ଼ର୍
କୋଶଳ ଦେବୀ
ତୋର୍ ଗୁନ କେ କହତ
କିଏ ନେଇ ଜାନି
ଯୁଗ ଯୁଗ କେ ଟେକ ରଖିଥିବୁ ମା'
ତୁଇ ଜୁନାଗଡ଼ର୍
ତୁଇ ପରେ ସବକର୍ ମନ ଭିତରେ
ଘର କରିଥିବା ଦେବୀ
କେଁ ଛୁଆ,କେଁ ବୁଢ଼ା
ତୋର ଉପରେ ସବେ କରସନ ଆଶା ଭରସା
ତୁଇ ପରେ ଆମର୍ ମା' ଲଙ୍କେଶରୀ
ତୁଇ ପରେ ଆମର୍ ମା' ଲଙ୍କେଶରୀ....

ପଲ୍ଲବୀ ଦାସ, ଜୁନାଗଡ଼, କଳାହାଣ୍ଡି

## ମା' ଲଙ୍କେଶ୍ୱରୀ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

**ଜୁନାଗଡ଼,୫।୧୦(ସୁନୀଲକୁମାରସିଂହ):** କଳାହାଣ୍ଡିଜିଲା ଜୁନାଗଡ଼ ହାଇସ୍କୁଲ ଖେଳ ପଡିଆଠାରେ ଚାଲିଥିବା ମା' ଲଙ୍କେଶ୍ୱରୀ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଖଣ୍ଡାବସା ଦିବସରେ ଫାଇନାଲ ଖେଳ ଅନୁଷ୍ଠିତ ହେବ। ଧର୍ମଗଡ଼ ରାଇଜିଙ୍ଗ ଷ୍ଟାର ଓ କଳାହାଣ୍ଡି ଆଇଆରବି ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।































ଖଣ୍ଡାବସା ଅଭିନନ୍ଦନ

ଜୁନାଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡି ଜିଲ୍ଲାବାସୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛୁ ।

ଯୋଗାଣ ସହାୟକ ସଂଘ, ଜୁନାଗଡ଼ ବ୍ଲକ, କଳାହାଣ୍ଡି

ମନୋଜ କୁମାର ମେହେର, ଦେଦର ପଞ୍ଚାୟତ
ଗଣେଶ ଦୁର୍ଗା, ରାଜପୁର ପଞ୍ଚାୟତ
ଅମିତ କୁମାର ପଣ୍ଡା, ବୁଡିଦର ପଞ୍ଚାୟତ
ଭବାନୀଶଙ୍କର ନାଏକ, ମାଲିଗୁଡା ପଞ୍ଚାୟତ
ଦିବାକର ବାଗ, କଲେଇଗାଁ ପଞ୍ଚାୟତ
ରାଜେନ୍ଦ୍ର ଦାସ,ତଳମଲା ପଞ୍ଚାୟତ
ରୂପକ ରଞ୍ଜନ ବେହେରା, ବୁନ୍ଦେଲମାଲ ପଞ୍ଚାୟତ
ମୃତ୍ୟୁଞ୍ଜୟ ପ୍ରଧାନୀ, ଆଟିଗାଁ ପଞ୍ଚାୟତ
ସ୍ୱୟମ୍ବର ବଣିଆ, ମହିଚଲା ପଞ୍ଚାୟତ
ଗୋକୁଳାନନ୍ଦ ନାଏକ, ମୁଣ୍ଡରାଗୁଡା ପଞ୍ଚାୟତ
ସୁଶାନ୍ତ ନାଏକ, ବଣିଜରା ପଞ୍ଚାୟତ
ଅକ୍ରୁର ଭୋଇ, ବାଙ୍କପଲାସ ପଞ୍ଚାୟତ
କୈଳାସ ଚନ୍ଦ୍ର ପାଣ୍ଡେ, ମାଟିଗାଁ ପଞ୍ଚାୟତ
ଡବଲକିଶୋର ନିଆଲ, ଦାସିଗାଁ ପଞ୍ଚାୟତ
ଦେବେନ୍ଦ୍ର ଦୁର୍ଗା, ଗୌଡଛେଣ୍ଡିଆ ପଞ୍ଚାୟତ
ସୁଧାଂଶୁ ମେହେର, ମେରିଆବନ୍ଧଲି ପଞ୍ଚାୟତ
ଚାରୁ କନ୍ଦପାନ, ଭଇଁରୀଗୁଡା ପଞ୍ଚାୟତ
ଆଶିଷ କୁମାର ରାଉତ,
ସନ୍ନ୍ୟାସୀକୁଣ୍ଡାମାଲ ପଞ୍ଚାୟତ
ରାଜେଶ ବେହେରା, କାଲୋପଲା ପଞ୍ଚାୟତ
ପ୍ରଭାସ ଚନ୍ଦ୍ର ସରାଫ, ନକଟିଗୁଡ଼ା ପଞ୍ଚାୟତ
ମନୋଜ କୁମାର ନାଏକ,
ଚାରବାହାଲ ପଞ୍ଚାୟତ
ସୁମନ୍ତ ପାଢ଼ୀ, କେନ୍ଦୁପାଟି ପଞ୍ଚାୟତ
ଶଶାଙ୍କ ପଣ୍ଡା, ପଳାସ ପଞ୍ଚାୟତ
ଅକ୍ଷୟ ଦୀପ, ବଜ୍ରିତୁଳସୀପାଲି ପଞ୍ଚାୟତ
ମଳୟ ମେହେର, ଛୋରିଆଗଡ଼ ପଞ୍ଚାୟତ
ଜ୍ୟୋତିରଞ୍ଜନ ମେହେର,
ବଳଦିଆମାଲ ପଞ୍ଚାୟତ
ପ୍ରବୀଣ ରଞ୍ଜନ ମେହେର, ଚିଚୈଗୁଡ଼ା ପଞ୍ଚାୟତ
ଧର୍ମେନ୍ଦ୍ର ଗୋଡତିଆ, ନାନ୍ଦୋଲ ପଞ୍ଚାୟତ
ବିବେକ ପ୍ରଧାନ, ତଳଜାରିଙ୍ଗ ପଞ୍ଚାୟତ
ଗୀତାଞ୍ଜଳି ନିଆଲ, ହାବସପୁର ପଞ୍ଚାୟତ
ରାଜେଶ ଦୁର୍ଗା, ଚାରଭାଟି ପଞ୍ଚାୟତ






# ଆଲୋକମାଳାରେ ଝଲସୁଛି ମନ୍ଦିର, ଲାଗିଛି ଭକ୍ତଙ୍କ ଭିଡ଼

## ଆଜି ମା' ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ପର୍ବ



ଆଲୋକମାଳାରେ ଝଲସୁଛି ମା'ଙ୍କ ମନ୍ଦିର।

**ଭବାନୀପାଟଣା,୫।୧୦**
**(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଜୁନାଗଡର ଅଧିଷ୍ଠାତ୍ରୀ ଦେବୀ ମା' ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ପର୍ବ ଶୁକ୍ରବାର ଅନୁଷ୍ଠିତ ହେବ। ଏଥିପାଇଁ ଗୁରୁବାର ଦେବୀ ପୀଠ ଉତ୍ସବ ମୁଖର ହୋଇଉଠିଛି। ସକାଳୁ ସନ୍ଧ୍ୟା ଯାଏଁ ମା'ଙ୍କ ଦର୍ଶନ ପାଇଁ ମନ୍ଦିରରେ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ଭିଡ ଜମିଥିଲା। କେତେଜଣ ଭକ୍ତ ମାନସିକ ପୂରଣ ପାଇଁ ମା'ଙ୍କ ନିକଟରେ ଭୋଗ ଲଗାଇଥିଲେ। ଶୁକ୍ରବାର ସକାଳୁ ଏଠାରେ ପ୍ରବଳ ଭିଡ ହେବା ସମ୍ଭାବନା ରହିଛି। ଗୁରୁବାର ରାତିରେ ଆଲୋକ ମାଳାରେ ଝଲସି ଉଠୁଛି ଇଷ୍ଟଦେବୀ ମନ୍ଦିର ସମେତ ମୁଖ୍ୟ ଦ୍ୱାର ଓ ଆଖପାଖ ଅଞ୍ଚଳ। ସେହିପରି ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଘରଗୁଡ଼ିକରେ ଦ୍ୱୀପ ପ୍ରଜ୍ୱଳ ସହ ସୁସଜ୍ଜିତ ଆଲୋକମାଳାରେ ସହର ଝଲସୁଛି। ଖଣ୍ଡାବସା ପର୍ବ ପାଇଁ ଜୁନାଗଡ ସହର ଚଳଚଞ୍ଚଳ ହୋଇ ଉଠିଛି। ଖଣ୍ଡାବସା ପର୍ବ ଯେମିତି ଶାନ୍ତିଶୃଙ୍ଖଳା ସହିତ ହେବ ସେ ନେଇ ଜୁନାଗଡ ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ଏହି ପର୍ବରେ ୧ ପ୍ଲାଟୁନ ପୋଲିସ ମୁତୟନ ସହ ଧର୍ମଗଡ ଉପଖଣ୍ଡ ଅଞ୍ଚଳର ସମସ୍ତ ଥାନାର ଏସ୍‌ଆଇ ଓ ଏଏସଆଇ ଯୋଗଦେଇ ଶାନ୍ତିଶୃଙ୍ଖଳା ନିୟନ୍ତ୍ରଣ କରିବେ। ସେହିପରି ଘଟଣାସ୍ଥଳରେ ଜୁନାଗଡ ଆଇଆଇସି ଶେଷଦେବ ବେହେରା, ଧର୍ମଗଡ ଏସ୍‌ଡିପିଓ ଧିରଜ କୁମାର ଚୋପଦାର ପ୍ରମୁଖ ଉପସ୍ଥିତ ରହି ଆଇନଶୃଙ୍ଖଳା ତଦାରଖ କରିବେ। ପ୍ରଶାସନିକସ୍ତରରେ ଜୁନାଗଡ ତହସିଲଦାର ଶୁଭଦିପ୍ତା ମହାନ୍ତି, ବିଡିଓ ଦେବାଶିଷ କର, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରେମଲାଲ ହିଆଲ ପ୍ରମୁଖ ଦାୟିତ୍ୱ ତୁଲାଇବେ।



ମା' ଲଙ୍କେଶ୍ୱରୀଙ୍କ ଖଣ୍ଡାକୁ ମାଜଣ ପାଇଁ ନିଆଯାଉଛି।

## ସେମାନେ ଯାହା କୁହନ୍ତି...



ମା'ଙ୍କ ଖଣ୍ଡାବସା ପର୍ବ ରାଜରାଜୁଡା ଅମଳରୁ ଅନୁଷ୍ଠିତ ହୋଇଆସୁଛି। ଏହି ପର୍ବ ଜୁନାଗଡ ଇତିହାସର କିମ୍ବଦନ୍ତୀ କହିଲେ ମଧ ଅତ୍ୟୁକ୍ତି ହେବନାହିଁ। ଖଣ୍ଡାବସା ପର୍ବ ଦିନ ଜୁନାଗଡ ସହର ଚଳଚଞ୍ଚଳ ହୋଇ ଉଠିଥାଏ। ଚାରିଆଡେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ। ଏହି ପର୍ବ ପାଇଁ ଦୂରଦୂରାନ୍ତରେ ଥିବା ବନ୍ଧୁ, କୁଣିଆ ଲୋକମାନେ ମଧ ଘରକୁ ଆସିଥାନ୍ତି।

**- ଶଶିଧର ପଣ୍ଡା, ବରିଷ୍ଠ ନାଗରିକ, ଜୁନାଗଡ**



ମା' ଲଙ୍କେଶ୍ୱରୀଙ୍କ ଖଣ୍ଡାବସା କେଉଁ ଆବହମାନ କାଳରୁ ହୋଇଆସୁଛି। ମା'ଙ୍କ ଖଣ୍ଡାବସା ପର୍ବ ପାଇଁ ସପ୍ତାହ ପୂର୍ବରୁ ପ୍ରସ୍ତୁତ ହେବାକୁ ପଡିଥାଏ। ଆମ ସାତ ପୁରୁଷ ଏହି ମନ୍ଦିରରେ ପୂଜକ ଭାବେ କାର୍ଯ୍ୟ ତୁଲାଇ ଆସୁଛୁ। ମନ୍ଦିରର ସମସ୍ତ ରୀତିନୀତି ପ୍ରସ୍ତୁତି ଆମ ଦ୍ୱାରା ହୋଇଥାଏ।

**- ଅଶ୍ୱିନ କୁମାର ପଣ୍ଡା, ପୂଜକ, ମା' ଲଙ୍କେଶ୍ୱରୀ ମନ୍ଦିର, ଜୁନାଗଡ**



ମା'ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ଉତ୍ସବ ପ୍ରତିବର୍ଷ ଧୁମଧାମରେ ଅନୁଷ୍ଠିତ ହୋଇଆସୁଛି। ବର୍ଷକରେ ଥରେ ଏହି ପର୍ବ ପଡୁଥିବାରୁ ପୁରା ଜୁନାଗଡବାସୀ ଏହି ପର୍ବକୁ ଚାହିଁ ରହିଥାନ୍ତି। ଚାରିଆଡେ ଭକ୍ତି, ଭାବମୟ ପରିବେଶ ସୃଷ୍ଟି ହୋଇଥାଏ। ଏହି ଦିନ ମା'ଙ୍କ ସିଧାସଳଖ ଦର୍ଶନ ମିଳିଥାଏ। ସେଥିପାଇଁ ଆମେ ବେଶ୍ ଉତ୍ସାହୀ ଅଛୁ।

**- ବିଜୟା ଲକ୍ଷ୍ମୀ କନ୍ଦପାନ, ଗୃହିଣୀ, ଜୁନାଗଡ**










































ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୬/୨୦୨୩ Bhubaneswar, Friday, October 6/ 2023





ଏସିଆନ ଗେମ୍ସରେ ଗୁରୁବାର ଆର୍ଚେରି କମ୍ପାଉଣ୍ଡ ଇଭେଣ୍ଟରୁ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଭାରତୀୟ ପୁରୁଷ ଓ ମହିଳା ଦଳ।

## ଏସିଆନ ଗେମ୍ସରେ ଭାରତର ପଦକ (ଗୁରୁବାର)

**ସ୍ୱର୍ଣ୍ଣ**

➤ଅଦିତି ସ୍ୱାମୀ, ପ୍ରଣତି କୌର,ଜ୍ୟୋତି ସୁରେଖା ଭେନମ୍: କମ୍ପାଉଣ୍ଡ ଆର୍ଚେରୀ ମହିଳା ଦଳ

➤ଓଜସ୍ ଦେଓତାଲେ, ଅଭିଷେକ ବର୍ମା, ପ୍ରଥମେଶ ଜକର: କମ୍ପାଉଣ୍ଡ ଆର୍ଚେରୀ ପୁରୁଷ ଦଳ

➤ଦୀପିକା ପାଲିକଲ, ହରିନ୍ଦର ପାଲ ସିଂ ସିନ୍ଧ: ସ୍କ୍ୱାଶ ମିକ୍ସଡ୍ ଟିମ୍।

**ରୌପ୍ୟ**

➤ସୌରଭ ଘୋଷାଲ: ସ୍କ୍ୱାଶ ପୁରୁଷ ସିଙ୍ଗଲ୍ସ

**ବ୍ରୋଞ୍ଜ**

➤ଅନ୍ତିମ ପଙ୍ଘାଲ: ରେସ୍‌ଲିଂ(୫୩ କିଗ୍ରା)।

# ଦୀପିକା-ହରିନ୍ଦରଙ୍କୁ ମିକ୍ସଡ ଡବଲ୍ସ ସ୍ୱର୍ଣ୍ଣ

ହାଙ୍ଗଝୋ, ୫।୧୦(ପି.ଟି.)

ଚଳିତ ଏସିଆନ ଗେମ୍ସର ସ୍କ୍ୱାଶ୍ ଇଭେଣ୍ଟରେ ଭାରତ ଗୁରୁବାର ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ବିଜୟୀ ହୋଇଛି। ଭେଟେରାନ ଦୀପିକା ପାଲିକଲ ଓ ହରିନ୍ଦର ପାଲ୍ ସିଂ ସାନ୍ଧୁ ଅନେକ ସଙ୍କଟ ପରିସ୍ଥିତିରୁ ମୁକୁଳି ମିକ୍ସଡ ଡବଲ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ମାତ୍ର ସିଙ୍ଗଲ୍ସରେ ସୌରଭ ଘୋଷାଲଙ୍କୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି।

ଦୀପିକା ଓ ହରିନ୍ଦର ସଂଘର୍ଷପୂର୍ଣ୍ଣ ଫାଇନାଲରେ ମାଲେସିଆର ଆଇଫା ବିନ୍ତି ଆଜମନ ଓ ମହମ୍ମଦ ସଫିକ ବିନ୍ ମହମ୍ମଦ କମଲଙ୍କୁ ୧୧-୧୦, ୧୧-୧୦ରେ ପରାସ୍ତ କରିଥିଲେ। ଚଳିତ ଗେମ୍ସର ସ୍କ୍ୱାଶ୍ ଇଭେଣ୍ଟରୁ ଭାରତର ଏହାଥିଲା ଦ୍ୱିତୀୟ ସ୍ୱର୍ଣ୍ଣ ପଦକ। ତେବେ ଟାଇଟଲ ଦାବିଦାର ଘୋଷାଲ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ମାଲେସିଆର ଇୟାନ ୟୋ ଏନ୍‌ଜିଙ୍ଗଠାରୁ ୧୧-୯, ୯-୧୧, ୫-୧୧, ୭-୧୧ରେ ହାରି ଯାଇଥିଲେ। ଏହି ମ୍ୟାଚଟି ଏକଘଣ୍ଟାରୁ ଊର୍ଦ୍ଧ୍ୱ ସମୟଧରି ଚାଲିଥିଲା। ୨୦୧୪ ଇଞ୍ଚିଅନ ଏସିଆନ ଗେମ୍ସରେ ଭାରତ ୧ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ପାଇଥିଲା। ଏହା ଏପର୍ଯ୍ୟନ୍ତ ଶ୍ରେଷ୍ଠ ପ୍ରଦର୍ଶନ ହୋଇ ରହିଥିଲା। ମାତ୍ର ଚଳିତ ଗେମ୍ସରେ ୨ ସ୍ୱର୍ଣ୍ଣ ଏବଂ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ଜିତି ଭାରତ ପୂର୍ବ ରେକର୍ଡ ଭାଙ୍ଗିଛି। ଏଥର ଭାରତ ପୁରୁଷ ଟିମ୍ ଇଭେଣ୍ଟରେ ମଧ ସ୍ୱର୍ଣ୍ଣ ପଦକ ଜିତିଥିଲା।



ସ୍ୱର୍ଣ୍ଣ ପଦକ ସହ ଦୀପିକା ପାଲିକଲ ଓ ହରିନ୍ଦର ପାଲ୍ ସିଂ ସାନ୍ଧୁ।

# ଆର୍ଚେରି ସ୍ୱର୍ଣ୍ଣରେ ଭାରତର ହ୍ୟାଟ୍ରିକ୍

ହାଙ୍ଗଝୋ, ୫।୧୦(ପି.ଟି.)

ଏସିଆନ ଗେମ୍ସରେ ଗୁରୁବାର ଅନୁଷ୍ଠିତ ଆର୍ଚେରି କମ୍ପାଉଣ୍ଡ ଇଭେଣ୍ଟରେ ଭାରତୀୟ ମହିଳା ଓ ପୁରୁଷ ଦଳ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ଏଥିସହ କମ୍ପାଉଣ୍ଡରେ ଭାରତ ୩ଟି ଯାକ ଇଭେଣ୍ଟ ଜିତି ସ୍ୱର୍ଣ୍ଣ ପଦକ ବିଜୟରେ ହ୍ୟାଟ୍ରିକ କରିଛି। ପୂର୍ବରୁ ଓଜସ ଦେଓତାଲେ ଓ ଜ୍ୟୋତି ସୁରେଖା ଭେନମ ମିକ୍ସଡ କମ୍ପାଉଣ୍ଡ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏସିଆନ ଗେମ୍ସର ଆର୍ଚେରୀ ଇଭେଣ୍ଟରେ ଭାରତର ଏହା ସର୍ବଶ୍ରେଷ୍ଠ ସଫଳତା।

ଜ୍ୟୋତି ସୁରେଖା ଭେନମ, ଅଦିତି ସ୍ୱାମୀ ଓ ପ୍ରଣୀତ କୌରଙ୍କୁ ନେଇ ଗଠିତ ଭାରତୀୟ ମହିଳା କମ୍ପାଉଣ୍ଡ ଦଳ ଫାଇନାଲରେ ୬୦ରୁ ୬୦ ପଏଣ୍ଟ ଅର୍ଜନ କରିଥିଲେ। ଫଳରେ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଏମାନେ ଚାଇନିଜ ତାଇପେକୁ ପରାସ୍ତ କରିଥିଲେ। ପ୍ରତିଯୋଗିତା ଶେଷରେ ଓଭରଅଲ୍ ଭାରତ-ଚାଇନିଜ ତାଇପେ ସ୍କୋର ୨୩୦-୨୨୯ ହୋଇଥିଲା। ଶେଷ ସେଟ୍ ପର୍ଯ୍ୟନ୍ତ ଉଭୟଙ୍କ ସ୍କୋର ୨୦୦-୨୦୦ ରହିଥିଲା। ମାତ୍ର ଶେଷ ୩ ଆରୋରେ ଭାରତୀୟ ଟିନ୍‌ଏଜର ଅଦିତି ଓ ପ୍ରଣୀତ ଅଧିକ ୧୦ ପଏଣ୍ଟ ହାସଲ କରିଥିଲେ । ପ୍ରତିଯୋଗିତାକୁ ଶୁଟ୍‌ଅଫ୍ ପର୍ଯ୍ୟାୟକୁ ନେବାକୁ ହେଲେ ଚାଇନିଜ୍ ତାଇପେ ପ୍ରତିଯୋଗୀଙ୍କୁ ୩ ଆରୋ ମୁକାବିଲାରେ ୧୦ ପଏଣ୍ଟ ହାସଲ କରିବା ଆବଶ୍ୟକ ହେଉଥିଲା। ମାତ୍ର ସେମାନେ ୯ ପଏଣ୍ଟ ପାଇଥିଲେ। ଫଳରେ ଭାରତ ସ୍ୱର୍ଣ୍ଣ ପଦକ ଜିତି ଯାଇଥିଲା। ଏହି ଏସିଆନ ଗେମ୍ସରେ ଜ୍ୟୋତି ଡବଲ ଗୋଲ୍ଡ ମେଡାଲିଷ୍ଟ ହୋଇଥିଲେ। କେବଳ ସେତିକି ନୁହେଁ ସେ ସ୍ୱର୍ଣ୍ଣ ବିଜୟରେ ହ୍ୟାଟ୍ରିକ କରିବା ସମ୍ଭାବନା ମଧ୍ୟ ରହିଛି। ବିଜୟୱାଡାର ଜ୍ୟୋତି ଆସନ୍ତା ଶନିବାର ମହିଳା କମ୍ପାଉଣ୍ଡ ବ୍ୟକ୍ତିଗତ ଫାଇନାଲରେ ଦକ୍ଷିଣ କୋରିଆର ସୋ ଚିଓ୍ୱନଙ୍କ ସହ ମୁକାବିଲା

**ଏସିଆନ ଗେମ୍ସ**

କରିବେ। ଏଥିରେ ସଫଳ ହେଲେ ସେ ପ୍ରତିଯୋଗିତାର ଶ୍ରେଷ୍ଠ ଆର୍ଚର ବିବେଚିତ ହେବେ। ସେହିପରି ଅଭିଷେକ ବର୍ମା, ଓଜାସ ଦେଓତାଲେ ଓ ପ୍ରଥମେଶ ଜକରଙ୍କୁ ନେଇ ଗଠିତ ଭାରତୀୟ ପୁରୁଷ କମ୍ପାଉଣ୍ଡ ଦଳ ୨୩୫-୨୩୦ ପଏଣ୍ଟ ବ୍ୟବଧାନରେ ଦକ୍ଷିଣ କୋରିଆକୁ ପରାସ୍ତ କରିଥିଲା। ପୁରୁଷ କମ୍ପାଉଣ୍ଡ ବ୍ୟକ୍ତିଗତ ଫାଇନାଲରେ ଦୁଇ ଭାରତୀୟ ଦେଓତାଲେ ଓ ଅଭିଷେକ ବର୍ମାଙ୍କ ମଧ୍ୟରେ ମୁକାବିଲା ହେବ। ଫଳରେ ଏମାନେ ଟପ୍-୨ ଫିନିଶ୍ କରିବା ନିଶ୍ଚିତ ହୋଇଯାଇଛି। ଫଳରେ ଭାରତ ଆର୍ଚେରି ଇଭେଣ୍ଟରୁ ଅତିକମ୍‌ରେ ୫ ପଦକ ଜିତିବା ସ୍ପଷ୍ଟ ହୋଇଯାଇଛି।

# ବ୍ରୋଞ୍ଜ ଜିତି ସମ୍ମାନ ରଖିଲେ ଅନ୍ତିମ

ହାଙ୍ଗଝୋ, ୫।୧୦ (ପି.ଟି.)



ଅନ୍ତିମ ପଙ୍ଘାଲ

ଟିନ୍ ସେନ୍‌ସେଶନ ଅନ୍ତିମ ପଙ୍ଘାଲ ଚଳିତ ଏସିଆନ ଗେମ୍ସ ମହିଳା ରେସ୍‌ଲିଂରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଗୁରୁବାର ଅନୁଷ୍ଠିତ ମହିଳା ୫୩ କେଜି ବ୍ରୋଞ୍ଜ ପ୍ଲେ-ଅଫ୍‌ରେ ୧୯ ବର୍ଷୀୟା ଅନ୍ତିମ ଟୋକିଓ ଅଲିମ୍ପିକ୍ସ ମେଡାଲିଷ୍ଟ ମଙ୍ଗୋଲିଆର ବୋଲୋର୍ତୁୟା ବାଟ୍-ଓଚିରଙ୍କୁ ୩-୧ରେ ହରାଇ ଏହି ସଫଳତା ପାଇଛନ୍ତି। କ୍ୱାର୍ଟର ଫାଇନାଲରେ ଜାପାନିଜ୍ ୱାର୍ଲ୍ଡ ଚାମ୍ପିୟନ ଆକାରି ଫୁଜିନାମିଙ୍କଠାରୁ ହାରିବାପରେ ଅନ୍ତିମ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ। ଗୁରୁବାର ଲଢ଼ିଥିବା ଅନ୍ୟ ଭାରତୀୟମାନେ କିନ୍ତୁ ନିରାଶ କରିଛନ୍ତି। ନରିନ୍ଦର ଚିମା (ଗ୍ରିକୋ-ରୋମାନ ୯୭ କେଜି), ନବିନ (ଗ୍ରିକୋ-ରୋମାନ ୧୩୦ କେଜି) ଓ ପୂଜା ଗେହଲଟ (ମହିଳା ୫୦ କେଜି)ରେ ଖରାପ ପ୍ରଦର୍ଶନ କରି ବିଦା ହୋଇଥିବାବେଳେ ଅନ୍ତିମ ଦେଶର ସମ୍ମାନ ରଖିଛନ୍ତି। ପୂଜା ବ୍ରୋଞ୍ଜ ପଦକ ଲଢ଼େଇରେ ଏସିଆନ ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜୟିନୀ ଆକ୍‌ଟେଙ୍ଗେ କୁନିମଜାୟେଭାଙ୍କଠାରୁ ୨-୯ରେ ହାରି ଯାଇଥିଲେ। ମାନସି ଅଲାୱତ (ମହିଳା ୫୭ କେଜି)ଙ୍କଠାରୁ ଅନେକ କିଛି ଆଶା କରାଯାଉଥିଲା। ମାତ୍ର ସେ ବ୍ରୋଞ୍ଜ ପ୍ଲେ-ଅଫ୍‌ରେ ଉଜବେକିସ୍ତାନର ଲାୟଲୋଖୋନ ସୋବିରୋଭାଙ୍କଠାରୁ ମାତ୍ର ୭୦ ସେକେଣ୍ଡ ମଧ୍ୟରେ ପରାଜିତ ହୋଇଥିଲେ। ଏସିଆନ ଗେମ୍ସ ଆସିବା ପୂର୍ବରୁ ଅନ୍ତିମ ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ। ପ୍ରକାଶ ଯୋଗ୍ୟ ଯେ, ଭିନେଶ ଫୋଗଟ ଆହତ ସମସ୍ୟା ଯୋଗୁ ଓହରି ଯିବାରୁ ଅନ୍ତିମଙ୍କୁ ଭାରତୀୟ ପ୍ରତିନିଧି ଦଳରେ ଏଣ୍ଟ୍ରି ମିଳିଥିଲା। ଭିନେଶଙ୍କୁ ଟ୍ରାଏଲ୍ସକୁ ଆସିବା ପାଇଁ ଅନ୍ତିମ ଚ୍ୟାଲେଞ୍ଜ କରିଥିଲେ। ମାତ୍ର ଭିନେଶଙ୍କୁ ଡାଇରେକ୍ଟ ଏଣ୍ଟ୍ରି ମିଳିବାରୁ ଅନ୍ତିମ ରିଜର୍ଭରେ ରହିଥିଲେ। ଶେଷରେ ଭିନେଶ ଆଣ୍ଠୁରେ ଆଘାତ ପାଇବାରୁ ଅନ୍ତିମଙ୍କ ପାଇଁ ଏସିଆନ ଗେମ୍ସ ଦ୍ୱାର ଖୋଲି ଯାଇଥିଲା।

# ପଦକ ପକ୍କା କଲେ ପ୍ରଣୟ

ହାଙ୍ଗଝୋ,୫।୧୦(ପି.ଟି.)

ଏସିଆନ୍ ଗେମ୍ସ ୨୦୨୩ ବ୍ୟାଡ୍‌ମିଣ୍ଟନ ସେମିଫାଇନାଲରେ ପ୍ରବେଶ କରିବା ସହିତ ପଦକ ପକ୍କା କରିଛନ୍ତି ଏଚ୍.ଏସ୍. ପ୍ରଣୟ। ଏହା ସହ ୪୧ ବର୍ଷରେ ପ୍ରଥମ ଭାରତୀୟ ଭାବରେ ଏସିଆନ ଗେମ୍ସ ସିଙ୍ଗଲ୍ସରେ ସେ ପଦକ ହାସଲ କରିବାକୁ ଯାଉଛନ୍ତି। ଗୁରୁବାର ଅନ୍ୟତମ ଭାରତୀୟ ସଟଲର ପି.ଭି. ସିନ୍ଧୁ ନିଜ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ପରାଜିତ ହୋଇଛନ୍ତି। ଅଣ୍ଟାରେ ସମସ୍ୟା ରହିଥିବା ବେଳେ ଟେପିଂ କରି ଖେଳିଥିଲେ ପ୍ରଣୟ। ପୂର୍ବତନ ବିଶ୍ୱ ମାନ୍ୟତାର ଏକ ନମ୍ବର ଖେଳାଳି ମାଲେସିଆର ଲି ଜି ଜିଆଙ୍କ ବିପକ୍ଷରେ ଖେଳିଥିବା ବେଳେ ୩ ସେଟ୍‌ର ସଂଘର୍ଷପୂର୍ଣ୍ଣ ମ୍ୟାଚକୁ ଜିତି ନେଇଥିଲେ। ୨୧-୧୬, ୨୧-୨୩ ଓ ୨୨-୨୦ରେ ପ୍ରଣୟ ଏହି ମ୍ୟାଚକୁ ଜିତି ନେଇଥିଲେ। ପ୍ରଥମ ସେଟ୍‌ରେ ପ୍ରଣୟ ବିଜୟୀ ହୋଇଥିବା ବେଳେ ପରବର୍ତ୍ତୀ ଦୁଇ ସେଟ୍ ଟାଇବ୍ରେକରରେ ଫଇସଲା ହୋଇଥିଲା। ପୂର୍ବରୁ ଭାରତୀୟ ପୁରୁଷ ଦଳ ରବିବାର ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିଲା। ଅଣ୍ଟାରେ ଆଘାତ କାରଣରୁ ପ୍ରଣୟ ଫାଇନାଲ ମ୍ୟାଚରେ ମଧ ଖେଳିପାରି ନ ଥିଲେ। ଶେଷ ଥର ପାଇଁ ୧୯୮୨ରେ ସୟଦ ମୋଦି ଭାରତ ପାଇଁ ଏକ ପଦକ ବିଜୟୀ ହୋଇଥିଲେ। ଅନ୍ୟତମ ଭାରତୀୟ ପି.ଭି. ସିନ୍ଧୁ ପ୍ରଥମ ଥର ପାଇଁ ଖାଲି ହାତରେ ଫେରିବାକୁ ଯାଉଛନ୍ତି। ବିଶ୍ୱ ମାନ୍ୟତାର ୫ ନମ୍ବର ସ୍ଥାନରେ ଥିବା ଚାଇନାର ହେ ବିଙ୍ଗ ଜିଆଓଙ୍କ ନିକଟରୁ ସିନ୍ଧୁ ୧୬-୨୧, ୧୨-୨୧ରେ ପରାଜିତ ହୋଇଥିଲେ।

**କାନୋଇଂ ଓ କାୟାକିଂ:** ଗୁରୁବାର କାନୋଇଂ ଓ କାୟାକିଂ ଇଭେଣ୍ଟରେ ୪ ଭାରତୀୟ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ କାନୋଇଂ ଇଭେଣ୍ଟରେ ୧୩୧.୧୪ ସେକେଣ୍ଡର ଟାଇମିଂ ସହିତ ୪ ନମ୍ବର ସ୍ଥାନରେ ରହି ସେମିରେ ପ୍ରବେଶ କରିଛନ୍ତି ବିଶାଲ କେୱତ। ମହିଳା କାୟାକ ଶିଖା ଚୌହାନ ମଧ ୧୪୫.୮୩ ସେକେଣ୍ଡର ଟାଇମିଂ ସହିତ ସେମିରେ ପ୍ରବେଶ କରିଛନ୍ତି। ପୁରୁଷ କାୟାକିଂ ସେମିଫାଇନାଲରେ ପ୍ରବେଶ କରିଛନ୍ତି ହିତେଶ (୧୧୯.୦୩ ସେକେଣ୍ଡ) ଓ ଶୁଭମ କେୱତ(୧୨୨.୯୮ ସେକେଣ୍ଡ)। ହିତେଶ ତୃତୀୟ ଓ ଶୁଭମ ୪ର୍ଥ ସ୍ଥାନରେ ରହି ସେମିରେ ପ୍ରବେଶ କରିଥିଲେ।

# ଅଲଗା ହେଲେ ଶିଖର-ଆୟେଶା

ନୂଆଦିଲ୍ଲୀ,୫।୧୦

ଭାରତୀୟ କ୍ରିକେଟ ଦଳର ପୂର୍ବତନ ଓପନର ଶିଖର ଧାୱନଙ୍କ ଛାଡପତ୍ର ଆବେଦନକୁ ଗୁରୁବାର ଦିଲ୍ଲୀ କୋର୍ଟ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଧାୱନ ଓ ପତ୍ନୀ ଆୟେଶା ମୁଖାର୍ଜୀ ଅଲଗା ରହୁଥିବା ବେଳେ ଭେଟେରାନ କ୍ରିକେଟର ମାନସିକ ଚାପର ସମ୍ମୁଖୀନ ହେଉଥିବା ହୃଦୟଙ୍ଗମ କରି କୋର୍ଟ ଏହି ମଞ୍ଜୁରୀ ପ୍ରଦାନ କରିଛନ୍ତି। ପଟିଆଲା ସ୍ଥିତ ଫ୍ୟାମିଲି କୋର୍ଟରେ ଧାୱନ ଛାଡପତ୍ର ପାଇଁ ଦାବି କରିଥିଲେ। ପତ୍ନୀ ଆୟେଶା ପୁଅ ଜୋରାୱରକୁ ନେଇ ଅଲଗା ରହୁଥିବା ବେଳେ ଧାୱନ ମାନସିକ ଶୋଷଣର ଶିକାର ହୋଇଥିବା କୋର୍ଟ କହିଛନ୍ତି। ଶିଖରଙ୍କୁ ବିବାହ କରିବା ପୂର୍ବରୁ ଆୟେଶା ବିବାହ କରିଥିଲେ। ପ୍ରଥମ ବିବାହରୁ ତାଙ୍କର ଦୁଇଟି ଝିଅ ରହିଛି। ୨୦୨୧ରେ ପ୍ରଥମ ଥର ପାଇଁ ଆୟେଶା ଛାଡପତ୍ର ସମ୍ପର୍କରେ ଆଲୋଚନା କରିଥିଲେ। ଆୟେଶା ବର୍ତ୍ତମାନ ଅଷ୍ଟ୍ରେଲିଆରେ ଅବସ୍ଥାନ କରୁଛନ୍ତି। ସେ ଏହି ମାମଲାରେ କୋର୍ଟରେ ହାଜର ମଧ ହୋଇ ନ ଥିଲେ। ପୁତ୍ର ସନ୍ତାନକୁ ମା' ସହିତ ରହିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିବା ବେଳେ ଧାୱନ ଯେତେବେଳେ ଚାହିଁବେ ଭେଟି ପାରିବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଆୟେଶା ପୁଅକୁ ଆଣି ଧାୱନ ଓ ପରିବାର ସହିତ ମିଶିବାକୁ ସୁଯୋଗ ଦେବେ ବୋଲି ମଧ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉଭୟ ଭିଡିଓ କଲ୍ ଓ ସିଧାସଳଖ ଭେଟିବା ପାଇଁ କୋର୍ଟ ଅନୁମତି ଦେଇଛନ୍ତି।



ସ୍ତ୍ରୀ ଓ ପିଲାମାନଙ୍କ ସହ ଶିଖର ଧାୱନ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ